

କର୍ଣ୍ଣାଟକରେ ଦୁଇପଦ ବନ୍ଦେ ମାତରମ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 171 ଭାଗ ୩୪ | ସଂଖ୍ୟା ୧୭୧

Friday 11 September 2026 | Page 8 Rs. 5.00

● ଭୁବନେଶ୍ୱର ଶୁକ୍ରବାର, ୧୧ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ମହିଳା ଏସିଆ କପ୍: ଫାଇନାଲ୍‌ରେ ଭାରତ

ଦୁବାଇ,୧୦।୯: ଚଳିତ ମହିଳା ଏସିଆ କପ୍‌ର ଫାଇନାଲ୍‌ରେ ପହଞ୍ଚିଛି ଭାରତ। ଆଜି ଏଠାରେ ଖେଳାଯାଇଥିବା ପ୍ରଥମ ସେମିରେ ଦଳ ବାଂଲାଦେଶକୁ ୪୦ ରନ୍‌ରେ ହରାଇ ଟାଇଟଲ୍ ନିକଟତର ହୋଇଛି। ପ୍ରଥମେ ବ୍ୟାଟିଂ ପାଇ ଭାରତ ୬ ୱିକେଟ୍‌ରେ ୧୪୯ ରନ୍ କରିଥିବା ବେଳେ ବାଂଲାଦେଶ ୭ ୱିକେଟ୍ ହରାଇ ୧୦୯ ରନ୍ କରିଛି। ଭାରତ ପକ୍ଷରୁ ଓପନର ଶେଫାଳୀ ବର୍ମା ୩୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ସହ ୪୦ ବଲ୍‌ରେ ୭ଟି ଚୌକା ଓ ୩ଟି ଛକା ସହ ୬୪ ରନ୍ କରିଥିଲେ। ପ୍ରତିକା ରାୱଲ୍ ୨୦, ରୀଚା ଘୋଷ ୨୧ ଓ ଦୀପ୍ତି ଶର୍ମା ୧୩ ଓ ଅଧିନାୟିକା ହରମନ୍‌ପ୍ରୀତ୍ କୌର୍ ୨୪* ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ସୁଲତାନା ଖାତୁନ୍ ୨ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ସୋର୍ନା ଅକତର୍ ସର୍ବାଧିକ ୨୨* ଓ ଦିଲାରା ଅକତର ୨୧ ରନ୍ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩ଟି ୱିକେଟ୍ ନେଇଥିଲେ। ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ୍ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ।

### ଦାଉ ସାଧୁଛି କି ପ୍ରକୃତି ?

# ବର୍ଷା ବିପଦ ଟଳିନି, ଚିନ୍ତା ବଢ଼ାଉଛି ତାତି

ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ରାଜ୍ୟବାସୀଙ୍କ ମୁଣ୍ଡରୁ ଏଯାଏଁ ବର୍ଷା ବିପଦ ଟଳିନି। ହେଲେ ଏବେଠୁ ଘନେଇଲାଣି ଗରମ ଚିନ୍ତା। ଆକଳନ କରାଯାଉଛି, ଏବର୍ଷ ମୌସୁମୀ ଶୀଘ୍ର ବାହୁଡ଼ିବା ସହ ଆଗୁଆ ଆସିପାରେ ଖରାଦିନ। ଜଳବାୟୁ ବିଶେଷଜ୍ଞ ଆକଳନ କରୁଛନ୍ତି ଯେ ବହୁ ଆଗରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବ, ଆଉ ନିର୍ଦ୍ଧାରିତ ସମୟ ପୂର୍ବରୁ ରାଜ୍ୟକୁ ସିଝାଇବ ଖରା। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ରେକର୍ଡ ଭାଙ୍ଗିପାରେ ତାତି। ପାଣିପାଗର ଏହି ଅସ୍ୱାଭାବିକ ଗତିପଥକୁ ନେଇ କେନ୍ଦ୍ର ଓ ରାଜ୍ୟ ପାଣିପାଗ ବିଭାଗ ସମେତ ଏସଆରସି ଅଧ୍ୟୟନ ଚଳାଇଛନ୍ତି।

ସମ୍ଭାବ୍ୟ ସ୍ଥିତିକୁ ନେଇ ଏବେଠୁ ସଜାଗ କରିଛନ୍ତି ରାଜ୍ୟ ସରକାର। କେନ୍ଦ୍ର ଓ ରାଜ୍ୟ ପାଣିପାଗ ବିଭାଗ ସହ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ମଧ୍ୟ ଏନେଇ ଅଧ୍ୟୟନ ଚାଲିଛି। ପାଣିପାଗ ବିଜ୍ଞାନୀଙ୍କ ମତରେ, ସୁପର ଏଲ-ନିନୋର ପ୍ରଭାବ ଯୋଗୁ ପାଣିପାଗରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଜଳବାୟୁ ପରିବର୍ତ୍ତନର ଏଭଳି ଲହର ଭିତରେ ଆଜି ଅସହ୍ୟ ତାତିର ସଙ୍କେତ ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।



ଋତୁଚକ୍ରରେ ମୌସୁମୀ ବିଦାୟ ଓ ଗ୍ରୀଷ୍ମ ଆଗମନ ସମୟ ସବୁବେଳେ ସମାନ ନ ଥାଏ। ମୌସୁମୀ ଶୀଘ୍ର ଦୁର୍ବଳ ହେଲେ ଓ ପରିବେଶରେ ଆର୍ଦ୍ରତା କମିବା ସହ ଆକାଶ ସଫା ରହେ। ଏମିତି ସ୍ଥିତିରେ ଦିନରେ ସୂର୍ଯ୍ୟକିରଣର ପ୍ରଭାବ ବଢ଼ିଥାଏ। ମୌସୁମୀ ଆଗୁଆ ଫେରିଲେ ଆକାଶ ସମ୍ପୂର୍ଣ୍ଣ ପରିଷ୍କାର ରହେ ଓ ପ୍ରଖର ଖରା ହୁଏ। ପାଣିପାଗ ବିଜ୍ଞାନୀଙ୍କ କହିବା କଥା ଯେ ଏଲ-ନିନୋର ପ୍ରଭାବ ଯୋଗୁଁ ଏପରି ହେବାକୁ ଯାଉଛି। ଶୀତ ଦିନେ ଅନୁଭବ ହେବ ଗରମ। ନିର୍ଦ୍ଦିଷ୍ଟ ତାପମାତ୍ରାଠାରୁ ଅଧିକ ତାତି ଯୋଗୁଁ ଶୀତ ଅବଧି କମିଯିବ। ସେହିପରି ପରିବେଶବିତଙ୍କ ମତରେ, ଜଳବାୟୁ ପରିବର୍ତ୍ତନର ସିଧା ପ୍ରଭାବ ପଡ଼ିବ ପରିବେଶ ଉପରେ। ଫଳରେ ଧାନ, ପନିପରିବା ଓ ଫୁଲ ଚାଷ ପ୍ରଭାବିତ ହୋଇପାରେ।

ଚଳିତ ବର୍ଷ ଏଲ-ନିନୋ ପ୍ରଭାବରେ ମରୁଡ଼ି ସ୍ଥିତି ଆକଳନ କରାଯାଉଥିଲା। କିନ୍ତୁ ସବୁ କିଛି ଓଲଟପାଲଟ ହେଲା। ଓଡ଼ିଶାରେ ଓଲଟା ପ୍ରତିଫଳନ ଦେଖିବାକୁ ମିଳିଲା। ପଛକୁ ପଛ ଲଘୁଚାପ ଓ ଅବପାତ ପ୍ରଭାବରେ ଦେଢ଼ ମାସରୁ ଅଧିକ ସମୟ ଧରି ଲଗାଣ ବର୍ଷା ଆଣିଲା ବନ୍ୟା ପରେ ବନ୍ୟା। ସେହିପରି ନେପାଳ ଭୋଗିଛି ଭୟଙ୍କର ଫ୍ଲାସଫ୍ଲଡ୍‌ର କରୁଣ ପରିଣତି। ଏବେ ଖରାଦିନ ଆଗୁଆ ଆସିବ କି ନାହିଁ, ଯଦି ଆସିବ ତା'ହେଲେ ଗ୍ରୀଷ୍ମର କୋପ କିଭଳି ରହିବ, ତାହା ପାଣିପାଗ ବିଭାଗର ସଠିକ୍ ଆକଳନ ପରେ ହିଁ ସ୍ପଷ୍ଟ ହେବ। ତେଣୁ ବର୍ତ୍ତମାନର ଆକଳନକୁ ନେଇ ଆତଙ୍କିତ ନ ହେବାକୁ ଅପିଲ୍ କରିଛନ୍ତି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ।

### ୟୁଏଇ ସହ ନିବେଶ ଭାଗୀଦାରୀ ମଜବୁତ କଲା ଓଡ଼ିଶା

# ଆସିଲା ୮,୪୧୭ କୋଟିର ନିବେଶ



### ୫ ଏମଓୟୁ ଓ ୮ ନିବେଶ ପ୍ରସ୍ତାବ

### ୧୪,୩୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା

### ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଓ ମୂଲ୍ୟ ବୃଦ୍ଧି ଉପରେ ଗୁରୁତ୍ୱ

### ୟୁଏଇ ନେତୃତ୍ୱଙ୍କ ସହ ଉଚ୍ଚସ୍ତରୀୟ ବୈଠକ

ଦୁବାଇ/ଭୁବନେଶ୍ୱର,୧୦।୯: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ ଦୁବାଇରେ ୟୁଏଇ ନେତୃତ୍ୱ, ବିଶ୍ୱସ୍ତରୀୟ ନିବେଶକ, ଶିଳ୍ପ ପ୍ରତିନିଧି ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ସହ ଏକାଧିକ ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ଓଡ଼ିଶା ଏହାର ନିବେଶ ସମ୍ପର୍କକୁ ଆହୁରି ମଜବୁତ କରିଛି।

ଦ୍ୱିତୀୟ ଦିନରେ ୫ଟି ଏମଓୟୁ ଓ ୮ଟି ନିବେଶ ଇଚ୍ଛାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ମିଳିତ ଭାବେ ୮,୪୧୭ କୋଟି ଟଙ୍କାର ନିବେଶ ସମ୍ଭାବନା ଓ ୧୪,୩୧୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର କ୍ଷମତା ରଖିଛି। ଏହି ନିବେଶଗୁଡ଼ିକ ମଧ୍ୟରେ ସୂଚନା ପ୍ରଯୁକ୍ତିବିଦ୍ୟା ଓ ଆଇଟି-ସକ୍ଷମ ସେବା, ରିଅଲ୍ ଏଷ୍ଟେଟ୍, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ ଓ ଷ୍ଟିଲ ଡାଉନଷ୍ଟ୍ରିମ୍, ରେୟାର ଆର୍ଥସ୍, କେମିକାଲ୍ସ, ଆଲୁମିନିୟମ୍ ଏବଂ ସର୍କୁଲାର ଇକୋନୋମି ଭଳି ବିଭିନ୍ନ କ୍ଷେତ୍ର ରହିଛି। ମୁଖ୍ୟମନ୍ତ୍ରୀ ଏବଂ ୟୁଏଇର କ୍ୟାବିନେଟ୍ ସଦସ୍ୟ ତଥା ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ଏବଂ ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ମହାମହିମ ଅବ୍‌ଦୁଲ୍ଲା ବିନ୍ ତୌକ୍ ଅଲ୍ ମାର୍ରିଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ସହ ହୋଇଥିଲା। ଓଡ଼ିଶା ଓ ୟୁଏଇ ମଧ୍ୟରେ ଆର୍ଥିକ ଏବଂ ନିବେଶ ସହଯୋଗକୁ ମଜବୁତ କରିବା ସହ ଓଡ଼ିଶାରେ ୟୁଏଇ-ଭିତ୍ତିକ ନିବେଶକ ଏବଂ ବ୍ୟବସାୟୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ନେଇ ଆଲୋଚନା ହୋଇଥିଲା।

ମୁଖ୍ୟମନ୍ତ୍ରୀ ରାଜ୍ୟର ବର୍ଦ୍ଧିତ ଶିଳ୍ପ ସମ୍ଭାବନା, ଷ୍ଟ୍ରାଟେଜିକ ଲୋକେସନ୍, ଦୃଢ଼ ➪ପୃଷ୍ଠା-୬

# ଆଜି ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ



### ୪ ଦିନ ପ୍ରଭାବିତ ହେବ ସେବା

ନୂଆଦିଲ୍ଲୀ,୧୦।୯: ସପ୍ତାହକୁ ପାଞ୍ଚ ଦିନ କାର୍ଯ୍ୟ ଓ ପରଫର୍ମାନ୍ସ ଲିଙ୍କଡ ଇନସେନଟିଭ୍ (ପିଏଲଆଇ) ଯୋଜନାର ସମୀକ୍ଷା ସମେତ କର୍ମଚାରୀଙ୍କ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗକୁ ନେଇ ୟୁନାଇଟେଡ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ (ୟୁଏଫବିୟୁ) ପକ୍ଷରୁ ଆସନ୍ତାକାଲି ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟିଜ୍ ଆସୋସିଏସନ୍, ଅଲ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେସନ୍, ନ୍ୟାସନାଲ କନଫେଡେରେସନ୍ ଅଫ୍ ବ୍ୟାଙ୍କ ଏମ୍ପ୍ଲୟି ଭଳି ଏକାଧିକ ବ୍ୟାଙ୍କ ୟୁନିଅନର ପ୍ରତିନିଧି ୟୁଏଫବିୟୁ ପାଞ୍ଚ ଦିନିଆ ବ୍ୟାଙ୍କିଙ୍ଗ ସପ୍ତାହ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଯୋଜନା ଅନୁସାରେ ଧର୍ମଘଟ ହେଲେ ଚାରି ଦିନ ପାଇଁ ବ୍ୟାଙ୍କ ସେବା ପ୍ରଭାବିତ ହେବ। ଆସନ୍ତାକାଲି ଶୁକ୍ରବାର ଧର୍ମଘଟ, ମାସର ଦ୍ୱିତୀୟ ଶନିବାର, ରବିବାର ଓ ଗଣେଶ ପୂଜା ପାଇଁ ସୋମବାର ଛୁଟି ରହିବ। ଆସନ୍ତାକାଲିର ଦିନିକିଆ ଦେଶବ୍ୟାପୀ ଧର୍ମଘଟ ପରେ ଯଦି ଦାବିଗୁଡ଼ିକ ପୂରଣ ନ ହେବ ତେବେ ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ଧର୍ମଘଟ ➪ପୃଷ୍ଠା-୬

### ଅନୁଗୋଳ ଜିଲ୍ଲାର 'ଦିଶା' କମିଟି ବୈଠକ

# ପୋଷଣରେ ସମାଜର ଭାଗୀଦାରୀ ଜରୁରୀ



### ରାସ୍ତା, ଷ୍ଟେଟ୍ ହାଇୱେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଆଲୋଚନା

ଅନୁଗୋଳ,୧୦।୯(ସଂଚାର ବ୍ୟୁରୋ): ଅନୁଗୋଳ ଜିଲ୍ଲାର ବିକାଶ, ଗମନାଗମନର ସୁବିଧା, ମୋବାଇଲ କନେକ୍ଟିଭିଟି, ଶିକ୍ଷା, ସାମାଜିକ ସୁରକ୍ଷା ଓ ଶିଶୁଙ୍କ ପୋଷଣ ସ୍ଥିତିରେ ସୁଧାର ଆଣିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ। ଅନୁଗୋଳ ଜିଲ୍ଲାରେ ଆଜି ଅନୁଷ୍ଠିତ ଜିଲ୍ଲା ବିକାଶ ସମନ୍ୱୟ ଓ ମନିଟରିଂ କମିଟି (ଦିଶା) ବୈଠକରେ ଆଲୋଚନା ହୋଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଉପରେ ଏହା ସୂଚନା ଦେଇଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅନୁଗୋଳ ଜିଲ୍ଲାରେ ନବଜାତ ଶିଶୁଠାରୁ ଆରମ୍ଭ କରି ଯୁକ୍ତ ୨ ପର୍ଯ୍ୟନ୍ତ ପାଖାପାଖି ୩ ଲକ୍ଷ ପିଲା ଅଛନ୍ତି। ➪ପୃଷ୍ଠା-୬

### ପିଭିଟିଜି ଅଞ୍ଚଳରେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଆଶ୍ୱସ୍ତିକର ଖବର

# ପ୍ରବେଶ କଟକଣାର ହେବ ପୁନର୍ବିଚାର

ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ଓଡ଼ିଶାର ଆଦିମ ଜନଜାତି ଗୋଷ୍ଠୀ (ପିଭିଟିଜି) ବସବାସ କରୁଥିବା ଅଞ୍ଚଳରେ ବିଦେଶୀ ପର୍ଯ୍ୟଟକ ଓ ଗବେଷକଙ୍କ ପ୍ରବେଶ ଉପରେ ଦୀର୍ଘଦିନ ଧରି ରହିଥିବା କଟକଣାର ପୁନର୍ବିଚାର ହେବ। ତେବେ ସମସ୍ତ ନିଷିଦ୍ଧ ଅଞ୍ଚଳକୁ ଏକା ଥରେ ପର୍ଯ୍ୟଟକଙ୍କ ପାଇଁ ଖୋଲିବା ପରିବର୍ତ୍ତେ ପର୍ଯ୍ୟଟନ ସମ୍ଭାବନା ଥିବା ଗାଁ ଓ ଅଞ୍ଚଳକୁ ଚିହ୍ନଟ କରି ପର୍ଯ୍ୟାୟ କ୍ରମେ ବିଚାର କରାଯିବ। ଏଥିପାଇଁ ସୁରକ୍ଷା ପରିସ୍ଥିତି ସହ ପିଭିଟିଜି ଓ ଅନ୍ୟ ଆଦିବାସୀ ସମ୍ପ୍ରଦାୟ ଉପରେ ଏହାର ସମ୍ଭାବ୍ୟ ସାମାଜିକ ଓ ସାଂସ୍କୃତିକ ପ୍ରଭାବର ଆକଳନ କରାଯିବ।

ଏନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅଗଷ୍ଟ ୧



ତାରିଖରେ ହୋଇଥିବା ବୈଠକର ନିଷ୍ପତ୍ତି ଆଧାରରେ ପରବର୍ତ୍ତୀ ପଦକ୍ଷେପ ଆରମ୍ଭ ହୋଇଛି। ସେପ୍ଟେମ୍ବର ୫ରେ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏ ସମ୍ପର୍କରେ ଡିଜିପି (ଆଣ୍ଟି-ନକ୍ସଲ ଅପରେସନ୍) ଓ ଡାଇରେକ୍ଟର ଇଣ୍ଟେଲିଜେନ୍ସଙ୍କୁ ଚିଠି ଲେଖି ସୁରକ୍ଷା ପରିସ୍ଥିତିର ଆକଳନ ଓ ରିପୋର୍ଟ ଦେବାକୁ କହିଛନ୍ତି।

ପର୍ଯ୍ୟଟନ ବିଭାଗର ଚିଠି ଅନୁଯାୟୀ, ୨୦୦୭ରେ ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ପିଭିଟିଜି ବସବାସ କରୁଥିବା କିମ୍ବା ଯେଉଁଠାରେ ସେମାନଙ୍କର ଅଧିକ ଉପସ୍ଥିତି ରହିଛି, ସେହି ଅଞ୍ଚଳକୁ ବିଦେଶୀ ପର୍ଯ୍ୟଟକ ଓ ଗବେଷକଙ୍କ ଗସ୍ତ ନିୟନ୍ତ୍ରିତ ରହିଛି। ଏବେ ରାଜ୍ୟର ସୁରକ୍ଷା ପରିସ୍ଥିତିରେ ଆସିଥିବା ପରିବର୍ତ୍ତନ ଓ ଏହି ଅଞ୍ଚଳଗୁଡ଼ିକର ବଢୁଥିବା ପର୍ଯ୍ୟଟନ ➪ପୃଷ୍ଠା-୬

# ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ



### ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ନିର୍ଦ୍ଦେଶ

### ବିଦେଶୀ ବନ୍ୟପ୍ରାଣୀଙ୍କ ଅବୈଧ ଚାଲାଣ ପାଇଁ ଓଡ଼ିଶାକୁ ଟ୍ରାଞ୍ଜିଟ ପଥ ହେବାକୁ ଦିଆଯିବନି

ଦୁବାଇ/ଭୁବନେଶ୍ୱର,୧୦।୯: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ୫ଟି ଶିଶୁ ଓରାଙ୍ଗଉଟାନ ଉଦ୍ଧାର ହେବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହ ଏହି ପ୍ରାଣୀମାନେ କେଉଁ ପରିସ୍ଥିତିରେ ଓଡ଼ିଶାରେ ପହଞ୍ଚିଲେ, ସେ ସମ୍ପର୍କରେ ସବିଶେଷ ତଦନ୍ତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁବାଇରେ ବ୍ୟସ୍ତବହୁଳ ସରକାରୀ କାର୍ଯ୍ୟକ୍ରମରେ ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଘଟଣାକ୍ରମ ସମ୍ପର୍କରେ ନିରନ୍ତର ଅବଗତ ରହିଛନ୍ତି ଓ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ପ୍ରାଣୀଗୁଡ଼ିକ ବାଲେଶ୍ୱର ଜିଲ୍ଲାକୁ ଆସିଲେ ଓ ଏହା ପଛରେ କ'ଣ ପୃଷ୍ଠଭୂମି ରହିଛି, ତାକୁ ସ୍ପଷ୍ଟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶୀ ବନ୍ୟପ୍ରାଣୀଙ୍କ ଅବୈଧ ଚାଲଣ ପାଇଁ ଓଡ଼ିଶା କେବେହେଲେ ଏକ ଟ୍ରାଞ୍ଜିଟ୍ ପଥ ହେବାକୁ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ବିଦେଶୀ ବନ୍ୟପ୍ରାଣୀଙ୍କ ଏହି ବେଆଇନ ପରିବହନରେ କୌଣସି ନେଟୱର୍କ ସମ୍ପୃକ୍ତ ଥିଲେ, ତାହାକୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ବିରଳ ପ୍ରଜାତିର ପ୍ରାଣୀଗୁଡ଼ିକୁ କେଉଁ ମାର୍ଗ ➪ପୃଷ୍ଠା-୬

# ଭାଙ୍ଗି ନେଇଗଲେ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତି

ଜଗତସିଂହପୁର,୧୦।୯(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ଏରସମା ଶିଆଳି ବେଳାଭୂମି ନିକଟରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭଙ୍ଗି ନେଇଛନ୍ତି ଦୁର୍ବୃତ୍ତ। ବିଳମ୍ବିତ ରାତିରେ ଘଟିଛି ଏଭଳି ଘଟଣା। ସକାଳୁ ଘଟଣା ସାମ୍ନାକୁ ଆସିବା ପରେ ଏବେ ପ୍ରତିମୂର୍ତ୍ତିର କୌଣସି ପତ୍ତା ମିଳୁନି। ତେବେ କିଏ ଭାଙ୍ଗିଲା ବିଜୁଙ୍କ ପ୍ରତିମୂର୍ତ୍ତି? କାହିଁକି ଭାଙ୍ଗିଲା ଏବଂ ଭାଙ୍ଗିବା ପରେ ପ୍ରତିମୂର୍ତ୍ତିକୁ କୁଆଡ଼େ ନେଇଗଲେ? ଘଟଣା ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ଅଛି କି? ଏସବୁ ପ୍ରଶ୍ନ ଏବେ ସାମ୍ନାକୁ ଆସିଛି।

ଅନ୍ୟପକ୍ଷରେ ଏରସମା ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜୁପ୍ରେମୀ ଓ ସ୍ଥାନୀୟ ଲୋକେ




ଦାବି କରିଛନ୍ତି। ଏନେଇ ଏରସମା ଥାନାରେ ଏତଲା ଦେଲେ ପଦ୍ମପୁର ସରପଞ୍ଚ। ତେବେ ଏହା ପ୍ରଥମ ଘଟଣା ନୁହେଁ। କିଛି ଦିନ ପୂର୍ବରୁ ମଧ୍ୟ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଦାମ ରାଉତଙ୍କ

### ଏରସମା ଥାନାରେ ଏତଲା ଦେଲେ ପଦ୍ମପୁର ସରପଞ୍ଚ

### ଘଟଣାସ୍ଥଳକୁ ଯିବ ବିଜେଡି ପ୍ରତିନିଧି ଦଳ

ପ୍ରତିମୂର୍ତ୍ତି ଭାଙ୍ଗି ଦିଆଯାଇଥିଲା। ଲଗାତାର ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ଏହି ଘଟଣାକୁ ନେଇ ଜଗତସିଂହପୁର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଶିଆଳି ବେଳାଭୂମି ➪ପୃଷ୍ଠା-୬

# ଜଙ୍ଗଲ କିସମ ପାହାଡ଼ରେ ଭୟଙ୍କର ପଥର ବ୍ଲାଷ୍ଟିଂ

ଯାଜପୁର,୧୦।୯(ସଂଚାର ବ୍ୟୁରୋ): ଆଇନ ଅନୁଯାୟୀ ସଂରକ୍ଷିତ ଜଙ୍ଗଲରୁ ଜଙ୍ଗଲଜାତ ସାମଗ୍ରୀ ଲୁଟ ଜଘନ୍ୟ ଅପରାଧ। ହେଲେ ପ୍ରାୟ ୨୫ ବର୍ଷ ହେଲା ସଂରକ୍ଷିତ ଜଙ୍ଗଲରୁ ମାଫିଆମାନେ କଳାପଥର ଲୁଟିବାରେ ଲାଗିଛନ୍ତି। ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି ମାଫିଆରାଜ ଉପରେ ରୋକ ଲାଗିବ ବୋଲି ଆକଳନ କରାଯାଉଥିଲା। ହେଲେ ଲୁଟ ନିୟନ୍ତ୍ରିତ ହେବା ବଦଳରେ ସବୁ ସୀମା ଅତିକ୍ରାନ୍ତ କରିଯାଇଛି।

ପଥର ଖାଦାନ ଲୁଟ୍ ଯୋଗୁଁ ଜଙ୍ଗଲ ଏବେ ମାଟିରେ ମିଶିବାକୁ ଯାଉଛି। କଟକ ବନଖଣ୍ଡ ଅନ୍ତର୍ଗତ ଡାଳିଯୋଡ଼ା ଫରେଷ୍ଟ ରେଞ୍ଜର୍ ଜେନାପୁର ଥାନା ଅନ୍ତର୍ଗତ ବଳରାମପୁର ସଂରକ୍ଷିତ ଜଙ୍ଗଲରେ ଏଭଳି ଲୁଟତରାଜ ଚାଲିଛି। ପୁଲିସ, ବନ ବିଭାଗ, ପ୍ରଶାସନ ଓ ଧର୍ମଶାଳାର ମାଫିଆ ସିଣ୍ଡିକେଟର ନେତାଙ୍କ ମିଳିତ ସଲାସୁତରାରେ ଚାଲିଥିବା ଏହି ଲୁଟ ନିକଟରେ ପ୍ରଶାସନ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡ଼ିଥିବା






### ଦିନଦ୍ୱିପ୍ରହରେ କଳାପଥର ଲୁଟ୍

### ପୁଲିସ ଓ ବନ ବିଭାଗ ଚୁପ୍

ଅଭିଯୋଗ ହେଉଛି। ଏହି ସଂରକ୍ଷିତ ଜଙ୍ଗଲ ଅଧୀନରେ ଥିବା ବାଘୁଆ, ବିଛାଖଣ୍ଡି ଓ କୁସୁନପୁର ପାହାଡ଼ରୁ ଦିନଦ୍ୱିପ୍ରହରେ ଟ୍ରକ ଟ୍ରକ କଳାପଥର ଲୁଟ ଚାଲିଛି। ଗୋଟିଏ ୱାଗନ ହୋଲ ବ୍ଲାଷ୍ଟିଂରେ ପାହାଡ଼ରୁ ଶତାଧିକ ଟ୍ରିପ କଳାପଥର ପାହାଡ଼ରୁ ଖସୁଛି। ଏହାର କୁପ୍ରଭାବରେ ଆଖପାଖ ଅଞ୍ଚଳର ୫୦ଟି ଗ୍ରାମରେ ମାଟି ଚହଲିଯାଉଛି। ଏପରିକି ଏଥିପାଇଁ ମୃଦୁ ଭୂମିକମ୍ପ ହେବା ପରି ଅନୁଭବ ହେଉଛି। ଘରର କାନ୍ଥ ଓ ଛାତ ଫାଟି ➪ପୃଷ୍ଠା-୬

# ହାଟଡ଼ିହି ବିଇଓ ନିଲମ୍ବିତ

ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ରାଜୀବ କୁମାର ଦଳାଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। କାର୍ଯ୍ୟରେ ଅବହେଳା ଓ ନିୟମ ଉଲ୍ଲଂଘନ ଅଭିଯୋଗରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହାଟଡ଼ିହି ବ୍ଲକ୍‌ରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬' କାର୍ଯ୍ୟକ୍ରମର ପ୍ରଗତିରେ ବାଧା ସୃଷ୍ଟି କରିବା ଓ କାର୍ଯ୍ୟରେ ଅବହେଳା ଯୋଗୁଁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଡ଼ିଶା ବେସାମରିକ ସେବା ରୁଲ, ୧୯୬୨ର ନିୟମ ୧୨(୧) ଅନୁଯାୟୀ ତାଙ୍କୁ ତୁରନ୍ତ ସେବାରୁ ନିଲମ୍ବନ କରାଯାଇଛି। ନିଲମ୍ବନ ସମୟରେ ଶ୍ରୀ ଦଳାଇ କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବେ। କର୍ତ୍ତୃପକ୍ଷଙ୍କ ବିନାନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ରାଜ୍ୟପାଳଙ୍କ ଆଦେଶ କ୍ରମେ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଏହି ନିର୍ଦ୍ଦେଶ ଜାରି କରିଛନ୍ତି।

ପ୍ରଧାନ ଶିକ୍ଷୟିତ୍ରୀ ଓ ଏସ୍‌ଏମ୍‌ସି ମଧ୍ୟରେ ଶୀତଳ ଯୁଦ୍ଧ ସ୍କୁଲରେ ପଡ଼ିଲା ତାଲା

# ବହି ଧରି ବାତ୍ୟା ଆଶ୍ରୟସ୍ଥଳୀରେ ବସିଲେ ଛାତ୍ରଛାତ୍ରୀ



ମହାକାଳପଡ଼ା,୧୦।୯ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ୍‌ର ଉପକୂଳବର୍ତ୍ତୀ ସୁନିତି ପଞ୍ଚାୟତ ଅନ୍ତର୍ଗତ ଓଲ୍ଡ ଫିଲ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକଙ୍କ ପକ୍ଷରୁ ତାଲା ପକାଯିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବିଦ୍ୟାଳୟରେ ତାଲା ପଡ଼ିଥିବାରୁ କୋମଳମତି ଛାତ୍ରଛାତ୍ରୀମାନେ ବହି ଧରି ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀରେ ବସି ପାଠପଢ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି(ଏସଏମସି) ପକ୍ଷରୁ ବିଦ୍ୟାଳୟରେ କେତେକ ଅନିୟମିତତା ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ଆପତ୍ତି ଉଠାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଓ ଏସ୍‌ଏମ୍‌ସି ମଧ୍ୟରେ ମତଭେଦ ଦେଖାଦେଇଥିବା ଜଣାପଡ଼ିଛି। ତେବେ ଏହି ବିବାଦର ପ୍ରଭାବ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ପଡ଼ିବା ନେଇ ସ୍ଥାନୀୟ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକାଶ କରିଛନ୍ତି।ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭୭ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ଉପୁଜିଥିବା ସମସ୍ୟାର ତୁରନ୍ତ ସମାଧାନ ଦାବି କରି ଅଭିଭାବକ ଓ ଏସ୍‌ଏମ୍‌ସି ପକ୍ଷରୁ ବିରୋଧ କରାଯାଇଥିବା ବେଳେ ବିଦ୍ୟାଳୟରେ ତାଲା ପଡ଼ିଥିଲା। ଫଳରେ ଛାତ୍ରଛାତ୍ରୀମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ବସାଇ ପାଠପଢ଼ା ଜାରି ରଖାଯାଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ପଞ୍ଚାୟତର ମୁରବୀ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ସ୍ଥାନୀୟ ସିଆରସିସି ରବୀନ୍ଦ୍ର ବେରା ଏବଂ ବ୍ଲକ୍ ଶିକ୍ଷାଧିକାରୀ (ବିଇଓ)ଙ୍କୁ ଅବଗତ କରିଥିଲେ। ବିଇଓଙ୍କ ନିର୍ଦ୍ଦେଶକ୍ରମେ ସିଆରସିସି ରବୀନ୍ଦ୍ର ବେରା ସ୍ଥାନୀୟ ମୁରବୀ ଓ ସମ୍ପୃକ୍ତ ପକ୍ଷଙ୍କ ସହ ଆଲୋଚନା କରି ଘଟଣାର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ପରେ ଶାନ୍ତି ଓ ଶୃଙ୍ଖଳାର ସହ ସମସ୍ୟାର ସମାଧାନ କରାଯିବ ବୋଲି ସିଆରସିସି ରବୀନ୍ଦ୍ର ବେରା ସୂଚନା ଦେଇଛନ୍ତି।ସିଆରସିସିଙ୍କ ହସ୍ତକ୍ଷେପ ପରେ ବିଦ୍ୟାଳୟରେ ପଡ଼ିଥିବା ତାଲା ଖୋଲାଯାଇଥିବା ଜଣାପଡ଼ିଛି। ତେବେ ବିଦ୍ୟାଳୟରେ ଦେଖାଦେଇଥିବା ମତଭେଦର ସ୍ଥାୟୀ ସମାଧାନ କରି ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନକୁ ସ୍ୱାଭାବିକ କରିବା ଦିଗରେ ଶିକ୍ଷା ବିଭାଗ କି ପଦକ୍ଷେପ ନେଉଛି, ତାହାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ନଜର ରହିଛି।

**ସିଆରସିସିଙ୍କ ହସ୍ତକ୍ଷେପ ପରେ ଖୋଲିଲା ତାଲା**

# ତଟବନ୍ଧ ବିଭାଗର ନଦୀବନ୍ଧରେ ପୁଣି ୨୦୦ ଫୁଟର ଫାଟ

● ଗାଁ ଓ ଚାଷଜମିକୁ ବିପଦ ଆଶଙ୍କା, ଆତଙ୍କିତ ଲୋକେ



ମହାକାଳପଡ଼ା, ୧୦।୯(ସଂଚାର ବ୍ୟୁରୋ): ଯେତେ ପ୍ରତିକାର ବ୍ୟବସ୍ଥା କରାଯାଉଛି, ତଥାପି ତଟବନ୍ଧ ବିଭାଗର ଘେରିବନ୍ଧ କାର୍ଯ୍ୟର ମାନ ନେଇ ଉଠୁଥିବା ପ୍ରଶ୍ନ ଥମିବାର ନାଁ ନେଉନି। ନିର୍ମାଣାଧୀନ ଘେରିବନ୍ଧରେ ବାରମ୍ବାର ଧସିବା ଓ ଫାଟ ଦେଖାଦେବା ପରେ ଏହାର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ମହାକାଳପଡ଼ା ବ୍ଲକ ଅଧୀନ କଂସାର-ବଡ଼ଦାଣ୍ଡୁଆ ପଞ୍ଚାୟତର କଂସାରଠାରେ ୨୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମାଣାଧୀନ ଗୋବରୀ ନଦୀପାର୍ଶ୍ୱ ଘେରିବନ୍ଧରେ ବୁଧବାର ରାତିରେ ପୁଣି ୨୦୦ ଫୁଟରୁ ଉର୍ଦ୍ଧ୍ୱ ଅଞ୍ଚଳରେ ଫାଟ ସୃଷ୍ଟି ହୋଇ ବନ୍ଧ ଦବିଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଏହି ଘେରିବନ୍ଧର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ଏହାପରେ ଜଳସେଚନ ବିଭାଗ ପକ୍ଷରୁ ମାଟି ଓ ବାଲିବସ୍ତା ପ୍ୟାକିଂ କରି ତୁରନ୍ତ ପ୍ରତିକାର ବ୍ୟବସ୍ଥା କରାଯାଇଥିଲା। ହେଲେ ପୁଣି ନୂଆ ଅଞ୍ଚଳରେ ଫାଟ ଦେଖାଦେବାରୁ ବିଭାଗର ପ୍ରତିକାର ବ୍ୟବସ୍ଥାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ବର୍ତ୍ତମାନ ଗୋବରୀ ନଦୀରେ ଜୁଆର ଏବଂ ଲଗାଣ ବର୍ଷା ଜାରି ରହିଥିବାରୁ ବନ୍ଧରେ ଅଧିକ ଚାପ ସୃଷ୍ଟି ହେଉଛି। ବନ୍ଧ ଦୁର୍ବଳ ହେବା ଜାରି ରହିଲେ ନିକଟସ୍ଥ ଚାଷଜମି ସହ ଗାଁଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଘେରିବନ୍ଧ ନିର୍ମାଣ କାର୍ଯ୍ୟର ମାନ ଯାଞ୍ଚ କରିବା ସହ ଦୁର୍ବଳ ଅଂଶଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ସ୍ଥାୟୀ ପ୍ରତିକାର କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଳମ୍ବ ନକରି ବନ୍ଧରେ ସ୍ଥାୟୀ ପଥର ପ୍ୟାକିଂ ସହ ଆବଶ୍ୟକ ସୁରକ୍ଷାମୂଳକ ନିର୍ମାଣ କରାଗଲେ ଆଗାମୀ ଦିନରେ ସମ୍ଭାବ୍ୟ ବିପଦକୁ ଏଡ଼ାଇ ହେବ ବୋଲି ସେମାନେ କହିଛନ୍ତି।

## ନିଶାମୁକ୍ତ ଗାଁ ଲକ୍ଷ୍ୟରେ ମହିଳା ଗୋଷ୍ଠୀ

## ଚୋରାମଦ ବ୍ୟବସାୟ ବନ୍ଦ ଦାବିରେ ଥାନାର ଦ୍ୱାରସ୍ଥ

ମହାକାଳପଡ଼ା,୧୦।୯(ସଂଚାର ବ୍ୟୁରୋ): ନିଶାମୁକ୍ତ ଗାଁ ଗଠନ ଲକ୍ଷ୍ୟରେ ମହିଳାଙ୍କ ଆନ୍ଦୋଳନ। ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡ଼ା ପଞ୍ଚାୟତର ବାଙ୍କିଛନ୍ଦା ଗ୍ରାମରେ ଦୀର୍ଘବର୍ଷ ଧରି ଚୋରା ଦେଶୀ ଓ ବିଦେଶୀ ମଦ ବ୍ୟବସାୟ ଚାଲୁଥିବା ନେଇ ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର କେତେକ ବ୍ୟକ୍ତି ବେଆଇନ ଭାବେ ଚୋରାମଦ ବିକ୍ରି କରିଆସୁଛନ୍ତି। ଏହା ଫଳରେ ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପ ସହ ଜୁଆ ଖେଳ ବଢ଼ିବାରେ ଲାଗିଛି। ଏଥିସହ ମହିଳାଙ୍କ ସୁରକ୍ଷାକୁ ନେଇ ମଧ୍ୟ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜୁଥିବା ସେମାନେ କହିଛନ୍ତି। ଚୋରାମଦ ବ୍ୟବସାୟ ବନ୍ଦ ପାଇଁ ବ୍ୟବସାୟୀଙ୍କୁ ବାରମ୍ବାର କହିଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ବୁଧବାର ସନ୍ଧ୍ୟାରେ ମହିଳାମାନେ ଏକତ୍ରିତ ହୋଇ ଚୋରାମଦ ବ୍ୟବସାୟୀଙ୍କ ଘରେ ପହଞ୍ଚି ହୋହାଲ୍ଲା କରିବା ସହ ମଦ ବ୍ୟବସାୟ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ଏହାପରେ ଗୁରୁବାର ଶତାଧିକ ମହିଳା ପଦଯାତ୍ରା କରି ଚୋରାମଦ ବ୍ୟବସାୟ ବିରୋଧରେ ନାରାବାଜି ଦେଇ ମହାକାଳପଡ଼ା ଥାନାରେ ପହଞ୍ଚିଥିଲେ। ସେଠାରେ ମହିଳାମାନେ ଗ୍ରାମରେ ଚାଲିଥିବା ଚୋରାମଦ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଥାନାରେ ଲିଖିତ ଏତଲା ଦେଇଥିଲେ।



## ସ୍ୱାମୀ ଶିବାନନ୍ଦ ଜୟନ୍ତୀ



କେନ୍ଦ୍ରାପଡ଼ା,୧୦।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକର ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପକ୍ଷରୁ ସ୍ୱାମୀ ଶିବାନନ୍ଦ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ପାଇଁ ରୁଦ୍ରାଭିଷେକ, ପ୍ରାତଃ ପ୍ରାର୍ଥନା, ଜପ, ଧ୍ୟାନ ସହିତ ନଗର ପରିକ୍ରମା ପ୍ରଭୃତି କରାଯାଇଥିଲା। ଭକ୍ତମାନଙ୍କ ଦ୍ୱାରା ଶ୍ରୀଗୁରୁ ପାଦପୂଜା କରାଯିବା ସହ ସ୍ୱାମିଜୀଙ୍କ ଜୀବନଦର୍ଶନ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଶ୍ରୀମାଙ୍କ ସମେତ ଡ. କାଳିପ୍ରସନ୍ନ ଶତପଥୀ, ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଶ୍ରୀଧର ରାଉତ, ବ୍ରହ୍ମଚାରୀ ନୃସିଂହନାଥ, ପ୍ରମୋଦ ଦାସ, ଦେବେନ୍ଦ୍ର ସାମନ୍ତ, କମଳଲୋଚନ ସ୍ୱାଇଁ, ବର୍ଷା, କମଳା ମହାନ୍ତି, ଦୌ୍ରପଦୀ ରାଉତ, ସବିତା ମହାରଣା, ଶିବାନନ୍ଦ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା, ଅମୀୟ ପଣ୍ଡା, ବଗଡ଼ା ଓ ଏଣ୍ଡରର କୀର୍ତ୍ତନମଣ୍ଡଳୀ ପ୍ରମୁଖ ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

## ଲକ୍ଷ୍ମୀବରାହ ମନ୍ଦିର ଉପର ପାର୍ଶ୍ୱରୁ ଭାଙ୍ଗି ଖସି ପଡ଼ିଲା ସିଂହ ମୂର୍ତ୍ତି



ଆଳି,୧୦।୯ (ସଂଚାର ବ୍ୟୁରୋ): ଆଳିର ପ୍ରସିଦ୍ଧ ଲକ୍ଷ୍ମୀବରାହ ମନ୍ଦିରର ଉପର ପାର୍ଶ୍ୱରୁ ସିଂହ ମୂର୍ତ୍ତି ଭାଙ୍ଗି ଖଡିପଡ଼ିଥିବା ଦେଖିବାକୁ ମିଳିଛି। ଅଲ୍ପେକ ବର୍ତ୍ତିଚନ୍ତି ଶ୍ରଦ୍ଧାଳୁ। ପ୍ରବଳ ବର୍ଷା ଯୋଗୁଁ ଗୁରୁବାର ସକାଳ ୧୦ଟା ୪୫ମିନିଟ ସମୟରେ ମନ୍ଦିରର ୬୫ଫୁଟ ଉପରୁ ସିଂହ ମୂର୍ତ୍ତିଟି ଭାଙ୍ଗିଯାଇ ତଳକୁ ଖସିପଡ଼ିଛି। ହେଲେ କାହାର କିଛି କ୍ଷତି ହୋଇନାହିଁ। କିନ୍ତୁ ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଟ୍ରଷ୍ଟ ଓ ସରକାରଙ୍କ ମନ୍ଦିର ପ୍ରତି ଅବହେଳା କରୁଥିବା ଅଭିଯୋଗ ଆଣିଛନ୍ତି। ଖୁବ୍ ଶୀଘ୍ର ମନ୍ଦିର ପ୍ରତି ଯତ୍ନ ବାନ ହେବାକୁ ଚେତାବନୀ ଦେଇଛନ୍ତି ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ କହିଛନ୍ତି। ଅନ୍ୟପଟେ ଖୁବଶୀଘ୍ର ଏହାର ମରାମତି କରିବା ପାଇଁ ପୂଜକ ମାନେ ଦାବି କରିଛନ୍ତି।

## ପରିବେଶ ସୁସ୍ଥ ରଖିବାକୁ ଚାରାରୋପଣ



କେନ୍ଦ୍ରାପଡ଼ା,୧୦।୯(ସଂଚାର ବ୍ୟୁରୋ): ସ୍ଥାନୀୟ ବିରସ୍ୱତୀ ଗ୍ରାମର ଇଛାନାଥ ଆଶ୍ରମ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ଆଶ୍ରମର ମହନ୍ତ ମହାରାଜ କୁଳମଣି ନାଥ ପ୍ରଥମେ ବୃକ୍ଷରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ସଂଯୋଜକ ଗୋଲଖି ଚନ୍ଦ୍ର ପଢିଆରୀ ଓ ଭାଗିରଥି ଜେନା ପ୍ରମୁଖ କେତେକ ଉତ୍ସାହି ବ୍ୟକ୍ତିଙ୍କ ସହଯୋଗରେ ବୃକ୍ଷରୋପଣ କରାଯାଇଥିଲା।

## ପଞ୍ଚାୟତ ସ୍ତରୀୟ ଜନଶୁଣାଣୀ ଶିବିର

ଡେରାବିଶ,୧୦।୯(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶିଶିର କୁମାର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ବିଡ଼ିଓ ନମିତା ବାରିକ ଯୋଗଦେଇ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଆସିଥିବା ୪୨ଟି ଅଭିଯୋଗର ଶୁଣାଣୀ କରିଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରେ ୪ଟି ସାମୁହିକ ଅଭିଯୋଗ ରହିଥିବା ବେଳେ ୨ଟି ଭତା ସମ୍ବନ୍ଧୀୟ ଓ ୩୬ଟି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଅଭିଯୋଗ କରିଥିଲେ। ତେବେ ବିଡ଼ିଓ ଶ୍ରୀମତୀ ବାରିକ ତତ୍କାଳ ଭାବେ ୨ ଜଣଙ୍କୁ ନୂତନ ଭତା ପ୍ରଦାନ କରିଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି

କେନ୍ଦ୍ରାପଡ଼ା, ୧୦।୯(ସଂଚାର ବ୍ୟୁରୋ): ନୂଆପାଟଣା ଗ୍ରାମ୍ୟ ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ନେଇ ୧୫ ନମ୍ବର ଜୋନ ସଭାପତି ତଥା ରାଜ୍ୟ କିଷାନ କଂଗ୍ରେସ ସୋସିଆଲ ମିଡ଼ିଆ ସଦସ୍ୟ ବିମାଂଶୁ ଭୂଷଣ ନନ୍ଦ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ସେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କୁ ଏସମ୍ପର୍କରେ ଜଣାଇ ତାଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ନୂଆପାଟଣାରେ ବିଧାୟକ ପାଣ୍ଠି (ଏମଏଲଏ ଲ୍ୟାଡ) ସହାୟତାରେ ନିର୍ମାଣ ଚାଲିଥିବା ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ କରାଯାଉଛି। ସରକାରୀ ନୀତି ଓ ନିୟମ ଏବଂ ନିର୍ଦ୍ଧାରିତ ମାନଦଣ୍ଡକୁ ସମ୍ପୂର୍ଣ୍ଣ ଭାବେ ଜଳାଞ୍ଜଳୀ ଦିଆଯାଇ ବାଲି ଏବଂ ମେଟାଲର ଅନୁପାତ ବଜାୟ ରଖାଯାଇ ନାହିଁ, ଯାହା ଫଳରେ ନିର୍ମାଣ ସରିବା ପୂର୍ବରୁ ଉକ୍ତ ରାସ୍ତା ଫାଟିବା ଆରମ୍ଭ ହେଲାଣି।ସୂଚନା ଫଳକ ନଥିବା ବେଳେ କାର୍ଯ୍ୟସ୍ଥଳରେ ପ୍ରକଳ୍ପର ଅଟକଳ ମୂଲ୍ୟ, ଠିକାଦାର କିମ୍ବା କାର୍ଯ୍ୟନିର୍ବାହୀ ସଂସ୍ଥାର ନାମ ଦିଆଯାଇନାହିଁ। ବିଭାଗୀୟ ଯନ୍ତ୍ରୀ ବା ଅଧିକାରୀଙ୍କ ଉପସ୍ଥିତି ବିନା କାର୍ଯ୍ୟ କରାଯାଇ ସରକାରୀ ଅର୍ଥର ଅପବ୍ୟୟ କରାନଯାଉ। ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏଭଳି କାର୍ଯ୍ୟ କରିଥିବା ସଂସ୍ଥା ଓ ସରକାରୀ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭଲ ରାସ୍ତା ଉପଯୁକ୍ତ ଗୁଣାବା ସହିତ ପୁନଃ ସମ୍ପୂର୍ଣ୍ଣ କରିବାକୁ ଦାବି କରାଯାଇଛି।

# ୪ବର୍ଷ ଧରି ଡେପୁଟେସନରେ ଶିକ୍ଷୟିତ୍ରୀ




ମହାକାଳପଡ଼ା,୧୦।୯(ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଥିବାବେଳେ ଜଣେ ଶିକ୍ଷୟିତ୍ରୀ ଦୀର୍ଘ ପ୍ରାୟ ୪ ବର୍ଷ ଧରି ଡେପୁଟେସନରେ ରାଜଧାନୀ ଭୁବନେଶ୍ୱରର ଏକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଘଟଣାକୁ ନେଇ ଏବେ ପ୍ରଶ୍ନ ଉଠିଛି। ମହାକାଳପଡ଼ା ବ୍ଲକ ଶିକ୍ଷାମଣ୍ଡଳୀ ଅଧୀନ ଜଗମୋହନ ଉଚ୍ଚ ବିଦ୍ୟାଳୟ, ବାରାଡାଙ୍ଗର ଟିଜିଟି ଆର୍ଟସ୍ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି ଦୀର୍ଘଦିନ ଧରି ଡେପୁଟେସନରେ ଯାଇ ଭୁବନେଶ୍ୱର ପଟିଆସ୍ଥିତ ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସୂଚନା ଅଧିକାର ଆଇନ ଅଧୀନରେ ମିଳିଥିବା ତଥ୍ୟ ଅନୁଯାୟୀ, ଡାଇରେକ୍ଟର ଅଫ୍ ସେକେଣ୍ଡାରୀ ଏଜୁକେସନଙ୍କ ଅଫିସ୍ ଅର୍ଡର ନମ୍ବର ୧୬୬୮୧, ତାରିଖ ୧୧.୭.୨୦୨୨ ରେ ଏହି ଡେପୁଟେସନ ସମ୍ପର୍କିତ ଆଦେଶ ଥିବା କୁହାଯାଇଛି। ଅନ୍ୟପକ୍ଷରେ ଜଗମୋହନ ଉଚ୍ଚ ବିଦ୍ୟାଳୟରେ ବର୍ତ୍ତମାନ ପ୍ରାୟ ୪୨୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ମୋଟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସଂଖ୍ୟା ୧୭ ବୋଲି ଜଣାପଡ଼ିଛି। ଏଭଳି ସ୍ଥିତିରେ ଜଣେ ଶିକ୍ଷୟିତ୍ରୀ ଦୀର୍ଘ ସମୟ ଧରି ଅନ୍ୟ ବିଦ୍ୟାଳୟରେ ଡେପୁଟେସନରେ ରହିବା ଘଟଣା ଅନେକ ଦ୍ୱନ୍ଦ ସୃଷ୍ଟି କରିଛି। ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣକ ଗ୍ରାମାଞ୍ଚଳର ବିଦ୍ୟାଳୟରେ ନିଯୁକ୍ତି ଥିବା ସତ୍ତ୍ୱେ ଦୀର୍ଘ ସମୟ ଧରି ରାଜଧାନୀରେ ଡେପୁଟେସନରେ କାର୍ଯ୍ୟ କରିବାର ନିୟମ କ'ଣ? ଡେପୁଟେସନର ସମୟସୀମା କେତେ? ଏହାକୁ କେତେଥର ବୃଦ୍ଧି କରାଯାଇପାରେ? ଏବଂ ଯେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ ଆବଶ୍ୟକତା ରହିଛି, ସେଠାରୁ ଶିକ୍ଷକଙ୍କୁ ଦୀର୍ଘଦିନ ଡେପୁଟେସନରେ ରଖିବାର ଯଥାର୍ଥ କାରଣ କ'ଣ ଏଭଳି ଅନେକ ପ୍ରଶ୍ନ ଏବେ ଅଭିଭାବକ ଓ ଗ୍ରାମବାସୀଙ୍କ ମନରେ ଉଠିଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ଫୋନ୍ ରିସିଭ୍ ହୋଇନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ବିକଶିତ ଭାରତ ଯୁବନେତୃତ୍ୱ ସଂଳାପ

## ଯୁବ ପିଢ଼ୀଙ୍କ ପାଇଁ ଜାତୀୟ ସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ



କେନ୍ଦ୍ରାପଡ଼ା,୧୦।୯ (ସଂଚାର ବ୍ୟୁରୋ): ଦେଶର ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ସୃଜନଶୀଳତା, ନବସୃଜନ ଓ ଦେଶ ଗଠନ ପ୍ରତି ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିକସିତ ଭାରତଯୁବ ନେତୃତ୍ୱ ସଂଳାପ- ୨୦୨୭ ଆୟୋଜିତ ହେଉଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନରେ ମାଇଁ ଭାରତ ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ଏହି ସଂଳାପ ମାଧ୍ୟମରେ ଯୁବମାନଙ୍କୁ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ପ୍ରତି ନିଜର ଚିନ୍ତାଧାରା ଓ ଅବଦାନ ଉପସ୍ଥାପନ କରିବାର ସୁଯୋଗ ମିଳିବ। ଏହାର ପ୍ରଥମ ପର୍ଯ୍ୟାୟ ଭାବେ ବିକଶିତ ଭାରତ କୁଇଜ ଆୟୋଜିତ ହେଉଛି। ଏହା ଏକ ଜାତୀୟ ସ୍ତରର ଅନଲାଇନ୍ କୁଇଜ୍ ଯାହା ମାଇଁ ଭାରତ ପୋର୍ଟାଲ୍ ମାଧ୍ୟମରେ ବିଭିନ୍ନ ଭାଷାରେ ଆୟୋଜିତ ହେଉଛି ଓ ଯୋଗ୍ୟ ଯୁବମାନେ ବ୍ୟକ୍ତିଗତ ଭାବେ ଏଥିରେ ଅଂଶଗ୍ରହଣ କରିପାରିବେ। କୁଇଜ୍‌ରେ ଚୟନିତ ଅଂଶଗ୍ରହଣକାରୀମାନେ ପରର୍ବୀ ବିକଶିତ ଭାରତ ଏସେ ଚ୍ୟାଲେଞ୍ଜ ପର୍ଯ୍ୟାୟକୁ ଯିବେ।୧୭ ଅଗଷ୍ଟ ୨୦୨୬ ସୁଦ୍ଧା ୧୫ରୁ ୨୯ ବର୍ଷ ବୟସର ଯୁବକ/ଯୁବତୀ ଏଥିରେ ଅଂଶଗ୍ରହଣ କରିପାରିବେ। ମାଇଁ ଭାରତ ପୋର୍ଟାଲ୍‌ରେ ପୂର୍ବରୁ ପଞ୍ଜୀକୃତ ଥିବା ଯୁବମାନଙ୍କୁ ପୁନର୍ବାର ପଞ୍ଜିକରଣ କରିବାର ଆବଶ୍ୟକତା ନାହିଁ ଓ ଅନ୍ୟ ଯୋଗ୍ୟ ଯୁବମାନେ ପୋର୍ଟାଲ୍‌ରେ ପଞ୍ଜିକରଣ କରି ଏହି ପ୍ରକ୍ରିୟାରେ ଯୋଗଦେଇପାରିବେ। ର୍ବମାନ ବିକଶିତ ଭାରତ କୁଇଜ୍ ୧୭ ଅଗଷ୍ଟରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ତେଣୁ ଜିଲ୍ଲାର ସମସ୍ତ ଯୋଗ୍ୟ ଯୁବକ/ଯୁବତୀଙ୍କୁ ଏହି ସମୟସୀମା ମଧ୍ୟରେ କୁଇଜ୍‌ରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଉଛି। ଏହି କୁଇଜ୍ ମାଧ୍ୟମରେ ଯୁବକମାନେ ପରବର୍ତୀ ପର୍ଯ୍ୟାୟଗୁଡ଼ିକରେ ଆଗକୁ ବଢ଼ିବାର ସୁଯୋଗ ପାଇପାରିବେ।

କେନ୍ଦ୍ରାପଡ଼ାରେ ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର

## ୨୪ଟି ଅଭିଯୋଗ ଗ୍ରହଣ, ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ



କେନ୍ଦ୍ରାପଡ଼ା,୧୦।୯(ସଂଚାର ବ୍ୟୁରୋ): ୧୦ ସେପ୍ଟେମ୍ବର ଜନସାଧାରଣଙ୍କ ରାଜସ୍ୱ ସମ୍ପର୍କିତ ସମସ୍ୟାର ସମାଧାନ ତଥା ସେମାନଙ୍କ ଅଭିଯୋଗର ତ୍ୱରିତ ନିରାକରଣ ଉଦ୍ଦେଶ୍ୟରେ ଆଜି କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲ୍ଲାପାଳ ଉପସ୍ଥିତ ଜନସାଧାରଣଙ୍କଠାରୁ ରାଜସ୍ୱ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ମୋଟ ୨୪ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଏଥିରେ ଅନ୍‌ଲାଇନ୍ ରେକର୍ଡ (ଓଏଲଆର), ମ୍ୟୁଟେସନ୍, ଜମିର ସୀମା ନିର୍ଦ୍ଧାରଣ, ରେକର୍ଡ କିପର ସମ୍ପର୍କିତ ସମସ୍ୟା, ଜବରଦଖଲ ଏବଂ ଲିଜ୍ ମାମଲା ଆଦି ବିଭିନ୍ନ ରାଜସ୍ୱ ସମସ୍ୟା ସାମିଲ ଥିଲା। ଅଭିଯୋଗଗୁଡ଼ିକର ନିୟମାନୁଯାୟୀ ତଦନ୍ତ କରି ଯଥାଶୀଘ୍ର ସମାଧାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ତହସିଲଦାର କୁଇନି ଜେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କ ରାଜସ୍ୱ ସମସ୍ୟାର ତ୍ୱରିତ, ସ୍ୱଚ୍ଛ ଓ ନିୟମସମ୍ମତ ସମାଧାନ ଉପରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉଥିବା ଜିଲ୍ଲାପାଳ ପ୍ରକାଶ କରିଥିଲେ।

## ଶକ୍ତିଶ୍ରୀ ସଚେତନତା ଶିବିର ଓ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ଯାଜପୁର,୧୦।୯(ସଂଚାର ବ୍ୟୁରୋ): ପ୍ରତ୍ୟେକ କ୍ଷେତ୍ରରେ ପୁରୁଷ ମାନଙ୍କ ତୁଳନାରେ ନାରୀମାନେ ଅଧିକ ସକ୍ଷମ ବୋଲି ବାରମ୍ବାର ପ୍ରମାଣିତ ହୋଇଛି। ଏ ଦୃଷ୍ଟିରୁ ଛାତ୍ରୀଟିଏ ମଧ୍ୟ କଦାପି ଅବଳା ଏବଂ ଦୁର୍ବଳା ନୁହେଁ। ଛାତ୍ରୀମାନେ ନିଜ ଭିତରର ଶକ୍ତି, ସାମର୍ଥ୍ୟର ସଦୁପଯୋଗ କରିପାରିଲେ ବାସ୍ତବରେ ଛାତ୍ରୀଟିଏ ଶକ୍ତିଶ୍ରୀ ହୋଇପାରିବ ବୋଲି ମହାପୁରୁଷ ହାଡିବାସ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ମତ ପ୍ରକାଶ ପାଇଛି। ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଛତିଆର ମହାପୁରୁଷ ହାଡିଦାସ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅବସରରେ ଛଅ ଦିନ ବ୍ୟାପୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ.ତପନ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ପ୍ରଫେସର ଡ.ନୀରଂଜନ ପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଶକ୍ତିଶ୍ରୀ ସଂଯୋଜିକା ଡ.ଚନ୍ଦ୍ରକଳା ନାୟକ ଅତିଥି ପରିଚୟ ଏବଂ ଶକ୍ତିଶ୍ରୀର ଆଭିମୁଖ୍ୟ ସଂପର୍କରେ ଛାତ୍ରୀ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ସହ ସଂଯୋଜିକା ଅଧ୍ୟାପିକା ସ୍ୱର୍ଣ୍ଣମୁଦ୍ରା ମିଶ୍ର, ସୁଜାତା ବେହେରା ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଅଧ୍ୟାପକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଆଜିର ସଚେତନତା ଶିବିରକୁ +୩ ତୃତୀୟ ବର୍ଷର ଛାତ୍ରୀ ପ୍ରୀୟଙ୍କା ପ୍ରୀୟଦର୍ଶିନୀ ସଂଯୋଜନା କରିଥିଲେ। ମାଷ୍ଟର ଟ୍ରେନର ସସ୍ମିତା ବେହେରା ଓ ଜ୍ୟୋସ୍ନା ନନ୍ଦ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୩ ଟି ବିଭାଗରେ ଛାତ୍ରୀମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନିମପୁର- ଶାସନ ଗ୍ରାମ୍ୟରାସ୍ତା ଉନ୍ନତିକରଣ ଶିଳାନ୍ୟାସ



ପଟ୍ଟାମୁଣ୍ଡାଇ,୧୦।୯ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିମପୁର - ଶାସନ ଗ୍ରାମ୍ୟ ରାସ୍ତା ଉନ୍ନତିକରଣ ଶିଳାନ୍ୟାସ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ରାସ୍ତା ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଶାସନ ସରପଞ୍ଚ ସଂଗ୍ରାମ ବାରିକ ପୂର୍ବତନ ସରପଞ୍ଚ ଅଶୋକ ପରିଡା ବରିଷ୍ଠ ନେତା ପଞ୍ଚାନନ ଧଳ, ଶିକ୍ଷାବିତ ନାରାୟଣ ଦାସ ମୁନା ବେହୁରା ସୁଶାନ୍ତ ସାହୁ ଅଭିମନ୍ୟୁ ଦାସ ଯଶୋବନ୍ତ ସେଠୀ ମଥୁରୀ ଭୂୟାଁ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ସ୍ଥାନୀୟ ଲୋକ ପ୍ରତିନିଧି ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗ ଦେଇଥିଲେ ।

# ଚିତ୍ରୋତ୍ପଳା ମହୋତ୍ସବ ହତ୍ୟାକାଣ୍ଡରେ ଷଷ୍ଠ ଅଭିଯୁକ୍ତ ଗିରଫ



ଗରଦପୁର,୧୦।୯(ସଂଚାର ବ୍ୟୁରୋ): ଦୀର୍ଘ ୧୬ ମାସ ଧରି ପୁଲିସକୁ ଚକମା ଦେଇ ଲୁଚି ବୁଲୁଥିବା ଚିତ୍ରୋତ୍ପଳା ମହୋତ୍ସବ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଶେଷରେ ପୁଲିସ ହାତରେ ଧରାପଡ଼ିଛି । ପାଟକୁରା ଥାନା ପୁଲିସ ଅଭିଯୁକ୍ତଙ୍କୁ ତାଙ୍କ ନିଜ ଘରୁ ଗିରଫ କରିବାରେ ସଫଳ ହୋଇଛି । ଏଥିସହ ଏହି ହତ୍ୟାକାଣ୍ଡ ମାମଲାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୬କୁ ବୃଦ୍ଧି ପାଇଛି । ପୁଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ହେଲେ ତାଳସଙ୍ଗା ପଞ୍ଚାୟତ ଅନ୍ତର୍ଗତ ଖର୍ଦ୍ଦାସାହି ଗ୍ରାମର ତପନ ବେହେରାଙ୍କ ପୁଅ ତ୍ରିଲୋଚନ ବେହେରା । ପାଟକୁରା ଥାନା ଅଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ ଏନେଇ ସୂଚନା ଦେଇଛନ୍ତି । ଗିରଫ ପରେ ତ୍ରିଲୋଚନଙ୍କୁ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଥାଉକି, ୨୦୨୫ ମସିହାରେ ହରିଦାସପୁରଠାରେ ଆୟୋଜିତ ଚିତ୍ରୋତ୍ପଳା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଘଟିଥିଲା ଚାଞ୍ଚଲ୍ୟକର ହତ୍ୟାକାଣ୍ଡ । ହରିଦାସପୁର ଗ୍ରାମର ଜ୍ୟୋତିରଞ୍ଜନ ପରିଡ଼ା ଓରଫ ମିକୁଙ୍କୁ ଦୁର୍ବୃତ୍ତମାନେ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ମିକୁଙ୍କୁ ରକ୍ଷା କରିବାକୁ ଉଦ୍ୟମ କରୁଥିବା ତାଙ୍କ ସାଙ୍ଗ କାମାକ୍ଷା ପ୍ରସାଦ ରାଉତ ମଧ୍ୟ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ । ଘଟଣାକୁ ନେଇ ମୃତକ ମିକୁଙ୍କ ଭାଇ ରଶ୍ମିରଞ୍ଜନ ପାଟକୁରା ଥାନାରେ ଏତଲା ଦେଇଥିଲେ । ଏତଲାକୁ ଆଧାର କରି ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ୫ ଜଣ ଯୁବକଙ୍କ ସହ ଜଣେ ମହିଳାଙ୍କୁ ଗିରଫ କରିଥିଲା । ତେବେ ଏହି ଘଟଣାରେ ତ୍ରିଲୋଚନ ବେହେରା ଦୀର୍ଘ ସମୟ ଧରି ପୁଲିସ ନଜରରୁ ଦୂରେ ରହି ଆସୁଥିଲେ । ତାଙ୍କ ନିଜ ଘରକୁ ଆସିଥିବା ନେଇ ପୁଲିସ ଖବର ପାଇବା ପରେ ଯୋଜନାବଦ୍ଧ ଭାବେ ଚଢ଼ଉ କରି ତାଙ୍କୁ ଧରିଥିଲା । ୧୬ ମାସ ପରେ ମାମଲାର ଷଷ୍ଠ ଅଭିଯୁକ୍ତ ଗିରଫ ହେବା ପାଟକୁରା ପୁଲିସ ପାଇଁ ଏକ ଉଲ୍ଲେଖନୀୟ ସଫଳତା ବୋଲି କୁହାଯାଉଛି।







# ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତର ଦ୍ୱିତୀୟ ଦିନ

ଗୁରୁବାର ମୁଖ୍ୟମନ୍ତ୍ରୀ ଓ ତାଙ୍କ ସହ ଯାଇଥିବା ଟିମ୍‌କୁ ବ୍ୟାବସାୟିକ ପ୍ରତିନିଧିମଣ୍ଡଳୀ ଓ ସେଠାରେ ବସବାସ କରୁଥିବା ଓଡ଼ିଆ ସମ୍ପ୍ରଦାୟର ସଦସ୍ୟମାନେ ସ୍ୱାଗତ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ୟୁଏଇ ମନ୍ତ୍ରୀ ଅବଦୁଲା ବିନ୍ ତୁକ୍ ଅଲ୍ ମାରି ଓ କ୍ୟାବିନେଟ୍ ମନ୍ତ୍ରୀଙ୍କ ବୈଠକ କରିଛନ୍ତି। ଏହି ବୈଠକରେ ମୁଖ୍ୟତଃ ଓଡ଼ିଶାରେ ପୁଞ୍ଜି ନିବେଶର ସୁଯୋଗ ଉପରେ ବିଚାର ବିମର୍ଶ କରାଯାଇଛି।

## ରାଜ୍ୟପାଳଙ୍କୁ ଭେଟିଲା ପ୍ରଦେଶ କଂଗ୍ରେସ ସମବାୟ ପ୍ରକୋଷ୍ଠ ପ୍ରତିନିଧିମଣ୍ଡଳୀ



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକୁ ସ୍ୱଚ୍ଛ, ଦୁର୍ନୀତିମୁକ୍ତ, ନିରପେକ୍ଷ ଓ ସମବାୟ ସଂସ୍ଥାଗୁଡ଼ିକର ଉପଯୁକ୍ତ ଭିତ୍ତିଭୂମି ସୁଦୃଢ଼ୀକରଣ, ମାନବ ସମ୍ବଳ ବୃଦ୍ଧି ଅଂଶୀଦାର ଓ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ପୂରଣ ଦିଗରେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ସମବାୟ ପ୍ରକୋଷ୍ଠ ପକ୍ଷରୁ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ୭ଜଣିଆ ପ୍ରତିନିଧିମଣ୍ଡଳୀ ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ଏକ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ପ୍ରାୟ ବିଭିନ୍ନ ଧରଣର ୮ ହଜାର ସମବାୟ ସଂସ୍ଥାରେ ୧ କୋଟିରୁ ଉର୍ଦ୍ଧ୍ୱ ଲୋକ ସଦସ୍ୟ ଅଛନ୍ତି। କୃଷି ସହ ସମବାୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବିଶେଷକରି ପ୍ୟାକ୍ସ ଓ ଲ୍ୟାମ୍ପସ୍‌ଗୁଡ଼ିକର ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମବାୟ ସାମଗ୍ରିକ ବିକାଶର ଏକ ଦିଗ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ବହୁ ସମବାୟ ସଂସ୍ଥାଗୁଡ଼ିକର କୁ-ପରିଚାଳନା ଓ ଅନିୟନ୍ତ୍ରିତତା ଯୋଗୁଁ ଏଗୁଡ଼ିକ ଦେବାଳିଆ ଆଡ଼କୁ ଗତି କରୁଛି। ଏପରିକି ୫/୬ଟି ସମବାୟ ସମିତିରେ ଜଣେ ସମ୍ପାଦକ ଦାୟିତ୍ୱରେ ଥିବାରୁ ତାହାର ସଠିକ୍ ପରିଚାଳନା କରାଯାଇପାରୁନାହିଁ। ଏଥିରେ ରାଜ୍ୟ ସରକାର ସୁଧାର ଆଣିବା ଅତ୍ୟନ୍ତ ଜରୁରୀ। ଏଥିରେ ରାଜ୍ୟପାଳ ହସ୍ତକ୍ଷେପ କରିବା ଜରୁରୀ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ସମବାୟ ସଂସ୍ଥାଗୁଡ଼ିକୁ ସ୍ୱଚ୍ଛ ଦୁର୍ନୀତିମୁକ୍ତ, ସମବାୟ ନିର୍ବାଚନକୁ ନିରପେକ୍ଷ ଭାବେ ପରିଚାଳନା, ସମବାୟ ସଂସ୍ଥାର ସଭ୍ୟସଭ୍ୟାଙ୍କ ଅଧିକାର ଓ ମତାମତକୁ ସର୍ବାଧିକ ଗୁରୁତ୍ୱ, ପ୍ରତି ସମବାୟ ସଂସ୍ଥାର ଭିତ୍ତିଭୂମି ସୁଦୃଢ଼, ମାନବ ସମ୍ବଳ ବୃଦ୍ଧି, କର୍ମଚାରୀ ଓ ସଭ୍ୟସଭ୍ୟାମାନଙ୍କୁ ଉପଯୁକ୍ତ ସଚେତନ ଓ ତାଲିମ, ରାଜ୍ୟର ସମସ୍ତ ପ୍ୟାକ୍ସ ଓ ଲ୍ୟାମ୍ପର ସ୍ୱତନ୍ତ୍ର କାର୍ଯ୍ୟାଳୟ ଗୃହ, ସଭାଗୃହ, ଗୋଦାମ ଗୃହ ଓ ସାର ଗଚ୍ଛିତ ପାଇଁ ସ୍ୱତନ୍ତ୍ର ଗୋଦାମ ଘର ପ୍ରତିଷ୍ଠା ପ୍ରମୁଖ।

# ପ୍ରତିଷ୍ଠା ହେବ ରାଇସ୍ ଓ ମିଲେଟ୍ କାରଖାନା

### ଓଡ଼ିଶାର କୃଷି ଉତ୍ପାଦକୁ ବିଶ୍ୱସ୍ତରରେ ମିଳିବ ନୂଆ ପରିଚୟ



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ରାଜ୍ୟରେ ଚାଷୀମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଓ ସ୍ଥାନୀୟ ଦେଶୀ ଖାଦ୍ୟଶସ୍ୟର ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ପାଇଁ ଓଡ଼ିଶା ସରକାର ଏକ ଆଧୁନିକ 'ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା' ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଫିଲିପାଇନ୍ସସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଆଇଆରଆରଆଇ)ର ମୁଖ୍ୟ ବୈଜ୍ଞାନିକ ଡ. ନେସେ ଶ୍ରୀନିବାସୁଲୁ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଯାଦବ ଏବଂ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅନୁଷ୍ଠିତ ହୋଇଛି। ୩,୮୪୫ ବର୍ଗ ମିଟର ପରିମିତ ଅଞ୍ଚଳରେ ନିର୍ମିତ ହେବାକୁ ଥିବା ଏହି କାରଖାନାଟି ଚାଷୀ, କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବେସରକାରୀ ସହଯୋଗୀ ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକର ମିଳିତ ସହଯୋଗରେ ପରିଚାଳିତ ହେବ।

ଯୋଜନାର ମୁଖ୍ୟ ଲକ୍ଷ୍ୟ ଚାଷୀମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ଉନ୍ନତ ମାନର ଦେଶୀ ବିହନ ପ୍ରଦାନ ସହ ସିଧାସଳଖ ବଜାର ସଂଯୋଗ ଯୋଗାଇ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା। ଏହି ପ୍ରକଳ୍ପ ଅଧୀନରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ, ଉଚ୍ଚ ପ୍ରୋଟିନ୍‌ଯୁକ୍ତ, ମିଲିଂ କ୍ଷମତା, ସୁଗନ୍ଧ ଥିବା ୨୯ଟି ସ୍ଥାନୀୟ ଦେଶୀ ଧାନ କିସମର ଗୁଣବତ୍ତା ପରୀକ୍ଷା କରାଯାଇଛି। ବିଶେଷକରି କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସଯୁକ୍ତ ଚାଉଳ, କଳାଜିରା ଧାନ ଓ ରପ୍ତାନୀ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କଳା ଚାଉଳ ପ୍ରକ୍ରିୟାକରଣ ପାଇଁ ସ୍ୱତନ୍ତ୍ର ୟୁନିଟ୍ ସ୍ଥାପନ ଯୋଜନା ରହିଛି। କେବଳ ଚାଉଳ ପ୍ରୋସେସିଂ ନୁହେଁ, ବରଂ ମଲ୍ଟି-ମିଲେଟ୍ ଫ୍ଲେକ୍ସ, ମୋଟା ଆଇଆରଆରଆଇ-୧୪୭ ଚାଉଳ ଫ୍ଲେକ୍ସ, ଜିରା କୁକିଜ୍ ଓ ଅନ୍ୟାନ୍ୟ ବେକରୀ ସାମଗ୍ରୀ ପ୍ରସ୍ତୁତ କରାଯାଇ 'ସୁଭଦ୍ରା ଶକ୍ତି ବଜାର' ମାଧ୍ୟମରେ ବିକ୍ରି କରାଯିବ ଏବଂ ଦେଶ ବିଦେଶରେ ଏହାକୁ ବିକ୍ରି ପାଇଁ ପଠାଯିବ। ଆଧୁନିକ ଶିଳ୍ପ ଭିତ୍ତିଭୂମି ଓ କମ୍ୟୁନିଟି ଭାଗୀଦାରିର ଏହି ମିଳିତ ପ୍ରଚେଷ୍ଟା ରାଜ୍ୟ କୃଷି ଉତ୍ପାଦଗୁଡ଼ିକୁ ବିଶ୍ୱ ସ୍ତରରେ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ।

■ ଭୁବନେଶ୍ୱରରୁ ପୁଣି ଉଡ଼ିବ ବ୍ୟାଙ୍କକକୁ ବିମାନ

## ଅକ୍ଟୋବର ୨ରୁ ଆରମ୍ଭ ହେବ ସେବା

ଭୁବନେଶ୍ୱର, ୧୦।୯ (ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରୁ ପୁଣି ଆରମ୍ଭ ହେବ ବ୍ୟାଙ୍କକକୁ ସିଧାସଳଖ ବିମାନ ସେବା। ଆସନ୍ତା ଅକ୍ଟୋବର ୨ ତାରିଖରୁ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ବ୍ୟାଙ୍କକ ରୁଟ୍‌ରେ ବିମାନ ଉଡ଼ାଣ ପୁଣି ଆରମ୍ଭ ହେବ। ପ୍ରାଥମିକ ସୂଚନାନୁସାରେ, ସପ୍ତାହକୁ ଦୁଇ ଥର ଏହି ବିମାନ ସେବା ଉପଲବ୍ଧ ହେବ। ଏହା ଫଳରେ ଓଡ଼ିଶାରୁ ଥାଇଲାଣ୍ଡ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଯୋଗାଯୋଗ ବ୍ୟବସ୍ଥା ଆହୁରି ସୁବିଧାଜନକ ହେବ। କିଛି କାରଣରୁ ପୂର୍ବରୁ ଭୁବନେଶ୍ୱର-ବ୍ୟାଙ୍କକ ରୁଟ୍‌ରେ ବିମାନ ଉଡ଼ାଣ ବନ୍ଦ ରହିଥିଲା। ଏବେ ପୁଣି ଏହି ରୁଟ୍‌ରେ ବିମାନ ସେବା ଆରମ୍ଭ ହେବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ। ବ୍ୟାଙ୍କକ ବିମାନ ସେବା ପୁନଃ ଆରମ୍ଭ ହେବା ଦ୍ୱାରା ଓଡ଼ିଶାର ପର୍ଯ୍ୟଟକ, ବ୍ୟବସାୟୀ ଓ ବିଦେଶ ଯାତ୍ରୀମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି। ବିଶେଷକରି ଭୁବନେଶ୍ୱରରୁ ଦକ୍ଷିଣ-ପୂର୍ବ ଏସିଆ ସହ ଆକାଶପଥରେ ଯୋଗାଯୋଗକୁ ଏହି ସେବା ଆହୁରି ସୁଦୃଢ଼ କରିବ।

## ଅପରେସନ ଅନ୍ୱେଷଣ | ୧୭ ରାଜ୍ୟକୁ ୧୭ ଟିମ; ୧୦୧ ଶିଶୁ ଉଦ୍ଧାର



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ସପ୍ତାହ ବ୍ୟାପୀ ଚାଲିଥିଲା ଅପରେସନ୍ ଅନ୍ୱେଷଣ। ୧୭ ରାଜ୍ୟକୁ ଯାଇଥିଲା ୧୭ ଟିମ୍। ବିଭିନ୍ନ ରାଜ୍ୟରୁ ୧୦୧ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି, ଯେଉଁଥିରେ ଜଣେ ୩ ମାସର ଓ ଜଣେ ବର୍ଷକର ଶିଶୁ ମଧ୍ୟ ଅଛନ୍ତି। ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରେ ୫୨ ଜଣ ନାବାଳକ ଥିବା ବେଳେ ୪୮ ଜଣ ନାବାଳିକା ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣ ଶିଶୁଙ୍କୁ ଅପହରଣ କରାଯାଇଥିଲା। ବାଲେଶ୍ୱରସ୍ଥିତ ପୂର୍ବାଞ୍ଚଳ ରେଞ୍ଜର ଡିଆଇଜି ପିନାକ ମିଶ୍ରଙ୍କ ତତ୍ତ୍ୱାବଧାନରେ ଡିଏସପି ବାମଦେବ ନନ୍ଦଙ୍କ ନେତୃତ୍ୱରେ ଗଠିତ ଦଳ ଦ୍ୱାରା ସର୍ବାଧିକ ୩୦ ଜଣ ଶିଶୁଙ୍କୁ ପଶ୍ଚିମବଙ୍ଗରୁ ଉଦ୍ଧାର କରାଯାଇଛି। ଏହା ପଛକୁ ବ୍ରହ୍ମପୁରସ୍ଥିତ ଦକ୍ଷିଣ ରେଞ୍ଜର୍ ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱାଧୀନ ଦଳ କର୍ଣ୍ଣାଟକରୁ ୧୧ ଜଣ, ତାଳଚେରସ୍ଥିତ ଉତ୍ତର-କେନ୍ଦ୍ରୀୟ ରେଞ୍ଜର ଡିଏସପି ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ନେତୃତ୍ୱାଧୀନ ଦଳ ଝାଡ଼ଖଣ୍ଡରୁ ୧୦ ଜଣ ଏବଂ ବ୍ରହ୍ମପୁରସ୍ଥିତ ଦକ୍ଷିଣ ରେଞ୍ଜର ଡିଏସ୍‌ପି ଗିରିଜାନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଦଳ ତାମିଲନାଡୁରୁ ୧୦ଜଣଙ୍କୁ ଉଦ୍ଧାର କରିଛନ୍ତି। ସମସ୍ତ ଶିଶୁଙ୍କୁ ଉଦ୍ଧାର କରିବା ପରେ ଓଡ଼ିଶା ଅଣାଯାଇଛି। ପୂରା ପ୍ରକ୍ରିୟାକୁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ମନିଟରିଙ୍ଗ କରାଯାଉଛି।

■ ବିଏମ୍‌ସିର ପୂଜା ପ୍ରସ୍ତୁତି ବୈଠକ

## ପ୍ଲାଷ୍ଟିକ ମୁକ୍ତ ପୂଜା ପାଇଁ ମେୟରଙ୍କ ଆହ୍ୱାନ



ଭୁବନେଶ୍ୱର, ୧୦।୯ (ସଂଚାର ବ୍ୟୁରୋ): ଗୁରୁବାର ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆସନ୍ତା ଗଣେଶ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ବହୁ କର୍ପୋରେଟର, କମିଶନରେଟ୍ ପୁଲିସ, ଟ୍ରାଫିକ୍ ପୁଲିସ, ଅଗ୍ନିଶମ ବିଭାଗର ଅଧିକାରୀ, ଟିପିସିଡିଓଏଲ୍, ୱାଟ୍‌କୋ, ପୂର୍ତ୍ତ ବିଭାଗ, ରାସ୍ତା ଓ କୋଠାବାଡି ନିର୍ମାଣ ବିଭାଗ, ସ୍ମାର୍ଟ ସିଟିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଚଳିତ ବର୍ଷ ଗଣେଶ ପୂଜାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସମସ୍ତ ପୂଜା କମିଟିଙ୍କୁ ଅନୁରୋଧ କରିଛନ୍ତି ମେୟର।

ବର୍ତ୍ତମାନ ସୁଦ୍ଧା କମିଶନରେଟ୍ ପୁଲିସ ନିକଟରୁ ସମୁଦାୟ ୪୦୧ ଗୋଟି ଗଣେଶ ପୂଜା ମଣ୍ଡପର କର୍ମକର୍ତ୍ତାମାନେ ଅନୁମତି ନେଇଛନ୍ତି। ଏହି ସଂଖ୍ୟା ୪୨୦ରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଜନ ଗହଳିପୂର୍ଣ୍ଣ ପୂଜା ମଣ୍ଡପ ନିକଟରେ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ କୁହାଯାଇଛି।

ଗଣେଶ ପୂଜାଠାରୁ ପୂଜା ଋତୁ ଆରମ୍ଭ ହୋଇଯାଉଛି। ତେଣୁ ଗଣେଶ ପୂଜା ପୂର୍ବରୁ ଟିପିସିଡିଓଏଲ୍ ପକ୍ଷରୁ ସମସ୍ତ ବିଦ୍ୟୁତ୍ ଖୁଣ୍ଟ ଯାଞ୍ଚ କରାଯିବା ସହ ବିପଦ ସଂକୁଳ ଅବସ୍ଥାରେ ଥିବା ଖୁଣ୍ଟଗୁଡ଼ିକୁ ତୁରନ୍ତ ହଟାଇ, ସେଠାରେ ନୂତନ ଖୁଣ୍ଟ ପୋତିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ଆଲୋକ ଜଳୁ ନଥିବା ସ୍ଥାନରେ ତୁରନ୍ତ ଆଲୋକ ବ୍ୟବସ୍ଥା ସୁଧାରିବା ସହ ଓହଳି ରହିଥିବା ବିଦ୍ୟୁତ୍ ତାରଗୁଡ଼ିକୁ ସ୍ୱତନ୍ତ୍ର ଟିମ ଲଗାଇ ଗଣେଶ ପୂଜା ପୂର୍ବରୁ ସଜାଡିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଏମ୍ ସି ଇଂଜିନିୟର ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ମିଳିତ ଭାବେ ଡ୍ରେନ୍ ଓ ରାସ୍ତା ତଦାରଖ କରି ଅସୁବିଧା ଦୂର କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ପୂଜା ମଣ୍ଡପ ତଥା ଏହାର ଚାରିପାଖରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପରିମଳ ଉପବିଭାଗ ଓ ସଂପୃକ୍ତ ଜେଡିସିମାନେ ଆବଶ୍ୟକ ପଦକ୍ଷେପ ନେବେ। ପୂଜା ମଣ୍ଡପରୁ ବାହାରୁଥିବା ପୂଜାଫୁଲ ସଂଗ୍ରହ କରିବା ପାଇଁ ତିନି ଜୋନରେ ୩ଟି ଗାଡ଼ି ବୁଲିବ। ପୂଜା କମିଟିମାନେ ଛଡାଫୁଲ ଏଣେତେଣେ ନ ପକାଇ ଅଲଗା ଏକ ଡଷ୍ଟବିନରେ ରଖି କେବଳ ବିଏମସି ଗାଡିକୁ ଦେବା ପାଇଁ ଅନୁରୋଧ କରାଯାଇଛି।

● ଏମଏମଡିଆର ସଂଶୋଧନ ବିଲ୍‌କୁ ବିରୋଧ

## ମାସେବ୍ୟାପୀ ପ୍ରତିବାଦ କରିବ କଂଗ୍ରେସ



ଭୁବନେଶ୍ୱର,୧୦।୯ (ସଂଚାର ବ୍ୟୁରୋ): କଂଗ୍ରେସ ଭବନଠାରେ ଗଣମାଧ୍ୟମ ବିଭାଗ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗୁରୁବାର ଏମଏମଡିଆର ସଂଶୋଧନକୁ ନେଇ ଏହାର ସାମ୍ବିଧାନିକ ଓ ଆଇନଗତ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ବରିଷ୍ଠ କଂଗ୍ରେସ ନେତା ଆଇନଜୀବୀ ଶିବାନନ୍ଦ ରାୟ ଓ ଓପିସିସି ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ ଏମଏମଡିଆର ଆକ୍ଟର ଆଇନଗତ ବିଷୟ ତର୍ଜମା କରିଥିଲେ। ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଶ୍ରୀ ଦାସ କହିଛନ୍ତି ଯେ କଂଗ୍ରେସ ରାଜ୍ୟସ୍ୱାର୍ଥ ପରିପନ୍ଥୀ ଏମଏମଡିଆର କଳା ଆଇନକୁ ଓପାଡ଼ି ଫିଙ୍ଗିବାର ଶପଥ ନେଇଛି। ସେଥିଲାଗି ଗୋଟିଏ ମାସ ଧରି ଦଳ ପକ୍ଷରୁ ବ୍ଲକ୍ ସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହେବ। ଓପିସିସିର ମୁଖପାତ୍ର ଡ. ଦାସ ପଟ୍ଟନାୟକ କହିଛନ୍ତି ଯେ ଏମଏମଡିଆର ସଂଶୋଧନ ଆଇନ କେବଳ ଖଣିଜ ନୀତିର ପ୍ରଶ୍ନ ନୁହେଁ, ଏହା ଓଡ଼ିଶାର ସାମ୍ବିଧାନିକ କର ଅଧିକାର, ଆର୍ଥିକ ସ୍ୱାୟତ୍ତତା ଓ ସଂଘୀୟ ବ୍ୟବସ୍ଥା ସହ ଜଡ଼ିତ ଏକ ଗୁରୁତର ପ୍ରଶ୍ନ।

## କଳାହାଣ୍ଡିରେ ପ୍ରବଳ ବର୍ଷା ଯୋଗୁ ସ୍କୁଲ ବନ୍ଦ ରହିବ

ଭବାନୀପାଟଣା,୧୦।୯ (ସଂଚାର ବ୍ୟୁରୋ): ବାଂଲାଦେଶ ଉପକୂଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ଜୁନାଗଡ଼ ସହର ଫତେନଗରପଡା ରାସ୍ତାରେ ଆଣ୍ଠୁଏ ପାଣି ଚାଲିବା ସହ ଘର ଭିତରେ ପାଣି ପଶି ଯାଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ମଧ୍ୟ ଜିଲାରେ ପ୍ରବଳ ବର୍ଷାର ପୂର୍ବାନୁମାନ ଏବଂ ଛାତ୍ରୀଛାତ୍ରଙ୍କ ନିରାପତ୍ତାକୁ ଧ୍ୟାନରେ ରଖି ଜିଲାର ସମସ୍ତ ସରକାରୀ/ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ ବୋଲି ଜିଲାପାଳ ପାୱାର ସଚିନ ପ୍ରକାଶ ଘୋଷଣା କରିଛନ୍ତି। ତେବେ ଶିକ୍ଷକ ଓ କର୍ମଚାରୀ ସ୍ୱାଭାବିକ ସ୍କୁଲ କାର୍ଯ୍ୟରେ ଯୋଗଦେବେ।

■ କେଏମସି ଓ କେଡିଏରେ ମହାଘୋଟାଲା

## ଇଞ୍ଜିନିୟରଙ୍କ ବିରୋଧରେ ଆରଡିସିଙ୍କୁ ଓଜେସିର ଦାବିପତ୍ର




କଟକ,୧୦।୯(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ (କେଏମସି) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ (କେଡିଏ)ରେ ହୋଇଥିବା ବ୍ୟାପକ ଆର୍ଥିକ ଅନିୟମିତତା, ଜାଲିଆତି, ମିଥ୍ୟା ବିଲ୍, ଗୁରୁତ୍ୱପୂର୍ଣ୍ଣ ସରକାରୀ ଫାଇଲ୍ ଗାଏବ ତଥା ଦୁର୍ନୀତି ବିରୋଧରେ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପାର୍ଟି ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଛି। ପାର୍ଟିର କଟକ ସହର ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଇଞ୍ଜିନିୟର ଅତନୁ ସାମନ୍ତଙ୍କ ମହାଘୋଟାଲା ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟତଃ କେଏମସିର ଇଞ୍ଜିନିୟର ତଥା କେଡିଏର ଇଞ୍ଜିନିୟରିଂ ସଭ୍ୟ ଅତନୁ ସାମନ୍ତ ଓ ତାଙ୍କ ପ୍ରଶାସନିକ ସହଯୋଗୀମାନେ ନିୟମାବଳୀକୁ ଉଲ୍ଲଂଘନ କରି କୋଟି କୋଟି ଟଙ୍କାର ସରକାରୀ ପାଣ୍ଠି ଓ ଜନସାଧାରଣଙ୍କ ଟିକସ ଅର୍ଥ ଆତ୍ମସାତ୍ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ଦୁର୍ନୀତି ମଧ୍ୟରେ ଅର୍ବାନ ହାଟ ପ୍ରକଳ୍ପର ମୂଳ ସରକାରୀ ଫାଇଲ୍ ଗାଏବ କରିବା, ପାର୍କରେ ଓପନ ଜିମ୍ ନ ଲଗାଇ କାଉନସିଲ୍‌ର ବିନା ଅନୁମୋଦନରେ ୫ କୋଟି ଟଙ୍କା ଉଠାଇବା, ପୋଖରୀ ଓ ପାର୍କ ସୌନ୍ଦର୍ଯ୍ୟକରଣ ତଥା ପ୍ରବାସୀ ଭାରତୀୟ ଦିବସ ସୌନ୍ଦର୍ଯ୍ୟକରଣ ନାମରେ ଅର୍ଥ ହରିଲୁଟ୍। ସେହିପରି ମୌସୁମୀ ପୂର୍ବରୁ ଡ୍ରେନରୁ ପଙ୍କୋଦ୍ଧାର ନ କରି କୋଟି କୋଟି ଟଙ୍କାର ଜାଲ୍ ବିଲ୍ କରାଯିବା ଫଳରେ ସହରବାସୀ କୃତ୍ରିମ ବନ୍ୟାର ଶିକାର ହୋଇଥିବା ନେଇ ଆରଡିସିଙ୍କ ନିକଟରେ ଅଭିଯୋଗ କରାଯାଇଛି।

## ଘରେ ପଶି ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଲୁଟ୍ ମାମଲା
## ସୁନା ସହ କାର୍ ଓ ମୋବାଇଲ୍ ଜବତ; ଜଣେ ଗିରଫ



ଢେଙ୍କାନାଳ,୧୦।୯(ସଂଚାର ବ୍ୟୁରୋ): ପରିଚିତ ଲୋକ ବୋଲି ପରିଚୟ ଦେଇ ଘରେ ପଶି ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଲୁଟ୍ ଅଭିଯୋଗରେ ଢେଙ୍କାନାଳ ଟାଉନ୍ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ରାମପୁର ଗ୍ରାମର ସ୍ୱର୍ଗତଃ ନଟବର ଦାସଙ୍କ ପୁଅ ପ୍ରଶାନ୍ତ ଦାସ (୫୦) ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ପୁଲିସ୍‌ଠାରୁ ମିଳିଥିବା ସୂଚନାନୁସାରେ, ଢେଙ୍କାନାଳ ସହରର ମହିଷାପାଟ ଭିଜିଲାନ୍ସ କାର୍ଯ୍ୟାଳୟ ପଛପଟେ ରହୁଥିବା ୭୫ ବର୍ଷୀୟ ହିମାଂଶୁ କୁମାର ପରିଜାଙ୍କ ଲିଖିତ ଅଭିଯୋଗ ଆଧାରରେ ଟାଉନ୍ ଥାନାରେ ମାମଲା ରୁଜୁ ହୋଇଥିଲା। ମାମଲାର ତଦନ୍ତ ବେଳେ ଟେକ୍ନିକାଲ୍ ସର୍ଭେଲାନ୍ସ ଓ ମାନବୀୟ ସୂଚନା ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ପରେ ଗତ ଜୁଲାଇ ୫ ତାରିଖରେ ମହିଷାପାଟ ଭିଜିଲାନ୍ସ କାର୍ଯ୍ୟାଳୟ ପଛପଟୁ ତାଙ୍କୁ ଗିରଫ କରାଯାଇଥିଲା। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଅପରାଧରେ ବ୍ୟବହୃତ ଏକ ରୁପା ରଙ୍ଗର ମାରୁତି ଅଲ୍ଟୋ କାର୍, ୩ଟି ସୁନା ଚେନ୍ ଯାହାର ମୋଟ ଓଜନ ପ୍ରାୟ ୩୪.୦୭ ଗ୍ରାମ, ୨ଟି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଓ ୩ଟି ହାତଘଡ଼ି ଜବତ କରିଛି। ଏହି ମାମଲା ବ୍ୟତୀତ ଅଭିଯୁକ୍ତ ଢେଙ୍କାନାଳ ସହରର ଦେଉଳସାହି ଓ ଆନନ୍ଦନଗର ଅଞ୍ଚଳରେ ମଧ୍ୟ ଅନ୍ୟ ଅପରାଧରେ ସମ୍ପୃକ୍ତ ଥିବା ନେଇ ସ୍ୱୀକାର କରିଛି।

■ ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତରେ ନିବେଶ ନେଇ ଏମଓୟୁ ପ୍ରସଙ୍ଗରେ ବିଜେଡିର ପ୍ରଶ୍ନ

## ଏହା ପୂର୍ବ ଘୋଷଣାର ପୁନରାବୃତ୍ତି ନୁହେଁ ତ ?



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତ ଅବସରରେ ରାଜ୍ୟ ସରକାରଙ୍କ ସହ ୨.୧ ଲକ୍ଷ କୋଟିର ନିବେଶ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଥିବା କଥା ଯାହା କୁହାଯାଇଛି, ତାହା ୨୦୨୫ ଜାନୁଆରୀର ଉତ୍କର୍ଷ ଓଡ଼ିଶା ସମୟରେ ହୋଇଥିବା ଘୋଷଣାର ପୁନରାବୃତ୍ତି ନୁହେଁ ତ ବୋଲି ପ୍ରଶ୍ନ ଉଠାଇଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତକୁ ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନବାଣରେ ଘେରିଛନ୍ତି।

ଶ୍ରୀ ଦାସ କହିଥିଲେ ଯେ ଆବୁଧାବିରେ ଆଦାନୀ ଗ୍ରୁପ ଓ ଆଇଏଚସି ଗ୍ରୁପ ସହ ଓଡ଼ିଶା ସରକାରଙ୍କ ୨.୧ ଲକ୍ଷ କୋଟିର ନିବେଶ ପ୍ରସ୍ତାବକୁ ନେଇ ଏବେ ଏକ ବଡ଼ ପ୍ରଶ୍ନ ଉଠୁଛି, ଏହା ସମ୍ପୂର୍ଣ୍ଣ ନୂଆ ନିବେଶ, ନା ପୂର୍ବରୁ ଘୋଷଣା ହୋଇଥିବା ପ୍ରକଳ୍ପଗୁଡ଼ିକୁ ନୂଆ ପ୍ୟାକେଜ୍ ଭାବେ ପୁଣି ଉପସ୍ଥାପନ କରାଯାଇଛି? ଉଲ୍ଲେଖଯୋଗ୍ୟ ଯେ ଜାନୁଆରୀ ୨୦୨୫ର ଉତ୍କର୍ଷ ଓଡିଶା, ମେକ୍ ଇନ ଓଡ଼ିଶା କନକ୍ଲେଭରେ ଆଦାନୀ ଗ୍ରୁପ ଓଡ଼ିଶାରେ ଆଗାମୀ ୫ ବର୍ଷରେ ୨.୩ ଲକ୍ଷ କୋଟି ନିବେଶ କରିବାକୁ ଘୋଷଣା କରାଯାଇଥିଲା। ଏଥିରେ ପାୱାର, ସିମେଣ୍ଟ, ଇଣ୍ଡଷ୍ଟ୍ରିଆଲ ପାର୍କ, ଆଲୁମିନିୟମ ଓ ସିଟି ଗ୍ୟାସ ଇତ୍ୟାଦି କ୍ଷେତ୍ର ସାମିଲ ଥିଲା। ଏବେ ଆବୁଧାବିରେ ଆଦାନୀ ଗ୍ରୁପ ଓ ଆଇଏଚସି ଗ୍ରୁପ ମିଳିତ ଭାବେ ଓଡ଼ିଶାରେ ୧୪ଟି ପ୍ରକଳ୍ପରେ ପ୍ରାୟ ୨.୧ ଲକ୍ଷ କୋଟି ନିବେଶ ସମ୍ଭାବନା ନେଇ ଏମଓୟୁ କରିଛନ୍ତି ବୋଲି କୁହାଯାଇଛି। ତେବେ ଏହି ଦୁଇ ଘୋଷଣା ମଧ୍ୟରେ କେତେ ନିବେଶ ଓ ପ୍ରକଳ୍ପ ପରସ୍ପର ସହ ମେଳ ଖାଉଥିବାରୁ ରାଜ୍ୟ ସରକାର ଏହାକୁ ସ୍ପଷ୍ଟ କରିବା ଦରକାର ବୋଲି ସେ ଦାବି କରିଛନ୍ତି।

## ସଂସ୍କୃତ ଭାଷା ଭାରତର ସଂସ୍କୃତି ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଛି



ଭୁବନେଶ୍ୱର,୧୦।୯ (ସଂଚାର ବ୍ୟୁରୋ) : ସଂସ୍କୃତ ଭାଷା କେବଳ ମାତ୍ର ଏକ ଭାଷା ନୁହେଁ, ବରଂ ଏହା ଭାରତୀୟ ସମାଜ ଓ ସଂସ୍କୃତିକୁ ନିର୍ମାଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଭାରତୀୟ ପରମ୍ପରା ଈଶ୍ୱର ବିଶ୍ୱାସୀ । ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପାଇଁ ସଂସ୍କୃତର ମନ୍ତ୍ର ଜୀବବତ୍ କାର୍ଯ୍ୟକରେ ବୋଲି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଂସ୍କୃତ ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ବାଗ୍ମୀ ଡ. ଗୋପାଳପ୍ରସାଦ ମହାପାତ୍ର ମନ୍ତବ୍ୟ ଦେଇଛନ୍ତି । କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ପୌରୋହିତ୍ୟ କରି ଭାରତୀୟ ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି କ୍ଷେତ୍ରରେ ସଂସ୍କୃତ ଭାଷା କିପରି ଅବଦାନ ରଖିଛି ତାହା ଉଲ୍ଲେଖ କରିଥିଲେ । ଓଡ଼ିଆ ବିଭାଗର ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସାହୁ ଓ ଅଷ୍ଟମୀ ଶବର ପ୍ରାରମ୍ଭରେ ଶ୍ଳୋକ ପଠନ କରିଥିବା ବେଳେ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ସେବା ସଂକଳ୍ପ ଅଭିଯାନ: ସେବାରୁ ସଂକଳ୍ପ, ସଂକଳ୍ପରୁ ବିକଶିତ ଓଡ଼ିଶା



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ବିଶ୍ୱର ଅଦ୍ୱିତୀୟ ନେତା ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଅକ୍ଟୋବର ୭ରେ ଜନସେବା ଓ ସମର୍ପଣର ୨୫ ବର୍ଷ ପୂରଣ କରିବେ। ୨୦୦୧ ଅକ୍ଟୋବର ୭ରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ନିଜର କାର୍ଯ୍ୟକାଳ ଆରମ୍ଭ କରିଥିଲେ ଏବଂ ବିଗତ ୨୫ ବର୍ଷ ମଧ୍ୟରେ ସେ ଜନସେବାକୁ ରାଷ୍ଟ୍ରସେବାରେ ରୂପାନ୍ତରିତ କରିବାର ନୀତି ଦ୍ୱାରା ପରିଚାଳିତ ହୋଇ ନିଜର ସେବା ଯାତ୍ରାକୁ କ୍ରମାଗତ ଭାବେ ଆଗେଇ ନେଇଛନ୍ତି। ଏହି ଯାତ୍ରା କେବଳ ଏକ ସାଧାରଣ ଯାତ୍ରା ନୁହେଁ, ଏହା ସଂଘର୍ଷ ଯାତ୍ରା, ଏ ଯାତ୍ରା ଲୋକମାନଙ୍କ ପାଇଁ ସେବାର ଯାତ୍ରା, ଏ ଯାତ୍ରା ଗୋଟେ ସଂକଳ୍ପର ଯାତ୍ରା, ଏ ଯାତ୍ରା ନିରନ୍ତର ୨୫ ବର୍ଷ ଧରି ଆତ୍ମବିଶ୍ୱାସର ଯାତ୍ରା। ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଅସାଧାରଣ କାର୍ଯ୍ୟ କରି ନିଜ ଯୋଗ୍ୟତା ଓ ଦକ୍ଷତା ବଳରେ ଅନେକ ସଂସ୍କାରମୂଳକ କାର୍ଯ୍ୟ କରି ପରିବର୍ତ୍ତନ ଆଣିଛନ୍ତି ବୋଲି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି।

■ ଆରମ୍ଭ ହେବ ସେବାର ନୂଆ ଅଧ୍ୟାୟ: ମନମୋହନ

■ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ମାସେ ଧରି ଚାଲିବ ଅଭିଯାନ

ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ, ନିରନ୍ତର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ପ୍ରେରଣା ଭାବେ ନେଇ ବିଜେଡି ପକ୍ଷରୁ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆୟୋଜିତ ହେବ। ରକ୍ତଦାନ ଶିବିର, ସ୍ୱଚ୍ଛତା ଅଭିଯାନ, ସାମାଜିକ ସେବା, ଜନସଚେତନତା, ଅଙ୍ଗନୱାଡ଼ି ଜନସମ୍ପର୍କ ଓ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। 'ବିକଶିତ ଭାରତ-୨୦୪୭', ରାଷ୍ଟ୍ର ନିର୍ମାଣ, ଯୁବଶକ୍ତି ଓ ଜନସେବାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ନୂଆ ଚିନ୍ତାଧାରା ସୃଷ୍ଟି କରାଯିବ। 'ସେବା ଜ୍ୟୋତି ଯାତ୍ରା', 'ସେବା ସେତୁ', ଅଙ୍ଗନ ମିଳନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ପାଖକୁ ପହଞ୍ଚାଯିବ। ବୋଲି ଶ୍ରୀ ସାମଲ କହିଛନ୍ତି। ସେହିପରି ସେବା ସଂକଳ୍ପ ଅଭିଯାନ'ର ରାଜ୍ୟ ସଂଯୋଜକ ତଥା ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ 'ସେବା ସଂକଳ୍ପ ଅଭିଯାନ'ରେ ଏଥର ୧୩ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆସନ୍ତା ୧୭ରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ପରେ ସନ୍ଧ୍ୟାରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଦେଶସାରା ପ୍ରତି ଘରେ, ମନ୍ଦିର ଓ ମଠରେ ଦୀପ ପ୍ରଜ୍ୱଳନ କରାଯିବ। ସେହିପରି 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ନିଆଯିବ। ଦେଶର ସମସ୍ତ ଜିଲ୍ଲା ସଦର ମହକୁମା ସମେତ ପ୍ରାୟ ୧,୦୦୦ ସ୍ଥାନରେ 'ବିକଶିତ ଭାରତ ୨୦୪୭'ର ସାମୂହିକ ସଂକଳ୍ପ ନିଆଯିବା ସହ ପଦଯାତ୍ରା କିମ୍ବା ବାଇକ୍ ର୍ୟାଲି ଆୟୋଜିତ ହେବ। ଶେଷରେ 'ସୁଶାସନ ସମ୍ବାଦ' ବା 'ଜନସେବକଙ୍କ ମହାକୁମ୍ଭ' କାର୍ଯ୍ୟକ୍ରମ ଜରିଆରେ ସାରା ଦେଶରେ ୧ ଲକ୍ଷ ୨୫ ହଜାରରୁ ଉର୍ଦ୍ଧ୍ୱ ଜନପ୍ରତିନିଧିଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ 'ବନ୍ଦେ ମାତରମ୍' ଗାନ କରାଯିବ ବୋଲି ଡା. ମହାପାତ୍ର କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତ୍ରୀ ସୁକେଶୀ ଓରାମ, ରାଜ୍ୟ କମିଟିର ଅନ୍ୟତମ ସଦସ୍ୟ ତଥା ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଓ ବିଧାୟକ ଅମର ନାୟକ ଉପସ୍ଥିତ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୧୧ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର

Friday 11 September 2026, Bhubaneswar

# ଏବେ ବି ବିପଦରେ ସୀମା

ଭାରତର ପରରାଷ୍ଟ୍ର ନୀତିରେ କୂଟନୈତିକ ଆଲୋଚନା ଓ ଶାନ୍ତିପୂର୍ଣ୍ଣ ସମାଧାନର ପ୍ରୟାସ ସର୍ବଦା ପ୍ରାଥମିକତା ପାଇଆସିଛି। ଚୀନ ଓ ପାକିସ୍ତାନ ସହିତ ନିରନ୍ତର ବାର୍ତ୍ତାଳାପ, ସୀମା ବୈଠକ ଓ ଉଚ୍ଚସ୍ତରୀୟ ବୈଠକ ଚାଲିଆସିଛି। ତଥାପି ଏହି ସବୁ ପ୍ରୟାସ ସତ୍ତ୍ୱେ ଭାରତ ଉଭୟ ପଡ଼ୋଶୀ ଦେଶରୁ ଆସୁଥିବା ବିପଦରୁ ମୁକ୍ତ ହୋଇପାରିନାହିଁ। ବାସ୍ତବତା ହେଉଛି ଯେ କୂଟନୀତି ଏକ ଆବଶ୍ୟକ ଉପାୟ ହେଲେ ମଧ ଏହା କେବଳ ଆଶ୍ୱାସନା ଦେଇପାରେ; ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ରହିଲେ ବିପଦ କମେ ନାହିଁ।



ଚୀନ ସହିତ ଭାରତର ସୀମା ବିବାଦ ଦୀର୍ଘଦିନର। ଗାଲୱାନ ଘଟଣା ପରେ ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ୍ (ଏଲଏସି)ରେ ଉଭୟ ପକ୍ଷ ସେନା ମୁହାଁମୁହିଁ ରହିଛନ୍ତି। ବାରମ୍ବାର କର୍ପସ କମାଣ୍ଡର ସ୍ତରର ବୈଠକ ଓ କୂଟନୈତିକ ଆଲୋଚନା ସତ୍ତ୍ୱେ ପୂର୍ଣ୍ଣ ବିଚ୍ଛେଦ ହୋଇପାରିନାହିଁ। ଚୀନ ସୀମା ନିକଟରେ ପୁଞ୍ଜିଭୂତ ଭାବେ ଭିତ୍ତିଭୂମି ନିର୍ମାଣ, ବିମାନବନ୍ଦର ଓ ସେନା ବେସ୍ ବିକାଶ କରୁଛି। ଏହା କେବଳ ପ୍ରତିରକ୍ଷାତ୍ମକ ନୁହେଁ; ଏହା କୌଣସି ସମୟରେ ଚାପ ସୃଷ୍ଟି କରିବାର ରଣନୀତି। ତାଇୱାନ ପ୍ରସଙ୍ଗ ଓ ଦକ୍ଷିଣ ଚୀନ ସାଗରରେ ଚୀନର ଆକ୍ରମଣାତ୍ମକ ମନୋଭାବ ଦେଖିଲେ ଭାରତ ପ୍ରତି ତା'ର ଉଦ୍ଦେଶ୍ୟ ସ୍ପଷ୍ଟ ହୁଏ। କୂଟନୀତି ଚାଲୁ ରହିଲେ ମଧ ଚୀନର ରଣନୈତିକ ଲକ୍ଷ୍ୟ ପରିବର୍ତ୍ତନ ହୋଇନାହିଁ। ପାକିସ୍ତାନ ପକ୍ଷରୁ ବିପଦ ଅଧିକ ସ୍ପଷ୍ଟ ଓ ନିରନ୍ତର। କାଶ୍ମୀର ସମସ୍ୟାକୁ ଆନ୍ତର୍ଜାତୀୟକରଣ କରିବାର ଚେଷ୍ଟା, ସୀମା ପାର କରି ଆତଙ୍କବାଦୀ ଗତିବିଧି ଓ ସେନାର ସମର୍ଥନ ପ୍ରାପ୍ତ ଗୋଷ୍ଠୀମାନଙ୍କ ଦ୍ୱାରା ଆକ୍ରମଣ ଆଜି ମଧ ଜାରି ଅଛି। ସିଜଫାୟାର୍ ଚୁକ୍ତି ଥିଲେ ମଧ ବେଳେବେଳେ ଗୋଳିବାର ଓ ଘୁଷ୍ଟି ହେଉଛି। ପାକିସ୍ତାନର ରାଜନୈତିକ ଅସ୍ଥିରତା ଓ ସେନାର ପ୍ରଭାବ ଯୋଗୁଁ ଏହି ନୀତି ପରିବର୍ତ୍ତନର ସମ୍ଭାବନା କମ୍। ଆତଙ୍କବାଦକୁ ରାଜ୍ୟ ନୀତିର ଅଂଶ ଭାବେ ବ୍ୟବହାର କରିବାର ପରମ୍ପରା ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ। ଅଧିକ ଚିନ୍ତାର ବିଷୟ ହେଉଛି ଚୀନ-ପାକିସ୍ତାନ ମିଳିତ ରଣନୀତି। ଚୀନ-ପାକିସ୍ତାନ ଅର୍ଥନୈତିକ କରିଡର୍ (ସିପିଇସି) କେବଳ ବାଣିଜ୍ୟ ପ୍ରକଳ୍ପ ନୁହେଁ; ଏହା ଭାରତକୁ ରଣନୈତିକ ଭାବେ ଘେରିବାର ଏକ ଉପାୟ। ପାକିସ୍ତାନକୁ ଚୀନର ସାମରିକ ସହାୟତା, ଅସ୍ତ୍ର ଯୋଗାଣ ଓ କୂଟନୈତିକ ସମର୍ଥନ ଭାରତ ପାଇଁ ଦ୍ୱିଗୁଣ ଚାପ ସୃଷ୍ଟି କରୁଛି। ଏହି ଦୁଇ ଦେଶ ମିଳିତ ଭାବେ ଭାରତର ପଶ୍ଚିମ ଓ ଉତ୍ତର ସୀମାରେ ଚାପ ବଢ଼ାଇପାରନ୍ତି। କୂଟନୈତିକ ବାର୍ତ୍ତାଳାପକୁ ପ୍ରତ୍ୟାଖ୍ୟାନ କରିବା ଠିକ୍ ନୁହେଁ। ଆଲୋଚନା ଦ୍ୱାରା ଉତ୍ତେଜନା କମେଇବା, ଭୁଲ ବୁଝାମଣା ଦୂର କରିବା ଓ ଯୁଦ୍ଧର ସମ୍ଭାବନା କମାଇବା ସମ୍ଭବ। କିନ୍ତୁ କେବଳ କଥାବାର୍ତ୍ତାରେ ନିର୍ଭର କରିବା ଆତ୍ମଘାତୀ ହୋଇପାରେ। ଭାରତକୁ ନିଜର ସେନା ଶକ୍ତି, ସୀମା ଭିତ୍ତିଭୂମି, ଗୁପ୍ତଚର ବ୍ୟବସ୍ଥା ଓ ଆତଙ୍କବାଦ ବିରୋଧୀ କ୍ଷମତାକୁ ନିରନ୍ତର ବଳିଷ୍ଠ କରିବାକୁ ପଡ଼ିବ। ଆତ୍ମନିର୍ଭରଶୀଳତା, ଆଧୁନିକ ଅସ୍ତ୍ର ଓ କୂଟନୈତିକ ସମତା-ଏହି ତିନୋଟିର ସନ୍ତୁଳନ ଆବଶ୍ୟକ।

ଶେଷରେ କହିବାକୁ ଗଲେ, ଶାନ୍ତି କାମ୍ୟ ହେଲେ ମଧ ଏହା ଦୁର୍ବଳତାରୁ ଆସେ ନାହିଁ। ଚୀନ ଓ ପାକିସ୍ତାନର ଉଦ୍ଦେଶ୍ୟ ଯେତେ ପର୍ଯ୍ୟନ୍ତ ପରିବର୍ତ୍ତନ ନହୁଏ, ଭାରତକୁ ସତର୍କ ରହିବାକୁ ପଡ଼ିବ। କୂଟନୀତି ଚାଲୁ ରଖିବା ସହିତ ଶକ୍ତି ପ୍ରଦର୍ଶନ କରିବା ହିଁ ଏକମାତ୍ର ବାସ୍ତବବାଦୀ ପଥ। ଭାରତର ସୁରକ୍ଷା କେବଳ ଆଲୋଚନା ଟେବୁଲ୍‌ରେ ନିର୍ଣ୍ଣୟ ହୁଏ ନାହିଁ; ଏହା ସୀମାରେ, ଆକାଶରେ ଓ ସମୁଦ୍ରରେ ପ୍ରସ୍ତୁତିର ଉପରେ ନିର୍ଭର କରେ।

## ବର୍ଷର ବାୟୁ ଧାରଣା ଦିବସ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ପ୍ରତି ବର୍ଷ ଏହା ପ୍ରକୃତି ପାଠରେ ଜ୍ୟୋତିଷ ଧାର୍ଯ୍ୟ ଦିବସ। ଚାନ୍ଦ୍ରମାନ ଜ୍ୟେଷ୍ଠ ଶୁକ୍ଳପକ୍ଷ ୮ମୀକୁ ଧ୍ରୁବକ କରାଯାଇଛି। ଜ୍ୟେଷ୍ଠ ଅମାବାସ୍ୟା ସାବିତ୍ରୀ ଅମାବାସ୍ୟା ଏହା ଠାରୁ ଆଗରୁ ଓ ସ୍ନାନ ପୂର୍ଣ୍ଣିମା ପଛକୁ ଠିକ ମଧ୍ୟ ତିଥି, ସମୁଦ୍ରରେ ଜୁଆର ଭଟ୍ଟାର ଅନେକ ଶାନ୍ତ ଦିନ ୮ମୀ ତିଥି, ଏହାର କିଛିଦିନ ଆଗକୁ ଆସେ ସ୍ୱାତୀ ୧୫ ବାୟୁ ଦେବଙ୍କ ଅଧିକାରରେ ବିଶାଖା ୧୬ ଯାହା ଇନ୍ଦ୍ରାଗ୍ନି ସମ୍ମିଳିତ ମାଲିକାନା/ଅନୁରାଧା ୧୭ ମିତ୍ର ମାଲିକାନା, ଜ୍ୟେଷ୍ଠା ୧୮ ମଘବା, ଜ୍ୟେଷ୍ଠ ରାଜାଙ୍କ ମାଲିକାନା। ଏହି ଚାରି ନକ୍ଷତ୍ରର ଆରମ୍ଭ ସ୍ପର୍ଶରୁ ୯୬ ଘଣ୍ଟା ଆଗରୁ ବାୟୁର ପରୀକ୍ଷା କରାହୁଏ। ସାଗର ଅଶାନ୍ତ ହେବାକୁ ଆରମ୍ଭ କରେ। ଆକାଶରେ ବିଜୁଳି ଚମକେ, ଧୂଳି ମରିବା ବା ମାମୁଲି ବୁନ୍ଦା ବର୍ଷା ହେବା ରବିଦିନରେ ଚନ୍ଦ୍ର ରାତ୍ରିରେ ବାଦଲରେ ଢ଼ାଙ୍କି ହେବା ପ୍ରକୃତିର ଏପରି ପରିବର୍ତ୍ତନ କାଳରେ ପିଲାମାନେ ଧୂଳିରେ ଖେଳିବା ରାସ୍ତାରେ ବାଲିବନ୍ଧ ପକାଇବା, ପକ୍ଷୀମାନେ ପରରେ ଲାଗିଥିବା ଧୂଳି ଝାଡ଼ିବା, ରବି ଚନ୍ଦ୍ରରେ ସୁନ୍ଦର ପରିବେଶସହ ଚିକ୍କଣ ଘନ ବାଦଲ ଏହାଙ୍କୁ ଅନେକ ସମୟ ଲୁଚକାଳୀ ଖେଳ ପରି ହେଇଟି ଅଛି। ହେଇଟି ନାହିଁ ଦୃଶ୍ୟ, ଏହା ବାୟୁ ଧାରଣ, ସମୟର ସୂଚନା ଦିଏ। ସମୟ ୪ଦିନ ମାଟି ଭିଜିଲେ ଅଗସମୟକୁ ଉତ୍ତମ ବର୍ଷା ହୁଏ। ଜ୍ୟେଷ୍ଠ ୧୫ରେ ବର୍ଷା ହେଲେ ଶ୍ରାବଣ ବିଶାଖା ୧୬ ନକ୍ଷତ୍ରରେ ବର୍ଷା ହୁଏ। ଜ୍ୟେଷ୍ଠ ୧୬ରେ ବର୍ଷା ହେଲେ ଭାଦ୍ରବ ଅନୁରାଧା ୧୭ରେ ବର୍ଷା ହୁଏ, ଜ୍ୟେଷ୍ଠ ଅନୁରାଧା ୧୭ ବର୍ଷା ହେଲେ ଆଶ୍ୱିନର ୧୮ରେ ବର୍ଷା ହୁଏ, ତେବେ କାର୍ତ୍ତିକରେ ବର୍ଷା ପ୍ରଭାବ ରହେ ନାହିଁ। ଜ୍ୟେଷ୍ଠ ମାସରେ ଖୁବ ଗରମ ବୋଧ ହେଲେ ଆଗକୁ ଭଲ ବର୍ଷାହୁଏ। ଏସବୁ ପୂର୍ବ ସମୟ ପ୍ରାକୃତିକ ପରିବେଶ ସ୍ଥିର ଥିବାବେଳେ ଧାର୍ଯ୍ୟ କରାଯାଇଥିଲା। ଅନେକ କାଦୁଅକୁ ଘୃଣା କରି ଚାଷକ୍ଷେତ୍ର ବର୍ଜନ କଲେଣି। ନାହିଁ ଗୋରୁ ଗାଈ ନକାଟେ ଘାସ। ଗଛ ଛାଇ ନାହିଁ ଗଛ ଦୁର୍ଲ୍ଲଭ, ପକ୍ଷୀ ଅଦୃଶ୍ୟ ହେଲେଣି। କାଉ ଚିଡ଼ିଆଖାନାରେ ଟିକେଟ କାଟି ଲୋକେ ଦେଖିବେ। ଲୋକେ ମନ ମାନି, କାଳ ବି ମାନମାନି ଏହା ବର୍ତ୍ତମାନ ଉତ୍ପାତ ମୁହାଁ। ଉତ୍ପାତ ତ୍ରିବିଧ ଏହା ପର ଲେଖାରେ ଦର୍ଶାଯିବ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ,
ମୋବାଇଲ୍:୯୪୩୭୧୦୩୧୨୫୩

# ଏମ୍ଏମ୍‌ଡ଼ିଆର୍ ସଂଶୋଧନ ଆଇନ-୨୦୨୬: ବିକଶିତ ଭାରତ-ବିକଶିତ ଓଡ଼ିଶା ପାଇଁ ଏକ ମାଇଲ ଖୁଣ୍ଟ



ବିରଂଚି ନାରାୟଣ ତ୍ରିପାଠୀ

ଓଡ଼ିଶାକୁ ପ୍ରକୃତିର ଏକ ଅମୂଲ୍ୟ ଉପହାର ଏହାର ଖଣିଜ ସମ୍ପଦ। ଅନେକ ରାଜ୍ୟରେ ଖଣିଜ ସମ୍ପଦ ନଥିବାବେଳେ ଓଡ଼ିଶାରେ ଉଭୟ ଗୁରୁ ଓ ଲଘୁ ଖଣିଜ ସମ୍ପଦର ଭଣ୍ଡାର ଅଛି। ସାରା ଦେଶ ପରି ଓଡ଼ିଶାର ଗୁରୁ ଖଣିଜ ସମ୍ପଦ, କେନ୍ଦ୍ର ସରକାରଙ୍କର ଅଧୀନରେ ଥିବାବେଳେ ଲଘୁ ଖଣିଜ ସମ୍ପଦ, ରାଜ୍ୟ ସରକାରଙ୍କର ଅଧୀନରେ ଅଛି। ଗୁରୁ ଖଣିଜ ସମ୍ପଦ, ଲୁହାପଥର, କ୍ରୋମାଇଟ୍, ବକ୍ସାଇଟ୍, ମାଙ୍ଗାନିଜ୍, କୋଇଲା ଆଦି ଖଣିଜ ସମ୍ପଦ ରାଜ୍ୟକୁ ଦେଶର ଖଣିଜ ମାନଚିତ୍ରରେ ଏକ ବିଶିଷ୍ଟ ସ୍ଥାନ ଦେଇଛି। ଏହି ସମ୍ପଦକୁ ନେଇ ଇସ୍ପାତ, ଆଲୁମିନିୟମ୍, ବିଦ୍ୟୁତ, ନିର୍ମାଣ ଓ ଅନେକ ଶିଳ୍ପ ରାଜ୍ୟରେ ଗଢ଼ିଉଠିଛି। ଏହା ସହିତ ରାଷ୍ଟ୍ର ନିର୍ମାଣରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି। କିନ୍ତୁ ଏତେ ସବୁ ଥାଇ ବି ବିକାଶରେ ବାଧକର କାରଣ ହେଲା, ପୂର୍ବର କେନ୍ଦ୍ର ଓ ରାଜ୍ୟର କଂଗ୍ରେସ ତଥା ବିଜେଡି ସରକାର, ଖଣିଜ ସମ୍ପଦର ଉତ୍ପାଦନ ଓ ଏହାର ସୁରକ୍ଷା ଠିକ ଢଙ୍ଗରେ କରିପାରିନଥିଲେ। ପୂର୍ବରୁ କେନ୍ଦ୍ରରେ କଂଗ୍ରେସ ଓ ରାଜ୍ୟରେ ବିଜେଡି ସରକାର ଥିବାବେଳେ ଓଡ଼ିଶାରେ ପ୍ରଚୁର ଗୁରୁ ଖଣିଜ ସମ୍ପଦ ଚୋରି ହୋଇଥିଲା ଯାହାକୁ ଜଷ୍ଟିସ ଶାହା କମିଶନ ଆନୁମାନିକ ୬୦, ୦୦୦ କୋଟି ବୋଲି ଆକଳନ କରିଥିଲେ। ଏହା ସେ କେବଳ ଲୁହାପଥର ଓ ମାଙ୍ଗାନିଜ ଖଣିକୁ ନେଇ କେତେକ ଜିଲ୍ଲାରେ ଅନୁଧ୍ୟାନ କରି ଆକଳନ କରିଥିଲେ। ଯଦି ସେ ସମସ୍ତ ଖଣିଜ ସମ୍ପଦ ଚୋରିର ଯାଂଚ କରିଥାନ୍ତେ ଓ ସବୁ ଜିଲ୍ଲା ବୁଲିଥାନ୍ତେ ତେବେ ଚୋରି ମୂଲ୍ୟ ୧ ଲକ୍ଷ କୋଟି ଛୁଇଁଥାନ୍ତା। କିନ୍ତୁ କଂଗ୍ରେସ ସରକାର କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି କରିନଥିଲେ। ଏହା ସହିତ ତତ୍କାଳୀନ ରାଜ୍ୟ ସରକାର ଯଦି ଲଘୁ ଖଣିଜ ସମ୍ପଦର ଭିଜିଲାନ୍ସ ଯାଂଚ କରିଥାନ୍ତେ ତେବେ ସେଥିରୁ ଚୋରି ଯୋଗୁଁ ଆଉ ୫୦, ୦୦୦ କୋଟି ରାଜ୍ୟ ରାଜକୋଷରୁ କ୍ଷତି ହୋଇଥିବା ଜଣାପଡ଼ିଥାନ୍ତା।

ଏହା ବ୍ୟତୀତ ଏମ୍ଏମ୍‌ଡ଼ିଆର୍ ଆକ୍ଟ (ମାଇନ୍ସ ମିନେରାଲ ଡେଭଲେପମେଂଟ ଆଣ୍ଡ ରେଗୁଲେସନ ଆକ୍ଟ ବା ଖଣି ଏବଂ ଖଣିଜ ପଦାର୍ଥ ବିକାଶ ଏବଂ ନିୟନ୍ତ୍ରଣ ଆଇନ), ୧୯୫୭କୁ ତତ୍କାଳୀନ କଂଗ୍ରେସ ସରକାର ଏପରି ବ୍ୟବହାର କରିଥିଲେ ଯେ ଖଣି ଲିଜ୍‌ରେ କୌଣସି ସ୍ୱଚ୍ଛତା ନଥିଲା ଓ ଯିଏ ଆଗରୁ ଆବେଦନ କଲା ସିଏ ଶାଗ ମାଛ ଦରରେ ଖଣି ଲିଜ୍ ନେଇ ଯାଉଥିଲା।

୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାର ଆସିବା ପରେ ଏମ୍ଏମ୍‌ଡ଼ିଆର୍ ଆକ୍ଟର ୨୦୧୫ ରେ ସଂଶୋଧନ ଅଣାଯାଇ ଏହାକୁ ଅଧିକ ସ୍ୱଚ୍ଛ କରାଗଲା ଓ ଖଣିଜ ସମ୍ପଦ ଥିବା ରାଜ୍ୟମାନେ କିପରି ଅଧିକ ରାଜସ୍ୱ ପାଇବେ ସେଥିପାଇଁ ବ୍ୟବସ୍ଥା କରାଗଲା। ଏହା ସହିତ ଦେଶର ମାଇନିଂ ସେକ୍ଟର ବିଶ୍ୱ ମାଇନିଂ ବଜାରରେ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୁଖି ହୋଇପାରିଲା ଓ କଂଚାମାଲର ଦରଦାମ୍, କେନ୍ଦ୍ର ସରକାର ସ୍ଥିର ରଖି ଦେଶରେ ଖଣିଜଭିତ୍ତିକ ଶିଳ୍ପର ବିକାଶକୁ ବଳ ଦେଲେ। ଏଥିଯୋଗୁଁ ଷ୍ଟିଲ, ସିମେଂଟ୍, ବିଦ୍ୟୁତ ଆଦି ଉତ୍ପାଦନର ବଜାର ଦର ନିୟନ୍ତ୍ରଣରେ ରହିବା ସହିତ ଦେଶ ବିଦେଶରେ ଅନେକ କମ୍ପାନୀ ଭାରତରେ ଖଣିଜଭିତ୍ତିକ ଶିଳ୍ପରେ ଭାଗନେବାକୁ ଅଗ୍ରସର ହେଲେ। ଏବେ ଦେଶରେ ଖଣି ଶିଳ୍ପର ନିରନ୍ତର ବିକାଶ ଓ ଏହାର ଭାଲ୍ୟୁ-ଆଡିସନକୁ ବିଶ୍ୱ ବଜାରରେ ପ୍ରତିଯୋଗୀ କରିବା ପାଇଁ ଓ ବିକଶିତ ଭାରତ-୨୦୪୭ ଭିଜନରେ ଖଣିଜ ଶିଳ୍ପ ଭାଗୀଦାରୀକୁ ବଢ଼ାଇବା ପାଇଁ କେନ୍ଦ୍ର ସରକାର ଏମ୍ଏମ୍‌ଡ଼ିଆର୍ ଆକ୍ଟ -୧୯୫୭ରେ ସଂଶୋଧନ ଆଣିଛନ୍ତି ଯାହା ଦେଶର ଖଣିଜ ଶିଳ୍ପକୁ ଆଗକୁ ବଢ଼ାଇବା ସହିତ ରାଜ୍ୟମାନଙ୍କର ଆର୍ôଥକ ଲାଭକୁ ସୁରକ୍ଷିତ ରଖିବ। କିନ୍ତୁ ବିଜେଡି ଓ କଂଗ୍ରେସ ଏହି ସଂଶୋଧନକୁ ଲୋକଙ୍କ ପାଖରେ ଭୁଲ ଭାବେ ଉପସ୍ଥାପନ କରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଅଗଷ୍ଟ ୨୦୨୬ରେ ସଂସଦର ଉଭୟ ସଦନରେ ପାରିତ ହୋଇଥିବା ଏମ୍ଏମ୍‌ଡ଼ିଆର୍ ସଂଶୋଧିତ ଆଇନର ମୂଳ ଲକ୍ଷ୍ୟ ହେଉଛି ଗୁରୁ ଖଣିଜ କ୍ଷେତ୍ରରେ ଦୀର୍ଘମିଆଦୀ ସ୍ଥିରତା ଓ ନୀତିଗତ ନିଶ୍ଚିତତା ବ୍ୟବସ୍ଥା ସୃଷ୍ଟି କରି ନିବେଶ ଓ ଉତ୍ପାଦନକୁ ଗତି ଦେବା। ଏମ୍ଏମ୍‌ଡ଼ିଆର୍ ଆଇନର ସଂଶୋଧନ କାହିଁକି ହେଲା ତାହା ଲୋକେ ଜାଣିବା ଦରକାର। ବିରୋଧୀ ଦଳମାନେ ଏହା ଜାଣିଥିଲେ ବି ରଣନୀତି ଓ ଦଳୀୟ ସ୍ୱାର୍ଥ ପାଇଁ ଲୋକଙ୍କୁ ଭୁଲ୍ ତଥ୍ୟ ଦେବା ଦେଖାଯାଉଛି।

ଆଇନର ସଂଶୋଧନ କାହିଁକି ହେଉଛି ତାହା ବିଲ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି। ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆଜି ବିଶ୍ୱ, ପୁଞ୍ଜି କିମ୍ବା ପ୍ରଯୁକ୍ତିବିଦ୍ୟା ପରି ଖଣିଜ ପଦାର୍ଥ ପାଇଁ ପ୍ରତିଯୋଗିତା କରୁଛି। ଇସ୍ପାତ, ସିମେଂଟ୍, ବିଦ୍ୟୁତ୍, ଇଲେକ୍ଟ୍ରୋନିକ୍ସ, ପରିବହନ ଏବଂ ପ୍ରତିରକ୍ଷା ସବୁକିଛି ଖଣିଜ ସମ୍ପଦରୁ ଆରମ୍ଭ ହୁଏ। ତେଣୁ ଏହି ସମ୍ପଦର ଏକ ସ୍ଥିର ଏବଂ ସୁସଙ୍ଗତ ବଣ୍ଟନ, ଜାତୀୟ ସୁରକ୍ଷା ଏବଂ ଦୈନନ୍ଦିନ ଜୀବିକା ଉଭୟକୁ ଆକାର ଦିଏ। ଭାରତରେ ଖଣି ଏବଂ ଖଣିଜ ପଦାର୍ଥ ଏମ୍ଏମ୍‌ଡ଼ିଆର୍ ଆଇନ, ୧୯୫୭ ଅଧୀନରେ ନିୟନ୍ତ୍ରିତ। ସଂଶୋଧନ ଆଇନ, ୨୦୨୬, ଏହି କ୍ଷେତ୍ର ପାଇଁ ଏକ ସମାନ ଏବଂ ସନ୍ତୁଳିତ ଆର୍ôଥକ ଢାଂଚା ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖିଛି। ଖଣିଜ ସମ୍ପଦ କିଛି ରାଜ୍ୟରେ ରହିଛି କିନ୍ତୁ ଏହା ସମଗ୍ର ଜାତୀୟ ଅର୍ଥନୀତିକୁ ସାହାଯ୍ୟ କରେ, ଯାହା ଏହାର 'କର'କୁ ଜାତୀୟ ଗୁରୁତ୍ୱ ଦେଇଥାଏ। ଅନିୟନ୍ତ୍ରିତ ବ୍ୟବସ୍ଥା ଏବଂ ଭିନ୍ନ ରାଜ୍ୟର ଟିକସ ଢାଂଚା, ଖଣିର କାର୍ଯ୍ୟ କ୍ଷମତାକୁ କ୍ରମାଗତ ଭାବରେ ନଷ୍ଟ କରେ ଓ ଶିଳ୍ପ ଏବଂ ପରିବାରରେ ଉତ୍ପାଦିତ ଦ୍ରବ୍ୟର ଖର୍ଚ୍ଚ ବୃଦ୍ଧି କରେ। କିନ୍ତୁ ସଂଶୋଧିତ ଆଇନ, ୨୦୨୬ ଖଣିଜ ଦ୍ରବ୍ୟର 'କର' ରେ ସମାନତା ଏବଂ ଯୁକ୍ତିଯୁକ୍ତତା ଆଣିବାକୁ ଚେଷ୍ଟା କରୁଛି। ରାଜ୍ୟଗୁଡ଼ିକ ବର୍ତ୍ତମାନ ଖଣି ଉପରେ ପ୍ରାୟ ୧୪ ପ୍ରକାର କର, ଶୁଳ୍କ ଆଦି ଲାଗୁ କରନ୍ତି। ଏଥିରେ ରୟାଲ୍ଟି, ନିଲାମ ପ୍ରିମିୟମ୍, ଡ଼ିଏମ୍ଏଫ୍ ଦେୟ, ଜିଏସ୍ଟି ଏବଂ ପରିବହନ ଶୁଳ୍କ ଆଦି ଅନ୍ତର୍ଭୁକ୍ତ। କିଛି ରାଜ୍ୟ ଖଣିଜ ପଦାର୍ଥ ଥିବା ଜମି ଉପରେ ଅତିରିକ୍ତ ଭାବରେ କର ଲଗାଇବା ଆରମ୍ଭ କରିଛନ୍ତି, ଯାହା ୨୦ ପ୍ରତିଶତ ପରି ଉଚ୍ଚ ହାରକୁ ଛୁଇଁଛି। ଏହା ଏକ କ୍ରମାଗତ ଏବଂ ଖୋଲା ଓ ଅନିଶ୍ଚିତ ଟିକସ ବୋଝ ସୃଷ୍ଟି କରେ। ଗ୍ରାଫାଇଟ୍ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ୟୁରାନିୟମ୍ ପରି ପରମାଣୁ ଖଣିଜ ପଦାର୍ଥ ଉପରେ ମଧ୍ୟ ଏହି କର ବୋଝ ସୃଷ୍ଟି କରେ ଯାହା ଏହି ରଣନୈତିକ ଖଣିଜ ପଦାର୍ଥର ନିଷ୍କାସନକୁ ଅବ୍ୟବସ୍ଥିତ କରେ। ରାଜ୍ୟ ରାଜ୍ୟ ମଧ୍ୟରେ ଭିନ୍ନ 'କର' ହାର ଉତ୍ପାଦନରେ ଅସମାନତା ସୃଷ୍ଟି କରେ। ରଣନୈତିକ ଖଣିଜ ପ୍ରକଳ୍ପଗୁଡ଼ିକୁ ବାଣିଜ୍ୟିକ ଭାବରେ କାର୍ଯ୍ୟକ୍ଷମ ରଖିବା ପାଇଁ ଟିକସର ଯୁକ୍ତିଯୁକ୍ତକରଣ ଆବଶ୍ୟକ। ଯେତେବେଳେ ଅଧିକ ଟିକସ ବୋଝ ହୁଏ, ସେତେବେଳେ ଭାରତୀୟ ଖଣିଜ ପଦାର୍ଥ ଅପେକ୍ଷା ବିଦେଶରୁ କଂଚାମାଲ ଆମଦାନୀ କରିବା ଅଧିକ ଲାଭବାନ ହୁଏ। ଏଥିଯୋଗୁଁ ଦେଶର ଖଣି ଶିଳ୍ପ କ୍ଷତିଗ୍ରସ୍ତ ହୁଏ ଓ କମ୍ପାନୀମାନେ ବିଦେଶରୁ କଂଚାମାଲ ଆମଦାନୀ କରନ୍ତି। ଏଥିଯୋଗୁଁ ଆମର ଖଣିଜ ସମ୍ପଦ ଥାଇବି ୨୦୨୫ -୨୬ ଆର୍ôଥକ ବର୍ଷରେ ୧୦, ୧୨, ୫୨୯ କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶରୁ ଆମଦାନୀ ହୋଇଥିଲା। ଖଣିଜ କ୍ଷେତ୍ରରେ "ଆତ୍ମନିର୍ଭରତା" ଲକ୍ଷ୍ୟ ପାଇଁ ଏହି ଖର୍ଚ୍ଚ ବୃଦ୍ଧିକୁ ରୋକିବା ଅତ୍ୟନ୍ତ ଜରୁରି।

ସେହିପରି, ଖଣିଜ ଉପରେ ଟିକସ ସିଧାସଳଖ ଖଣିଜ ମୂଲ୍ୟରେ ଯୋଡାଯାଏ। ଏଥିଯୋଗୁଁ ଇସ୍ପାତ, ସିମେଂଟ୍, ବିଦ୍ୟୁତ୍ ଏବଂ ନିର୍ମାଣରେ ଦରଦାମ୍ ବଢେ। ସାଧାରଣ ପରିବାର, ଗୃହ, ବିଦ୍ୟୁତ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଅଧିକ ଦେୟ ଦିଅନ୍ତି। ଯଦି ଖଣି ଶିଳ୍ପ କ୍ଷତିଗ୍ରସ୍ତ ହୁଏ ତେବେ ଖଣି ବନ୍ଦ ହୁଏ ଓ କୋଟି କୋଟି ଶ୍ରମିକ ନିଯୁକ୍ତି ହରାନ୍ତି। ଅନ୍ୟପଟେ ନିବେଶକମାନେ କେବଳ ସେହି ସ୍ଥାନରେ ଖଣି ପାଇଁ ପୁଞ୍ଜି ଲଗାନ୍ତି ଯେଉଁଠାରେ 'ଟିକସ' ସ୍ଥିର ଥାଏ। ହଠାତ୍ ଟିକସରେ ପରିବର୍ତ୍ତନ ସାଧାରଣ ଜନତାଙ୍କୁ ନିରୁତ୍ସାହିତ କରେ।

ଏହିସବୁ କାରଣରୁ ଆଇନରେ ସଂଶୋଧନ ହୋଇଛି। ରାଜ୍ୟମାନେ ପୂର୍ବଭଳି ରୟାଲିଟି, ଡ଼ିଏମ୍ଏଫ୍ ଅନୁଦାନ ଓ ଅନ୍ୟାୟ ଟିକସ ପାଇବାବେଳେ କେବଳ ଖଣିଜ ପଦାର୍ଥ ବା ଜମି ଉପରେ ବିନା କେନ୍ଦ୍ର ଅନୁମୋଦନରେ ନୂତନ କର ଆଦାୟ କରିପାରିବେ ନାହିଁ ଓ ପଛୁଆ ତାରିଖରୁ ଟିକସ ଆଦାୟ କରିପାରିବେ ନାହିଁ। କିନ୍ତୁ ଯାହା ଆଦାୟ କରାଯାଇଛି ତାକୁ ଆଉ ଫେରାଇବା ଆବଶ୍ୟକ ନାହିଁ।

ଆଇନର ପ୍ରମୁଖ ବ୍ୟବସ୍ଥା ଏମ୍ଏମ୍‌ଡ଼ିଆର୍ ଆଇନ, ୧୯୫୭ରେ ନୂତନ ଧାରା ୯-ଡି ଯୋଡିହୋଇଛି। ଏହା ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ଖଣିଜ କିମ୍ବା ଖଣିଜ ପଦାର୍ଥ ଥିବା ଜମି ଉପରେ କୌଣସି ଟିକସ, ସେସ୍ କିମ୍ବା ଅନ୍ୟ କୌଣସି ଟିକସ ଲାଗୁ କରାଯିବ ନାହିଁ। ଏପରି ଟିକସ କେବଳ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳୀ କିମ୍ବା ପ୍ରତିବନ୍ଧକ ଅନୁଯାୟୀ ଲାଗୁ କରାଯାଇପାରେ। ଦ୍ୱିତୀୟରେ ସଂଶୋଧନ ଲାଗୁହେବା ପୂର୍ବରୁ ରାଜ୍ୟଦ୍ୱାରା ସଂଗ୍ରହ କରାଯାଇନଥିବା ଯେକୌଣସି ଟିକସକୁ ଅବୈଧ ବୋଲି ବିବେଚନା କରାଯିବ କିନ୍ତୁ ପୂର୍ବରୁ ଜମା କିମ୍ବା ଆଦାୟ କରାଯାଇଥିବା ପରିମାଣ ଫେରସ୍ତ କରାଯିବ ନାହିଁ। ତୃତୀୟରେ କେନ୍ଦ୍ର ସରକାରଙ୍କୁ ନିୟମ ପ୍ରଣୟନ କରିବାକୁ କ୍ଷମତା ଦେବା ପାଇଁ ଏମ୍ଏମ୍‌ଡ଼ିଆର୍ ଆଇନର ଧାରା -୧୩ ସଂଶୋଧନ କରାଯାଇଛି।

ଏହି ସଂଶୋଧନ ଫଳରେ ରାଜ୍ୟର ରାଜସ୍ୱ ଏବଂ ସ୍ୱାର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଏକ ସ୍ୱଚ୍ଛ, ନିଲାମ-ଆଧାରିତ ବ୍ୟବସ୍ଥା ଅଧୀନରେ ୨୦୧୫ ପରଠାରୁ ରାଜ୍ୟଗୁଡ଼ିକୁ ସଂଗୃହୀତ ଖଣିଜ ରାଜସ୍ୱ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଆଇନର ସଂଶୋଧନ ଏହି ସ୍ଥିତିକୁ ପରିବର୍ତ୍ତନ କରିବ ନାହିଁ। ଯାହାଫଳରେ ରାଜ୍ୟଗୁଡ଼ିକ ଖଣି ରାଜସ୍ୱର ଅତ୍ୟଧିକ ଅଂଶ ପାଇବା ଜାରି ରଖିବେ। ୨୦୧୪ ପୂର୍ବରୁ, ଏହି କ୍ଷେତ୍ରକୁ ଇଚ୍ଛାଧୀନ ଏବଂ ଅଣ-ସ୍ୱଚ୍ଛ ଅନୁଦାନ ଏବଂ ରିହାତିର ନବୀକରଣ ଦ୍ୱାରା ଚିହ୍ନିତ କରାଯାଇଥିଲା। ମାମଲା ବାରମ୍ବାର କୋର୍ଟକୁ ଯାଉଥିଲା, ଉତ୍ପାଦନ କମ୍ ଥିଲା ଏବଂ ରାଜ୍ୟର ରାଜସ୍ୱ କମ୍ ରହିଥିଲା। କିନ୍ତୁ ୨୦୧୫ରେ ସଂଶୋଧନ ପରେ, ଖଣିଜ ଉତ୍ପାଦନରୁ ରାଜ୍ୟଗୁଡ଼ିକୁ ୩୫୪ ପ୍ରତିଶତ ବୃଦ୍ଧି ପାଇଛି ଏବଂ କୋଇଲା ସମେତ ଅନ୍ୟ କ୍ଷେତ୍ରରୁ ରାଜ୍ୟମାନେ ୭ ଲକ୍ଷ କୋଟିରୁ ଅଧିକ ରାଜସ୍ୱ ପାଇଛନ୍ତି।

ଖଣି କ୍ଷେତ୍ର ରାଜସ୍ୱର ପ୍ରାୟ ୯୦ ପ୍ରତିଶତ ବର୍ତ୍ତମାନ ରାଜ୍ୟଗୁଡ଼ିକୁ ଯାଉଛି। ମୋଟ ଖଣିଜ ରାଜସ୍ୱ, କୋଇଲା ଏବଂ ଅଣ-କୋଇଲାରେ ସେମାନଙ୍କର ଅଂଶ ଏକ ଦଶନ୍ଧିରେ ପ୍ରାୟ ୨୮ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୫-୨୬ରେ ପ୍ରାୟ ୧, ୧୪, ୫୪୯.୨୮କୋଟିରେ ପହଁଚିଛି। କୋଇଲା କ୍ଷେତ୍ର ଏହି ପରିବର୍ତ୍ତନକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। ରାଜ୍ୟଗୁଡ଼ିକ ୨୦୧୪-୧୫ରେ ୧୧, ୯୪୭.୯୭ କୋଟି ପାଇଥିଲେ, ଯାହା ୨୦୨୫-୨୬ରେ ବୃଦ୍ଧି ପାଇ ୩୨, ୧୮୩.୦୯ କୋଟିରେ ପହଁଚିଛି। କେନ୍ଦ୍ରର ଅଂଶ ସେହି ସମୟ ମଧ୍ୟରେ ୯, ୫୩୪.୨୪ କୋଟିରୁ ହ୍ରାସ ପାଇ ୩, ୭୭୧.୮୨ କୋଟିକୁ ପହଁଚିଛି ଅର୍ଥାତ୍ ୨୨.୯୭ ପ୍ରତିଶତରୁ ୧୦.୫ ପ୍ରତିଶତକୁ କମିଛି। ଏହା ଦର୍ଶାଉଛି ଯେ କେନ୍ଦ୍ର କମ୍ ଅର୍ଥ ନେବା ବେଳେ ରାଜ୍ୟମାନେ ଟିକସର ଅଗ୍ରଭାଗ ନେଉଛନ୍ତି।

ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ ୨୦୧୩-୧୪ ଆର୍ôଥକ ବର୍ଷରେ ୧୩, ୫୮୬.୧୬ କୋଟି ପାଇଥିଲେ, ଯାହା ୨୦୨୫-୨୬ ଆର୍ôଥକ ବର୍ଷରେ ବୃଦ୍ଧି ପାଇ ୮୨, ୩୬୬.୧୯ କୋଟିରେ ପହଁଚିଛି। ଏହା ବାରବର୍ଷ ମଧ୍ୟରେ ୧୬.୨୦ ପ୍ରତିଶତର ଏକ ଚକ୍ରବୃଦ୍ଧି ହାର। ୨୦୧୫-୧୬ ଏବଂ ୨୦୨୫-୨୬ ଆର୍ôଥକ ବର୍ଷ ମଧ୍ୟରେ, ରାଜ୍ୟଗୁଡ଼ିକୁ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କା ପାଇଛନ୍ତି କିନ୍ତୁ କେନ୍ଦ୍ର କେବଳ ପ୍ରାୟ ୮୨, ୦୦୦ କୋଟି ଟଙ୍କା ପାଇଛି। ଓଡ଼ିଶା ୨୦୧୫ ପୂର୍ବରୁ ୫୦୦୦ କୋଟି ଟଙ୍କା ପାଉଥିବା ବେଳେ ୨୦୧୫ ପରେ ୫୫୦୦୦ କୋଟି ଟଙ୍କା ପାଇଛି। ସଂଶୋଧିତ ଆଇନ ଏହି ସ୍ଥିତିକୁ ଅପରିବର୍ତ୍ତିତ ରଖିଛି।

୨୦୧୫ରେ ପ୍ରଚଳିତ ନୂଆ ନିଲାମ ବ୍ୟବସ୍ଥା, ରାଜ୍ୟଗୁଡ଼ିକୁ ଏକ ସମ୍ପୂର୍ଣ୍ଣ ନୂତନ ନିଲାମ 'ପ୍ରିମିୟମ' ଦେଉଛି। ୨୦୧୫ ପରଠାରୁ, ରାଜ୍ୟଗୁଡ଼ିକ ୧୨୦୦ କାର୍ଯ୍ୟକ୍ଷମ ଖଣିରୁ ରୟାଲଟି ଭାବରେ ୨.୩୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। କେବଳ ୧୦୦ ନିଲାମ ହୋଇଥିବା ଖଣିରୁ, ସେମାନେ ନିଲାମ ପ୍ରିମିୟମ ଭାବରେ ୯୬, ୦୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଓଡ଼ିଶା, ଏହାର ୭୯ ନିଲାମ ହୋଇଥିବା ବ୍ଲକ୍ ମଧ୍ୟରୁ ୩୫ଟିକୁ କାର୍ଯ୍ୟକ୍ଷମ କରି, ୨୦୨୦-୨୧ ଏବଂ ୨୦୨୫-୨୬ ମଧ୍ୟରେ ପ୍ରାୟ ୮୭, ୦୦୦ କୋଟି ଟଙ୍କା ପ୍ରିମିୟମ ଆୟ କରିଛି।

ସେହିଭଳି ବାଲି, ପଥର, ମାଟି, ସିଲିକା, ଗ୍ରାନାଇଟ୍, ମାର୍ବଲ୍, ଜିପ୍ସମ୍, ଲାଟେରାଇଟ୍ ସମେତ ପ୍ରାୟ ୫୦ ଟି କ୍ଷୁଦ୍ର ଖଣିଜ ପଦାର୍ଥ ସମ୍ପୂର୍ଣ୍ଣ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ। ସଂଶୋଧିତ ଆଇନର ଏଗୁଡ଼ିକ ଉପରେ କୌଣସି ପ୍ରଭାବ ନାହିଁ। ଏହା ଉପରେ ରାଜ୍ୟ କର୍ତ୍ତୃତ୍ୱ ପୂର୍ବପରି ଜାରି ରହିଛି।

ତେଣୁ ମୁଖ୍ୟ କଥା ହେଲା, ଆଗକୁ ରାଜ୍ୟର ଖଣିଜ ସ୍ୱାର୍ଥରେ କ୍ଷତି ହେବ ନାହିଁ ବରଂ ଲାଭ ହେବ। ରାଜ୍ୟରେ ଅନେକ ଖଣିଜଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହେବ ଓ ଏହା ଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟ ଅଧିକ ଖଣିଜ ରାଜସ୍ୱ ପାଇବ। ଏହା ସ୍ପଷ୍ଟ ଯେ ରାଷ୍ଟ୍ରର ବିକାଶ ହେଲେହିଁ ରାଜ୍ୟର ବିକାଶ ହେବ ଏବଂ ରାଷ୍ଟ୍ରର ବିକାଶକୁ ଛାଡି ରାଜ୍ୟର ବିକାଶ ହୋଇପାରିବ ନାହିଁ। ବିକଶିତ ଓଡ଼ିଶା -୨୦୩୬ ଓ ବିକଶିତ ଭାରତ -୨୦୪୭ ସ୍ୱପ୍ନ ସାକାର ହେବା ଦିଗରେ ଏହି ସଂଶୋଧନ ସହାୟକ ହେବ।

ଆଜି ଯେଉଁମାନେ ବିଲ୍ର ସଂଶୋଧନକୁ ସମାଲୋଚନା କରୁଛନ୍ତି ସେମାନେ ଓଡ଼ିଶାକୁ ୨୦୧୫ ପରେ ମିଳିଥିବା ଅଧିକ ଖଣିଜ ଆୟକୁ କିପରି ବେପରୁଆ ଓ ଦୁର୍ନୀତିଖୋର ଭାବେ ଖର୍ଚ୍ଚ କରୁଥିଲେ ତାହା ଉପରେ ସମୀକ୍ଷା କରିବା କଥା। ଅଧିକ ରାଜସ୍ୱ ଆସିବାପରେ ଏହାର କିପରି ସଦ୍‌ବିନିଯୋଗ ହୋଇ ଲୋକଙ୍କ ବିକାଶ ହେବ ତାହା ଉପରେ ସମସ୍ତେ ମିଳିମିଶି କାମ କରିବା ଆବଶ୍ୟକ। କେବଳ ରାଜନୈତିକ ଉଦ୍ଦେଶ୍ୟରେ ଲୋକଙ୍କୁ ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କଲେ ଲୋକେ କ୍ଷମା କରିବେ ନାହିଁ।

ଭାରତର ସଂସଦ, ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ହୋଇଥିବାରୁ ଏହା ନିଜର ସାମ୍ବିଧାନିକ ତଥା ଆଇନଗତ ପରିଧି ଭିତରେ ଏମ୍ଏମ୍ଡିର ଆଇନର ସଂଶୋଧନ ଜନସାଧାରଣଙ୍କ ହିତରେ କରିଛି। ଖଣିଜ ସମ୍ପଦର ସୁରକ୍ଷା, ସ୍ୱଚ୍ଛ ଶାସନ, ନିବେଶର ବିସ୍ତାର, ଉତ୍ପାଦନ ବୃଦ୍ଧି ଓ ରାଜ୍ୟମାନଙ୍କର ରାଜସ୍ୱ ସୁରକ୍ଷା କହଇ ସମନ୍ୱିତ ଦୃଷ୍ଟିକୋଣ ହିଁ ବିକଶିତ ଭାରତର ମଜଭୁତ ଭିତିଭୂମି ହେବ।

ରାଜ୍ୟ ସାଧାରଣ ସମ୍ପାଦକ, ଭାରତୀୟ ଜନତା ପାର୍ଟି, ଓଡିଶା
ମୋବାଇଲ୍:୯୪୩୭୦୮୮୨୦୯

# ଧର୍ମ ବିଶ୍ୱାସ ସହ ଆଲୋଚନାତ୍ମକ ଚିନ୍ତନ ଜରୁରୀ



ଗୋପାଳ ମହାପାତ୍ର

ଧର୍ମ ମନୁଷ୍ୟ ଜୀବନରେ କେବଳ ପୂଜା-ପଦ୍ଧତି ବା କର୍ମକାଣ୍ଡର ବିଷୟ ନୁହେଁ। ଏହା ମନୁଷ୍ୟର ବିଶ୍ୱାସ, ସଂସ୍କୃତି, ନୈତିକତା, ପରମ୍ପରା ଏବଂ ଜୀବନ-ଦୃଷ୍ଟି ସହ ଯୋଡି ହୋଇଥିବା ବିଶୟ ଅଟେ। ଧର୍ମଗ୍ରନ୍ଥ ସବୁ କାହିଁ କେତେ ବର୍ଷ ପୂର୍ବରୁ ଲେଖା ହୋଇଥିଲେ ମଧ୍ୟ ସେ ସବୁ ସମାଜକୁ ନୈତିକ ମୂଲ୍ୟ, କର୍ତ୍ତବ୍ୟ, କରୁଣା, ସଂଯମ, ସତ୍ୟ ଏବଂ ପରୋପକାର ର ସନ୍ଦେଶ ଦେଉଛି। ଏହି କାରଣରୁ କୋଟି କୋଟି ଲୋକ ଶ୍ରଦ୍ଧାର ସହ ଧାର୍ମିକ ଗ୍ରନ୍ଥ ପଢ଼ିଥାନ୍ତି ଏବଂ ସେଥିରୁ ନିଜର ଜୀବନ ପାଇଁ ପ୍ରେରଣା ନେଇଥାନ୍ତି କିନ୍ତୁ ଶ୍ରଦ୍ଧାର ଅର୍ଥ ଏହା ନୁହେଁ ଯେ କୌଣସି ବି ଧର୍ମଗ୍ରନ୍ଥ (ପୁସ୍ତକ)ରେ ଲିଖିତଥିବା ସମସ୍ତ କଥାକୁ ବିନା ପ୍ରଶ୍ନ କରାଯାଇ, ସନ୍ଦର୍ଭ ବାବଦରେ ନ ବୁଝି ଏବଂ ବିନା ତର୍କରେ ସ୍ୱୀକାର କରାଯିବ। ଆମ ସମାଜରେ ସାଧାରଣତଃ ଏକ ପ୍ରବୃତ୍ତି ଦେଖାଯାଉଛି ଯେ ଯଦି କୌଣସି ଧର୍ମଗ୍ରନ୍ଥର କୌଣସି ପ୍ରସଙ୍ଗ ଉପରେ କେହି ପ୍ରଶ୍ନ ଉଠାଉଛି ସେତେବେଳେ ପ୍ରଶ୍ନର ଉତ୍ତର ବାବଦରେ କେହି କେବେ ଚର୍ଚ୍ଚା କରୁନାହାଁନ୍ତି ବରଂ ପ୍ରଶ୍ନ ଉଠାଇଥିବା ବ୍ୟକ୍ତିକୁ ପାଲଟା ପ୍ରଶ୍ନ କରାଯାଉଛି ଓ ତାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି। ପ୍ରଶ୍ନ ପଚାରିଥିବା ବ୍ୟକ୍ତିଙ୍କୁ ଧର୍ମ ବିରୋଧି, ପରମ୍ପରା ବିରୋଧି ଏପରିକି ସମାଜ-ବିରୋଧି ବୋଲି କୁହାଯାଉଛି। ଏହା ଦ୍ୱାରା କଠୋରତା ବଢ଼ୁଛି। ଯଦି କୌଣସି ପ୍ରଶ୍ନର ଉତ୍ତର ଉପଲବ୍ଧ ତେବେ ଶାନ୍ତି ପୂର୍ବକ ପ୍ରଶ୍ନକର୍ତ୍ତାଙ୍କୁ ବୁଝାଇ ଦିଆଯିବା ଦରକାର। ଯଦି କୌଣସି ପ୍ରସଙ୍ଗ ବା କଥନର ଭିନ୍ନ ଭିନ୍ନ ବ୍ୟାଖ୍ୟା ହୋଇଥାଏ ତେବେ ତା ଉପରେ ଚର୍ଚ୍ଚା କରାଯିବା ଆବଶ୍ୟକ। ଯଦି କୌଣସି ପ୍ରସଙ୍ଗ ଐତିହାସିକ ସନ୍ଦର୍ଭରେ ଥାଏ ତେବେ ତାର ସନ୍ଦର୍ଭକୁ ବୁଝିବା ଓ ବୁଝାଇବା ମଧ୍ୟ ଜରୁରୀ।

ଧାର୍ମିକ ଗ୍ରନ୍ଥକୁ ତାର ସମୟ ଏବଂ ପରିସ୍ଥିତିରୁ ଉର୍ଦ୍ଧ୍ୱରେ ରଖି ପଢ଼ିବା ମଧ୍ୟ ସମସ୍ୟା ସୃଷ୍ଟି କରିପାରେ। ସମ୍ପୃକ୍ତ ଧର୍ମଗ୍ରନ୍ଥ ଯେଉଁ ସମୟରେ ଲେଖା ଯାଇଥିଲା ସେ ସମୟରେ ସମାଜର ସ୍ଥିତି ଓ ଅବସ୍ଥା ଯାହା ଥିଲା ଆଜି ଏବେ ସମାଜ ସେଇ ଅବସ୍ଥାରେ ନାହିଁ। ସେ ସମୟର ସାମାଜିକ ସଂରଚନା, ଶାସନ ବ୍ୟବସ୍ଥା, ଶିକ୍ଷା, ବିଜ୍ଞାନ, ପରିବାର ବ୍ୟବସ୍ଥା ଏବଂ ଆର୍ଥୀକ ପରିସ୍ଥିତି ଭିନ୍ନ ଥିଲା। ଏଣୁ ଧର୍ମଗ୍ରନ୍ଥ ମାନଙ୍କର ପ୍ରାଚୀନ କଥନର ଅର୍ଥ ବୁଝିବା ପାଇଁ ତାର ମୂଳ ସନ୍ଦର୍ଭ, ଭାଷା, ପ୍ରତୀକ ଏବଂ ସେ ସମୟର ସାମାଜିକ ପରିସ୍ଥିତିକୁ ମଧ୍ୟ ବୁଝିବା ଆବଶ୍ୟକ। ବର୍ତ୍ତମାନ ସମୟରେ ସେଇ କଥନର ଶାବ୍ଦିକ ବ୍ୟାଖ୍ୟା କରାଗଲେ ଅନେକ ସମୟରେ ମୂଳ ସନ୍ଦର୍ଭ ପୁରାପୁରି ଭିନ୍ନ ଥିବାଭଳି ଧାରଣା ମଧ୍ୟ ସୃଷ୍ଟି ହୋଇପାରେ। ଏଣୁ ଧାର୍ମିକ ଗ୍ରନ୍ଥ ବା ପୁସ୍ତକର ଅଧ୍ୟୟନ କେବଳ ଶ୍ରଦ୍ଧାରେ ନୁହେଁ ବରଂ ଜ୍ଞାନ, ଇତିହାସ, ଭାଷା ଏବଂ ଦର୍ଶନର ଦୃଷ୍ଟିରେ ହେବା ଆବଶ୍ୟକ। ଶ୍ରଦ୍ଧା ମନୁଷ୍ୟକୁ ପ୍ରେରଣା ଦେଇଥାଏ ଯଦିଓ ତାକୁ ସଠିକ ଅର୍ଥରେ ବୁଝିବାରେ ସହାୟତା କରିଥାଏ। ଉଭୟର ସନ୍ତୁଳନ ସମାଜକୁ ଅଧିକ ପରିପକ୍ୱ କରାଇଥାଏ। ସବୁଠାରୁ ସମ୍ବେଦନଶୀଳ ବିଷୟ ସେତେବେଳେ ସାମନାକୁ ଆସେ ଯେତେବେଳେ କୌଣସି ଧାର୍ମିକ କଥନର ବ୍ୟାଖ୍ୟାର ଆଧାରରେ ସ୍ତ୍ରୀ-ପୁରୁଷ ଅସମାନତା, ଜାତିଗତ ଭେଦଭାବ, ଅସ୍ପୃଶ୍ୟତା, ହିଂସା, ସାମାଜିକ ବହିଷ୍କାର ବା କୌଣସି ବର୍ଗ ପ୍ରତି ଘୃଣାକୁ ଉଚିତ ବୋଲି ମାନିନେବାକୁ ପ୍ରୟାସ କରାଯାଇଥାଏ। ଆଧୁନିକ ଗଣତାନ୍ତ୍ରିକ ସମାଜର ମୂଳଦୁଆ ହେଉଛି ସମାନତା, ସ୍ୱତନ୍ତ୍ରତା, ଗରିମା ଏବଂ ନ୍ୟାୟ। ଏଣୁ କୌଣସି ବି ବ୍ୟାଖ୍ୟା ଯଦି ମନୁଷ୍ୟର ଗରିମା କୁ ହ୍ରାସ କରେ ତେବେ ତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ସମାଜରେ ଧାର୍ମିକ ଶିକ୍ଷାର ଉଦ୍ଦେଶ୍ୟ ବ୍ୟକ୍ତି କ'ଣ ମାନୁଛି ହେବା ଉଚିତ୍ ନୁହେଁ ବରଂ କାହିଁକି ମାନୁଛି ହେବା ଉଚିତ୍। କେହି ଯଦି ପ୍ରଶ୍ନ କରେ ତେବେ ତାର ବିଶ୍ୱାସ ସମାପ୍ତ ହୋଇଯାଇଛି ବୋଲି ଭାବିବା ପରିବର୍ତ୍ତେ ତାର ବିଚାର ଶକ୍ତି ଗଭୀର ଓ ସେ ଅଧିକ କିଛି ଜାଣିବାକୁ ଚାହୁଁଛି ବୋଲି ଭାବିବା ଉଚିତ୍। ଯେଉଁ ବିଶ୍ୱାସକୁ ପ୍ରଶ୍ନକୁ ନେଇ ଡ଼ରଲାଗେ ସେଇ ବିଶ୍ୱାସ ଦୁର୍ବଳ ହୋଇପାରେ କିନ୍ତୁ ଯେଉଁ ବିଶ୍ୱାସ ପ୍ରଶ୍ନକୁ ସାମନା କରିପାରେ ସେ ବିଶ୍ୱାସ ଅଧିକ ପରିପକ୍ୱ ଏବଂ ମଜଭୁତ ହୋଇଥାଏ। ଆଜିର ଡ଼ିଜିଟାଲ ଯୁଗରେ ଏସବୁ ବିଶୟ ଅଧିକ ମହତ୍ୱପୂର୍ଣ୍ଣ ହୋଇଯାଇଛି। ସାମାଜିକ ଗଣ ମାଧ୍ୟମରେ ଧାର୍ମିକ ପୁସ୍ତକ ନାମରେ ଅଧାପନ୍ତରିଆ ଉଦାହରଣ, ତୃଟିପୁର୍ଣ୍ଣ ଅନୁବାଦ ଏବଂ ସନ୍ଦର୍ଭରେ ନଥିବା କଥନ ସବୁ ଅଧିକ ଭାବରେ ପ୍ରସାରିତ ହେଉଛି। ଲୋକମାନେ ଅନେକ ସମୟରେ ମୂଳ ଗ୍ରନ୍ଥର କଥନକୁ ନଦେଖି ସାମାଜିକ ଗଣ ମାଧ୍ୟମର ତୃଟିପୁର୍ଣ୍ଣ କଥାକୁ ସତ୍ୟବୋଲି ମାନି ନେଉଛନ୍ତି। ଏହି କାରଣରୁ ଧାର୍ମିକ ବିବାଦ ସୃଷ୍ଟି ହେଉଛି ଏବଂ ସାମାଜିକ ବିଦ୍ୱେଷ ବଢ଼ୁଛି। ଏଣୁ ମୂଳ ଗ୍ରନ୍ଥ, ଏହାର ସଠିକ ଅନୁବାଦ ଏବଂ ଏହାର ସନ୍ଦର୍ଭକୁ ଦେଖାଯିବା ପରେ ପ୍ରସାରିତ ତଥ୍ୟ ଉପରେ ବିଶ୍ୱାସ ବା ଅବିଶ୍ୱାସ କରାଯିବା ଆବଶ୍ୟକ। ଧାର୍ମିକ ଗ୍ରନ୍ଥର କୌଣସି କଥନ ଉପରେ ପ୍ରଶ୍ନ ଉଠାଇବା ପୁର୍ବରୁ ସେ ବାବଦରେ ପ୍ରମାଣ, ସନ୍ଦର୍ଭ ଏବଂ ତର୍କ ମଧ୍ୟ ଉପସ୍ଥାପନ କରାଯିବା ଜରୁରୀ। କୌଣସି ଧାର୍ମିକ ଗୋଷ୍ଠୀଙ୍କୁ ଅପମାନିତ କରିବା ବା ଧାର୍ମିକ ଭାବନା ଉପରେ ତୃଟିପୁର୍ଣ୍ଣ ମନ୍ତବ୍ୟ ଦେବା ଆଲୋଚନାତ୍ମକ ଚିନ୍ତନ ନୁହେଁ। ଏହା କେବଳ ବିବାଦ ସୃଷ୍ଟି କରିଥାଏ। ସମାଜ ବଦଳୁଛି, ଭାଷା ବଦଳୁଛି ଏବଂ ପ୍ରଶ୍ନ ମଧ୍ୟ ବଦଳୁଛି। ଯଦି କୌଣସି ପୁରୁଣା ବ୍ୟାଖ୍ୟା ଆଜିର ସନ୍ଦର୍ଭରେ ସମସ୍ୟା ସୃଷ୍ଟି କରୁଛି ତେବେ ତା ଉପରେ ପୁନଃ ବିଚାର କରିବା ଧର୍ମର ଅବମାନନା ନୁହେଁ ବରଂ ଏହାର ଜୀବନ୍ତତାର ସଙ୍କେତ ହୋଇପାରେ।

ଧାର୍ମିକ ପରମ୍ପରାରେ ଆତ୍ମମନ୍ଥନର ପରମ୍ପରା ରହିଛି। ସାଧୁସନ୍ଥ, ଦାର୍ଶନିକ ଏବଂ ସମାଜ ସୁଧାରକମାନେ ସମୟ ସମୟରେ ଅନେକ ପ୍ରଶ୍ନ ଉଠାଇଥାନ୍ତି। ସେମାନେ ସମାଜକୁ ଏକଥା ସୂଚାଇ ଥାନ୍ତି ଯେ ଧର୍ମର ମୂଳ ଉଦେଶ୍ୟ ସମାଜକୁ ଜୋଡିବା, ନୈତିକତାର ଶିକ୍ଷା ଦେବା ଏବଂ ସମାଜ (ମନୁଷ୍ୟ) ଭିତରେ କରୁଣା ଭାବ ସୃଷ୍ଟି କରିବା। ମନୁଷ୍ୟଠାରୁ ଭିନ୍ନ କରିବା ଧର୍ମର ଉଦେଶ୍ୟନୁହେଁ। ଏ ପ୍ରସଙ୍ଗରେ ଏକ ବ୍ୟାପକ ସିଦ୍ଧାନ୍ତ ହେଉଛି ଯେଉଁ କଥା ମାନବତା, କରୁଣା, ସତ୍ୟ, ନ୍ୟାୟ ଏବଂ ସମାନତାକୁ ମଜଭୁତ କରିଥାଏ ତାକୁ ସ୍ୱୀକାର କରିବାରେ ସଙ୍କୋଚ ହେବା ଉଚିତ୍ ନୁହେଁ ଏବଂ ଯାହା ଏସବୁ ମୂଲ୍ୟର ବିରୋଧି ତା ଉପରେ ପ୍ରଶ୍ନ ଉଠାଇବାକୁ ଡ଼ରିବା ମଧ୍ୟ ଉଚିତ ନୁହେଁ। ଏହି ଦୃଷ୍ଟିକୋଣ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ପାଇଁ ନୁହେଁ, ସବୁଧର୍ମ ପାଇଁ। ଚୟାନାତ୍ମକ ଆଲୋଚନା ନିରପେକ୍ଷ ନୁହେଁ। ବାସ୍ତବିକ ବୌଦ୍ଧିକ ସ୍ୱତନ୍ତ୍ରତାର ଅର୍ଥ ହେଉଛି ସବୁ ବିଚାରକୁ ସମାନ ତର୍କର ଆଧାରରେ ପରଖାଯାଏ। ଏକଥା ମଧ୍ୟ ବୁଝିବା ଉଚିତ ଯେ ଧାର୍ମିକ ପୁସ୍ତକ କେବଳ ଏକ ଐତିହାସିକ ଦସ୍ତାବିଜ୍ ନୁହେଁ ଏହା କୋଟି କୋଟି ଲୋକଙ୍କ ଭାବନା ସହ ଯୋଡି ହୋଇଛି। ଏଣୁ ଧର୍ମ ବା ଧାର୍ମିକ ଗ୍ରନ୍ଥ ବାବଦରେ ଆଲୋଚନା କଲାବେଳେ ଭାଷାର ସଞ୍ଜମତା ଆବଶ୍ୟକ। ଅପମାନଜନକ ଶବ୍ଦ ବିନା କଠୋର ପ୍ରଶ୍ନ ମଧ୍ୟ ପଚରାଯାଇପାରେ। କୌଣସି ବିଚାର ଉପରେ ଅସହମତି ପ୍ରକାଶ କରାଯାଇପାରେ କିନ୍ତୁ ସମ୍ପୃକ୍ତ ବିଚାରକୁ ମାନୁଥିବା ଲୋକଙ୍କୁ ନିଚା ଦେଖାଇବା ଅନୁଚିତ। ଏହା ହେଉଛି ସଭ୍ୟ ସମାଜର ପରିଚୟ। ଧର୍ମ ଏବଂ ଆଲୋଚନାତ୍ମକ ଚିନ୍ତନକୁ ପରସ୍ପର ବିରୋଧି ଭାବିବା ଭୁଲ ଅଟେ। ଆସ୍ଥା ବ୍ୟକ୍ତିର ନିଜସ୍ୱ ବିଶ୍ୱାସ ହୋଇପାରେ କିନ୍ତୁ ଯେତେବେଳେ କୌଣସି ଧାର୍ମିକ ବିଚାରର ବ୍ୟାଖ୍ୟା ସାର୍ବଜନୀକ ଜୀବନ ଆଇନ୍, ଶିକ୍ଷା, ସାମାଜିକ ସମ୍ପର୍କ ଅଥବା ନାଗରିକ ଅଧିକାରକୁ ପ୍ରଭାବିତ କରିଥାଏ ସେତବେଳେ ସେଇ ବିଚାର ଉପରେ ସାର୍ବଜନୀକ ବିମର୍ଷ ସ୍ୱାଭାବିକ ଏବଂ ଆବଶ୍ୟକ ହୋଇଥାଏ। ଗଣତନ୍ତ୍ରରେ କୌଣସି ବିଚାରକୁ ଧାର୍ମିକ ସନ୍ଦର୍ଭରେ ଆଲୋଚନା ମୁକ୍ତ କରାଯାଇ ପାରିବ ନାହିଁ।

ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍:୯୪୩୮୪୮୫୦୯୪

# ପ୍ରକାଶ ପାଇଲା ବିଶ୍ୱନେତାଙ୍କ ସମ୍ପୂର୍ଣ୍ଣ ତାଲିକା



## ୧୨ରୁ ବ୍ରିକ୍ସ ମେଗା ସମ୍ମିଳନୀ

## ସୁରକ୍ଷା ପାଇଁ ୭, ୦୦୦ ସୁରକ୍ଷା କର୍ମୀ ନିୟୋଜିତ

ନୂଆଦିଲ୍ଲୀ, ୧୦।୯ଃ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପ୍ରସାରିତ ବ୍ରିକ୍ସ ଗୋଷ୍ଠୀ ଓ ଅଂଶୀଦାର ଦେଶଗୁଡ଼ିକର ନେତାମାନଙ୍କୁ ସ୍ୱାଗତ କରିବେ। ସେପ୍ଟେମ୍ବର ୧୨ ତାରିଖରେ ୧୧ଟି ବ୍ରିକ୍ସ ସଦସ୍ୟ ଦେଶର ମୁଖ୍ୟଙ୍କ ସହିତ କାର୍ଯ୍ୟକ୍ରମ ଆରମ୍ଭ ହେବ। ଅଂଶୀଦାର ଦେଶର ନେତା ଓ ଆଉଟରିଚ୍ ନିମନ୍ତ୍ରିତ ବ୍ୟକ୍ତିମାନେ ରବିବାର ସେପ୍ଟେମ୍ବର ୧୩ ତାରିଖରେ ଶିଖର ସମ୍ମିଳନୀରେ ଯୋଗଦେବେ। ଭାରତ ଚଳିତ ବର୍ଷ ବ୍ରିକ୍ସର ଅଧ୍ୟକ୍ଷତା କରୁଛି। ବାଣିଜ୍ୟ, ନିବେଶ, ଶକ୍ତି ଓ ଖାଦ୍ୟ ସୁରକ୍ଷା, ଯୋଗାଣ ଶୃଙ୍ଖଳା ଓ ବିଶ୍ୱ ସୁଶାସନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଏହି ଶିଖର ସମ୍ମିଳନୀରେ ଗୁରୁତ୍ୱାରୋପ କରାଯିବ।

ବ୍ରିକ୍ସର ୧୧ ପୂର୍ଣ୍ଣକାଳୀନ ସଦସ୍ୟ ହେଉଛନ୍ତି ବ୍ରାଜିଲ, ରୁଷ୍, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା, ମିଶର, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)। ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା ସମ୍ମିଳନୀରେ ଯୋଗଦେବେ ବୋଲି ନିଶ୍ଚିତ କରିଛନ୍ତି। ସମଗ୍ର କାର୍ଯ୍ୟକ୍ରମରେ ସୁରକ୍ଷା ବଜାୟ ରଖିବା ପାଇଁ ୭, ୦୦୦ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସୁଗମ ଟ୍ରାଫିକ ପ୍ରବାହ ସୁନିଶ୍ଚିତ କରିବା ପାଇଁ ୪, ୮୦୦ ଟ୍ରାଫିକ ପୁଲିସଙ୍କୁ ନିୟୋଜିତ କରାଯାଇଛି।ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବାକୁ ଥିବା ସଦସ୍ୟ ଦେଶର ଅନ୍ୟ ପ୍ରତିନିଧିମାନଙ୍କ ମଧ୍ୟରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ, ଇଜିପ୍ଟ ରାଷ୍ଟ୍ରପତି ଆବଦେଲଫତାହ ଏଲ-ସିସି, ଇଥିଓପିଆ ପ୍ରଧାନମନ୍ତ୍ରୀ ଅବିୟ ଅହମ୍ମଦ, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିୟାଣ୍ଟୋ, ଆବୁ ଧାବି କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲିଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହ୍ୟାନ୍, ବ୍ରାଜିଲ ବିଦେଶ ମନ୍ତ୍ରୀ ମାଉରୋ ଭିଏରା ଅଛନ୍ତି। ବ୍ରିକ୍ସ ସହଯୋଗୀ ଓ ଆଉଟରିଚ୍ ଦେଶମାନଙ୍କ ମଧ୍ୟରେ ବେଲାରୁଷ୍ ରାଷ୍ଟ୍ରପତି ଆଲେକଜାଣ୍ଡାର ଲୁକାସେଙ୍କୋ, କାଜାଖସ୍ତାନ ରାଷ୍ଟ୍ରପତି କାସିମ-ଜୋମାର୍ଟ ଟୋକାୟେଭ, ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍, ଥାଇଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଅନୁତିନ ଚାର୍ଣ୍ଣଭିରାକୁଲ, କ୍ୟୁବା ରାଷ୍ଟ୍ରପତି ମିଗୁଏଲ୍ ଡିଆଜ୍ କାନେଲ, ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁ, ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭକଟ୍ ମିର୍ଜିୟୋୟେଭ ଓ ଉଗାଣ୍ଡା ଉପରାଷ୍ଟ୍ରପତି ଜେସିକା ଆଲୁପୋ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବ୍ରିକ୍ସ ସମ୍ମିଳନୀ ବୈଠକରେ ଯୋଗ ଦେବେ। ମୁଖ୍ୟ ଦୁଇ ଦିନିଆ କାର୍ଯ୍ୟକ୍ରମ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର (ସେପ୍ଟେମ୍ବର ୧୧ ତାରିଖ)ରେ ନୂଆଦିଲ୍ଲୀରେ ବ୍ରିକ୍ସ ବ୍ୟବସାୟ ଫୋରମ୍‌କୁ ସମ୍ବୋଧିତ କରିବେ।

### ବ୍ରିକ୍ସରେ ଯୋଗଦେବେନି ତାରିକ ରେହମାନ୍!

ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ହେବାକୁ ଥିବା ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରେହମାନ୍ ଯୋଗଦେବାର ସମ୍ଭାବନା ନାହିଁ। ବାଂଲାଦେଶ ବୈଦେଶିକ ମନ୍ତ୍ରୀ ହୁମାୟୁନ୍ କବୀର ଏହି ସୂଚନା ଦେଇ କହିଛନ୍ତି ଯେ ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କୁ ବ୍ରିକ୍ସ ସମ୍ମିଳନୀ ପାଇଁ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରାଯାଇ ନାହିଁ, ବରଂ ବିମ୍ସଟେକ୍ ଅଧ୍ୟକ୍ଷ ପଦବୀ ଆଧାରରେ ନିମନ୍ତ୍ରଣ ପଠାଯାଇଛି। ତେଣୁ ସେ କିପରି ଏହି ସମ୍ମିଳନୀରେ ଯୋଗଦେବେ ବୋଲି ବୈଦେଶିକ ମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ, ବ୍ରିକ୍ସର ଆୟୋଜକ ଦେଶ ଭାରତ ବାଂଲାଦେଶ ପ୍ରଧାନମନ୍ତ୍ରୀ ରେହମାନଙ୍କୁ ବିମ୍ସଟେକର ବର୍ତ୍ତମାନର ଅଧ୍ୟକ୍ଷ ଭାବେ ସମ୍ମିଳନୀର 'ଆଉଟରିଚ୍ ସେସନ୍'ରେ ଯୋଗଦେବାକୁ ନିମନ୍ତ୍ରଣ କରିଥିବା ନେଇ ପିଟିଆଇ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଢାକା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ କୌଣସି ନିଶ୍ଚିତତା ମିଳିନଥିବା ଭାରତୀୟ ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୈସୱାଲ ପ୍ରକାଶ କରିଛନ୍ତି।

### ହୋଇପାରେ ମୋଦି-ଜିନପିଙ୍ଗ ଦ୍ୱିପାକ୍ଷିକ ଆଲୋଚନା

ଚଳିତ ବର୍ଷ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଆଲୋଚନା ହେବାର ସମ୍ଭାବନା ରହିଛି। ୨୦୨୦ ମସିହାରେ ପୂର୍ବ ଲଦାଖର ଗାଲୱାନ ଘାଟିରେ ହୋଇଥିବା ରକ୍ତାକ୍ତ ସଂଘର୍ଷ ପରଠାରୁ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ପ୍ରତ୍ୟକ୍ଷ ଦ୍ୱିପାକ୍ଷିକ ବୈଠକ ହେବ। ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗ ଶନିବାର ଦିନ ନୂଆଦିଲ୍ଲୀରେ ପହଞ୍ଚିବା ନେଇ କାର୍ଯ୍ୟକ୍ରମ ରହିଛି। ଗତ ସାତ ବର୍ଷ ମଧ୍ୟରେ ଏବଂ ୨୦୨୦ ସୀମା ବିବାଦ ପରେ ସି ଜିନପିଙ୍ଗଙ୍କର ଏହା ପ୍ରଥମ ଭାରତ ଗସ୍ତ। ତେବେ ଏହି ପ୍ରସ୍ତାବିତ ଦ୍ୱିପାକ୍ଷିକ ବୈଠକ ନେଇ ନୂଆଦିଲ୍ଲୀ କିମ୍ବା ବେଜିଂ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ।

## ବିହାର ବନ୍ୟା ବିଭୀଷିକା

# ୧୪ ଜିଲ୍ଲାରେ ୩୫ ଲକ୍ଷରୁ ଅଧିକ ପ୍ରଭାବିତ



ନୂଆଦିଲ୍ଲୀ ୧୦।୯ଃ ଲଗାଣ ବର୍ଷା ପରେ ବିହାରରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି। ଗଙ୍ଗା ସମେତ ୮ଟି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ଅନେକ ସ୍ଥାନରେ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ରାଜ୍ୟର ୧୪ଟି ଜିଲ୍ଲାର ୮୪ଟି ବ୍ଲକ୍ ଓ ୫୧୪ଟି ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଛି। ପ୍ରାୟ ୩୫.୮୯ ଲକ୍ଷ ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଗଙ୍ଗା, କୋଶୀ, ଗଣ୍ଡକ, ବୁଢ଼ୀ ଗଣ୍ଡକ, ପୁନପୁନ, ବାଗମତୀ ଓ ଘାଘରା ନଦୀରେ ଜଳସ୍ତର ବଢ଼ିଚାଲିଛି। ସାରଣ ଜିଲ୍ଲାରେ ମାହି ନଦୀ ଉପରେ ନିର୍ମିତ ବନ୍ଧ ଭାଙ୍ଗିଯିବା ପରେ ସ୍ଥିତି ଆହୁରି ଚିନ୍ତାଜନକ ହୋଇଛି। ପାଟନା, ଭୋଜପୁର, ସାରଣ, ବୈଶାଳୀ, ଭାଗଲପୁର, ବେଗୁସରାଇ, ବକ୍ସର, ସମସ୍ତିପୁର, ମୁଙ୍ଗେର, କାଟିହାର, ଲଖିସରାଇ, ଖଗରିଆ, ପୂର୍ଣ୍ଣିଆ ଓ ଅରୱାଲ ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇଛି। ସେପ୍ଟେମ୍ବରରେ ଏପର୍ଯ୍ୟନ୍ତ ୭୯.୬ ମିଲିମିଟର ବର୍ଷା ହୋଇଛି, ଯାହା ସ୍ୱାଭାବିକଠାରୁ ୩୧ ପ୍ରତିଶତ ଅଧିକ। ଏପଟେ ଉତ୍ତର ପ୍ରଦେଶରେ ମଧ୍ୟ ବର୍ଷାର ପ୍ରଭାବ ଦେଖାଦେଇଛି। ଲଖିମପୁର ଓ ବରେଲିରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିଛି। ବାରାଣସୀରେ ପ୍ରି-ପ୍ରାଥମିକରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖାଯାଇଛି। ଉତ୍ତରାଖଣ୍ଡର ପୌଡ଼ିରେ ଭୂସ୍ଖଳନ ଯୋଗୁଁ ଘର ଓ ଦୋକାନରେ ଫାଟ ସୃଷ୍ଟି ହୋଇଛି। ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ଆଶଙ୍କାରେ ୟେଲୋ ଆଲର୍ଟ ଜାରି ହୋଇଛି। ପଶ୍ଚିମବଙ୍ଗର ମାଲଦାରେ ମଧ୍ୟ ଗଙ୍ଗାର ଜଳସ୍ତର ବଢୁଥିବା ବେଳେ ମଧ୍ୟପ୍ରଦେଶରେ ଆଗାମୀ ତିନି ଦିନ ବର୍ଷାରୁ ଆଶ୍ୱସ୍ତି ମିଳିବା ସମ୍ଭାବନା ରହିଛି।

## ଯାତ୍ରୀବାହୀ ଫେରୀରେ ଅଗ୍ନିକାଣ୍ଡଃ ୫ ମୃତ



ମାନିଲା, ୧୦।୯ଃ ଫିଲିପାଇନ୍ସର ପାଲାୱାନ୍ ସମୁଦ୍ର ମଧ୍ୟରେ ଏକ ଯାତ୍ରୀବାହୀ ଫେରୀରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୫ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୮୦ରୁ ଊର୍ଦ୍ଧ୍ୱ ଯାତ୍ରୀ ନିଖୋଜ ଅଛନ୍ତି। ଗୁରୁବାର ଦିନ ଦେଶର ଉପକୂଳ ସୁରକ୍ଷା ବାହିନୀ (କୋଷ୍ଟଗାର୍ଡ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ବୁଧବାର ରାତିରେ ମାନିଲାର ବେସକୋରୁ ପାଲାୱାନ୍ ପ୍ରଦେଶର କୋରୋନ୍ ଅଭିମୁଖେ ଯାତ୍ରା କରୁଥିବା 'ଏମ୍ଭି ଜୁନ୍ ଆଷ୍ଟର' ନାମକ ଫେରୀରେ ହଠାତ୍ ନିଆଁ ଲାଗିଯାଇଥିଲା। ଜାହାଜରେ ୧୧୭ ଜଣ ଯାତ୍ରୀ ଓ ୧୭ ଜଣ କର୍ମଚାରୀଙ୍କ ସମେତ ମୋଟ ୧୩୪ ଜଣ ସଦସ୍ୟ ଥିଲେ। ଏପର୍ଯ୍ୟନ୍ତ ୪୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮୭ ଜଣ ନିଖୋଜ ଥିବା ସୂଚନା ମିଳିଛି।

## ଆବୁ ସାଲେମ ମୁକ୍ତି ଆବେଦନ ସୁପ୍ରିମକୋର୍ଟରେ ଖାରଜ



ନୂଆଦିଲ୍ଲୀ, ୧୦।୯ଃ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସୁପ୍ରିମକୋର୍ଟ ୧୯୯୩ ମୁମ୍ବାଇ ସିରିଏଲ ବିସ୍ଫୋରଣର ଦୋଷୀ ଗ୍ୟାଙ୍ଗଷ୍ଟର ଆବୁ ସାଲେମକୁ ସମୟ ପୂର୍ବରୁ ମୁକ୍ତି ପାଇଁ କରାଯାଇଥିବା ଏକ ଆବେଦନକୁ ଖାରଜ କରିଦେଇଛନ୍ତି। ୨୭ ଜୁଲାଇରେ ସୁପ୍ରିମକୋର୍ଟ ଆବୁ ସାଲେମଙ୍କ ଆବେଦନ ଉପରେ ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ। ଜଷ୍ଟିସ୍ ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଏପ୍ରିଲରେ ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ କାଏମ୍ ରଖିଛନ୍ତି। ଆବୁ ସାଲେମ ଯୁକ୍ତି ଦେଇଥିଲା ଯେ, ସେ ତାଙ୍କ ଦଣ୍ଡାଦେଶର ୨୫ ବର୍ଷ ପୂରଣ କରିଛନ୍ତି। ସେଥିପାଇଁ ତାଙ୍କୁ ମୁକ୍ତ କରାଯିବା ଉଚିତ। ତେବେ ବମ୍ବେ ହାଇକୋର୍ଟ ରାୟ ଦେଇଥିଲେ ଯେ ତାଙ୍କ ଆବେଦନ ସମୟ ପୂର୍ବରୁ ଦାଖଲ କରାଯାଇଥିଲା। ତାଙ୍କର ୨୫ ବର୍ଷର ଦଣ୍ଡାଦେଶ ୨୦୩୦ ମସିହାରେ ସମାପ୍ତ ହେବ।

## ପଳାତକ ହରନେକ ସିଂହଙ୍କୁ ଭାରତ ପ୍ରତ୍ୟର୍ପଣ



ନୂଆଦିଲ୍ଲୀ, ୧୦।୯ଃ ୨୦୧୩ ମସିହାରୁ ତଦନ୍ତ ଓ ବିଚାରକୁ ଏଡ଼ାଇ ଆସୁଥିବା ପଳାତକ ହରନେକ୍ ସିଂହଙ୍କୁ ଭାରତ ଫେରାଇ ଅଣାଯାଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଏକ ପ୍ରେସ୍ ରିଲିଜରେ କୁହାଯାଇଛି ଯେ, ସିଂହକୁ ଆମେରିକାରୁ ପ୍ରତ୍ୟର୍ପଣ କରି ଭାରତ ପଠାଯାଇଥିଲା। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସିବିଆଇ ପକ୍ଷରୁ ସିଂହଙ୍କୁ ଗିରଫ କରାଯାଇଛି। ସିଂହ ନାଁରେ ଷଡ଼ଯନ୍ତ୍ର, ଠକେଇ, ଜାଲିଆତି, ଜାଲ କାଗଜପତ୍ର ଓ ଆଇଟି ନିୟମ ଅନ୍ତର୍ଗତ ସିବିଆଇ ୨୦୧୬ରେ ମାମଲା ପଞ୍ଜିକୃତ କରିଥିଲା। ୨୦୧୩ ମସିହାରେ ସିଙ୍ଗାପୁରରେ ରହୁଥିବା କିମ୍ବା କାମ କରୁଥିବା ଭାରତୀୟ ନାଗରିକମାନଙ୍କୁ ଭାରତରୁ କାର୍ଯ୍ୟ କରୁଥିବା ଠକମାନେ ନକଲି କଲ୍ ମାଧ୍ୟମରେ ଯୋଗାଯୋଗ କରୁଥିଲେ। ସେମାନେ ନିଜକୁ ସିଙ୍ଗାପୁର ଇମିଗ୍ରେସନ୍ କର୍ତ୍ତୃପକ୍ଷଙ୍କ ଅଧିକାରୀ ବୋଲି ପରିଚୟ ଦେଉଥିଲେ।

## ପ୍ରିୟଙ୍କାଙ୍କ ନାମ ବ୍ୟବହାର କରି ଠକେଇ



ନୂଆଦିଲ୍ଲୀ, ୧୦।୯ଃ ସାଇବର ଠକେଇ ସମ୍ପର୍କରେ ସାରା ଦେଶରେ ସଚେତନତା ଅଭିଯାନ ଚାଲିଛି। ଏହା ସତ୍ତ୍ୱେ ଅପରାଧୀମାନେ ଠକେଇ କରିବା ପାଇଁ ନୂଆ ନୂଆ ଉପାୟ ଅବଲମ୍ବନ କରିଚାଲିଛନ୍ତି। ଏଆଇ ବ୍ୟବହାର କରି ସେମାନେ ବଡ଼ ବଡ଼ ରାଜନେତା ଏବଂ ସେଲିବ୍ରିଟିଙ୍କ ସ୍ୱର ଏବଂ ଭିଡିଓ ତିଆରି କରୁଛନ୍ତି। ଏହା ମାଧ୍ୟମରେ ସାଧାରଣ ଲୋକଙ୍କର ବିଶ୍ୱାସ ଜିତି କୋଟି କୋଟି ଟଙ୍କା ଠକୁଛନ୍ତି। ଏବେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ନାମ ବ୍ୟବହାର କରି ଠକେଇ ଉଦ୍ୟମର ଏକ ମାମଲା ସାମ୍ନାକୁ ଆସିଛି। ସାଇବର ଅପରାଧୀମାନେ ୱାୟାନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନାମ ଏବଂ ସ୍ୱର ବ୍ୟବହାର କରି ଲୋକଙ୍କୁ ଠକିବାକୁ ଚେଷ୍ଟା କରୁଛନ୍ତି। ପ୍ରିୟଙ୍କା ଗାନ୍ଧୀଙ୍କ କାର୍ଯ୍ୟାଳୟ ଏ ସମ୍ପର୍କରେ ଏକ ସତର୍କ ସୂଚନା ଜାରି କରିଛି। ଗୁରୁବାର ଦିନ କାର୍ଯ୍ୟାଳୟ ଇନଷ୍ଟାଗ୍ରାମରେ ଏକ ସ୍କାମ ଆଲର୍ଟ ଜାରି କରିଛି।

## ଆମେରିକା ରିପୋର୍ଟରେ ବଡ଼ ଖୁଲାସା

# ଭାରତ ପାଖରେ ୧୯୦ ପରମାଣୁ ବୋମା



ନୂଆଦିଲ୍ଲୀ, ୧୦।୯ଃ ଭାରତର ପରମାଣୁ ଅସ୍ତ୍ରାଗାରରେ ୧୯୦ଟି ଯୁଦ୍ଧାସ୍ତ୍ର ରହିଥିବା ଆକଳନ କରାଯାଇଛି। ଏଥିରେ ବର୍ତ୍ତମାନ ବିକଶିତ ହେଉଥିବା ନୂତନ କ୍ଷେପଣାସ୍ତ୍ର ପାଇଁ ୩୦ଟି ଅତିରିକ୍ତ ପରମାଣୁ ଅସ୍ତ୍ର ଅନ୍ତର୍ଭୁକ୍ତ। ଫେଡେରେସନ ଅଫ୍ ଆମେରିକାନ ସାଇଣ୍ଟିଷ୍ଟ (ଏଫଏଏସ) ଭାରତର ପରମାଣୁ ଅସ୍ତ୍ର ଉପରେ ଏକ ନୂତନ ରିପୋର୍ଟରେ ଏହି ଦାବି କରିଛି। ଏଫଏଏସ ଅନୁଯାୟୀ ଭାରତରେ ବର୍ତ୍ତମାନ ନଅଟି କାର୍ଯ୍ୟକ୍ଷମ ପରମାଣୁ-ସକ୍ଷମ ପ୍ରଣାଳୀ ଅଛି। ଦୁଇଟି ବିମାନ, ଛଅଟି ସ୍ଥଳଭାଗରୁ ନିକ୍ଷେପିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଗୋଟିଏ ସମୁଦ୍ରରୁ ନିକ୍ଷେପିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। ଏବେ ଅତି କମରେ ଆଉ ଦୁଇଟି ପ୍ରଣାଳୀ ସମାପ୍ତ ହେବାକୁ ଯାଉଛି। ଭାରତ ଏହାର ପରମାଣୁ ଅସ୍ତ୍ରାଗାରକୁ ଆଧୁନିକୀକରଣ କରିଚାଲିଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଅନେକ ନୂତନ ଅସ୍ତ୍ର ବ୍ୟବସ୍ଥା ନିୟୋଜିତ କରାଯାଇଛି ଏବଂ ବିଦ୍ୟମାନ ପରମାଣୁ-ସକ୍ଷମ ବିମାନ, କ୍ଷେପଣାସ୍ତ୍ର ଏବଂ ସମୁଦ୍ର-ଭିତ୍ତିକ ବ୍ୟବସ୍ଥାକୁ ବୃଦ୍ଧି କିମ୍ବା ବଦଳାଇବା ପାଇଁ ଅନେକ ଅନ୍ୟ ବ୍ୟବସ୍ଥା ବିକାଶାଧୀନ ଅଛି।

ଏଥିରେ କୁହାଯାଇଛି, 'ଆମେ ଆକଳନ କରୁଛୁ ଯେ ଭାରତ ୧୪୦ ରୁ ୨୨୫ ପରମାଣୁ ଅସ୍ତ୍ର ପାଇଁ ଯଥେଷ୍ଟ ସାମରିକ ପ୍ଲୁଟୋନିୟମ୍ ଉତ୍ପାଦନ କରିଛି। ହୁଏତ ୧୯୦ ପର୍ଯ୍ୟନ୍ତ ଉତ୍ପାଦନ କରିସାରିଛି। ଆହୁରି ଅନେକ ଅସ୍ତ୍ର ବ୍ୟବସ୍ଥାର ବିକାଶ ସହିତ, ଦେଶର (ପରମାଣୁ) ଅସ୍ତ୍ର ଭଣ୍ଡାର ଆହୁରି ବୃଦ୍ଧି ପାଇବାର ସମ୍ଭାବନା ଅଛି।

# ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଯୁଦ୍ଧ ସରିବନି



### ଯୁଦ୍ଧ ଜିତିବା କ୍ଷଣି ତେଲ ଦର ହ୍ରାସ ପାଇବଃ ଟ୍ରମ୍ପ

ୱାଶିଂଟନ, ୧୦।୯ଃ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଆଗାମୀ ନଭେମ୍ବର ମାସରେ ହେବାକୁଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ସମାପ୍ତ ହେବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଏହା ସହିତ ନିର୍ବାଚନ ପୂର୍ବରୁ ପେଟ୍ରୋଲ ଓ ତେଲ ଦର କମିବ ନାହିଁ ବୋଲି ସେ ମତ ଦେଇଛନ୍ତି। ଟେକ୍ସାସରେ ରିପବ୍ଲିକାନ୍ ପାର୍ଟିର ପ୍ରଥମ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅଧିବେଶନକୁ ଯିବା ସମୟରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଟ୍ରମ୍ପ କହିଛନ୍ତି ଯେ, ଇରାନର ନେତୃତ୍ୱ ଆଉ ଅଧିକ ଦିନ ତିଷ୍ଠି ରହିପାରିବେ ନାହିଁ। ନିର୍ବାଚନର ତୁରନ୍ତ ପରେ ଏହି ଯୁଦ୍ଧର ଅନ୍ତ ଘଟିବ। ତେବେ ଇରାନକୁ ପରମାଣୁ ଅସ୍ତ୍ରଶସ୍ତ୍ର ତିଆରି କରିବାରୁ ରୋକିବା ପାଇଁ ଏହି ସ୍ୱଳ୍ପକାଳୀନ ଅର୍ଥନୈତିକ କ୍ଷତିକୁ ସହ୍ୟ କରିବା ଯଥାର୍ଥ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ଟେକ୍ସାସ ଅଧିବେଶନରେ ଟ୍ରମ୍ପ କହିଛନ୍ତି ଯେ, ଆମେ ଯୁଦ୍ଧ ଜିତିବାକ୍ଷଣି ତେଲ ଦର ନିଶ୍ଚିତ ଭାବେ ହ୍ରାସ ପାଇବ। ତେବେ ଜନସାଧାରଣଙ୍କ ଅସନ୍ତୋଷକୁ ସ୍ୱୀକାର କରି ସେ କହିଛନ୍ତି ଯେ ଅନେକେ ତାଙ୍କୁ କହୁଛନ୍ତି ଯେ ସେ ଇରାନରେ ଯୁଦ୍ଧ ନ କରିଥିଲେ ଭଲ ହୋଇଥାନ୍ତା, କାରଣ ବର୍ତ୍ତମାନ ପେଟ୍ରୋଲ ଦର ବଢ଼ିଯାଇଛି। ନିର୍ବାଚନ ପୂର୍ବରୁ ଦଳକୁ ଏକାଠି କରିବା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିବା ପାଇଁ ଟ୍ରମ୍ପ ଏହି ଅଧିବେଶନରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି। ଚଳିତ ବର୍ଷ ଫେବୃଆରୀ ମାସରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଇରାନ ସହିତ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ବର୍ତ୍ତମାନ ସପ୍ତମ ମାସରେ ପହଞ୍ଚିଛି। ଇରାନର ଆକ୍ରମଣ କାରଣରୁ ଉପସାଗରୀୟ ଦେଶମାନଙ୍କରେ ତେଲ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି ଓ ପ୍ରମୁଖ ହର୍ମୁଜ ପ୍ରଣାଳୀ ଜଳପଥରେ ରପ୍ତାନି ପ୍ରଭାବିତ ହୋଇଛି। ଏହାର ପ୍ରଭାବରେ ବିଶ୍ୱ ବଜାରରେ ବ୍ରେଣ୍ଟ କ୍ରୁଡ୍ ଅଶୋଧିତ ତେଲର ଦର ଗତ ଛଅ ମାସ ମଧ୍ୟରେ ତିନିଥର ୧୦୦ ଡଲାର (ପ୍ରାୟ ୭୪ ପାଉଣ୍ଡ) ଅତିକ୍ରମ କରିଛି। ଆମେରିକା ମଧ୍ୟ ଇରାନର ବନ୍ଦରଗୁଡ଼ିକ ଉପରେ ନୌସେନା ଅବରୋଧ ଜାରି ରଖିଛି।

# କର୍ଣ୍ଣାଟକରେ ବନ୍ଦେ ମାତରମ୍ ମାତ୍ର ଦୁଇପଦ



ନୂଆଦିଲ୍ଲୀ, ୧୦।୯ଃ କର୍ଣ୍ଣାଟକର କଂଗ୍ରେସ ସରକାର ରାଜ୍ୟର ସରକାରୀ କାର୍ଯ୍ୟକ୍ରମ ଓ ଭିଆଇପି କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ୍' ଗାନ କରିବା ସମ୍ପର୍କରେ ଏକ ନୂତନ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟ ସରକାରୀ କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ୍'ର କେବଳ ପ୍ରଥମ ଦୁଇଟି ପଦ ଗାନ କରାଯିବ। କର୍ଣ୍ଣାଟକ ସରକାର ତାଙ୍କ ନିର୍ଦ୍ଦେଶରେ କହିଛନ୍ତି ଯେ, ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ଜାତୀୟତା, ଏକତା ଓ ଦେଶପ୍ରେମର ଭାବନାକୁ ସୁଦୃଢ଼ କରିବାରେ 'ବନ୍ଦେ ମାତରମ୍' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସରକାର ଏହା ମଧ୍ୟ କହିଛନ୍ତି ଯେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ପ୍ରକୃତି ଓ ସନ୍ଦର୍ଭକୁ ଦୃଷ୍ଟିରେ ରଖି ଜାତୀୟ ସଙ୍ଗୀତ ଗାନରେ ସମାନତା, ସମ୍ମାନ ଓ ଉପଯୁକ୍ତ ପ୍ରୋଟୋକଲ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ।

# ମୁଁ ଭାବୁଛି ମୋର ଅସରପା ହୋଇଯିବା ଉଚିତ



### ବିଜୟ ମାଲ୍ୟାଙ୍କ ବିସ୍ମୟକର ବୟାନ

ଲଣ୍ଡନ, ୧୦।୯ଃ ପୂର୍ବତନ କିଙ୍ଗଫିସର ଏୟାରଲାଇନ୍ସର ମାଲିକ ତଥା ବିବାଦୀୟ ବ୍ୟବସାୟୀ ବିଜୟ ମାଲ୍ୟା ଏକ ଆଶ୍ଚର୍ଯ୍ୟଜନକ ବୟାନ୍ ଦେଇଛନ୍ତି। ସେ କହିଛନ୍ତି ଯେ, ମୋ ପ୍ରତି ହେଉଥିବା ସମସ୍ତ ଅନ୍ୟାୟକୁ ଦୃଷ୍ଟିରେ ରଖି ମୁଁ ଭାବୁଛି ମୋର ଏକ ଅସରପା ହୋଇଯିବା ଉଚିତ। ଅସରପା ହୋଇ ରହିଥିଲେ ହୁଏତ ମୋ ଜୀବନ ବର୍ତ୍ତମାନଠାରୁ ଭଲ ହୋଇଯିବ।

ପୂର୍ବତନ କିଙ୍ଗଫିସର ଏୟାରଲାଇନ୍ସ ପାଇଁ ବିଭିନ୍ନ ବ୍ୟାଙ୍କରୁ ନିଆଯାଇଥିବା ୯ ହଜାର କୋଟି ଟଙ୍କାର ଋଣ ଖିଲାପ ମାମଲାରେ ତାଙ୍କୁ ବିନା କାରଣରେ ଅପରାଧୀ କୁହାଯାଉଛି। ଇଡି ବମ୍ବେ ହାଇକୋର୍ଟରେ ଦାଖଲ କରିଥିବା ପ୍ରମାଣପତ୍ରରେ ଏହା ସ୍ୱୀକାର କରିଛି ଯେ, ସେମାନେ ତାଙ୍କ ସମ୍ପତ୍ତି ଜବତ କରି ୧୪,୧୩୧.୬୦ କୋଟି ଟଙ୍କା ଉଦ୍ଧାର କରିସାରିଛନ୍ତି। ଯେତେବେଳେ ବ୍ୟାଙ୍କର ବକେୟାଠାରୁ ଅଧିକ ଟଙ୍କା ଉଦ୍ଧାର କରାଯାଇସାରିଛି, ସେତେବେଳେ ମଧ୍ୟ ତାଙ୍କୁ କାହିଁକି ବାରମ୍ବାର 'ଠକ' ଓ 'ପଳାତକ' ବୋଲି ଅଭିହିତ କରାଯାଉଛି ବୋଲି ମାଲ୍ୟା ପ୍ରଶ୍ନ କରିଛନ୍ତି।

## ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲା

# ଟାର୍ଗେଟ୍‌ରେ ଐତିହାସିକ ଲାଲ୍ ମନ୍ଦିର



ନୂଆଦିଲ୍ଲୀ, ୧୦।୯ଃ ଗତବର୍ଷ ରାଜଧାନୀ ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ମାମଲାରେ ଏକ ବଡ଼ ଖୁଲାସା ହୋଇଛି। ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ଦ୍ୱାରା କୋର୍ଟରେ ଦାଖଲ ହୋଇଥିବା ଚାର୍ଜସିଟ୍ ଅନୁଯାୟୀ, ଗତବର୍ଷ ନଭେମ୍ବର ୧୦ ତାରିଖରେ ଯାନବାହନ ଦ୍ୱାରା ହୋଇଥିବା ଆଇଇଡି (ଭିବିଆଇଇଡି)ଆକ୍ରମଣର ପ୍ରାଥମିକ ଟାର୍ଗେଟ ଥିଲା ଚାନ୍ଦନୀ ଚୌକରେ ଥିବା ଐତିହାସିକ ଲାଲ୍ ମନ୍ଦିର। ବିସ୍ଫୋରଣର ମାତ୍ର ୧୩ ମିନିଟ୍ ପୂର୍ବରୁ ଆକ୍ରମଣକାରୀ ଉମର-ଉନ୍-ନବି ଲାଲ୍ ମନ୍ଦିର ନିକଟରେ ତାଙ୍କର ଆଇ-୨୦ କାର ରଖିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅତ୍ୟଧିକ ଟ୍ରାଫିକ ଏବଂ ଅଞ୍ଚଳରେ ବହୁ ସଂଖ୍ୟକ ପୁଲିସ ମୁତୟନ କରାଯାଇଥିବାରୁ ସେ ସଫଳ ହୋଇ ପାରିନଥିଲେ। ଫଳରେ ବାଧ୍ୟ ହୋଇ ସେ ତାଙ୍କର ଯୋଜନାକୁ ପରିବର୍ତ୍ତନ କରିଥିଲେ। ସିସିଟିଭି ଫୁଟେଜରେ ଦେଖାଯାଇଛି, ସନ୍ଧ୍ୟା ୬ଟା ୩୭ ମିନିଟ୍‌ରେ ଲାଲ୍ ମନ୍ଦିର ନିକଟରେ ସନ୍ଦିଗ୍ଧ କାରଟି ଦେଖାଯାଇଥିଲା।

## ମମତାଙ୍କୁ ଟିଏମସି ବିଦ୍ରୋହୀଙ୍କ ଆହ୍ୱାନ

# ପାରୁଛ ତ ନନ୍ଦୀଗ୍ରାମରୁ ଲଢ଼

କୋଲକାତା, ୧୦।୯ଃ ନନ୍ଦୀଗ୍ରାମରୁ ମମତା ବାନାର୍ଜୀ ନିର୍ବାଚନ ଲଢ଼ନ୍ତୁ ବୋଲି ଟିଏମସି ବିଦ୍ରୋହୀ ଗୋଷ୍ଠୀ ଆହ୍ୱାନ ଦେଇଛି। ଏପରିକି ମମତା ନନ୍ଦୀଗ୍ରାମରୁ ଲଢ଼ିଲେ ତାଙ୍କ ବିରୋଧରେ ପ୍ରାର୍ଥୀ ନଦେବାକୁ ମଧ୍ୟ ବିଦ୍ରୋହୀ ଗୋଷ୍ଠୀ କହିଛି। ଟିଏମସି ବରିଷ୍ଠ ନେତା ଅବୁ ତାହେର ମମତାଙ୍କୁ ନନ୍ଦୀଗ୍ରାମରୁ ନିଜେ ନିର୍ବାଚନ ନ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି। ୨୦୨୧ରେ ମମତା ନିଜେ ଶୁଭେନ୍ଦୁ ଅଧିକାରୀଙ୍କ ବିରୋଧରେ ନନ୍ଦୀଗ୍ରାମରୁ ଲଢ଼ିଥିଲେ, ତେବେ ଏବେ ଜଣେ ସ୍ଥାନୀୟ ନେତା କାହିଁକି ନିର୍ବାଚନ ଲଢ଼ିବେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

## ଆଇଆଇଟି ମାଡ୍ରାସର ଅଭିନବ ପଦକ୍ଷେପ

# କମ୍ ପାଣିରେ ଧାନ ଚାଷ କରିବାର କୌଶଳ



ନୂଆଦିଲ୍ଲୀ, ୧୦।୯ଃ ଭାରତରେ କୃଷି କ୍ଷେତ୍ରରେ ବ୍ୟାପକ ଜଳ ଅପଚୟ ଏକ ବଡ଼ ଚିନ୍ତାର ବିଷୟ ପାଲଟିଥିବାବେଳେ, ଏହାର ସମାଧାନ ପାଇଁ ଆଇଆଇଟି ମାଡ୍ରାସ ଏକ ପ୍ରଭାବଶାଳୀ ପଦକ୍ଷେପ ନେଇଛି। ପ୍ରତିଷ୍ଠିତ ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି 'ଇଣ୍ଡିଆ ଟୁଡେ ଡିଜିଟାଲ୍'କୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି।

ପ୍ରାଚୀନ କାଳରୁ ଭାରତୀୟ କୃଷିରେ ଧାନ କ୍ଷେତକୁ ଜଳରେ ବୁଡ଼ାଇ ରଖି ଚାଷ କରାଯାଉଛି। କ୍ଷେତକୁ ଆଣ୍ଠୁଏ ପାଣିରେ ବୁଡ଼ାଇ ରଖିବା ଦ୍ୱାରା ଫସଲ ଭଲ ହେବା ସହ ଆବର୍ଜନା ବା ଘାସ ନଷ୍ଟ ହୋଇଯାଏ, କିନ୍ତୁ ଏହା ମାନବଜାତିର ସବୁଠାରୁ ଅଧିକ ପାଣି ଖାଉଥିବା ଚାଷ ପଦ୍ଧତିଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏକ ବିସ୍ତୃତ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭାରତରେ ମାତ୍ର ଗୋଟିଏ କିଲୋଗ୍ରାମ ଚାଉଳ ଉତ୍ପାଦନ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବେ ୧, ୫୦୦ ରୁ ୨, ୦୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ। ବିଶେଷକରି ପଞ୍ଜାବ ଓ ହରିୟାଣା ଭଳି ରାଜ୍ୟରେ, ଯେଉଁଠାରେ କୃଷକମାନେ ବର୍ଷାକୁ ଅପେକ୍ଷା ନକରି ଭୂତଳ ଜଳକୁ ଅଧିକ ମାତ୍ରାରେ ବ୍ୟବହାର କରନ୍ତି, ସେଠାରେ ଏହି ପରିମାଣ ଆହୁରି ବଢ଼ି ୨, ୨୭୦ ରୁ ୨, ୬୭୨ ଲିଟର ପର୍ଯ୍ୟନ୍ତ ପହଞ୍ଚିଥାଏ। ତଥ୍ୟ ଅନୁଯାୟୀ, ଭାରତର ମୋଟ୍ ମଧୁର ଜଳର ପ୍ରାୟ ୯୦ ପ୍ରତିଶତ କୃଷି କ୍ଷେତ୍ରରେ ବ୍ୟବହାର ହୋଇଥାଏ ଏବଂ କେବଳ ଧାନ ଚାଷ ବିଶ୍ୱର ଜଳସେଚନ ପାଣିର ଏକ-ତୃତୀୟାଂଶରୁ ଅଧିକ ଭାଗ ଗ୍ରହଣ କରିଥାଏ। ପ୍ରଫେସର କାମାକୋଟି ଉଲ୍ଲେଖ କରିଥିବା ଅନ୍ୟ ଏକ ଫସଲ ହେଲା ଆଖୁ, ଯାହାକୁ ଏକ ଦୀର୍ଘକାଳୀନ ଏବଂ ମଛର ଋତୁରେ କ୍ରମାଗତ ଭାବେ ଆର୍ଦ୍ର ରଖିବାକୁ ପଡ଼ିଥାଏ ଏବଂ ଭାରତ ପୃଥିବୀର ଅନ୍ୟତମ ସର୍ବାଧିକ ଆଖୁ ଉତ୍ପାଦନକାରୀ ଦେଶ ଅଟେ।

ରକେଟ୍ ଏବଂ ମାଇକ୍ରୋଚିପ୍ ତିଆରି ପାଇଁ

### ୯୦% ପାଣି କୃଷି କ୍ଷେତ୍ରରେ ବ୍ୟବହାର ହୋଇଥାଏ

ଜଣାଶୁଣା ଆଇଆଇଟି ମାଡ୍ରାସ ଏବେ ଦେଶର ଏହି ଆଲୋଚିତ କୃଷି ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରୁଛି। ପ୍ରଫେସର କାମାକୋଟିଙ୍କ କହିବାନୁଯାୟୀ, ପ୍ରତିଷ୍ଠାନ ପକ୍ଷରୁ 'ପ୍ରିସିସନ୍ ଏଗ୍ରିକଲ୍ଚର' ବା ସଠିକ୍ କୃଷି ପ୍ରଣାଳୀ ଉପରେ କାର୍ଯ୍ୟ କରାଯାଉଛି। ଏହି ପ୍ରଣାଳୀ ଜରିଆରେ ସର୍ବନିମ୍ନ ପରିମାଣର ଜଳ ବ୍ୟବହାର କରି କିପରି ଧାନ, ଆଖୁ ଏବଂ ଅନ୍ୟାନ୍ୟ ଫସଲ ଅମଳ କରାଯାଇପାରିବ, ସେନେଇ ଗବେଷଣା ଚାଲିଛି।

ଏହି କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ହେଉଛି ସେନ୍ସର, ନେଟୱାର୍କ ଏବଂ କଣ୍ଟ୍ରୋଲ୍ ସିଷ୍ଟମ୍ ଉପରେ କାମ କରିବା, ଯାହାକି ପ୍ରିସିସନ୍ ଫାର୍ମିଂ ବା ସଠିକ୍ କୃଷିର ମୂଳଦୁଆ ଅଟେ।

ଡିଜିଟାଲ୍ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ୍ସ ମଡର୍ନାଇଜେସନ୍ ପ୍ରୋଗ୍ରାମ୍ ୩.୦ର ନିୟମାବଳୀ ଉନ୍ମୋଚନ

# ଡିଜିଟାଲ୍ ସମନ୍ୱୟ, ସ୍ୱଚ୍ଛତା ଓ ତ୍ୱରିତ ରାଜସ୍ୱ ସେବାକୁ ନୂଆ ଗତି



ଭୁବନେଶ୍ୱର, ୧୦।୯ (ସଂଚାର ବ୍ୟୁରୋ): ଦେଶର ଜମିଜମା ପ୍ରଶାସନ ବ୍ୟବସ୍ଥାକୁ ଅଧିକ ଆଧୁନିକ, ସ୍ୱଚ୍ଛ, ଦକ୍ଷ ଓ ନାଗରିକକେନ୍ଦ୍ରିକ କରିବା ଲକ୍ଷ୍ୟରେ ଡିଜିଟାଲ୍ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ୍ସ ମଡର୍ନାଇଜେସନ୍ ପ୍ରୋଗ୍ରାମ୍ ୩.୦ କାର୍ଯ୍ୟକାରୀ କରାଯିବ। ଡିଆଇଏଲଆରଏମପି ୨.୦ ମାଧ୍ୟମରେ ଭୂମି ଅଧିକାର ରେକର୍ଡ, କ୍ୟାଡାଷ୍ଟ୍ରାଲ୍ ମାନଚିତ୍ର ବା ନକ୍ସା ଓ ପଞ୍ଜୀକରଣ ବ୍ୟବସ୍ଥାର ଡିଜିଟାଲାଇଜେସନ ଭିତ୍ତି ସୁଦୃଢ଼ ହୋଇଥିବା ବେଳେ ଡିଆଇଏଲଆରଏମପି ୩.୦ରେ ଏହି ବିଭିନ୍ନ ବ୍ୟବସ୍ଥାକୁ ଏକ ବିସ୍ତୃତ, ପରସ୍ପର ସମନ୍ୱୟକ୍ଷମ ଓ ଜିଆଇଏସ-ସକ୍ଷମ ମଧ୍ୟରେ ଏକୀକୃତ କରାଯିବ।

ଏହି କାର୍ଯ୍ୟକ୍ରମ ୨୦୨୬ରୁ ୩୧ ମାର୍ଚ୍ଚ ୨୦୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଓ ଏଥିପାଇଁ ମୋଟ ୫୬୫.୫୦ କୋଟି ଟଙ୍କା ବ୍ୟୟ ବରାଦ ରହିଛି। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହାର ପରିଚାଳନାଗତ ନିୟମାବଳୀ ତଥା ଗାଇଡ୍‌ଲାଇନ୍‌ର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ବିଭାଗୀୟ ମନ୍ତ୍ରୀଗଣ ତଥା ସଚିବ ଓ ବରିଷ୍ଠ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଲୋକସେବା ଭବନରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ବରିଷ୍ଠ ଅଧିକାରୀ ମଧ୍ୟ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଡିଆଇଏଲଆରଏମପି ୩.୦ର ଏହି ପଦକ୍ଷେପ ଦେଶର ଭୂମି ପ୍ରଶାସନକୁ ଏକ ଏକୀକୃତ, ଡିଜିଟାଲ୍, ଜିଆଇଏସ-ଆଧାରିତ ଓ ନାଗରିକକେନ୍ଦ୍ରିକ ବ୍ୟବସ୍ଥା ଭାବେ ବିକଶିତ କରିବା ସହ ଭୂମି ସମ୍ବନ୍ଧିତ ସେବାରେ ଅଧିକ ପାରଦର୍ଶିତା, ତ୍ୱରିତ ସେବା ପ୍ରଦାନ, ସୁରକ୍ଷା ଓ ସୁବିଧା ସୁନିଶ୍ଚିତ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩୧୭ ତହସିଲ୍ ମଧ୍ୟରୁ ୩୧୧ଟି ତହସିଲରେ ଆଧୁନିକ ରେକର୍ଡ ରୁମ୍ ଅବସ୍ଥାପିତ ହୋଇଛି। ଝାରସୁଗୁଡ଼ା, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି ଓ ଗଞ୍ଜାମ ଜିଲ୍ଲାରେ ହାଇଟେକ୍ ସର୍ଭେ ପ୍ରକ୍ରିୟାଧୀନ ରହିଛି। ରାଜ୍ୟରେ ଅଦ୍ୟାବଧି ୧ କୋଟି ୯୯ ଲକ୍ଷ ୮୬ ହଜାର ୪୮୭ ଜମି ପଟ୍ଟାର କମ୍ପ୍ୟୁଟରୀକରଣ ହୋଇଛି।

## ଡକ୍ଟର ପ୍ରତିଭା ରାୟଙ୍କୁ ସାହିତ୍ୟ ଅକାଦେମି ଫେଲୋସିପ୍



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ଭୁବନେଶ୍ୱରର ସଂସ୍କୃତି ଭବନ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାହିତ୍ୟ ଅକାଦେମି ପକ୍ଷରୁ ପ୍ରସିଦ୍ଧ ଓଡ଼ିଆ ଲେଖିକା ଓ ବିଦୁଷୀ ଡକ୍ଟର ପ୍ରତିଭା ରାୟଙ୍କୁ ଫେଲୋସିପ୍ ପ୍ରଦାନ କରାଯାଇଛି। ସାହିତ୍ୟ ଅକାଦେମିର ସଚିବ ଡକ୍ଟର କରୁଣ ଗୁଲାଟି ପ୍ରାରମ୍ଭିକ ମନ୍ତବ୍ୟ ଉପସ୍ଥାପନ କରିଥିଲେ ଏବଂ ଫେଲୋସିପର ପ୍ରଶସ୍ତି ପାଠ କରିଥିଲେ। ସାହିତ୍ୟ ଅକାଦେମିର ସଭାପତି ଡକ୍ଟର ମାଧବ କୌଶିକ ଡକ୍ଟର ରାୟଙ୍କୁ ଫେଲୋସିପ ଫଳକ ପ୍ରଦାନ କରିବା ପୂର୍ବକ ସଭାପତି ଭାଷଣ ଦେଇଥିଲେ। ସେ କହିଥିଲେ ଯେ ଡକ୍ଟର ରାୟ ହେଉଛନ୍ତି ଭାରତୀୟ ସାହିତ୍ୟର ଜୀବନ୍ତ କିମ୍ବଦନ୍ତୀ। ଏହି ଅବସରରେ ଏକ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଯେଉଁଥିରେ ସାହିତ୍ୟ ଅକାଦେମିର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡକ୍ଟର ଗୌରହରି ଦାସ ଅଧ୍ୟକ୍ଷତା କରିଥିଲେ। ଡକ୍ଟର ଦାସ କହିଥିଲେ ଯେ ଡକ୍ଟର ରାୟ ହେଉଛନ୍ତି ଓଡ଼ିଶାର ପ୍ରଥମ ଲେଖିକା, ଯିଏ ସାହିତ୍ୟ ଅକାଦେମିର ଫେଲୋସିପ୍ ପାଇଛନ୍ତି। ବିଶିଷ୍ଟ ଲେଖକ ଦେବପ୍ରସାଦ ଦାଶ, ପ୍ରଫେସର ସଂଘମିତ୍ରା ମିଶ୍ର ଓ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଡକ୍ଟର ରାୟଙ୍କ ଜୀବନୀ ଓ କୃତୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଅନ୍ତର୍ଜାତୀୟ ମହାକାଶ ଶିଖର ସମ୍ମିଳନୀକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୦।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ କନ୍ଫରେନ୍ସିଂ ଜରିଆରେ ଫ୍ରାନ୍ସର ପ୍ୟାରିସ୍‌ଠାରେ ଅନୁଷ୍ଠିତ 'ଅନ୍ତର୍ଜାତୀୟ ମହାକାଶ ଶିଖର ସମ୍ମିଳନୀ'କୁ ସମ୍ବୋଧିତ କରିଛନ୍ତି। ଏଭଳି ଏକ ସମୟୋଚିତ ପଦକ୍ଷେପ ନେଇଥିବାରୁ ଓ ଏକ ମହନୀୟ ନିମନ୍ତ୍ରଣ ପ୍ରଦାନ କରିଥିବାରୁ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍‌ଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ଐତିହାସିକ ସମାବେଶରେ ଅଂଶଗ୍ରହଣ କରି ସେ ଅତ୍ୟନ୍ତ ଆନନ୍ଦିତ ବୋଲି ପ୍ରକାଶ କରି କହିଛନ୍ତି ଯେ, 'ପ୍ରଥମ ଅନ୍ତର୍ଜାତୀୟ ମହାକାଶ ଶିଖର ସମ୍ମିଳନୀର ଏକ ଅଂଶ ହୋଇପାରିଥିବାରୁ ମୁଁ ବହୁତ ଖୁସି।' ମହାକାଶ ପ୍ରତି ମାନବଜାତିର ଚିରନ୍ତନ ଆକର୍ଷଣ ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଶତାବ୍ଦୀ ଶତାବ୍ଦୀ ଧରି ମହାକାଶ ମାନବର କଳ୍ପନାଶକ୍ତିକୁ ପ୍ରେରଣା ଯୋଗାଇଆସିଛି। ଆଜି ଏହି ସୀମା ପାଣିପାଗ, ଫସଲଠାରୁ ଆରମ୍ଭ କରି ମହାସାଗର ଓ ସମ୍ପ୍ରଦାୟ ପର୍ଯ୍ୟନ୍ତ ଆମର ଦୈନନ୍ଦିନ ଜୀବନକୁ ମଧ୍ୟ ପ୍ରଭାବିତ କରୁଛି। ମହାକାଶର ପ୍ରତିଶ୍ରୁତି ଅସୀମ ଓ ଆମର ଦାୟିତ୍ୱ ମଧ୍ୟ ସାମୂହିକ ବୋଲି ମୋଦି ମତବ୍ୟକ୍ତ କରିଛନ୍ତି।

## ଦେଶୀ ଖାଦ୍ୟ ସହ ପରିଚିତ ହେବେ ବ୍ରିକ୍ସ ନେତା

● 'ଦି ଲୀଲା ପ୍ୟାଲେସ୍'ରେ ଚାଲିଛି ପ୍ରସ୍ତୁତି




ନୂଆଦିଲ୍ଲୀ, ୧୦।୯: ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ବିଦେଶୀ ଅତିଥିଙ୍କୁ ଦେଶୀ ପାରମ୍ପରିକ ଖାଦ୍ୟ-ପାନୀୟ ସହ ପରିଚିତ କରାଯିବ। ଦିଲ୍ଲୀର ବିଳାସପୂର୍ଣ୍ଣ ହୋଟେଲ ଦି ଲୀଲା ପ୍ୟାଲେସ୍‌ରେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଦେଶୀ ଅତିଥିଙ୍କୁ ଜଳଖିଆରେ ମାଣ୍ଡିଆ ଦୋସା, ବାଜରା ଉପମା ଓ ବାଜରା ପୋଙ୍ଗଲ ଭଳି ପୁଷ୍ଟିକର ଖାଦ୍ୟ ପରିବେଷଣ କରାଯିବ। ପାନୀୟରେ ପଇଡ ଓ ପାରମ୍ପରିକ ବଟର ମିଲ୍କ ଦିଆଯିବ। ମଧ୍ୟାହ୍ନ ଭୋଜନ ତଥା ରାତ୍ରୀ ଭୋଜନରେ ରାଜସ୍ଥାନୀ, ଗୁଜରାଟୀ ଓ ଦକ୍ଷିଣ ଭାରତୀୟ ଥାଳି ସହିତ କାଶ୍ମୀର ପୁଲାଓ, ଦକ୍ଖାନୀ ତଡ଼କା, ହାଇଦ୍ରାବାଦୀ ବିରିୟାନି, ପଞ୍ଜାବର ଡାଲ-ମଖନୀ ଭଳି ଉତ୍ତର ଭାରତୀୟ ଖାଦ୍ୟ ରହିବ ପୁଡ଼ିଂ ଭାବରେ କେସର ପିସ୍ତା କୁଲଫି, ରାବିଡ଼ି ଓ ଫାଲୁଦା ପରିବେଷଣ କରାଯିବ। ସେହିପରି ଅବଧି କବାବ, ତନ୍ଦୁରି ଓ ଧିମା ଆଞ୍ଚରେ ପ୍ରସ୍ତୁତ ଭାରତୀୟ ଗ୍ରେଭି ଭୋଜନର ବ୍ୟବସ୍ଥା କରାଯାଇଛି।

● ହୋଟେଲ ଟେଣ୍ଡର ମାମଲା

## ଲାଲୁଙ୍କ ସମେତ ୯ ଜଣଙ୍କ ବିରୋଧରେ ଚାର୍ଜ ଫ୍ରେମ୍



ପାଟନା, ୧୦।୯: ଆଇଆରସିଟିସି ହୋଟେଲ ଟେଣ୍ଡର ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଗୁରୁବାର ଲାଲୁ ପ୍ରସାଦ ଯାଦବ, ତାଙ୍କ ପୁଅ ତେଜସ୍ୱୀ ଯାଦବ ଓ ପତ୍ନୀ ରାବଡ଼ି ଦେବୀଙ୍କ ସମେତ ମୋଟ ୯ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ୭ ଜଣଙ୍କୁ କୋର୍ଟ ଦୋଷମୁକ୍ତ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩ ତାରିଖରେ ହେବ। ଲାଲୁ ପରିବାର ବ୍ୟତୀତ ସରଳା ଗୁପ୍ତା, ଲାରା ପ୍ରୋଜେକ୍ଟସ୍ ଏବଂ ସୁଜାତା ହୋଟେଲ୍ସ ସମେତ ଅନ୍ୟ କିଛି ବ୍ୟକ୍ତି ଓ ସଂସ୍ଥାଙ୍କୁ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ କରାଯାଇଛି। କୋର୍ଟଙ୍କ ଅନୁସାରେ, ଲାରା ପ୍ରୋଜେକ୍ଟସ୍‌କୁ ଯେଉଁ ଭଳି ଭାବରେ ଲାଭ ପହଞ୍ଚିଥିବା ଅଭିଯୋଗ ରହିଛି, ସେଥିରୁ ଲାଲୁ ପ୍ରସାଦ ଯାଦବଙ୍କ ଭୂମିକାକୁ ନେଇ ଦୃଢ଼ ସନ୍ଦେହ ସୃଷ୍ଟି ହେଉଛି। ପୂର୍ବତନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ନିଜ ପଦର ଦୁରୁପଯୋଗ କରିଥିବା ନେଇ କୋର୍ଟ କହିଛନ୍ତି।

# ଓରାଙ୍ଗଉଟାନ୍ କେଉଁଠୁ ଆସିଲେ, କିଏ ଆଣିଲା ?

● ୧୭୦ରୁ ଅଧିକ ସିସିଟିଭି ଯାଞ୍ଚ କରୁଛି ଏସଟିଏଫ

● ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଛାନଭିନ୍

ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ଭୋଗରାଇରୁ ଗତ ମଙ୍ଗଳବାର ୫ଟି ଓରାଙ୍ଗଉଟାନ୍ ଶାବକ ଉଦ୍ଧାର ଘଟଣାରେ ଆକ୍ସନ ମୋଡ୍‌ରେ କ୍ରାଇମବ୍ରାଞ୍ଚ। ସ୍ପେଶାଲ ଟାସ୍କ ଫୋର୍ସର ୫ଜଣିଆ ଟିମ୍ ବାଲେଶ୍ୱରରେ ତନାଘନା କରୁଛନ୍ତି। ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ଛାନଭିନ୍ ଜାରି ରହିଛି। ଉଦ୍ଧାର ହୋଇଥିବା ସ୍ଥାନରୁ ବିଭିନ୍ନ ଦିଗକୁ ଯାଇଥିବା ରାସ୍ତାରେ ଲାଗିଥିବା ୧୭୦ ସିସିଟିଭି ଯାଞ୍ଚ କରିଛି ଏସଟିଏଫ ଟିମ୍। ଏଥିସହ ସନ୍ଦିଗ୍ଧ ଥାର ଗାଡ଼ି ସହ ଆହୁରି ଅନେକ ଗାଡ଼ିର ଗତିବିଧି ଉପରେ ନଜର ରଖାଯାଇଛି। ଏସଟିଏଫକୁ ବନ ବିଭାଗ, ସ୍ଥାନୀୟ ପୁଲିସ ତଦନ୍ତକାରୀ ଦଳକୁ ସହଯୋଗ କରୁଛନ୍ତି। ଖୁବଶୀଘ୍ର ଏହି ଘଟଣା ଉପରୁ ପରଦା ହଟିବ ବୋଲି କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି।

ସେହିପରି ସିସିଟିଭି କ୍ୟାମେରା ଯାଞ୍ଚ କରିବା ସହ କୋଷ୍ଟଗାର୍ଡଙ୍କୁ ପଚରାଉଚରା କରାଯାଉଛି। ମାତ୍ର କେଉଁଠୁ ଏହି ୫ ଶାବକ ଆସିଲେ ସେନେଇ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇପାରିନାହିଁ। ଭୋଗରାଇ ବ୍ଲକ୍‌ର ଚନ୍ଦନେଶ୍ୱର-ଭୂଷଣ୍ଡେଶ୍ୱର ରାସ୍ତାରେ କଳା ରଙ୍ଗର ଏକ ଥାର୍ କାର୍ ଚକ୍କର ମାରିବାକୁ ନେଇ ସନ୍ଦେହ ବଢ଼ିଛି। ଓରାଙ୍ଗଉଟାନ୍ ଉଦ୍ଧାରସ୍ଥଳଠାରୁ ମାତ୍ର କେଇ କିମି ଦୂରରେ ଥିବା ଦୋକାନ ସିସିଟିଭି ଟିଭି କ୍ୟାମେରା ଫୁଟେଜରେ ଏହି ସନ୍ଦିଗ୍ଧ ଥାର୍ ଗାଡ଼ିର ଗତିବିଧ କଏଦ୍ ହୋଇଛି। ଥାର୍ ଗାଡ଼ିଟି ସୋମବାର ରାତି ସାଢ଼େ ୧୧ଟା ୩୫ ମିନିଟ୍ ସମୟରେ ଉଦ୍ଧାରସ୍ଥଳ ଆଡ଼େ ମୁହାଁଇଥିଲା। ୧୧ଟା ୪୭ରେ ଉକ୍ତ ଥାର୍‌ଟି ସେହି ରୁଟରେ ବି ଫେରିଥିଲା। ସେଇ ୧୨ ମିନିଟରେ କ'ଣ ଘଟିଥିଲା, ତାକୁ ନେଇ ସନ୍ଦେହ ବଢ଼ୁଛି। ଓରାଙ୍ଗଉଟାନ୍ ଶାବକଙ୍କୁ ଥାରରେ ବୁହାଯାଇ ସେଠାରେ ଛଡ଼ାଯାଇଥିବା ଆଲୋଚନା ହେଉଛି। ଓରାଙ୍ଗଉଟାନ୍ ଉଦ୍ଧାର ସ୍ଥଳରୁ ମାତ୍ର କିଛି ମିଟର ବ୍ୟବଧାନରେ ୩ଟି ପ୍ରମୁଖ ଜଳପଥ ରହିଛି। ପ୍ରଥମ ରାସ୍ତାଟି ପ୍ରାୟ ୩୦୦ ମିଟର, ଦ୍ୱିତୀୟଟି ୫୦୦ ମିଟର ଓ ତୃତୀୟ ରାସ୍ତାଟି ବିଚିତ୍ରପୁର ବୋଟିଂ ସ୍ଥାନକୁ ଯିବା ପାଇଁ ପ୍ରାୟ ୧ କିମି। ଏଥିସହ ଉଦ୍ଧାରସ୍ଥଳରୁ ୮ରୁ ୧୦ କିମି ବ୍ୟବଧାନରେ ସୁବର୍ଣ୍ଣରେଖା ନଦୀର ମୁହାଣ, ବଙ୍ଗୋପସାଗର ସହ ମିଳନସ୍ଥଳୀ କୀର୍ତ୍ତିନିଆ ମତ୍ସ୍ୟ ଅବତରଣ କେନ୍ଦ୍ର ଏବଂ ଅନ୍ୟପଟେ ତାଳସାରି ଓ ଉଦୟପୁର ସମୁଦ୍ରକୂଳ ରହିଛି। ଉଦୟପୁର ନିକଟରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ରହିଥିବାରୁ ଜଳପଥ କିମ୍ବା ସୀମାନ୍ତ ରାସ୍ତା ଦେଇ ଏହି ବିରଳ ଜୀବଙ୍କୁ ଚୋରା ଚାଲାଣ କରାଯାଉଥିବା ନେଇ ଏସଟିଏଫ୍‌ର ସନ୍ଦେହ ବଢ଼ିଛି।

# ଧାନ ଚୋରି ଘଟଣାରେ ୪ ନାବାଳକଙ୍କ ସମେତ ୫ ଗିରଫ

ନବରଙ୍ଗପୁର, ଉମରକୋଟ, ୧୦।୯ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହରରେ ଏକ ଧାନ ଚୋରି ଘଟଣାରେ ଉମରକୋଟ ପୁଲିସର ତ୍ୱରିତ ପଦକ୍ଷେପ ଯୋଗୁଁ ୫ ଜଣ ଗିରଫ ହେବା ସହ ଅଦ୍ୟାବଧି ୪୬ କ୍ୱିଣ୍ଟାଲ ଧାନ ଜବତ କରାଯାଇଛି। ୫ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣ ନାବାଳକ। ମିଳିଥିବା ତଥ୍ୟ ଅନୁଯାୟୀ, ଉମରକୋଟ ସହରର ମିଲର ଗଣେଶ ପାଢ଼ୀଙ୍କର ହାଟପଦାଠାରେ ଥିବା ଆରଏମ୍‌ସି ଗୋଦାମରେ ଧାନ ଥିଲା। ତେବେ ଗତ ୮ ତାରିଖ ରାତିରେ ଗୋଦାମର ଭେଣ୍ଟିଲେଟର ଭାଙ୍ଗି ୪୦୪ ବସ୍ତା ଧାନ ଚୋରି ହୋଇଯାଇଥିଲା, ଯାହାର ମୋଟ ଓଜନ ୧୮୬ କ୍ୱିଣ୍ଟାଲ ଥିଲା। ଏହି ଧାନର ମୂଲ୍ୟ ପ୍ରାୟ ୪ ଲକ୍ଷ ୪୦ ହଜାର ୬୩୪ ଟଙ୍କା ହେବ ବୋଲି ଶ୍ରୀ ପାଢ଼ୀ ଉମରକୋଟ ଥାନାରେ ଦେଇଥିବା ଲିଖିତ ଅଭିଯୋଗରେ ଦର୍ଶାଇଥିଲେ। ଉମରକୋଟ ଥାନା ଆଇଆଇସି ଯୁଗଳ ଶବର ତୁରନ୍ତ ଏହି ଘଟଣାର ତଦନ୍ତ

**୪୬ କ୍ୱିଣ୍ଟାଲ ଧାନ ସହ ଅଟୋ ଓ ବାଇକ୍ ଜବତ**

ଦାୟିତ୍ୱ ସବ୍‌ଇନ୍ସପେକ୍ଟର ସଞ୍ଜୟ ମଣ୍ଡଳଙ୍କୁ ଦେଇଥିଲେ। ପୁଲିସ ତୁରନ୍ତ ଏହି ଘଟଣାରେ ଉମରକୋଟ କେନାଲ ସାହିର ଗୋଲୁ ହରିଜନ ୧୯ ବର୍ଷକୁ ଗିରଫ କରିବା ପରେ ସମସ୍ତ ଘଟଣା ପଦାକୁ ଆସିଥିଲା। ତେବେ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ୪ ନାବାଳକଙ୍କୁ ମଧ୍ୟ ଗିରଫ କଲା ପୁଲିସ। ଏହି ସମସ୍ତ ଅଭିଯୁକ୍ତଙ୍କ



ବୟାନକୁ ଆଧାର କରି ଉମରକୋଟ ପୁଲିସ ଉମରକୋଟ ସହରର ଢେପଗୁଡା ଗ୍ରାମର ମଙ୍ଗୁଳି ସାହୁ ଓ ଦାମୋଦର ସାହୁଙ୍କ ଘର ଉପରେ ଚଢ଼ାଉ କରି ୧୦୦ ବସ୍ତା ଧାନ ଜବତ କରିଛି, ଯାହାର ଓଜନ ୪୬ କ୍ୱିଣ୍ଟାଲ ହେବ ବୋଲି ପୁଲିସ ସୂଚନା ଦେଇଛି। ତେବେ ମଙ୍ଗୁଳି ସାହୁ ଓ ଦାମୋଦର ସାହୁଙ୍କୁ ଉମରକୋଟ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ନୋଟିସ ଦେଇ ଛାଡ଼ିଦେଇଛନ୍ତି।

'ହିମ୍ମତ୍'ର ପଞ୍ଚଦଶ ସ୍ୱନକ୍ଷତ୍ର ଉତ୍ସବ

# ସମ୍ବାଦପତ୍ର ସମାଜର ଅନ୍ୟତମ ସୁଧାରକ

ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ): ସମାଜକୁ ସୁଧାରିବାରେ ସମ୍ବାଦପତ୍ରର ଭୂମିକା ଅନ୍ୟତମ। ସର୍ବଦା ସତ୍ୟ ତଥ୍ୟଭିତ୍ତିକ ଖବର ନିର୍ଭୀକ ନିରପେକ୍ଷ ଭାବେ ପରିବେଷଣ ଦ୍ୱାରା ଜନମାନସରେ ବ୍ୟାପକ ସୁଧାର ଆସିଥାଏ। ସମ୍ବାଦପତ୍ରଗୁଡ଼ିକରେ ଭାଷା ଓ ଶବ୍ଦଗୁଡ଼ିକ ନିର୍ଭୁଲ ରହିବା ଉଚିତ ବୋଲି ସ୍ଥାନୀୟ ଜୟଦେବ ଭବନରେ ଦୈନିକ ଓଡ଼ିଆ ଖବରକାଗଜ 'ହିମ୍ମତ୍'ର ପଞ୍ଚଦଶ ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ମତ ଦେଇଛନ୍ତି। ଭାରତୀୟ ଗଣମାଧ୍ୟମ ପରିଷଦର ଉପାଧ୍ୟକ୍ଷ ତଥା 'ହିମ୍ମତ୍'ର ପରିଚାଳନା ମୁଖ୍ୟ ରଜନୀକାନ୍ତ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପଣ୍ଡିତ ଡ. ପ୍ରବୋଧ କୁମାର ମିଶ୍ର, ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରାଦ୍ୟୋଗିକୀ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତା




ଭାବେ ରାଜ୍ୟ ବିଜେପି ପ୍ରବକ୍ତା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବରେଣ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସର୍ବସାଧାରଣ ସତ୍ତ୍ୱ ଉଦ୍ୟୋଗ (ଜନଉଦ୍ୟୋଗ) ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପାଦକ କମଳାକାନ୍ତ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଖବରକାଗଜର ମୁଖ୍ୟ ସମ୍ପାଦକ ଉମାକାନ୍ତ ପଟ୍ଟନାୟକ 'ହିମ୍ମତ୍'ର ଅତୀତ ଭବିଷ୍ୟତ ଓ ଅନ୍ୟାନ୍ୟ କାଗଜଗୁଡ଼ିକ କିପରି ସମ୍ବାଦ ପରିବେଷଣ କରୁଛନ୍ତି ଏହା ଉପରେ ବିସ୍ତୃତ ମତ ପ୍ରଦାନ କରିଥିଲେ। ପରିଚାଳନା ସମ୍ପାଦକ ହରଷ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଘୋଷକ ରବୀନ୍ଦ୍ର ମହାପାତ୍ର ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ।

ଏହି ଅବସରରେ ଚଳିତ ବର୍ଷର ପଞ୍ଚଦଶ ହିମ୍ମତ୍‌ୱାଲା-୨୦୨୬ ସମ୍ମାନ' ଅର୍ଜୁନ ପୁରସ୍କାରପ୍ରାପ୍ତ ଧାବିକା ଦୂତୀ ଚାନ୍ଦଙ୍କୁ ଦିଆଯାଇଥିବା ବେଳେ 'ହିମ୍ମତ୍‌ୱାଲା ବିଶିଷ୍ଟ ହାସ୍ୟ ଅଭିନେତା ସମ୍ମାନ' ପ୍ରଜ୍ଞାରଞ୍ଜନ ଖଟୁଆଙ୍କୁ ପ୍ରଦାନ କରାଯାଇଛି। ସେହିପରି 'ହିମ୍ମତ୍ ଉତ୍କର୍ଷତା ସମ୍ମାନ'ରେ ଶିକ୍ଷାବିତ୍ ଧନେଶ୍ୱର ବେହେରା ଆଦର୍ଶ ଶିକ୍ଷକ ସମ୍ମାନରେ ଚିକିଟିର ନିଗମାନନ୍ଦ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବିଶିଷ୍ଟ ଚିକିତ୍ସକ ସମ୍ମାନରେ ବରିଷ୍ଠ ଡାକ୍ତର ନେତ୍ରାନନ୍ଦ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଏସିଆନ ଗେମ୍ସରେ ଇ-ସ୍ପୋର୍ଟ୍ସ

# ଭାରତୀୟ ଦଳରେ ଓଡ଼ିଶାରୁ ଦୁଇ

ଭୁବନେଶ୍ୱର,୧୦।୯ (ସଂଚାର ବ୍ୟୁରୋ) : ଚଳିତ ବର୍ଷ ଆସନ୍ତା ୧୯ରୁ ଅକ୍ଟୋବର ୪ ମଧ୍ୟରେ ଜାପାନର ନାଗୋଆ ସହରରେ ଏସିଆନ ଗେମ୍ସ ୨୦୨୬ ଅନୁଷ୍ଠିତ ହେବ। ଏଥିନିମନ୍ତେ ଭାରତୀୟ ଦଳର ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଇ -ସ୍ପୋର୍ଟ୍ସରେ ଚୟନିତ ଭାରତୀୟ ଦଳରେ ଓଡ଼ିଶାର ଦୁଇ ଖେଳାଳି ଢେଙ୍କାନାଳର ଚିନ୍ମୟ ସାହୁ ଓ ଭୁବନେଶ୍ୱରର ରୁଦ୍ର ନାରାୟଣ ନାୟକ ସ୍ଥାନ ପାଇଛନ୍ତି। ଚିନ୍ମୟ ସାହୁ ଇ-ଫୁଟବଲ୍‌ରେ ଚୟନିତ ହୋଇଛନ୍ତି। ସେ ମଧ୍ୟ ପୂର୍ବରୁ ୨୦୨୪, ୨୦୨୫ ଓ ୨୦୨୬ ଫିଫା ଇ-ବିଶ୍ୱକପ୍‌ରେ ଅଂଗ୍ରହଣ କରିବା ସହ 'ଟେଷ୍ଟିଂ ମାଇଁ ଲିମିଟ୍#୩'ରେ ସମ୍ପୂର୍ଣ୍ଣ ପଶ୍ଚିମ ଏସିଆରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହ ରୁଦ୍ର ନାରାୟଣ ନାୟକ ପୋକେମନ ୟୁନାଇଟ୍ ଚୟନିତ ହେବା ସହ ସେ ମଧ୍ୟ ପୋକେମନ ୟୁନାଇଟ୍ ଏସିଆ ଚାମ୍ପିଅନ୍ସ ଲିଗ୍ ୨୦୨୩ରେ ୫ମ ସ୍ଥାନ, ୨୦୨୫ରେ ୨ୟ ସ୍ଥାନ ଓ ପୋକେମନ ୟୁନାଇଟ୍ ବିଶ୍ୱକପ୍ ୨୦୨୩ରେ ୧୭ମ ସ୍ଥାନ, ୨୦୨୫ରେ ୧୭ମ ସ୍ଥାନ ଅଧିକାର କରିଥିଲେ। ଚଳିତ ଏସିଆନ୍ ଗେମ୍ସରେ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ରାଜ୍ୟ ଇ-ସ୍ପୋର୍ଟ୍ସ ସଂଘର ସାଧାରଣ ସମ୍ପାଦକ ଚିନ୍ମୟ ବେହେରା ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





## ସରକାରୀ ଅର୍ଥ ହଡ଼ପ, ଫରେଷ୍ଟର ଗିରଫ

କଟକ,୧୦।୯ (ସଂଚାର ବ୍ୟୁରୋ) : ଆଠଗଡ଼ ବନଖଣ୍ଡର ପୂର୍ବତନ ଫରେଷ୍ଟର ଆଶିଷ ନାଏକଙ୍କୁ ଗିରଫ କରିଛି ଓଡ଼ିଶା ଭିଜିଲାନ୍ସ। ଏବେ ସେ କଟକ ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ। ୨୦୨୫-୨୬ରେ କାମ୍ପା ଯୋଜନାରେ ବନୀକରଣ ପ୍ରକଳ୍ପରେ ଆଠଗଡ଼ ସଦର ସେକ୍ସନ ଅଧୀନ ଓରିଙ୍ଗା ସଂରକ୍ଷିତ ଜଙ୍ଗଲର କୁଲେଇଲୋ ବିଟ୍ ଓ ସଦର ବିଟ୍‌ରେ ୧୧,୩୭୬ଟି ଚାରା ରୋପଣ କରାଯାଇ ଥିବା ଦର୍ଶାଇ ଜାଲ୍ ଓ ବଢ଼ାଇଚଢ଼ାଇ ବିଲ୍ ପ୍ରସ୍ତୁତ କରାଯାଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି । ଏହି ଉପାୟରେ ସରକାରୀ ତହବିଲରୁ ୭ ଲକ୍ଷ ୪୧ ହଜାର ୨୯୭ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି ।

# ଭିଜିଲାନ୍ସ ଜାଲରେ ଜେଏମ୍‌ଏଫ୍‌ସିର ସିନିୟର କ୍ଲର୍କ

**୫୦ ହଜାର ଲାଞ୍ଚ ନେବା ବେଳେ ଧରାପଡ଼ିଲେ**

କଟକ,୧୦।୯(ସଂଚାର ବ୍ୟୁରୋ) : ଭିଜିଲାନ୍ସ ଜାଲରେ ମାଲକାନଗିରି ଜିଲ୍ଲା ମାଥିଲି ଜେଏମଏଫସି କୋର୍ଟର ସିନିୟର କ୍ଲର୍କ ଅଚ୍ୟୁତ କୁମାର ପ୍ରଧାନ। ଦୁଇଟି ଗିରଫବିହୀନ ୱାରେଣ୍ଟ ମାମଲାରେ ସହଯୋଗ ପାଇଁ ୫୦ ହଜାର ଲାଞ୍ଚ ଦାବି କରି ନେଉଥିବା ବେଳେ ଧରାପଡ଼ିଲେ ସିନିୟର କ୍ଲର୍କ । ଅଭିଯୋଗକାରୀଙ୍କ ସମ୍ପର୍କୀୟଙ୍କ ବିରୋଧରେ ଦୁଇଟି ମାମଲାରେ ଜାମିନ ବିହୀନ ୱାରେଣ୍ଟ ଜାରି ହୋଇଥିଲା। ଏଥିରୁ କ୍ଷାନ୍ତ କରିବା ପାଇଁ କୋର୍ଟ କର୍ମଚାରୀ ଅଚ୍ୟୁତ ୫୦ ହଜାର ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। ଲାଞ୍ଚ ଦେବାକୁ ଅସମର୍ଥ ହୋଇ ଅଭିଯୋଗକାରୀ ଭିଜିଲାନ୍ସକୁ



ଜଣାଇଥିଲେ।ଅଭିଯୋଗ ଆଧାରରେ ଆଜି ଭିଜିଲାନ୍ସ ଟିମ୍ ଜାଲ ବିଛାଇଥିଲା। ଅଭିଯୋଗକାରୀଙ୍କଠାରୁ ୫୦ ହଜାର ଲାଞ୍ଚ ନେଉଥିବା ବେଳେ ଅଚ୍ୟୁତ କୁମାର ପ୍ରଧାନଙ୍କୁ ଭିଜିଲାନ୍ସ ଧରିଥିଲା। ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ୫୦ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି। ଟ୍ରାପ୍ ପରେ ଅଚ୍ୟୁତଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗରୁ ଏକକାଳୀନ ତଲାସୀ ହୋଇଛି। ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୁର୍ନୀତି ନିବାରଣ ସଂଶୋଧନ ଆଇନର ଧାରା ୭ ଅନୁଯାୟୀ ମାମଲା ରୁଜୁ କରି ଭିଜିଲାନ୍ସ ତଦନ୍ତ ଜାରି ରଖିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆସିଲା ୮,୪୧୭...

ଭିତିଭୂମି, ପ୍ରାକୃତିକ ସମ୍ପଦର ଉପଲବ୍ଧତା, ଦକ୍ଷ ଜନଶକ୍ତି ଓ ନିବେଶକ-ଅନୁକୂଳ ନୀତିରେ ପରିବେଶକୁ ଆଲୋକପାତ କରିଥିଲେ। ସେ ଯୁଏଇର ନିବେଶକ ଓ ବ୍ୟବସାୟୀ କେନ୍ଦ୍ରବୃନ୍ଦଙ୍କୁ ଦୀର୍ଘକାଳୀନ ନିବେଶ ଓ ଭାଗିଦାରୀ ପାଇଁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ। ମୁଖ୍ୟମନ୍ତ୍ରୀ ଦୁବାଇରେ ଅନୁଷ୍ଠିତ ଓଡ଼ିଶା ନିବେଶ ରୋଡ୍ ଶୋ'ରେ ଯୋଗ ଦେଇଥିଲେ, ଯେଉଁଠାରେ ରାଜ୍ୟ ଏହାର ଶିଳ୍ପ ପରିବେଶ ଓ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧ ନିବେଶ ସୁଯୋଗଗୁଡ଼ିକୁ ପ୍ରଦର୍ଶନ କରିଥିଲା। ଏହି ଉପସ୍ଥାପନାରେ ମାନୁଫାକ୍ଚରିଂ, ମେଟାଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ସୂଚନା ପ୍ରଯୁକ୍ତିବିଦ୍ୟା, ଭିତିଭୂମି, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ସ, ଶକ୍ତି ଓ ଅନ୍ୟାନ୍ୟ ଉଦୀୟମାନ କ୍ଷେତ୍ରରେ ଓଡ଼ିଶାର ଦକ୍ଷତାକୁ ଆଲୋକପାତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବିଶ୍ୱସ୍ତରୀୟ ବ୍ୟବସାୟୀମାନଙ୍କୁ ତ୍ୱରିତ ଶିଳ୍ପାୟନ, ନିଯୁକ୍ତି ସୃଷ୍ଟି ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଦିଗରେ ଓଡ଼ିଶାର ଯାତ୍ରାରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଥିଲେ। ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକ ସହ ଏକ ସ୍ୱତନ୍ତ୍ର ରାଉଣ୍ଡ ଟେବଲ ବୈଠକ ଓଡ଼ିଶାର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳାରେ ନିବେଶ ସମ୍ଭାବନା ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିଥିଲା। ଏଥିରେ ଉତ୍ପାଦନ ଉପାଦାନ, ଅର୍ଥନ ମୂଲ୍ୟ ବୃଦ୍ଧି, ପ୍ରଯୁକ୍ତିବିଦ୍ୟା-ଚାଳିତ ଶିଳ୍ପ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିଳ୍ପ କ୍ଷମତା ବିକାଶ ପାଇଁ ଥିବା ସୁଯୋଗଗୁଡ଼ିକ ନେଇ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରତିଷ୍ଠିତ ମେଟାଲର୍ଜି ଓ ମିନେରାଲ୍ସ ଇକୋସିଷ୍ଟମ୍‌କୁ ଆଲୋକପାତ କରି ଅଧିକ ଆର୍ଥିକ ମୂଲ୍ୟ ଓ ନିଯୁକ୍ତି ସୃଷ୍ଟି କରିବା ପାଇଁ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ମଜବୁତ କରିବା ଉପରେ ରାଜ୍ୟର ଗୁରୁତ୍ୱକୁ ଦୋହରାଇଥିଲେ। କ୍ଷେତ୍ରଭିତ୍ତିକ ସମ୍ପୃକ୍ତିର ଏକ ଅଂଶ ଭାବେ, ମୁଖ୍ୟମନ୍ତ୍ରୀ ୟୁଏଇର ଏକ ଅଗ୍ରଣୀ ଆଲୁମିନିୟମ୍ ଉତ୍ପାଦନ ପ୍ରତିଷ୍ଠାନ 'ଏମିରେଟ୍ସ ଗ୍ଲୋବାଲ ଆଲୁମିନିୟମ'ର ପରିଦର୍ଶନ କରିଥିଲେ, ଯାହା ଆଲୁମିନିୟମ୍ କ୍ଷେତ୍ରରେ ଉନ୍ନତ ଶିଳ୍ପ ଅପରେସନ, ଟେକ୍ନୋଲୋଜି ଏବଂ ଗ୍ଲୋବାଲ ପ୍ରାକ୍ଟିସଗୁଡ଼ିକ ସମ୍ପର୍କରେ ଜ୍ଞାନକୌଶଳ ହାସଲ କରିବାରେ ସହାୟକ ହୋଇଥିଲା। ଓଡ଼ିଶାର ସୁଦୃଢ଼ ଆଲୁମିନିୟମ୍ ଇକୋସିଷ୍ଟମ୍ ଉତ୍ପାଦନ ଉପରେ ଏହାର ବର୍ଦ୍ଧିତ ଫୋକସ୍ ପରିପ୍ରେକ୍ଷୀରେ, ଏହି ପରିଦର୍ଶନ ପ୍ରଯୁକ୍ତିବିଦ୍ୟା, ମୂଲ୍ୟ ବୃଦ୍ଧି ଏବଂ ଶିଳ୍ପ ବିକାଶ କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗର କ୍ଷେତ୍ରଗୁଡ଼ିକୁ ଅନ୍ୱେଷଣ କରିବା ପାଇଁ ସୁଯୋଗ ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ୫,୬୦୦ କୋଟି ଟଙ୍କାର ନିବେଶ ସମ୍ଭାବନା ଏବଂ ୧୧,୫୦୦ଟି ନିଯୁକ୍ତି ସୁଯୋଗ ପ୍ରତିନିଧିତ୍ୱ କରୁଛି। ଏହାଛଡ଼ା ୮ଟି ନିବେଶ ଇଚ୍ଛାପତ୍ର ଗ୍ରହଣ କରାଯାଇଥିଲା, ଯାହା ୨,୮୧୭ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ଓ ୨,୮୧୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ମୋଟ୍ ୫ଟି ଏମ୍ଓୟୁ ଓ ୮ଟି ନିବେଶ ପ୍ରସ୍ତାବ ୮,୪୧୭ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ଏବଂ ୧୪,୩୧୦ଟି ନିଯୁକ୍ତି ସୁଯୋଗ ଆଣିଦେଉଛି, ଯାହା ଓଡ଼ିଶାର ଦୁବାଇ ନିବେଶ ଅଭିଯାନର ଏକ ବଡ଼ ସଫଳତାକୁ ଦର୍ଶାଉଛି।

### ପ୍ରବେଶ କଟକଣାର...

ସମ୍ଭାବନାକୁ ଦୃଷ୍ଟିରେ ରଖି ପୁରୁଣା କଟକଣାକୁ ପୁନଃପରୀକ୍ଷା କରିବା ପ୍ରସ୍ତାବ ରହିଛି। ବର୍ତ୍ତମାନ କଳାହାଣ୍ଡି, ରାୟଗଡ଼ା, ନୂଆପଡ଼ା, କନ୍ଧମାଳ, ମାଲକାନଗିରି ଓ କୋରାପୁଟ ଭଳି ୬ଟି ଜିଲ୍ଲାର କିଛି ଗାଁ ବିଦେଶୀ ପର୍ଯ୍ୟଟକଙ୍କ ପ୍ରବେଶ ପାଇଁ ନିଷେଧ ତାଲିକାରେ ରହିଛି। ଏହି ତାଲିକାରୁ ପର୍ଯ୍ୟଟନ ଦୃଷ୍ଟିରୁ ସମ୍ଭାବନାପୂର୍ଣ୍ଣ ଗାଁ ଓ ସ୍ଥାନଗୁଡ଼ିକୁ ପର୍ଯ୍ୟଟନ ବିଭାଗ ଚିହ୍ନଟ କରିବ। କଟକଣା କୋହଳ ପୂର୍ବରୁ ଅଞ୍ଚଳଗୁଡ଼ିକର ସୁରକ୍ଷା ପରିସ୍ଥିତି ନେଇ ଡିଜିପି (ଆଣ୍ଟି-ନକ୍ସଲ୍ ଅପରେସନ) ଓ ଇଣ୍ଟେଲିଜେନ୍ସ ବ୍ୟୁରୋର ଆକଳନ ନିଆଯିବ। ବିଶେଷକରି ନିର୍ଦ୍ଦିଷ୍ଟ ଗାଁଗୁଡ଼ିକରେ ବିଦେଶୀ ପର୍ଯ୍ୟଟକ କିମ୍ବା ଗବେଷକଙ୍କ ନିୟନ୍ତ୍ରିତ ପ୍ରବେଶ ହେଲେ କୌଣସି ସୁରକ୍ଷାଜନିତ ପ୍ରଭାବ ପଡ଼ିବ କି ନାହିଁ ଏବଂ ପ୍ରବେଶ ହେଲେ କେଉଁ ସର୍ତ୍ତ, ସୁରକ୍ଷା ବ୍ୟବସ୍ଥା ଓ ସତର୍କତା ଗ୍ରହଣ କରାଯିବ, ସେସବୁ ଦିଗ ରିପୋର୍ଟରେ ଅନୁଧ୍ୟାନ କରାଯିବ। ସମ୍ପୃକ୍ତ ବିଭାଗଗୁଡ଼ିକୁ ଆସନ୍ତା ୨୦ ତାରିଖ ସୁଦ୍ଧା ଆବଶ୍ୟକ ଆକଳନ ଓ ସୂଚନା ଦେବାକୁ କୁହାଯାଇଛି। ଏହାପରେ ପ୍ରସ୍ତାବଗୁଡ଼ିକୁ ସ୍କ୍ରିନିଂ କମିଟି ସମୀକ୍ଷା କରିବ ଏବଂ ସୁପାରିଶ ଦେବ। ପରେ ଅନୁମୋଦନ ମିଳିଲେ ସରକାର ବିଚାର ଓ ଅନ୍ତିମ ନିଷ୍ପତ୍ତି ନିଆଯିବ। ଅର୍ଥାତ୍ ଏ ପର୍ଯ୍ୟନ୍ତ କଟକଣା ସମ୍ପୂର୍ଣ୍ଣ ଭାବେ ହଟାଯାଉନାହିଁ, ବରଂ ତାହାକୁ କୋହଳ କରିବା ପାଇଁ ପ୍ରଶାସନିକ ପ୍ରକ୍ରିୟା ଚାଲିଛି। ବୈଠକରେ ସ୍ପଷ୍ଟ କରାଯାଇଛି ଯେ କଟକଣା କୋହଳ ହେଲେ ମଧ୍ୟ ସମଗ୍ର ନିଷେଧ ତାଲିକାକୁ ଏକାଥରେ ଖୋଲାଯିବ ନାହିଁ। କେବଳ ପର୍ଯ୍ୟଟନ ସମ୍ଭାବନା ଥିବା ଚୟନିତ ଗାଁକୁ ନେଇ ବିଚାର କରାଯିବ। ଏଥିପାଇଁ ପ୍ରଥମେ ପର୍ଯ୍ୟଟନ ବିଭାଗ ସମ୍ଭାବନା ଥିବା ସ୍ଥାନ ଚିହ୍ନଟ କରିବା ପରେ ସୁରକ୍ଷା ଓ ଆଦିବାସୀ ସମାଜ ଉପରେ ପ୍ରଭାବ ସମ୍ପର୍କରେ ରିପୋର୍ଟକୁ ଆଧାର କରି କମିଟି ନିଷ୍ପତ୍ତି ନେବ।

### ଜଙ୍ଗଲ କିସମ...

ଯାଉଛି। ପ୍ରଶ୍ନ ଶବ୍ଦରେ ଜୀବଜନ୍ତୁ ମଧ୍ୟ ଭୟଭୀତ ହୋଇ ପାହାଡ଼ ଛାଡ଼ି ପଳାଉଛନ୍ତି। ହେଲେ କଟକ ବନଖଣ୍ଡର ଫରେଷ୍ଟର, ରେଞ୍ଜର ଓ ଜେନାପୁର ଥାନା ପୁଲିସକୁ କିନ୍ତୁ ଏହି ଶବ୍ଦ ଶୁଭୁନାହିଁ କି ଶହ ଶହ ଟ୍ରିପ୍ କଳାପଥର ଲୁଟ ଦେଖାଯାଉନାହିଁ ବୋଲି ପାହାଡ଼ ପଟିର ସୁରକ୍ଷା ମଞ୍ଚ ସଭାପତି ସରୋଜ ବିଶ୍ୱାଳ ଅଭିଯୋଗ କରିଛନ୍ତି। ସେହିପରି ଦୁବୁରୁଡ଼ି ପାହାଡ଼ରୁ କଳାପଥର ଚାଲାଣ ବନ୍ଦ ଥିବା ବେଳେ କିଛିଦିନ ହେବ ଖୁଲମଖୁଲା ଲୁଟ୍ ଚାଲିଛି। ବିଷୟଟି ପାହାଡ଼ର ଜଙ୍ଗଲ କିସମ ପାହାଡ଼ ଅଞ୍ଚଳରୁ ମଧ୍ୟ ଏହି ସିଣ୍ଡିକେଟ ଜବରଦସ୍ତ ଖୋଲାଖୋଲି କଳାପଥର ଲୁଟ୍ ଚାଲିଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜେନାପୁର ଥାନାଠାରୁ ମାତ୍ର କିଛି ଦୂରରେ ଓ ଜଙ୍ଗଲ ବିଭାଗର ଚଣ୍ଡେଇଖୋଲ ଫରେଷ୍ଟର କାର୍ଯ୍ୟାଳୟ ନିକଟରୁ ଜଙ୍ଗଲ କିସମ ପାହାଡ଼ରୁ କଳାପଥର ଲୁଟ୍ ଚାଲିଛି। କିନ୍ତୁ ପୁଲିସ ଓ ବନ ବିଭାଗ ନିରବ। ଏନେଇ ପାହାଡ଼ ପଟି ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ଆଜି ଦେଶବ୍ୟାପୀ...

ହେବ। ଏହାପରେ ଆସନ୍ତା ଅକ୍ଟୋବର ୨୬ ପରଠାରୁ ଆମରଣ ଅନଶନ କରାଯିବ। ପାଞ୍ଚଦିନିଆ କାର୍ଯ୍ୟସପ୍ତାହ ଲାଗୁ କରିବା ପାଇଁ ୨୦୨୪ରେ ନିଷ୍ପତ୍ତି ହୋଇଥିଲା। ସବୁ ଶନିବାର ଛୁଟି ହେବ ବୋଲି କୁହାଯାଇଥିଲା। ଏହା ବଦଳରେ କର୍ମଚାରୀମାନେ ସୋମବାରରୁ ଶୁକ୍ରବାର ଅତିରିକ୍ତ ୪୦ ମିନିଟ୍ କାମ କରିବେ ବୋଲି କହିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସେହି ନିଷ୍ପତ୍ତି ଲାଗୁ କରାଯାଉନାହିଁ। ବାଧ୍ୟ ହୋଇ କର୍ମଚାରୀମାନେ ଆନ୍ଦୋଳନ ପନ୍ଥା ଆପଣାଇଛନ୍ତି ବୋଲି ୟୁଏଫ୍‌ବିୟୁ ପକ୍ଷରୁ କୁହାଯାଇଛି। ଅଗଷ୍ଟ ମାସ ଶେଷ ଭାଗରେ ଜାରି ଏକ ବିବୃତିରେ ୟୁଏଫ୍‌ବିୟୁ କହିଛି ଯେ ଆମେ ଅବଗତ ଯେ ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷଙ୍କ ଦାବି କ୍ରମେ ଆପଣ ସପ୍ତାହର ଅନ୍ୟ ଦିନଗୁଡ଼ିକରେ ଅତିରିକ୍ତ କାର୍ଯ୍ୟ ସମୟ ବଣ୍ଟନ କରିବା ସମ୍ବନ୍ଧୀୟ ସଂଶୋଧନ ପାଇଁ ପରାମର୍ଶ ଦେଇଥିଲେ। ୨୦୨୪ରେ ପଠାଯାଇଥିବା ଏହି ପ୍ରସ୍ତାବ ଉପରେ ନିଷ୍ପତ୍ତି ନେବା ପାଇଁ ଏବେ ମଧ୍ୟ ସରକାରଙ୍କ ସ୍ତରରେ ବିଚାରାଧୀନ ରହିଛି।

### ପୋଷଣରେ ସମାଜର...

ଜାତୀୟ ସ୍ୱାସ୍ଥ୍ୟ ପରିବାର ସର୍ଭେ ଅନୁସାରେ, ସେମାନଙ୍କର ପୋଷଣ ସ୍ଥିତିରେ ଆହୁରି ସୁଧାର ଆଣିବା ଦରକାର। ଏହି ପରିପ୍ରେକ୍ଷୀରେ ସେମାନଙ୍କ ପୋଷଣ ସ୍ଥିତିରେ ସୁଧାର ଆଣିବା କେବଳ ସରକାରୀ ସେବାରେ ହୋଇପାରିବ ନାହିଁ। ସମାଜର ଭାଗୀଦାରୀରେ ଏହି ଦାୟିତ୍ୱ ନେବାକୁ ହେବ। ବର୍ତ୍ତମାନ ସମୟରେ ଆରମ୍ଭ ହୋଇଥିବା 'ପୋଷଣ ମାସ' ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରୁ ଆରମ୍ଭ ହେଉଥିବା 'ସେବା ପକ୍ଷ' ଅବସରରେ ଏହି ୩ ଲକ୍ଷ ପିଲାଙ୍କ ପୋଷଣ ପାଇଁ ଦଳ-ମତ ନିର୍ବିଶେଷରେ ସମସ୍ତେ ଏକାଠି ହେବାକୁ ପଡ଼ିବ। ଏ ଦିଗରେ ଏକ ବ୍ୟାପକ 'ଜନଆନ୍ଦୋଳନ' କରିବା ପାଇଁ ବୈଠକରେ ଚର୍ଚ୍ଚା ହୋଇଛି। ସେହିପରି ଜିଲ୍ଲାର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୪୯ ନମ୍ବର ଜାତୀୟ ରାଜପଥ ପିତିରିରୁ ପାଲଲହଡ଼ା ପର୍ଯ୍ୟନ୍ତ ପାଖାପାଖି ୬୮ କିମି ରାସ୍ତାକୁ ୪-ଲେନ୍ କରାଯାଉଛି। ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବିକୁ ଆଧାର କରି 'ଖମାର ବଜାର ବାଇପାସ୍' ପ୍ରସ୍ତାବକୁ ଏନଏଚଏଆଇ ସ୍ୱୀକୃତି ଦେଇଛନ୍ତି। ଏଥିସହ ପିଡବ୍ଲ୍ୟୁଡି ରାସ୍ତା, ଷ୍ଟେଟ୍ ହାଇୱେ, ପ୍ରମୁଖ ଜିଲ୍ଲା ରାସ୍ତାଘାଟ ଓ ରେଳବାଇ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ 'ପିଏମ-ଶ୍ରୀ ଆଦର୍ଶ ସ୍କୁଲ୍'ଗୁଡ଼ିକର କାର୍ଯ୍ୟ ସମୀକ୍ଷା କରାଯାଇଛି। ଡିଜିଟାଲ ସଂଯୋଗୀକରଣକୁ ମଜବୁତ କରିବା ପାଇଁ ବିଏସଏନଏଲର ବର୍ତ୍ତମାନ ଥିବା ୨୫୦ଟି ଟାୱାର ସହ ଆଉ ୪୫ଟି ନୂଆ ଟାୱାର ବସାଇବା ଓ ପାଲଲହଡ଼ାର ନଗିରାଠାରୁ ଆଠମଲ୍ଲିକର ଉପାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପକ ସର୍ଭେ କରି ଅଧିକ ଟାୱାର ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ପେନସନ ଯୋଜନାରେ ଭତ୍ତା ମିଳିବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଭ୍ରାନ୍ତି ଦୂର କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ନିରନ୍ତର ସେବା ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ହୋଇଛି। ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ଜିଲ୍ଲାର ସମସ୍ତ ବିଧାୟକ, ବ୍ଲକ୍ ଚେୟାରମ୍ୟାନ୍, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ଜିଲ୍ଲାପାଳ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ରେଳବାଇ, ଏନଏଚଏଆଇ ଓ ବିଏସଏନଏଲର ପ୍ରତିନିଧି ସାମିଲ ଥିଲେ।

### ଭାଙ୍ଗି ନେଇଗଲେ...

ରାଜ୍ୟର ଏକ ପ୍ରମୁଖ ବେଳାଭୂମି। ଉକ୍ତ ସ୍ଥାନରେ ଗତକାଲି ରାତିରେ କିଛି ଦୁର୍ବୃତ୍ତ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ର ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦେଇଛନ୍ତି। ଏହା ଅତି ନିନ୍ଦନୀୟ ଘଟଣା। ସ୍ଥାନୀୟ ସରପଞ୍ଚ ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ୨୪ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ଧରାପଡ଼ିଲେ ନାହିଁ। ଏହି ଘଟଣାର ଅନୁସନ୍ଧାନ ପାଇଁ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଶୁକ୍ରବାର ଘଟଣାସ୍ଥଳକୁ ଗସ୍ତ କରିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ପ୍ରତିନିଧି ମଣ୍ଡଳୀକୁ ଅନୁମୋଦନ କରାଯାଇଛି। ଏହି ପ୍ରତିନିଧି ଦଳ ସ୍ଥାନୀୟ ଲୋକଙ୍କୁ ଭେଟିବା ସହ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିବେ।

### ଓରାଙ୍ଗଉଟାନ ଉଦ୍ଧାର...

ଦେଇ ଓଡ଼ିଶାକୁ ଅଣାଯାଇଥିଲା, ସେମାନେ କିପରି ରାଜ୍ୟରେ ପ୍ରବେଶ କଲେ, ସେମାନଙ୍କ ପରିବହନରେ କିଏ ସମ୍ପୃକ୍ତ ଥିଲେ ଓ କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ଅଣାଯାଉଥିଲା, ଏସବୁ ଦିଗ ସ୍ପଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଭାରତ ସରକାରଙ୍କ ସମ୍ପୃକ୍ତ କର୍ତ୍ତୃପକ୍ଷ, ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ (ଡବ୍ଲୁସିସିବି) ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରଖି ଏହି ମାମଲାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଜାରି ରହିଥିବା ସମୟରେ ଉଦ୍ଧାର ହୋଇଥିବା ଓରାଙ୍ଗଉଟାନଗୁଡ଼ିକୁ ପ୍ରଚଳିତ ବନ୍ୟପ୍ରାଣୀ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ଉପଯୁକ୍ତ ଚିକିତ୍ସା ସେବା, ସୁରକ୍ଷା ଓ ଆବଶ୍ୟକ ଯତ୍ନ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଶାଳବଣିରେ ମନରେଗା ଦୁର୍ନୀତିର ଖୋଲୁଛି ପେଡ଼ି

# ବିନା କାମରେ ଉଠିଲା ଲକ୍ଷ ଲକ୍ଷ ଟଙ୍କା



ଆନନ୍ଦପୁର, ୧୦।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଶାଳବଣି ପଞ୍ଚାୟତ ରେ ପୁଣି ଦେଖା ଦେଇଛି ମନରେଗା ଘୋଟାଲା। ତେବେ ଗୋଟିଏ ପରେ ଗୋଟିଏ ଘୋଟାଲା ସାମ୍ନାକୁ ଆସୁଥିବା ବେଳେ କାହିଁକି ଉଚ୍ଚ ସ୍ତରୀୟ ତଦନ୍ତ ହେଉନାହିଁ, କିଏ ପ୍ରକୃତ ରେ ମୁଖ୍ୟ ସୂତ୍ରଧର, କାହିଁକି କାର୍ଯ୍ୟ ନହୋଇ ପ୍ରତ୍ୟେକ କାର୍ଯ୍ୟରେ ଆଗୁଆ ବିଲ୍ ଉଠାଯାଉଛି ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ତେବେ କୁହାଯାଉଛି ଆନନ୍ଦପୁର ବ୍ଲକର ମନରେଗା ବିଭାଗରେ ସ୍ୱଚ୍ଛତା ବଜାୟ ରଖିବା ପରିବର୍ତ୍ତେ ମନରେଗା କାର୍ଯ୍ୟଭାର ତୁଲାଉଥିବା ସରକାରୀ କର୍ମଚାରୀ ଏବଂ ବିଡ଼ିଓ ଙ୍କ ଇସାରାରେ ଏହି ସବୁ ଘୋଟାଲା ହେଉଛି। ସେହିପରି ଏବେ ଯୋଉ ତଥ୍ୟ ସାମ୍ନାକୁ ଆସିଛି ଶାଳବଣି ପଞ୍ଚାୟତ ରେ ରହିଥିବା କ୍ରସର ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନା ନାଁ ରେ ୯ଲକ୍ଷ ୯୦ହଜାର ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ମଧ୍ୟ ଲଗାଯାଇଥିଲା। କିନ୍ତୁ କିଛି ମୁଷ୍ଟିମେୟ ରାସ୍ତା ରେ ନା ମାଟି ମୁଠେ ପକାଇଛନ୍ତି ନା ମରମ ମୁଠେ ପକାଇଛନ୍ତି ଶ୍ରମିକ ଙ୍କୁ ଛିଡ଼ା କରି ଫୋଟ ଉଠାଇ ୨ଲକ୍ଷ ୩୮ହଜାର ୩୬୮ଟଙ୍କା ଉଠାଇ ଆତ୍ମସାତ କରିଛନ୍ତି। ଖାଲି ସେତିକି ନୁହଁ ଦର୍ଶକ ବନ୍ଧୁ ତଥ୍ୟ ଲୁଚାଇବାକୁ ଯାଇ ସେଇ ସ୍ଥାନରେ ଲାଗିଥିବା ସୂଚନା ଫଳକ ଟିକୁ ମଧ୍ୟ ଭାଙ୍ଗିଦିଆଯାଇଛି। ତେବେ ଏହି କାମ କେବଳ ଏକୁଟିଆ ସେଇ ମୁଷ୍ଟିମେୟ ଙ୍କର ତ ନୁହେଁ କିଛି ରାଜନୈତିକ ଦଳର କୁଜି ନେତାଙ୍କ ସମ୍ପୃକ୍ତି ରହିଥିବା ଏବଂ କିଛି କଥାକୁହା କପିଳା ସାମିଲ ଥିବାନେଇ କୁହାଯାଉଛି। ତେବେ କାହା ଛତ୍ରଛାୟା ତଳେ ରହି ଆନନ୍ଦପୁର ବ୍ଲକ ରେ ବିନା ଉନ୍ନତି ମୂଳକ କାର୍ଯ୍ୟ ରେ ବିଲ୍ ହେଉଛି ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ?। ରାସ୍ତା ଏବେ ଯେପରି ରହିଛି ମରଣ ଯନ୍ତା ଠୁ ବି ଅଧିକ, କେବେ ପଡ଼ିବ ଜିଲ୍ଲା ପ୍ରଶାସନ ର ଦୃଷ୍ଟି? ଆନନ୍ଦପୁର ବ୍ଲକ୍ ପ୍ରଶାସନ ର ନିନ୍ଦ କେବେ ଭାଙ୍ଗିବ ଜିଲ୍ଲା ପ୍ରଶାସନ? କେବେ ହେବ ତଦନ୍ତ? ଦୋଷୀ ଙ୍କ ବିରୁଦ୍ଧରେ କେବେ ହେବ କାର୍ଯ୍ୟାନୁଷ୍ଠାନ ତାହା ଦେଖିବାକୁ ବାକି ରହିଲା।

## ନଦୀରେ ବୁଡି ଜଣେ ମୃତ, ୨ ଦିନ ପରେ ଶବ ଉଦ୍ଧାର

ନବରଙ୍ଗପୁର, ଉମରକୋଟ, ୧୦।୮ (ସଂଚାର ବ୍ୟୁରୋ): ଜଣେ ବ୍ୟକ୍ତି ତେଲ ନଦୀରେ ଗାଧେଇବାକୁ ଯାଇ ଗଡ଼ ଖସି ମୃତ୍ୟୁ ବରଣ କରିଛନ୍ତି। ମୃତ ବ୍ୟକ୍ତିଙ୍କ ନାମ ଭଗବାନ ଗୌଡ ଯାହାଙ୍କ ବୟସ ୪୬ ହେବ। ଘଟଣା ଘଟିଛି ଉମରକୋଟ ଥାନା ଅନ୍ତର୍ଗତ ଝରିଗାଁ ବ୍ଲକର ଗୁରୁଶିଙ୍ଗା। ଗ୍ରାମ ପଞ୍ଚାୟତର ଚାଉରି ଠାରେ। ବଡଭାଇ ଭଗବାନ୍ ଉମରକୋଟ ଥାନାରେ ଦେଇଥିବା ଲିଖିତ ସୂଚନା ଅନୁଯାୟୀ ଏହି ପଞ୍ଚାୟତର ପେଟଫୁଲ। ଗ୍ରାମର ବଡ ଭାଇ ଭଗବାନ ଗୌଡ ୬ ତାରିଖ ଦିନ ନିଜ ଜମି ଥିବା ଚାଉରି ଗ୍ରାମକୁ ଯାଇଥିଲେ। ପରେ ନିକଟରେ ଯାଇଥିବା ତେଲନଦୀ କୁ ଗାଧେଇବାକୁ ଯାଇ ଗୋଡ ଖସି ଯିବାରୁ ଗଭୀର ଜଳରେ ବୁଡ଼ି ନିଖୋଜ ହୋଇଯାଇଥିଲେ।ତେବେ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ୮ ତାରିଖ ଦିନ ରାତି ପ୍ରାୟ ୮ ଟା ସମୟରେ ନଦୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ଉମରକୋଟ ଅଗ୍ନି ଶ୍ରମ ବିଭାଗକୁ ଖବର ମିଳିବା ପରେ ଉମରକୋଟ ଅଗ୍ନିଶ୍ରମ ବିଭାଗର ଓଆଇସି ହରି ଶଙ୍କର ସୁନାନି, ଡ୍ରାଇଭର ହାବିଲଦାର ଜଗଦିଶ କାଣ୍ଡ, ଅଗ୍ନି ଯୋଦ୍ଧା ଯଦୁମଣି କୋକ, ଧର୍ମେନ୍ଦ୍ର ସା, ଦଶରଥ ସାହୁ ଓ ରୁକ୍ମଣୀ ବୁଡେନ ପ୍ରମୁଖ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ରାତି ପ୍ରାୟ ୩ଟା



ବେଳେ ଶବକୁ ଉଦ୍ଧାର କରି ଥିଲେ। ଉମରକୋଟ ପୋଲିସ ସବକୁ ଜବତ କରି ଉମରକୋଟ ହସ୍ପିଟାଲକୁ ନେଇଥିଲା ପରେ ସବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉମରକୋଟ ଥାନାର ଏଏସଆଇ ପି. ସୁନାନି ଘଟଣାର ତଦନ୍ତ ଦାୟିତ୍ୱ ଅଧିକାରୀ ଭାବେ ରହିଛନ୍ତି।

## ଯୌତୁକ ନିଷେଧ ଆଇନ ଉପରେ ସଚେତନତା ତାଲିମ

ଭବାନୀପାଟଣା, ୧୦।୮ (ସଂଚାର ବ୍ୟୁରୋ): ଯୌତୁକ ପ୍ରଥାର ନିରାକରଣ, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଯୌତୁକ ନିଷେଧ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଭବାନୀପାଟଣା ସ୍ଥିତ ଷ୍ଟାଟିଷ୍ଟିକାଲ୍ ସମ୍ମିଳନୀ ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ରଣ୍ଡାରୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ ନିହାରେନ୍ଦ୍ର ପଣ୍ଡା, ଉପଜିଲ୍ଲାଧିକାରୀ, ଜିଲ୍ଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍ ଶ୍ରୀକାନ୍ତ ତଲେଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁକ୍ତିବିନ ନିଶା, ସମାଜ କଲ୍ୟାଣ ଅଧିକାରୀ ନିୟତି ବାଲା ସୋରେନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଶ୍ରୀମତୀ ସ୍ୱର୍ଣ୍ଣଲତା ମହାନ୍ତି ଓ ସଦସ୍ୟ ବିଶ୍ୱନାଥ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ତାଲିମଦାତା ଲକ୍ଷ୍ମୀପ୍ରିୟା ସାହୁ ଯୌତୁକ ନିଷେଧ ଆଇନର ବିଭିନ୍ନ ଦିଗ, ଯୌତୁକ ଦାବି ଓ ଗ୍ରହଣର ଆଇନଗତ ପରିଣାମ, ମହିଳାଙ୍କ ଆଇନଗତ ଅଧିକାର ଏବଂ ଯୌତୁକ ପ୍ରଥା ବିରୋଧରେ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।



କାର୍ଯ୍ୟକ୍ରମରେ ସମସ୍ତ ସିଡ଼ିପିଓ, ୱାନ ଷ୍ଟପ ସେଣ୍ଟର ଓ ଶକ୍ତି ସଦନ କର୍ମଚାରୀ, ଏନ୍ ଜି ଓ ପ୍ରତିନିଧି, ଏସ ଏଚ ଜି ସଦସ୍ୟ, କାର୍ଯ୍ୟାଳୟ କର୍ମଚାରୀ ଏବଂ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇଥିଲେ। ଯୌତୁକ ପ୍ରଥାକୁ ରୋକିବା ସହିତ ମହିଳାଙ୍କୁ ସମ୍ମାନ, ସୁରକ୍ଷା ଓ ସମାନ ଅଧିକାର ପ୍ରଦାନ ପାଇଁ ସମସ୍ତଙ୍କ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଶିଶୁ ଓ କିଶୋର ଶ୍ରମ ସମ୍ପର୍କୀତ ଟାସ୍କ ଫୋର୍ସ ବୈଠକ



ଖୋର୍ଦ୍ଧା, ୧୦।୮ (ସଂଚାର ବ୍ୟୁରୋ): କଲେକ୍ଟୋରେଟ୍‌ର ସମ୍ମିଳନୀ କକ୍ଷରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟମନ) ଅଧିନିୟମ, ୧୯୮୬ ସମ୍ପର୍କିତ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଶ୍ରୀ ପ୍ରତାପ ଚନ୍ଦ୍ର ବେହେରିଆ, ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ତଥା ନୋଡାଲ୍ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକଟି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା। ବୈଠକରେ ଶ୍ରୀ ଅଜୟ କୁମାର ପ୍ରଧାନ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ପ୍ରଭାକର ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ସଙ୍ଗ୍ରାମ ଦଳେଇ, ସହକାରୀ ଶ୍ରମ ଅଧିକାରୀ; ଶ୍ରୀ ଜ୍ୟୋତି ରଞ୍ଜନ ବାରିକ, ସହକାରୀ ଶ୍ରମ ଅଧିକାରୀ, ସୁଶ୍ରୀ ଦେବାଶ୍ରୀ ବେହେରା, ସହକାରୀ ଶ୍ରମ ଅଧିକାରୀଙ୍କ ସମେତ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି) ସଦସ୍ୟ, ଏନ୍‌ଜିଓ ପ୍ରତିନିଧି, ଡିସିପିୟୁ, ଇଡିଟେକ୍ ଏସ୍‌ଡିପିଓ ଖୋର୍ଦ୍ଧା ଏବଂ ଚାଇଲ୍ଡ ହେଲ୍ପଲାଇନ୍ ସଦସ୍ୟମାନେ ଯୋଗଦେଇଥିଲେ। ବୈଠକରେ କେବଳ ଶିଶୁ ଓ କିଶୋର ଶ୍ରମିକଙ୍କ ଉଦ୍ଧାର ଉପରେ ନୁହେଁ, ବରଂ ଉଦ୍ଧାର ପରବର୍ତ୍ତୀ ସ୍ଥାୟୀ ପୁନର୍ବାସନ, ଆବଶ୍ୟକତା ଅନୁଯାୟୀ ଶିଶୁ ଓ କିଶୋରଙ୍କ ଟ୍ରାକିଂ, ତ୍ୱରିତ ଆର୍ଥିକ ସହାୟତା ଏବଂ ନିୟମିତ ଫଲୋଅପ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ପାଇଁ ଏକ ସମର୍ପିତ ଗ୍ରୁପ୍ ଗଠନ କରିବା ଏବଂ ପ୍ରତିମାସ ନିୟମିତ ସମୀକ୍ଷା ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅଧ୍ୟକ୍ଷ ମହୋଦୟ ଉଲ୍ଲେଖ କରିଥିଲେ ଯେ, ଶିଶୁ ଶ୍ରମ କେବଳ ଏକ ସ୍ୱତନ୍ତ୍ର ସମସ୍ୟା ନୁହେଁ; ଏହା ପଛରେ ଥିବା ଦାରିଦ୍ର୍ୟ, ଶିକ୍ଷାରୁ ବଞ୍ଚିତ, ସ୍କୁଲ୍ ଛାଡ଼ିବା, ପରିବାରର ଆର୍ଥିକ ଅସୁରକ୍ଷା, ପ୍ରବାସ ଓ ଅନ୍ୟାନ୍ୟ ସାମାଜିକ-ଆର୍ଥିକ କାରଣର ମୂଳ କାରଣ ବିଶ୍ଳେଷଣ କରି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ଏହା ସହିତ ଶିଶୁମାନଙ୍କୁ ଶିକ୍ଷା, କୌଶଳ ବିକାଶ, ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସରକାରୀ ସୁବିଧା ସହିତ ଯୋଡ଼ି ସେମାନଙ୍କର ସୁରକ୍ଷିତ ଓ ସ୍ଥାୟୀ ପୁନର୍ବାସନ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ସମ୍ ନର୍ସିଂ କଲେଜ-୨ରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳିତ



ଭୁବନେଶ୍ୱର, ୧୦।୮ (ସଂଚାର ବ୍ୟୁରୋ): ଶିକ୍ଷା 'ଓ' ଅନୁସନ୍ଧାନ (ଡିମ୍ଡ ଟୁ ବି ୟୁନିଭର୍ସିଟି) ପରିଚାଳିତ ଫ୍ୟାକଲ୍ଟି ଅଫ୍ ନର୍ସିଙ୍ଗ, ସମ୍ ନର୍ସିଙ୍ଗ କଲେଜ କ୍ୟାମ୍ପସ - ୨, ଫୁଲନଖରା ପକ୍ଷରୁ ଗୁରୁବାର ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ-୨୦୨୬ ଉପଲକ୍ଷେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିବୃନ୍ଦ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆତ୍ମହତ୍ୟା ନିରୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଇବା ଏବଂ ଆବଶ୍ୟକ ସମୟରେ ଉପଯୁକ୍ତ ସହାୟତା ନେବା ପାଇଁ ପ୍ରେରଣା ଦେବା। ଏହି ସଚେତନତା କାର୍ଯ୍ୟକ୍ରମର ପ୍ରସଙ୍ଗ "ଆତ୍ମହତ୍ୟା ସମ୍ପର୍କିତ ଧାରଣାରେ ପରିବର୍ତ୍ତନ, ଆହ୍ୱାନ: ଆଲୋଚନା ଆରମ୍ଭ କରନ୍ତୁ" ବାର୍ତ୍ତା ମାଧ୍ୟମରେ ମାନସିକ ଚାପରେ ଥିବା ବ୍ୟକ୍ତିଙ୍କ କଥାକୁ ଧୈର୍ଯ୍ୟର ସହିତ ଶୁଣିବା, ବୁଝିବା ଏବଂ ସହାନୁଭୂତି ସହ ସହାୟତା କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ସମ୍ ନର୍ସିଙ୍ଗ କଲେଜ କ୍ୟାମ୍ପସ- ୨ ର ଡିନ୍ ପ୍ରଫେସର ଡାକ୍ତର ଅନୁରାଧା ପଣ୍ଡା କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ଭାବେ କ୍ଲିନିକାଲ୍ ସାଇକୋଲୋଜିଷ୍ଟ ତଥା ସାଇକିଆଟ୍ରିକ୍ ସୋସିଆଲ୍ ୱର୍କର ଶ୍ରୀମତି ଶୁଭାସିନୀ ମହାନ୍ତି ଯୋଗ ଦେଇଥିଲେ।

## ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ-ଉଲ୍ଲାସ ଜନସଚେତନତା ପଦଯାତ୍ରା



ଫୁଲବାଣୀ, ୧୦।୮ (ସଂଚାର ବ୍ୟୁରୋ): ଫୁଲବାଣୀ ସଦର ମହକୁମାରେ ତା ୧୦.୦୯.୨୦୨୬ ରେ ମହାସମାରୋହରେ ପାଳନ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ, କନ୍ଧମାଳ ଙ୍କ ଅନୁରୋଧ କ୍ରମେ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ବେଦଭୂଷଣ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ଏବଂ ପଦଯାତ୍ରା ରାଲି କୁ ଆରମ୍ଭ କରିବାକୁ ସବୁଜ ସଂକେତ ଦେଇ ଥିଲେ। ଶ୍ରୀ ସଞ୍ଜୟ କୁମାର ପାତ୍ର, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ, କନ୍ଧମାଳ, ଶ୍ରୀ ସିମାଞ୍ଚଳ ସ୍ୱାଇଁ, ବିଜ୍ଞାନ ନିରିକ୍ଷକ, କନ୍ଧମାଳ ଏବଂ ସମସ୍ତ ସ୍କାଉଟ ଶିକ୍ଷକ, ଜୁନିୟର ରେଡକ୍ରସ କାଉନସେଲର, ଶାରିରୀକ ଶିକ୍ଷକ ମାନେ ଉପସ୍ଥିତ ରହି କାର୍ଯ୍ୟକୁ ସଫଳ ମଣ୍ଡିତ କରିଥିଲେ। ପ୍ରାୟ ୨୦୦ ଜଣ ସ୍କାଉଟ, ଗାଇଡ, ଜୁନିୟର ରେଡକ୍ରଶ ଏବଂ ଘଉଉ ତଥା ସିଭିଲିଆନ ଛାତ୍ର ଛାତ୍ରୀମାନେ ସ୍ଲୋଗାନ ଦେଇ ଫୁଲବାଣୀ ନଗର ପରିକ୍ରମା କରିଥିଲେ। ପଦଯାତ୍ରା ରାଲି ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ମାଷ୍ଟର ପଡା ଛକ, କଣ୍ଟ୍ରାକ୍ଟର ପଡା ଛକ, ମେଡିକାଲ ଛକ ହୋଇ ଏ.ଜେ.ଓ. ଉଚ୍ଚ ବିଦ୍ୟାଳୟ ନିକଟରେ ପହଞ୍ଚି ଥୁଲା। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି କନ୍ଧମାଳ ଜିଲ୍ଲାର ସମସ୍ତ ପନ୍ଦର ବର୍ଷରୁ ଉର୍ଦ୍ଧ୍ୱ ଅଣ ସାକ୍ଷର ପ୍ରୌଢ ମହିଳା ଏବଂ ପୁରୁଷ ମାନେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ନବ ଭାରତ ସାକ୍ଷରତା- ଉଲ୍ଲାସ କାର୍ଯ୍ୟକ୍ରମରେ ସାମିଲ ହେବେ ଏବଂ ଶିକ୍ଷିତ ହୋଇ ଶିକ୍ଷିତ ହେବାର ପ୍ରମାଣପତ୍ର ପାଇବେ ଯାହା ଫଳରେ ସମଗ୍ର କନ୍ଧମାଳ ଜିଲ୍ଲା ଶତ ପ୍ରତିଶତ ସାକ୍ଷର ଘୋଷିତ ହୋଇ ପାରିବ।

## ଜଳଭଣ୍ଡାରରୁ ପାଇପ୍ ଯୋଗେ ମିଳିବ ପାନୀୟ ଜଳ
## ଇଞ୍ଜିନିୟର ଓ ନିର୍ବାହୀ ଯନ୍ତ୍ରୀଙ୍କ ମିଳିତ ସମୀକ୍ଷା



ମାଲକାନଗିରି, ୧୦।୮ (ସଂଚାର ବ୍ୟୁରୋ): ଚିତ୍ରକୋଣ୍ଡା ଅଞ୍ଚଳରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସ୍ଥାୟୀ ପାଇପ୍ ଜଳ ଯୋଗାଣ ପ୍ରକଳ୍ପକୁ ସଫଳ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ବିଷୋୟୀଗୁଡ଼ା ଗ୍ରାମ ନିକଟସ୍ଥ ବାଲିମେଳା ଜଳଭଣ୍ଡାରର ଜଳ ଉପଲବ୍ଧତା ଓ ସ୍ଥିରତା ମୂଲ୍ୟାଙ୍କନ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଯୁଗ୍ମ କ୍ଷେତ୍ର ପରିଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି ବିଶେଷ ସମୀକ୍ଷା ଓ ଯାଞ୍ଚ ସମୟରେ ଚିତ୍ରକୋଣ୍ଡା ମାଟି ବନ୍ଧ ବିଭାଗର ସୁପରିଟେଣ୍ଡିଂ ଇଞ୍ଜିନିୟର ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ବାଲିମେଳା ଜଳଭଣ୍ଡାରର ଜଳସ୍ତର ଏବଂ ବିଷୋୟୀଗୁଡ଼ା ଅଞ୍ଚଳରେ ପ୍ରସ୍ତାବିତ ପାନୀୟ ଜଳ ପ୍ରକଳ୍ପର ବ୍ୟାବହାରିକତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କୁ ବର୍ଷସାରା ନିରନ୍ତର ଏବଂ ନିର୍ଭରଯୋଗ୍ୟ ଭାବେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଏହି ଯାଞ୍ଚର ମୁଖ୍ୟ ଉଦ୍ଦେଶ୍ୟ। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ଜଳ ସମ୍ପଦ ବିଭାଗ ଠାରୁ ଆବଶ୍ୟକୀୟ ଜଳ ଆବଣ୍ଟନ ଅନୁମତି ହାସଲ କରିବା ଦିଗରେ ଏହି ମିଳିତ ଅନୁଧ୍ୟାନ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଜଳଭଣ୍ଡାରରୁ ସ୍ୱଚ୍ଛ ଜଳ ଉତ୍ସ ବ୍ୟବହାର କରି ଗ୍ରାମାଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଷୟିକ ରିପୋର୍ଟ ସରକାରଙ୍କ ନିକଟକୁ ପଠାଯିବ, ଯାହାଫଳରେ ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ଛତ୍ରପୁର, ୧୦।୯ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଗଞ୍ଜାମ ବ୍ଲକ ପରିସରରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ସରକାରୀ ସୁବିଧା ଓ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଭିନ୍ନକ୍ଷମ ବ୍ୟକ୍ତିମାନେ ଯୋଗଦେଇଥିଲେ। ଶିବିରରେ ମୋଟ ୧୩୫ ଜଣ ପଞ୍ଜୀକରଣ କରିଥିବା ବେଳେ ସେଥିମଧ୍ୟରୁ ୬୮ ଜଣ ନୂତନ ଭିନ୍ନକ୍ଷମତା ପ୍ରମାଣପତ୍ର ପାଇଁ ପଞ୍ଜୀକରଣ କରିଥିଲେ। ୧୨ ଜଣ ହିତାଧିକାରୀଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଜଣେ ହିତାଧିକାରୀଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ଏଥିସହ ୪୨ ଜଣ ଭିନ୍ନକ୍ଷମଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଡିଓ ଅଚ୍ୟୁତାନନ୍ଦ ଜାନୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।

## ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗ

ବୋରିଗୁମ୍ମା, ୧୦।୯ (ସଂଚାର ବ୍ୟୁରୋ): ଯୁବ ସାମ୍ବାଦିକ ଲୋକନାଥ ପଟ୍ଟନାୟକ (ରିଙ୍କୁ) ତଥା ସରଳ ବ୍ୟକ୍ତିତ୍ୱ ଏବେ ଆମ ଗହଣରେ ଆଉ ନାହାନ୍ତି। ସମ୍ବାଦ ଖବର କାଗଜ ରେ ସେ କାର୍ଯ୍ୟରତ ଥିଲେ। ଏକ ସଡ଼କ ଦୁର୍ଘଟଣା ରେ ସେ ଗୁରୁତର ରୂପେ ଆହତ ହୋଇଥିଲେ। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ରେ ସେ ଚିକିତ୍ସିତ ହେଉଥିଲେ। ଆଜି ଗୁରୁବାର ଭୋର ସକାଳେ ତାଙ୍କ ବିୟୋଗ ଖବର ଡାକ୍ତର ଟିମ୍ ଙ୍କ ତରଫରୁ ସୂଚନା ହସ୍ତାନ୍ତର ହୋଇଥିଲା। ନିଜ ଦଲେଇ ସାହି ସମେତ ବୋରିଗୁମ୍ମା ଅଞ୍ଚଳ ସମ୍ପୂର୍ଣ୍ଣ ସ୍ତବ୍ଧ ହୋଇଯାଇଛି ତାଙ୍କ ବିୟୋଗ ରେ। ତାଙ୍କ ମେଳାପୀ ଏବଂ ହସ ହସ ଚେହେରା ଆଜି ସବୁକୁ ମୌନ କରି ନିସ୍ତେଜ ହୋଇଯାଇଛି। କ୍ଷ ପୁଅ ରିଙ୍କୁଙ୍କୁ ହରେଇ ବାପା ନରସିଂହ ପଟନାୟକ, ସାନ ଭାଇ ଟିଙ୍କୁ ପଟନାୟକ ସମେତ ପରିବାର ବର୍ଗ ସାଙ୍ଗ ସାଥି ସମସ୍ତେ ଶୋକପ୍ରକାଶ କରିଛନ୍ତି। ତାଙ୍କ ପାର୍ଥିବ ଶରୀର ବୋରିଗୁମ୍ମା ଦଲେଇ ସାହି ସ୍ଥିତ ତାଙ୍କ ବାସଭବନ ରେ ଅଣାଯିବ। ତାଙ୍କ ପବିତ୍ର ଆତ୍ମା ସଦଗତି ପ୍ରାପ୍ତ ହେଉ ଏହା ହିଁ ଈଶ୍ୱର ଙ୍କ ନିକଟରେ ପ୍ରାର୍ଥନା।

## ବିଦ୍ୟୁତ ସ୍ପର୍ଶରେ ନାବାଳକର ମୃତ୍ୟୁ

ହିଞ୍ଜିଳିକାଟୁ, ୧୦।୮ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ବେଲଗାଁ ଥାନା ଅନ୍ତର୍ଗତ ଧୋବାଡି ଗ୍ରାମରେ ଘଟିଛି ଏକ ଦୁଃଖଦ ଘଟଣା। ଗଣେଶ ପୂଜା ଉପଲକ୍ଷେ ତୋରଣ ବନ୍ଧାଯାଉଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଧୋବାଡି ଗ୍ରାମର ପି. ଦଣ୍ଡାସୀ ପାତ୍ରଙ୍କ ପୁଅ ପି. ସୁଧାଂଶୁ ପାତ୍ର (୧୭)ଙ୍କୁ ବିଦ୍ୟୁତ୍ ଆଘାତ ପରେ ଶୁଦାଂଶୁଙ୍କୁ ପ୍ରଥମେ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

● ରେଡକ୍ରସ ଭବନ ପଛପଟେ ଷ୍ଟଲ ନିର୍ମାଣ

## ପାର୍କିଂ ଓ ଟ୍ରାଫିକ୍ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

କୋରାପୁଟ, ୧୦।୮ (ସଂଚାର ବ୍ୟୁରୋ): ସହରରେ ଷ୍ଟଲ ନିର୍ମାଣକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି। କୋରାପୁଟ ପୌରାଞ୍ଚଳର ୧୨ ନମ୍ବର ୱାର୍ଡ ଅଧୀନ ରେଡକ୍ରସ ଭବନ ପଛପଟେ ପୌରପାଳିକା ପକ୍ଷରୁ ଷ୍ଟଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଏହାର ସ୍ଥାନ ଓ ଭବିଷ୍ୟତରେ ଏହାର ପ୍ରଭାବକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। ବିଶେଷକରି ରାସ୍ତା ନିକଟରେ ଷ୍ଟଲ ନିର୍ମାଣ ହେଉଥିବାରୁ ଏଠାରେ ଯାନବାହନ ଚଳାଚଳ କିପରି ରହିବ ଏବଂ ଷ୍ଟଲକୁ ଆସୁଥିବା



ଗ୍ରାହକଙ୍କ ଗାଡ଼ି ପାଇଁ ପାର୍କିଂ ବ୍ୟବସ୍ଥା କ'ଣ ରହିଛି, ସେନେଇ ଆଲୋଚନା ଜୋର ଧରିଛି।ଷ୍ଟଲଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ଗ୍ରାହକମାନେ ରାସ୍ତାକଡ଼ରେ ଗାଡ଼ି ରଖିଲେ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଟ୍ରାଫିକ୍ ଜାମ୍‌ର ସମ୍ଭାବନା ରହିପାରେ। ଏହା ସହ ପଥଚାରୀଙ୍କ ଯାତାୟାତ ଓ ସଡ଼କ ସୁରକ୍ଷା ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି। ତେବେ ଷ୍ଟଲ ନିର୍ମାଣ ପୂର୍ବରୁ ଏହି ଅଞ୍ଚଳର ଟ୍ରାଫିକ୍ ଚାପ, ପାର୍କିଂର ଆବଶ୍ୟକତା, ସଡ଼କ ସୁରକ୍ଷା ଏବଂ ଆଗାମୀ ଦିନର ସହରୀ ଆବଶ୍ୟକତାକୁ ନେଇ ବୈଷୟିକ ଭାବେ ଆକଳନ କରାଯାଇଛି କି ନାହିଁ, ତାହା ଏବେ ମୁଖ୍ୟ ପ୍ରଶ୍ନ ପାଲଟିଛି। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ କୋରାପୁଟ ସାଂସଦଙ୍କ ବାସଭବନ ସମ୍ମୁଖରେ ମଧ୍ୟ ଷ୍ଟଲ ନିର୍ମାଣ ପାଇଁ ସାମଗ୍ରୀ ଠୁଳ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ଏବଂ ସମ୍ପୃକ୍ତ ଜମି ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଜଣାପଡ଼ିବା ପରେ ଶେଷ ମୁହୂର୍ତ୍ତରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ଏବେ ରେଡକ୍ରସ ଭବନ ପଛପଟେ ଷ୍ଟଲ ନିର୍ମାଣକୁ ନେଇ ମଧ୍ୟ ସମାନ ଭାବେ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି।

## ୫ ବର୍ଷର ବିକାଶ କାର୍ଯ୍ୟ ସମ୍ପର୍କୀତ ତଥ୍ୟ ପ୍ରଦାନ କଲେ ପ୍ରତିନିଧି

ବାଲିଅନ୍ତା, ୧୦।୮ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ କରାଯାଇଥିବା ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟ ପ୍ରକ୍ରିୟା ସଂପର୍କରେ ଆଜି ବାଲିଅନ୍ତା ପଞ୍ଚାୟତ ସମିତି ପରିସରରେ



ଥିବା ଜନ ପ୍ରତିନିଧି ଭବନ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଏବଂ ଜିଲ୍ଲା ପରିଷଦ ସଭ୍ୟା ଯୋଗ ଦେଇ ତଥ୍ୟ ପ୍ରଦାନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଥମେ ବ୍ଲକ ଅଧ୍ୟକ୍ଷା ବ୍ଲକର ବିଭିନ୍ନ ପଞ୍ଚାୟତରେ ତାଙ୍କ ତତ୍ତ୍ୱାବଧାନରେ ଜନ କଲ୍ୟାଣ କାର୍ଯ୍ୟମାନ ମନ୍ଥର ଗତିରେ ହୋଇଥିବା ନେଇ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟ ସଂପାଦନ ବେଳେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ସହଯୋଗକୁ ଜନ ପ୍ରତିନିଧିମାନେ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଏନେଇ ଜନ ପ୍ରତିନିଧିମାନେ ପ୍ରଥମେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ତାଙ୍କର ପ୍ରକୋଷ୍ଠରେ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ପ୍ରଶଂସା କରଥିଲେ। ପରେ ପ୍ରତିନିଧି ଭବନ ବୈଠକରେ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଯଶୁଆପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ବିଲ ମଞ୍ଜୁରୀ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ କହିଲେ ବ୍ଲକର ଯେ କୌଣସି ଉନ୍ନୟନ କାର୍ଯ୍ୟ ସରିବା ପରେ ପରେ ବିଲ ମଞ୍ଜୁର ଦିଗରେ ବିଡ଼ିଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିଥାନ୍ତି।

## ଏନ୍‌ଏସି ଦାବିରେ ସମର୍ଥନ ଜଣାଇଲେ ଲକ୍ଷ୍ମଣ ମେହେର

ସଇଁତଲା, ୧୦।୮ (ସଂଚାର ବ୍ୟୁରୋ): ସଇଁତଲା ସହରକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଦାବି ପୂରଣ ନହେବାରୁ ସଇଁତଲା ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଚାଲିଥିବା ଅନିର୍ଦ୍ଦିଷ୍ଟକାଳୀନ ଗଣଧାରଣା ଗୁରୁବାର ଦଶମ ଦିନରେ ପହଞ୍ଚିଛି ଦଶମ ଦିନରେ ପୂର୍ବତନ ବିଡିସିସି ବ୍ୟାଙ୍କ ସଭାପତି ତଥା ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର ଗଣଧାରଣା କୁ ସମର୍ଥନ କରି ରାଜ୍ୟ ସରକାର ବୈମାତୃଭାବ ଉପରେ




ବାର୍ଷିଥିଲେ ଏହି ଆନ୍ଦୋଳନ କୁ ସହରର ବିଭିନ୍ନ ପଡା ବାସୀ ତଥା ଶଙ୍କର ଚୋକ, ଶିବ ମନ୍ଦିର ପଡା, ଜଗନ୍ନାଥ ମନ୍ଦିର ପଡା, ଅଖିଳ ଭାରତୀୟ ଓଡିଶା ବିଦ୍ୟୁତ୍ ମଜଦୂର ସଂଘ, ରଣା ସମାଜ ର କର୍ମ କର୍ତ୍ତା ଏବଂ ରାଜନୈତିକ ଦଳର କର୍ମକର୍ତ୍ତା, ସାମାଜିକ ସଂଗଠନ ଓ ସାଧାରଣ ଲୋକଙ୍କ ସମର୍ଥନ ମିଳୁଛି। ସଇଁତଲା ବ୍ଲକ ସମିତି ସଭ୍ୟ ସଂଘ, ସରପଞ୍ଚ ସଙ୍ଘ ଧାରଣାସ୍ଥଳରେ ପହଞ୍ଚି ଦାବିକୁ ସମର୍ଥନ ଜଣାଇଥିବା ବେଳେ ସଇଁତଲାକୁ ଏନ୍‌ଏସି ଘୋଷଣା କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାରଣାସ୍ଥଳରେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ ଅତିଥିମାନେ ସଇଁତଲାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି ରଖିଥିଲେ।

# ଅସ୍ତରଙ୍ଗରେ କୋଡ୍ ଭାଷାରେ ନିଶା ବେପାର!

### ବାବା-ରିଜିଲା-ଗୋଗୋ ଓ ଧଳା ଚକ ଖଡି ନାଁରେ ବିକ୍ରି ହେଉଛି ଗଞ୍ଜେଇ

କାକଟପୁର /ଅସ୍ତରଙ୍ଗ, ୧୦।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଏବେ ନିଶା ମାଫିଆଙ୍କ ସୁରକ୍ଷିତ ଗଡ଼ ପାଲଟିଛି। ବ୍ଲକ ଅଧୀନ ୧୫ଟି ପଞ୍ଚାୟତର ପ୍ରାୟ ସମସ୍ତ ଗାଁ ଯଥାକ୍ରମେ କଣମଣ ଛକ, ଆଳସାହି, ନଗର ଛକ, ଶିଶୁଅ ଛକ ସମେତ ବିଭିନ୍ନ ଛକ ବଜାରରେ ପାନ, ଚା, ଟିଫିନ ଓ ମନୋହାରୀ ଦୋକାନ ଆଢୁଆଳରେ ବେଧଡକ ନିଶା ବେପାର ଚାଲିଛି। ସବୁଠୁ ଚିନ୍ତାର ବିଷୟ ହେଉଛି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗେଟ୍ ସାମ୍ନା ଦୋକାନରେ ହିଁ ଏହି କାରବାର ନିର୍ଭୟରେ ଚାଲିଛି। ଫଳରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଠାରେ ନିଶା ଦ୍ରବ୍ୟ ସିଧାସଳଖ ବିକ୍ରି ହେଉନାହିଁ, ବରଂ ସମ୍ପୂର୍ଣ୍ଣ କୋଡ୍ ଭାଷାରେ ବିକ୍ରି ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗଞ୍ଜେଇ ପାଇଁ ବାବା,



ରିଜିଲା, ଗୋଗୋ ଭଳି କୋଡ୍ ବ୍ୟବହାର ହେଉଛି। ଯିଏ ଏହି ନାଁ କହିବ ତାକୁ ଗଞ୍ଜେଇ ମିଳିଯିବ। ସେହିପରି ଗଞ୍ଜେଇ ଭରା ସିଗାରେଟ ପାଇଁ ଧଳା ଚକ ଖଡି, ଲମ୍ବା ଧଳା ଖଡ଼ି କୋଡ୍ ବ୍ୟବହାର ହେଉଛି। ଏହା ଛଡା ବ୍ରାଉନସୁଗାର ପାଇଁ କଳା ପୁଡିଆ, ଚକୋଲେଟ ପୁଡିଆ, ମଦ ପାଇଁ ଲାଲ ପାଣି ଓ ତେଲ ପାଉଡ୍ ଭଳି ସାଙ୍କେତିକ ଶବ୍ଦ ବ୍ୟବହାର ହେଉଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ଦୋକାନ ଗୁଡିକରେ ଯୁବକଙ୍କ ଭିଡ ଲାଗି ରହୁଛି। କେହି ସନ୍ଦେହ କରିପାରୁ ନାହାଁନ୍ତି। ଏହି ନିଶାର ପ୍ରଭାବ ଅତ୍ୟନ୍ତ ଭୟାବହ। କୁନି କୁନି ସ୍କୁଲ ପିଲା ପ୍ରଥମେ ଗୁଟଖା, ସିଗାରେଟରୁ ଆରମ୍ଭ କରି ପରେ ବାବା, ରିଜିଲା, ଧଳା ଚକ ଖଡି ଆଡକୁ ଆକୃଷ୍ଟ ହେଉଛନ୍ତି। ପରେ ସେମାନେ ଗଞ୍ଜେଇ ଓ ଶେଷରେ ଧଳା ଜହର ବ୍ରାଉନସୁଗାର ନିଶାରେ ଫସି ଯାଉଛନ୍ତି। ନିଶା ପାଇଁ ଟଙ୍କା ଯୋଗାଡ କରିବାକୁ ଯାଇ ଅନେକ ଯୁବକ ଚୋରି, ରାହାଜାନୀ, ମୋବାଇଲ ଚୋରି ଭଳି ଅପରାଧରେ ଲିପ୍ତ ହେଉଛନ୍ତି। ଅନେକ ପରିବାର ଉଜୁଡି ଯାଉଛି। ଗାଁରେ ଅଶାନ୍ତି ବଢୁଛି। ହେଲେ ଏ ସବୁ ଜାଣି ମଧ୍ୟ ସ୍ଥାନୀୟ ପୁଲିସ ଓ ଅବକାରୀ ବିଭାଗ ନିରବ ଦର୍ଶକ ସାଜିଛନ୍ତି। କଡା ଯାଞ୍ଚ ନାହିଁ, ନିୟମିତ ପେଟ୍ରୋଲିଂ ନାହିଁ। କେବଳ ମାସକୁ ଥରେ ଲୋକ ଦେଖାଣିଆ ଚଢାଉ କରି ଦୁଇ-ଚାରି ବୋତଲ ମଦ ଓ କିଛି ଗଞ୍ଜେଇ ଜବତ ଦେଖାଇ ଫଟୋ ସେସନ କରି ଦାୟିତ୍ୱ ସାରି ଦିଆଯାଉଛି। ଯାହା ଫଳରେ ନିଶା ମାଫିଆଙ୍କ ମନରେ ପୁଲିସର ଡର ନାହିଁ। ବରଂ ସେମାନେ ଅଧିକ ସକ୍ରିୟ ହେଉଛନ୍ତି।

୧୭ରୁ ଅକ୍ଟୋବର ୨ 'ସ୍ୱଚ୍ଛତା ହି ସେବା ୨୦୨୬'

# ଓଡ଼ିଶାରେ ପ୍ରଜ୍ୱଳିତ ହେବ କୋଟିଏ ଦୀପ



## ସ୍ୱଚ୍ଛତା, ପରିମଳ, ସଫେଇ କର୍ମଚାରୀଙ୍କ ସମ୍ମାନକୁ ଗୁରୁତ୍ୱ

ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ଆସନ୍ତା ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ 'ସ୍ୱଚ୍ଛତା ହି ସେବା'-୨୦୨୬ ଅଭିଯାନ ପାଳିତ ହେବ। ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ, ସ୍ୱଚ୍ଛତା ଓ ପରିମଳ, ସଫେଇ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ଏବଂ ସ୍ଥାୟୀ ସହରୀ ଜୀବନଯାତ୍ରାକୁ ଏହି ଅଭିଯାନରେ ପ୍ରାଥମିକତା ଦିଆଯିବ। 'ସ୍ୱଚ୍ଛତା ହି ସେବା ୨୦୨୬' ପାଳନ ସମ୍ପର୍କରେ ଆଜି କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ (ଏଚ୍‌ୟୁଡି) ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଏସବିଏମ (ସହରାଞ୍ଚଳ) ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ପରେ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମର କମିଶନର ଓ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଅଭିଯାନର ସଫଳ, ସମନ୍ୱିତ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

ଏହି ଅବସରରେ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସ୍ୱଚ୍ଛତା ହି ସେବା ପାଇଁ ଓଡ଼ିଶାର ପ୍ରସ୍ତୁତି ଶେଷ ହୋଇଛି ଓ କେନ୍ଦ୍ରର ସମସ୍ତ ମାର୍ଗଦର୍ଶିକାକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯିବ। ଓଡ଼ିଶାରେ ଏକ କୋଟି ଦୀପ ପ୍ରଜ୍ୱଳନ ପାଇଁ ମଧ୍ୟ ଯୋଜନା କରାଯାଇଛି, ଯେଉଁଥିରେ ପ୍ରତି ଜିଲ୍ଲାର ପ୍ରତିଟି ପରିବାରକୁ ସାମିଲ କରାଯିବ। ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବିଭାଗ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ପରିମଳ ଓ ସଫେଇ କାର୍ଯ୍ୟ ସହ ଜଳାଶୟଗୁଡ଼ିକର ବିକାଶ କାର୍ଯ୍ୟ ହାତକୁ ନେବ। ସେହିପରି ବିଭାଗ ସହରାଞ୍ଚଳରେ ଏହିଭଳି କାର୍ଯ୍ୟକ୍ରମ କରିବ। କାର୍ଯ୍ୟ ପୂର୍ବରୁ ଓ ପରେ ଥିବା ସ୍ଥିତିକୁ ଭିଡିଓ ଜରିଆରେ ରେକର୍ଡ କରାଯାଇ ପରିବର୍ତ୍ତନକୁ ପ୍ରଦର୍ଶିତ କରାଯିବ। ଆମକୁ ମିଳିଥିବା ସମସ୍ତ ନିର୍ଦ୍ଦେଶକୁ ତା'ର ପ୍ରକୃତ ଭାବନାରେ ସଫଳତାର ସହ କାର୍ଯ୍ୟକାରୀ କରାଯିବ।

ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ 'ସ୍ୱଚ୍ଛତା ମେଁ ସହଭାଗ, ସ୍ୱଚ୍ଛ ଭାରତ, ବିକଶିତ ଭାରତ' ମୂଳମନ୍ତ୍ରକୁ ଆଧାର କରି ଏହି ଅଭିଯାନ ପାଳିତ ହେବ। ନାଗରିକ, ସରକାରୀ ସଂସ୍ଥା, ଜନପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ, ସାମାଜିକ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କୁ ଏଥିରେ ସକ୍ରିୟ ଭାବେ ସାମିଲ କରାଯିବ। ଏହି ଅଭିଯାନ ପାଞ୍ଚଟି ପ୍ରମୁଖ ସ୍ତମ୍ଭ ଉପରେ ଆଧାରିତ ହେବ। ସ୍ୱଚ୍ଛତା ଲକ୍ଷ୍ୟ ଏକକ ଓ ଅଳିଆ ଆବର୍ଜନା ପଡୁଥିବା ସ୍ଥାନଗୁଡ଼ିକର ଚିହ୍ନଟ ଓ ସମୟୋଚିତ ରୂପାନ୍ତରଣ; 'ସ୍ୱଚ୍ଛତା ଜ୍ଞାନ ଯାତ୍ରା' ଓ 'ସ୍ୱଚ୍ଛତା ସମ୍ବାଦ' ମାଧ୍ୟମରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଅଂଶଗ୍ରହଣ; ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ସଂଯୋଗ ପାଇଁ 'ସଫାଇମିତ୍ର ସୁରକ୍ଷା ଓ ସମ୍ମାନ ଶିବିର', ଶୂନ୍ୟ-ବର୍ଜ୍ୟବସ୍ତୁ କ୍ରୀଡ଼ା ଓ ପରିବେଶ ଅନୁକୂଳ ଉତ୍ସବ ମାଧ୍ୟମରେ ଜନଭାଗିଦାରୀ ଏବଂ 'ସ୍ୱଚ୍ଛତା ସେ ସମୃଦ୍ଧି' ଅଧୀନରେ ବର୍ଜ୍ୟବସ୍ତୁରୁ କଳା, ବର୍ଜ୍ୟବସ୍ତୁରୁ ସମ୍ପଦ ଭଳି ଅର୍ଥନୀତି ଅଭ୍ୟାସକୁ ପ୍ରୋତ୍ସାହନ ଦିଆଯିବ।



ଜିଲ୍ଲା ଅଡିଟ୍ କାର୍ଯ୍ୟାଳୟ ଓ ପଲିଟେକ୍ନିକ୍ କ୍ୟାମ୍ପସରେ ନୂଆ ହଷ୍ଟେଲ ଉଦ୍‌ଘାଟିତ

# ଯୁବଶକ୍ତିଙ୍କୁ ସ୍ୱାବଲମ୍ବୀ କରିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

- ସରକାରୀ ଆର୍ଥିକ କାରବାରରେ ଅଧିକ ସ୍ୱଚ୍ଛତା ଆସିବ
- ଛାତ୍ରାବାସ ଓ ଛାତ୍ରୀ ନିବାସ ଦ୍ୱାରା ଛାତ୍ରଛାତ୍ରୀ ଉପକୃତ ହେବେ

ଅନୁଗୋଳ,୧୦।୯(ସଂଚାର ବ୍ୟୁରୋ)ଃ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳର ଅମଲାପଡ଼ାଠାରେ 'ଜିଲ୍ଲା ଅଡିଟ୍ କାର୍ଯ୍ୟାଳୟ' ଓ ଅନୁଗୋଳ ସରକାରୀ ପଲିଟେକ୍ନିକ୍ କ୍ୟାମ୍ପସରେ ୧୦୦ ଲେଖାଏଁ ଶଯ୍ୟାବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀ ନିବାସର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅମଲାପଡ଼ାଠାରେ ଉଦ୍‌ଘାଟିତ ହୋଇଥିବା ଏହି ନୂତନ ଅଡିଟ୍ କାର୍ଯ୍ୟାଳୟ ଜିଲ୍ଲାର ସରକାରୀ ଆର୍ଥିକ କାରବାରରେ ଅଧିକ ସ୍ୱଚ୍ଛତା ଆଣିବା ସହ ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆର୍ଥିକ ଶୃଙ୍ଖଳା ଓ ସ୍ୱଚ୍ଛ ଶାସନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେହିପରି ଅନୁଗୋଳ ସରକାରୀ ପଲିଟେକ୍ନିକ୍ କ୍ୟାମ୍ପସରେ ଉଦ୍‌ଘାଟିତ ହୋଇଥିବା ଛାତ୍ରାବାସ ଓ ଛାତ୍ରୀନିବାସ ଦ୍ୱାରା ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ, ବିଶେଷକରି ସୁଦୂର ଗ୍ରାମାଞ୍ଚଳରୁ ଆସୁଥିବା ପ୍ରାର୍ଥୀମାନେ ବିଶେଷ ଭାବେ ଉପକୃତ ହେବେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମାଧ୍ୟମରେ ଅନୁଗୋଳର ଯୁବଶକ୍ତିଙ୍କୁ ସ୍ୱାବଲମ୍ବୀ, କୁଶଳୀ ଓ ଆତ୍ମନିର୍ଭର କରିବା ପାଇଁ ଆମ 'ଡବଲ ଇଞ୍ଜିନ ସରକାର' ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଚିଲିକାରେ ୩ ଦିନରେ ୧୦୬୦ ଏକର ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ



ବ୍ରହ୍ମଗିରି,୧୦।୯(ସଂଚାର ବ୍ୟୁରୋ)ଃ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ। ବ୍ରହ୍ମଗିରି ତହସିଲ ଅଞ୍ଚଳରେ ୩ ଦିନରେ ୧ ହଜାର ୬୦ ଏକର ବେଆଇନି ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହୋଇଛି। ପ୍ରଥମ ଦିନରେ ସୁନାମୁହଁ ଆରଆଇ ଅଧୀନସ୍ଥ ବଡ଼ବେଣାକୁଦି ଚିଲିକାରେ ୩୭ ଏକର ଉଚ୍ଛେଦ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ସାତପଡ଼ା ଆର୍‌ଆଇ ଅଧୀନସ୍ଥ ଗମ୍ଭାରୀ ଚିଲିକାରେ ୪୪୦ ଏକର ଓ ତୃତୀୟ ଦିନରେ ପଣସପଦା ଆର୍‌ଆଇ ଅଧୀନସ୍ଥ ପଣ୍ଡା-ଗୋଲା ଚିଲିକାରେ ୫୭୦ ଏକର ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଚିଲିକାରେ ବିଭିନ୍ନ ଅଞ୍ଚଳରୁ ବେଆଇନି ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଚାଲିଛି। ଏହି କ୍ରମରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକକୁ ଚିଙ୍ଗୁଡ଼ି ଘେରିମୁକ୍ତ ପାଇଁ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଜିଲ୍ଲାପାଳ। ବ୍ରହ୍ମଗିରି ତହସିଲଦାର, ଅତିରିକ୍ତ ତହସିଲଦାର, ସୁପରଭାଇଜର, ସାତପଡ଼ା ଆର୍‌ଆଇ, ସୁନାମୁହଁ ଆର୍‌ଆଇ, ପଣସପଦା ଆର୍‌ଆଇ ଓ ପୁଲିସ ଫୋର୍ସ ଉପସ୍ଥିତ ରହି ଘେରି ଉଚ୍ଛେଦ କରିଛନ୍ତି। ମାଟି ବନ୍ଧ ଘେରି ଓ ମଶାରୀ ଘେରି ମଧ୍ୟ ଉଚ୍ଛେଦ କରାଯାଉଛି।

## ଭୀମଟାଙ୍ଗୀରେ ଭୟାବହ ଅଗ୍ନିକାଣ୍ଡ



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱରର ଭୀମଟାଙ୍ଗୀରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଘରେ କେହି ନ ଥିବା ସମୟରେ ହଠାତ୍ ଲାଗିଲା ନିଆଁ। ଏୟାରଫିଲ୍ଡ ଥାନା ଅଧୀନସ୍ଥ ଭୀମଟାଙ୍ଗୀ ଲେନ୍-୫ରେ ସଦାନନ୍ଦ ପାତ୍ରଙ୍କ ତିନି ମହଲା ଘରେ ଏହି ଅଗ୍ନିକାଣ୍ଡ ଘଟିଛି। ମିଳିଥିବା ସୂଚନାନୁସାରେ, ଘର ଭିତରୁ ହଠାତ୍ ଧୂଆଁ ଓ ନିଆଁ ବାହାରୁଥିବା ପଡ଼ୋଶୀମାନେ ଦେଖିଥିଲେ। ଏହାପରେ ସେମାନେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲେ। କିଛି ସମୟର ଚେଷ୍ଟା ପରେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ଘରର ବହୁ ମୂଲ୍ୟବାନ ସାମଗ୍ରୀ ଜଳିପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି। ପ୍ରାଥମିକ ଭାବେ ଶର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଓ କ୍ଷୟକ୍ଷତି ପରିମାଣ ସମ୍ପର୍କରେ ତଦନ୍ତ ପରେ ସ୍ପଷ୍ଟ ସୂଚନା ମିଳିବ। ସୌଭାଗ୍ୟବଶତଃ ଘଟଣା ସମୟରେ ଘରେ କେହି ନ ଥିବାରୁ କୌଣସି ବଡ଼ ଧରଣର ମାନବୀୟ କ୍ଷୟକ୍ଷତି ହୋଇନାହିଁ।

## ଟ୍ରେନ୍ ଧକ୍କାରେ ଦନ୍ତାର ମୃତ୍ୟୁ

ରାୟଗଡ଼ା,୧୦।୯(ସଂଚାର ବ୍ୟୁରୋ)ଃ ଟ୍ରେନ୍ ଧକ୍କାରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲ୍ଲା ବିଷମକଟକ ନିକଟସ୍ଥ ବୃନ୍ଦାବାଡ଼ି ଅଞ୍ଚଳରେ ଘଟିଛି ଏହି ଦୁଃଖଦ ଘଟଣା। ରେଳ ଧାରଣା ନିକଟରୁ ଉକ୍ତ ଦନ୍ତାହାତୀର ମୃତଦେହ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନାନୁସାରେ, ହାତୀର ମୃତଦେହ ରେଳ ଧାରଣାଠାରୁ ପ୍ରାୟ ୩ ମିଟର ଦୂରରେ ପଡ଼ିଥିବା ଦେଖିବାକୁ ମିଳିଛି। ରାତି ସମୟରେ କୌଣସି ଏକ ଟ୍ରେନ୍ ଧକ୍କା ଦେବା ଯୋଗୁଁ ହାତୀଟିର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କିନ୍ତୁ ରାତିରେ ଉକ୍ତ ଦନ୍ତାକୁ କେଉଁ ଟ୍ରେନ୍ ଧକ୍କା ଦେଇଛି ତାହା ଜଣାପଡିନାହିଁ। ଏନେଇ ଖବର ପାଇବା ପରେ ଆରପିଏଫ୍ ଏବଂ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତ କିଛି ମାସ ହେବ କଳାହାଣ୍ଡି ଅଞ୍ଚଳରୁ ଆସିଥିବା ୪ଟି ହାତୀ ବିଷମକଟକ ବ୍ଲକର ଭାତପୁର ଓ ବୃନ୍ଦାବାଡ଼ି ଅଞ୍ଚଳରେ ଘୂରି ବୁଲୁଥିବା ନେଇ ସୂଚନା ମିଳିଛି। ଅପର ପକ୍ଷରେ ଆରପିଏଫ୍ ଓ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। କିନ୍ତୁ ବର୍ଷା ଲାଗି ରହିଥିବାରୁ ଉଦ୍ଧାର ଓ ତଦନ୍ତ କାର୍ଯ୍ୟରେ କିଛି ବିଳମ୍ବ ହେଉଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପରେ ହାତୀଟିର ମୃତ୍ୟୁ ସମ୍ପର୍କରେ ଅଧିକ ସ୍ପଷ୍ଟ ସୂଚନା ମିଳିବ।

ବିଲ ହିଡ଼ରେ ବସି ଖାଉଥିଲେ

## ବଜ୍ରପାତରେ ଚାଲିଗଲା ମହିଳାଙ୍କ ଜୀବନ

ସୁବର୍ଣ୍ଣପୁର,୧୦।୯(ସଂଚାର ବ୍ୟୁରୋ)ଃ ବିଲ ହିଡ଼ରେ ବସି ଖାଉଥିବା ବେଳେ ଅଚାନକ ବଜ୍ରପାତ ହେବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ଏଥିସହ ଏହି ଘଟଣାରେ ଆଉ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ବାଙ୍କିଘିର୍ଡି ପଞ୍ଚାୟତ କୁକୁଡ଼ାଝୁଲି ଗାଁରେ ଏହି ଅଘଟଣ ଘଟିଛି। ମିଳିଥିବା ସୂଚନାନୁସାରେ, ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ବାଙ୍କିଘିର୍ଡି ପଞ୍ଚାୟତ କୁକୁଡ଼ାଝୁଲି ଗାଁରେ ୪ ଜଣ ଶ୍ରମିକ କାମ ସାରି ବିଲ ହିଡ଼ରେ ବସି ପଖାଳ ଭାତ ଖାଉଥିଲେ। ତେବେ ଏହି ସମୟରେ ହଠାତ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତରେ କୁକୁଡ଼ାଝୁଲି ଗାଁର ଶ୍ରମିକ ପୂର୍ଣ୍ଣବାସୀ ନଇ (୫୭) ଓ ବାସନ୍ତୀ ହାତୀ (୫୦) ଗୁରୁତର ଭାବେ ଆହତ ହୋଇଥିଲେ। ଫଳରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣବାସୀ ନଇଙ୍କର ମୃତ୍ୟୁ ଘଟିଥିବା ବେଳେ ବାସନ୍ତୀ ଚିକିତ୍ସାଧୀନ ଅଛନ୍ତି।

# ୩୫ ବର୍ଷରୁ ଊର୍ଦ୍ଧ୍ୱ ଜମି ବିବାଦରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

- ବିଡିଏ କେ-୭ ପ୍ଲଟ୍‌ଧାରୀଙ୍କୁ ମିଳିଲା ଆଶ୍ୱସ୍ତି
- ୨୦୦ରୁ ଅଧିକ ମାମଲାର ଫୈସଲା
- ରାଜସ୍ୱ ପର୍ଷଦ ସଦସ୍ୟଙ୍କ ନିର୍ଦ୍ଦେଶରେ କେ-୭ ଜମି ରେକର୍ଡ ଅସଙ୍ଗତି ଦୂର



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ)ଃ ଦୀର୍ଘ ୩୫ ବର୍ଷର ଅପେକ୍ଷା, ଦୌଡ଼ାଦୌଡ଼ି ଓ ଯନ୍ତ୍ରଣାର ଅନ୍ତ ଘଟିଛି। କେ-୭ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍‌ର ହିତାଧିକାରୀମାନଙ୍କ ଜମି ରେକର୍ଡରେ ରହିଥିବା ଦୀର୍ଘଦିନର ଅସଙ୍ଗତିର ସମାଧାନ ହୋଇଛି। ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁଙ୍କ ତ୍ୱରିତ ଓ ଲୋକାଭିମୁଖୀ ପଦକ୍ଷେପ ଯୋଗୁଁ ୨୦୦ରୁ ଅଧିକ ମାମଲାର ଫଇସଲା ହୋଇଥିବା ବେଳେ ପ୍ରକୃତ ଆବଣ୍ଟନଗ୍ରହୀତାଙ୍କ ନାମରେ ହାଲ୍ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ସଂଶୋଧନ ପାଇଁ ଭୁବନେଶ୍ୱର ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୧୯୯୧ରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବିକଶିତ କଳିଙ୍ଗ ନଗର କେ-୭ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍‌ରେ ବିଭିନ୍ନ ବ୍ୟକ୍ତିଙ୍କୁ ପ୍ଲଟ୍ ଆବଣ୍ଟନ କରାଯାଇଥିଲା। ଆବଣ୍ଟନ ପରେ ହିତାଧିକାରୀମାନେ ନିଜ ଜମିକୁ ନେଇ ନିଶ୍ଚିନ୍ତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଜସ୍ୱ ରେକର୍ଡରେ ଦେଖାଦେଇଥିବା ଅସଙ୍ଗତି ସେମାନଙ୍କ ପାଇଁ ୩୫ ବର୍ଷର ଦୀର୍ଘ ସମସ୍ୟାର କାରଣ ପାଲଟିଥିଲା। ୨୦୧୩-୧୪ ମସିହାର ଶେଷ ବନ୍ଦୋବସ୍ତ ସମୟରେ ଆବଣ୍ଟିତ ପ୍ଲଟ୍‌ଗୁଡ଼ିକର ଆରଓଆରରେ ସାଧାରଣ ପ୍ରଶାସନ ବିଭାଗ ଓ ଅନ୍ୟମାନଙ୍କ ନାମରେ ଭିନ୍ନ ଭିନ୍ନ ଜମି ପରିମାଣ ରେକର୍ଡ ହୋଇଥିଲା। ଫଳରେ ବିଡିଏରୁ ବୈଧ ଭାବେ ପ୍ଲଟ୍ ଆବଣ୍ଟନ ପାଇଥିବା ହିତାଧିକାରୀମାନେ ନିଜ ନାମରେ ଆରଓଆର ପାଇବା ପାଇଁ ବର୍ଷ ବର୍ଷ ଧରି ଅଫିସରୁ ଅଫିସ ଦୌଡ଼ିବା ସହ ଅନେକ ଆର୍ଥିକ ଓ ମାନସିକ ଅସୁବିଧା ଭୋଗିଥିଲେ।

ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ନିର୍ଦ୍ଦେଶ କ୍ରମେ କେ-୭ ସମ୍ପର୍କିତ ୨୦୦ରୁ ଅଧିକ ମାମଲାର ଏକତ୍ର ଶୁଣାଣିକୁ ପ୍ରାଥମିକତା ଦିଆଯାଇଥିଲା। ମାମଲାଗୁଡ଼ିକର ମିଳିତ କ୍ଷେତ୍ର ତଦନ୍ତ ପାଇଁ ବିଡିଏ, ସାଧାରଣ ପ୍ରଶାସନ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ମିଳିତ ଦଳ ଗଠନ କରାଯାଇଥିଲା। ଏହି ଦଳ ପ୍ରାଥମିକତା ଭିତ୍ତିରେ ସରଜମିନ ତଦନ୍ତ କରି ଆବଣ୍ଟନ ଅନୁଯାୟୀ ପ୍ରକୃତ ଜମିର ପରିମାଣ ଚିହ୍ନଟ କରିଥିଲେ। ରେକର୍ଡରେ ଥିବା ଜମି ପରିମାଣ ଓ ପ୍ରକୃତ ଜମିର ଅବସ୍ଥିତି ମଧ୍ୟରେ ଥିବା ଅସଙ୍ଗତି ଯାଞ୍ଚ କରାଯାଇ ବିସ୍ତୃତ ରିପୋର୍ଟ ଦେଇଥିଲା। ମିଳିତ ତଦନ୍ତ ରିପୋର୍ଟ ଓ ସମ୍ପୃକ୍ତ ଦସ୍ତାବିଜ ଆଧାରରେ ୧୦ ସେପ୍ଟେମ୍ବର ୨୦୨୬ରେ ସଦସ୍ୟ, ରାଜସ୍ୱ ପର୍ଷଦ କେ-୭ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍ ସମ୍ପର୍କିତ ୨୦୦ରୁ ଅଧିକ ମାମଲାର ଫଇସଲା କରିଛନ୍ତି। ଏଥିସହ ଦୁଇ ମାସ ମଧ୍ୟରେ ହିତାଧିକାରୀମାନଙ୍କ ନାମରେ ହାଲ୍ ଆରଓଆର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



## ଲଘୁଚାପ ପ୍ରଭାବରେ ରାଜ୍ୟରେ ଭୀଷଣ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ)ଃ ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ବାଂଲାଦେଶ ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଛି। ଏଥିସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତନଠାରୁ ୯.୪ କିମି ପର୍ଯ୍ୟନ୍ତ ବିସ୍ତାରିତ ହୋଇ ରହିବା ସହ ଦକ୍ଷିଣ ପଶ୍ଚିମ ଦିଗକୁ ଢଳିକି ରହିଛି। ଏହାର ପ୍ରଭାବରେ ଆଗାମୀ ଦୁଇ ଦିନ ବା ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା , ଘଡ଼ଘଡ଼ି, ବିଜୁଳି ମାରିବା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଓ କନ୍ଧମାଳରେ ଭୀଷଣ ବର୍ଷା ସମ୍ଭାବନାକୁ ନେଇ ରେଡ୍ ଆଲର୍ଟ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହିପରି ବର୍ଷା ସମୟରେ ଘଣ୍ଟା ପ୍ରତି ୩୦ରୁ ୫୦ କିମି ବେଗରେ ଝଟ୍‌କା ପବନ ହେବା ନେଇ ପୂର୍ବାନୁମାନ କରାଯାଇଛି। ଆସନ୍ତା ୧୨ ତାରିଖ ଯାଏ ରାଜ୍ୟରେ ପ୍ରବଳ ବର୍ଷା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଓଡ଼ିଶା ଭିଜିଲାନ୍ସର ବଡ଼ କାର୍ଯ୍ୟାନୁଷ୍ଠାନ

# ୧୪.୨୨ ଲକ୍ଷ ହେରଫେର ଅଭିଯୋଗରେ ପୂର୍ବତନ ପ୍ୟାକ୍ସ ସମ୍ପାଦକ ଗିରଫ



ବଲାଙ୍ଗୀର,୧୦।୯(ସଂଚାର ବ୍ୟୁରୋ)ଃ ସମବାୟ ସମିତିର ଅର୍ଥ ହେରଫେର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ୍ ଅନ୍ତର୍ଗତ ଜୁବା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଲିମିଟେଡ୍‌ର ପୂର୍ବତନ ସମ୍ପାଦକ ଚିନ୍ତାମଣି ମଲ୍ଲିକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସର ତଦନ୍ତ ଅନୁଯାୟୀ, ସରକାରୀ ଓ ସମବାୟ ସମିତିର ମୋଟ ୧୪ ଲକ୍ଷ ୨୨ ହଜାର ୪୬ ଟଙ୍କା ହେରଫେର ହୋଇଛି। ୨୦୧୬-୧୭, ୨୦୨୦-୨୧, ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ଆର୍ଥିକ ଅନିୟମିତତା ହୋଇଥିବା ତଦନ୍ତ ସମୟରେ ଜଣାପଡ଼ିଛି। ବିହନ ବିକ୍ରିର ଅର୍ଥ ହିସାବରେ ଦର୍ଶାଯାଇ ନ ଥିବା, ବିହନ ବିକ୍ରିର ଅର୍ଥକୁ ସମିତିର ଅଧିକାରିକ ହିସାବ ବହିରେ ଉଲ୍ଲେଖ ନ କରିବା, ଡେ ବୁକ୍‌ରେ ଜାଣିଶୁଣି କମ୍ କ୍ଲୋଜିଂ ବାଲାନ୍ସ ଦର୍ଶାଇବା ଭଳି ଅନିୟମିତତା ସାମ୍ନାକୁ ଆସିଛି। ଏହାଛଡ଼ା ଅର୍ଥ ଅଭାବକୁ ଲୁଚାଇବା ପାଇଁ ଜାଲ୍ ବ୍ୟାଙ୍କ ଜମା ଦର୍ଶାଇବା ଓ ସଞ୍ଚୟ ବ୍ୟାଙ୍କ ଜମାରୁ ଅତିରିକ୍ତ ଅର୍ଥ ଉଠାଣ କରିବା ଭଳି ଅଭିଯୋଗ ମଧ୍ୟ ତଦନ୍ତରେ ଜଣାପଡ଼ିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଅଭିଯୋଗରେ ଶ୍ରୀ ମଲ୍ଲିକଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି। ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ କରି ଭିଜିଲାନ୍ସ ପକ୍ଷରୁ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଜାରି ରହିଛି।

# ପାରାଦୀପରେ ଉପସ୍ଥିତି ଜାହିର କଲା ଆଦାନୀ

- ଦୁଇଟି ଡ୍ରାଏ ବଲ୍‌କ ବର୍ଥ ବିକାଶ ପାଇଁ ପାଇଲା ଲେଟର୍ ଅଫ୍ ଆୱାର୍ଡ
- ପୂର୍ବ ଭାରତରେ ସବୁ ବନ୍ଦରରେ ଆଦାନୀ ପୋର୍ଟସ୍ ଆଣ୍ଡ ଏସଇଜେଡ



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ)ଃ ଭାରତର ସର୍ବବୃହତ ସମନ୍ୱିତ ପରିବହନ ଅପରେଟର ଆଦାନୀ ପୋର୍ଟସ୍ ଆଣ୍ଡ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଏପିଏସଇଜେଡ) ସର୍ବୋଚ୍ଚ ବିଡର ଭାବେ ଉଭା ହୋଇଛି। ପାରାଦୀପ ବନ୍ଦରରେ ଦୁଇଟି ଡ୍ରାଏ ବଲକ ବର୍ଥର ବିକାଶ ଓ ପରିଚାଳନା ପାଇଁ ପୁରସ୍କାରପତ୍ର (ଏଲଓଏ) ପାଇଛି। ସିକ୍ୟୁ-୧ ଓ ସିକ୍ୟୁ-୨ ବର୍ଥ ବିକାଶ କରିବା ପାଇଁ ଲେଟର୍ ଅଫ୍ ଆୱାର୍ଡ ହାସଲ କରିଥିବା କମ୍ପାନୀ କହିଛି। ଏହାଦ୍ୱାରା ବନ୍ଦରରେ ୧୮ ନିୟୁତ ଟନ୍ ପଣ୍ୟ ପରିଚାଳନା କ୍ଷମତା ଯୋଡ଼ିହେବ। ୩୦ବର୍ଷିଆ ରିହାତି ଅବଧିରେ ଏଥିପାଇଁ କାର୍ଯ୍ୟବରାଦ ଦିଆଯିବ। ଏହାର ଘରୋଇ ସରକାରୀ ସହଭାଗିତା (ପିପିପି) ମୋଡ୍‌ରେ ବିକାଶ କରାଯିବ। ପାରାଦୀପ ବନ୍ଦରର ବର୍ଥ ପ୍ରକଳ୍ପ ହାସଲ କରିବା ଦ୍ୱାରା ପୂର୍ବ ଭାରତରେ ଥିବା ସମସ୍ତ ପ୍ରମୁଖ ବନ୍ଦରରେ ଆଦାନୀ ଗ୍ରୁପ ନିଜର ଉପସ୍ଥିତି ଜାହିର କରିପାରିଛି।

ଓଡ଼ିଶାର ଅନ୍ୟ ଦୁଇ ପ୍ରମୁଖ ବନ୍ଦର ଭଦ୍ରକର ଧାମରା ଓ ଗଞ୍ଜାମର ଗୋପାଳପୁର ବନ୍ଦର ସମେତ ପଶ୍ଚିମବଙ୍ଗର ହଲଦିଆ ଓ ଆନ୍ଧ୍ରପ୍ରଦେଶର ଗଙ୍ଗାଭରମ ବନ୍ଦରରେ ଆଦାନୀ ଗ୍ରୁପର ଉପସ୍ଥିତି ରହିଛି। ପାରାଦୀପ ବନ୍ଦରରେ କମ୍ପାନୀ ଯାନ୍ତ୍ରିକ ପଣ୍ୟ ପରିଚାଳନା ବ୍ୟବସ୍ଥା, ଗଭୀର ଡ୍ରାଫ୍ଟ ବର୍ଥ ଓ କୋଇଲା, ଚୂନପଥର ଓ ଅନ୍ୟାନ୍ୟ ଶୁଖିଲା ସାମଗ୍ରୀ ପରିଚାଳନା ପାଇଁ ବୃହତ ସଂରକ୍ଷଣ ଭିତ୍ତିଭୂମି ନିର୍ମାଣ କରିବ। ଏହି ପ୍ରକଳ୍ପ ଭାରତର ଅନ୍ୟତମ ପ୍ରମୁଖ ଶିଳ୍ପ ଓ ଖଣିଜ ସମ୍ପଦ ସମୃଦ୍ଧ ସ୍ଥାନରେ ଆମ ଉପସ୍ଥିତିକୁ ସୁଦୃଢ଼ କରିବ ବୋଲି ଏପିଏସ୍‌ଇଜେଡ୍‌ର ସିଇଓ ଅଶ୍ୱିନୀ ଗୁପ୍ତା କହିଛନ୍ତି।

ରୋଷେୟାଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

# ୪ ଗିରଫ, ପିକଅପ୍ ଓ ବାଇକ୍ ଜବତ



ସୁବର୍ଣ୍ଣପୁର,୧୦।୯(ସଂଚାର ବ୍ୟୁରୋ)ଃ ସୋନପୁର ସହରର ବିଶିଷ୍ଟ ସୂପକାର ତଥା ରୋଷେୟା ଅର୍ଜୁନ ରଥଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ଅଭିଯୋଗରେ ୪ ଜଣ ଗିରଫ ହୋଇଥିବା ବେଳେ ଏକ ମ୍ୟାକ୍ସ ପିକଅପ୍ ଓ ମୋଟର ସାଇକେଲ୍ ଜବତ କରାଯାଇଛି। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସପି ନାରାୟଣ ନାଏକ। ଶ୍ରୀ ନାଏକ ଦେଇଥିବା ସୂଚନା ଅନୁସାରେ, ଅଭିଯୁକ୍ତ ସୁରେନ୍ଦ୍ର ନାୟକ ଓ ଅର୍ଜୁନ ପ୍ରାୟ ଏକ ଦଶନ୍ଧି ଧରି ବିବାହ ଉତ୍ସବ, ଜନ୍ମଦିନ ପାର୍ଟି, କର୍ପୋରେଟ୍ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସାମାଜିକ ସମାବେଶ ଭଳି କାର୍ଯ୍ୟକ୍ରମ ପାଇଁ ମିଳିତ ଭାବେ କ୍ୟାଟରିଂ ବ୍ୟବସାୟ କରୁଥିଲେ। ଏଥିରେ ଅର୍ଜୁନ ଜଣେ ରୋଷେୟା ଭାବେ କାମ କରୁଥିବା ବେଳେ ଅଭିଯୁକ୍ତ ସୁରେନ୍ଦ୍ର ନାୟକ ଫାଷ୍ଟଫୁଡ୍ ପ୍ରସ୍ତୁତି କରୁଥିଲେ। ଘଟଣାର ପ୍ରାୟ ୪ ବର୍ଷ ପୂର୍ବେ ଅର୍ଜୁନଙ୍କ ପୁଅ ଓମ୍ ପ୍ରକାଶ ରଥ ଓ ଅଭିଯୁକ୍ତ ସୁରେନ୍ଦ୍ର ନାୟକଙ୍କ ପୁଅ ବିଶ୍ୱନାଥଙ୍କ ମଧ୍ୟରେ ଏକ ସାମାନ୍ୟ କଥାକୁ ନେଇ ଝଗଡ଼ା ହୋଇଥିଲା। ସେହିଦିନଠାରୁ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା ଓ ଏହି ବିବାଦ ଯୋଗୁଁ ଅଭିଯୋଗକାରୀ ଅର୍ଜୁନ ତାଙ୍କର କୌଣସି କ୍ୟାଟରିଂ ଚୁକ୍ତିରେ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ସାମିଲ କରୁ ନଥିଲେ। ଅଭିଯୋଗକାରୀ ଅର୍ଜୁନଙ୍କୁ ହତ୍ୟା କରିବାର ଯୋଜନା ମୁତାବକ ଘଟଣା ପୂର୍ବରୁ ସୁରେନ୍ଦ୍ର ତାଙ୍କ ଡ୍ରାଇଭର ଅନ୍ତପାଲିର ନୀଳାମ୍ବର କର୍ଣ୍ଣ, ଶାଳକ ବେଜପାଲିର ଜୟ କୁମାର ପଣ୍ଡା ଓ ପିପଲକଟାର ରମାନନ୍ଦ ପ୍ରଧାନ ଏକ ଅପରାଧିକ ଷଡ଼ଯନ୍ତ୍ର କରି ଗାଡ଼ି ଚଢ଼ାଇ ଅର୍ଜୁନଙ୍କୁ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏଥିସକାଶେ ଗତ ୨୭ ତାରିଖରେ ସୁରେନ୍ଦ୍ର ସୋନପୁରସ୍ଥିତ ପୁରୋହିତ ମୋବାଇଲ୍ ଶପ୍‌ରୁ ତାଙ୍କ ରୋଷେୟା କୁମୁଦିନୀ ମେହେରଙ୍କ ନାମରେ ଏକ ନୂଆ ସିମ୍ କାର୍ଡ କିଣିବା ସହ ତାକୁ ଏକ ନୂଆ ଜିଓ ଭାରତ ମୋବାଇଲ୍ ଫୋନରେ ପକେଇଥିଲେ। ଗତ ୩୧ରେ ଅନ୍ୟତମ ଅଭିଯୁକ୍ତ ରମାନନ୍ଦ ପଧାନ ଉକ୍ତ ମୋବାଇଲ୍ ଫୋନ୍ ବ୍ୟବହାର କରି ଅର୍ଜୁନଙ୍କୁ ଯୋଗାଯୋଗ କରିଥିଲେ ଓ ଏକ ଶୁଦ୍ଧିକ୍ରିୟା ଭୋଜି ପାଇଁ ଖାଦ୍ୟ କ୍ୟାଟରିଂ ଆବଶ୍ୟକତା ଥିବା କହିଥିଲେ। ସେ ଅଗ୍ରୀମ ଟଙ୍କା ଦେବାକୁ ପ୍ରସ୍ତାବ ଦେଇଥିଲେ ଓ ସେହି ଅଗ୍ରୀମ ଟଙ୍କା ସଂଗ୍ରହ କରିବା ପାଇଁ ଅର୍ଜୁନଙ୍କୁ ବୀରମହାରାଜପୁରକୁ ଡାକିଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଅର୍ଜୁନ ସୁଶାନ୍ତ ପାତ୍ରଙ୍କ ସହ ମିଶି ପ୍ରସ୍ତାବିତ କ୍ୟାଟରିଂ ଚୁକ୍ତି ପାଇଁ ଅଗ୍ରୀମ ଟଙ୍କା ନେବାକୁ ମୋଟର ସାଇକେଲ୍ ଯୋଗେ ବୀରମହାରାଜପୁର ଆସୁଥିଲେ। ଏହି ସମୟରେ ଯୋଜନାନୁଯାୟୀ ସୁରେନ୍ଦ୍ର ଓ ରମାନନ୍ଦ ଏକ ମୋଟର ସାଇକେଲରେ ଅର୍ଜୁନଙ୍କ ପିଛା କରୁଥିଲେ ଓ ଅଭିଯୁକ୍ତ ନୀଳାମ୍ବର କର୍ଣ୍ଣ ସେମାନଙ୍କ ପଛରେ ସୁରେନ୍ଦ୍ରଙ୍କ ବୋଲେରୋ ପିକଅପ୍ (ନଂ. ଓଡି୩୧ଏନ୍ ୮୮୭୯)ରେ ଆସୁଥିଲେ। ଅର୍ଜୁନ ଓ ସୁଶାନ୍ତ କୁମାରକେଲି ଛକ ନିକଟରେ ପହଞ୍ଚିଥିବା ସମୟରେ ନୀଳାମ୍ବର ଉକ୍ତ ବୋଲେରୋକୁ ଦ୍ରୁତ ଗତିରେ ଚଳାଇ ଅର୍ଜୁନଙ୍କୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏହା ଏକ ସୁଚିନ୍ତିତ ହତ୍ୟା ଉଦ୍ୟମ ହୋଇଥିଲେ ମଧ୍ୟ ଅଭିଯୁକ୍ତମାନେ ଘଟଣାକୁ ଦୁର୍ଘଟଣାର ରୂପ ଦେବାକୁ ଅପଚେଷ୍ଟା କରିଥିଲେ। ପିକଅପ୍ ଗାଡ଼ି ଧକ୍କାରେ ଉଭୟ ଅର୍ଜୁନ ଓ ସୁଶାନ୍ତ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନେ ପ୍ରଥମେ ସୋନପୁର ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ ହେଁ ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଏହା ହତ୍ୟାକାଣ୍ଡ ବୋଲି ଜଣାପଡ଼ିବା ପରେ ଏହାକୁ ସ୍ୱତନ୍ତ୍ର କେଶ୍ ଭାବେ ଗ୍ରହଣ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

# ଲଞ୍ଚ କଲା ସାଓମିର ଏଆଇ ଗ୍ୟାସ୍ ଚୁଲା



ନୂଆଦିଲ୍ଲୀ,୧୦।୯: ଚୀନ୍‌ରେ ନୂଆ ସ୍ମାର୍ଟ ଗ୍ୟାସ୍ ଚୁଲା ଲଞ୍ଚ କରିଛି ସାଓମି। କମ୍ପାନି ମିଜିଆ ସ୍ମାର୍ଟ ଗ୍ୟାସ୍ ଷ୍ଟୋଭ୍ ୩ ମ୍ୟାକ୍ସ (Mijia Smart Gas Stove 3 Max) ନାମରେ ଏହି ଚୁଲାକୁ ବଜାରକୁ ଆଣିଛି। ଏଥିରେ ଏଆଇ ଆଧାରିତ ସୁରକ୍ଷା ବୈଶିଷ୍ଟ୍ୟ ରହିଛି, ଯାହା ରୋଷେଇ ସମୟରେ ଦୁର୍ଘଟଣାର ଆଶଙ୍କା କମାଇବାରେ ସହାୟକ ହୋଇପାରେ। ଏହି ଚୁଲାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଡ୍ରାଏ-ବର୍ଣ୍ଣ ପ୍ରୋଟେକ୍ସନ୍ ଓ ଅଫ୍-ଷ୍ଟୋଭ୍ ଡିଟେକ୍ସନ୍। ଅର୍ଥାତ୍, ହାଣ୍ଡିରେ ପାଣି କିମ୍ବା ଖାଦ୍ୟ ସରିଯାଇ ଚୁଲା ଜଳୁଥିଲେ, ସିଷ୍ଟମ୍ ଏହାକୁ ଚିହ୍ନଟ କରି ଗ୍ୟାସ୍ ବନ୍ଦ କରିପାରିବ। ସେହିପରି ରୋଷେଇ କରିବା ସମୟରେ ଆପଣ ଚୁଲା ଛାଡ଼ି ଦୀର୍ଘ ସମୟ ପାଇଁ ଚାଲିଗଲେ ମଧ୍ୟ ଏହା ଗ୍ୟାସ୍ ଯୋଗାଣ ବନ୍ଦ କରିପାରିବ।

ଚୁଲାର ଡାହାଣ ବର୍ନରରେ ଏକ ତାପମାତ୍ରା ମାପିବା ପ୍ରୋବ୍ ଦିଆଯାଇଛି। ଏହା ହାଣ୍ଡିର ତଳ ଭାଗର ତାପମାତ୍ରା ଉପରେ ନଜର ରଖେ। ଏହି ତଥ୍ୟକୁ କୃତ୍ରିମ ବୁଦ୍ଧିମତା ଆଧାରିତ ସିଷ୍ଟମ୍ ବିଶ୍ଳେଷଣ କରି ହାଣ୍ଡି ଶୁଖିଯାଇଛି କି ନାହିଁ ଚିହ୍ନଟ କରେ। ହାଣ୍ଡି ଶୁଖିଯାଇ ଅଧିକ ଗରମ ହେଉଥିବା ଜଣାପଡ଼ିଲେ, ଚୁଲା ସ୍ୱୟଂଚାଳିତ ଭାବେ ଗ୍ୟାସ୍ ବନ୍ଦ କରିପାରିବ। ଏହା ସହ ସାଓମି ହୋମ୍ ଆପ୍‌ରେ ବ୍ୟବହାରକାରୀଙ୍କୁ ଆଲର୍ଟମଧ୍ୟ ମିଳିବ। ଚୁଲାରେ ଏକ ରାଡାର୍ ସିଷ୍ଟମ୍ ରହିଛି, ଯାହା ଚୁଲା ସାମ୍ନାରେ ପ୍ରାୟ ୦.୯ ମିଟର ଅଞ୍ଚଳ ମଧ୍ୟରେ ବ୍ୟବହାରକାରୀ ଅଛନ୍ତି କି ନାହିଁ ଚିହ୍ନଟ କରିପାରେ। ଯଦି ବ୍ୟବହାରକାରୀ ୩୦ ମିନିଟ୍ ପର୍ଯ୍ୟନ୍ତ ଚୁଲା ପାଖକୁ ଫେରି ନଆସନ୍ତି, ତେବେ ପ୍ରଥମେ ଚୁଲା ବଜର ମାଧ୍ୟମରେ ସତର୍କ କରିବ। ଏହାପରେ ମଧ୍ୟ ବ୍ୟବହାରକାରୀ ନଆସିଲେ ଏବଂ ମୋଟ ୬୦ ମିନିଟ୍ ପର୍ଯ୍ୟନ୍ତ ଅନୁପସ୍ଥିତ ରହିଲେ, ଗ୍ୟାସ୍ ଯୋଗାଣ ସ୍ୱୟଂଚାଳିତ ଭାବେ ବନ୍ଦ ହୋଇଯିବ। ଏହାର ସୂଚନା ସାଓମି ହୋମ୍ ଆପ୍‌ରେ ମଧ୍ୟ ମିଳିବ।

ମିଜିଆ ସ୍ମାର୍ଟ ଗ୍ୟାସ୍ ଷ୍ଟୋଭ୍ ୩ ମ୍ୟାକ୍ସରେ ଦୁଇଟି ବର୍ନର ରହିଛି। ଉଭୟ ବର୍ନର ୫,୨୦୦ୱାଟ୍ ପର୍ଯ୍ୟନ୍ତ ଶକ୍ତି ଦେଇପାରେ। ଏଥିରେ ଡୁଆଲ୍-ଚ୍ୟାନେଲ୍ ଅକ୍ସିଜେନ୍ ସପ୍ଲାଏ ସିଷ୍ଟମ୍ ଏବଂ ୧୫୪ଟି ଫ୍ଲେମ୍ ହୋଲ୍ ରହିଛି। କମ୍ପାନି ଅନୁସାରେ, ଏହା ହାଣ୍ଡି ତଳେ ତାପକୁ ଅଧିକ ସମାନ ଭାବରେ ପହଞ୍ଚାଇବାରେ ସହାୟକ ହେବ।

ବର୍ନରରେ ବ୍ରାସ୍ କ୍ୟାପ୍ ଦିଆଯାଇଛି, ଯାହା ଅଧିକ ତାପମାତ୍ରାରେ ଦୀର୍ଘ ସମୟ ବ୍ୟବହାର କଲେ ବର୍ନର ବିକୃତ ହେବାର ଆଶଙ୍କା କମାଇବା ପାଇଁ ଡିଜାଇନ୍ କରାଯାଇଛି। ଉଭୟ ବର୍ନରରେ ଅଲଗା ଟାଇମର୍ ଦିଆଯାଇଛି। ବ୍ୟବହାରକାରୀ ୧ ମିନିଟ୍‌ରୁ ୧୮୦ ମିନିଟ୍ ପର୍ଯ୍ୟନ୍ତ ରୋଷେଇ ସମୟ ସେଟ୍ କରିପାରିବେ। ନିର୍ଦ୍ଧାରିତ ସମୟ ସରିଗଲେ ଚୁଲା ତାପ ବନ୍ଦ କରିପାରିବ। ତେଣୁ ସୁପ୍, ଷ୍ଟ୍ୟୁ ଭଳି ଅଧିକ ସମୟ ରୋଷେଇ ଆବଶ୍ୟକ କରୁଥିବା ଖାଦ୍ୟ ପାଇଁ ଏହି ଫିଚର୍‌ଉପଯୋଗୀ ହୋଇପାରେ।

ଡାହାଣ ବର୍ନରରେ ଥିବା ଏକ ବଟନ୍ ମାଧ୍ୟମରେ ହାଣ୍ଡିର ତାପମାତ୍ରା ରିଅଲ୍-ଟାଇମ୍‌ରେ ଦେଖିହେବ। ସାଓମି ଅନୁସାରେ, ଏହି ଫିଚର୍ ଭାଜିବା ଓ ଷ୍ଟର୍-ଫ୍ରାଇ ଭଳି ରୋଷେଇରେ ଉପଯୋଗୀ ହୋଇପାରେ। ଚୁଲାର ରାକ୍‌ରେ ତିନି-ସ୍ତରୀୟ ଏୟାର୍ ଚାମ୍ବର୍ ଦିଆଯାଇଛି। ସାଓମିର ଦାବି ଅନୁସାରେ, ଏହା କୁକ୍‌ଟପ୍ ଚାରିପାଖର ତାପମାତ୍ରାକୁ ସର୍ବାଧିକ ୨୨ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ କମାଇପାରେ। ଫଳରେ ଦୀର୍ଘ ସମୟ ରୋଷେଇ କରିବା ସମୟରେ ରୋଷେଇ ଘର ଅପେକ୍ଷାକୃତ ଥଣ୍ଡା ରହିପାରିବ। ମିଜିଆ ସ୍ମାର୍ଟ ଗ୍ୟାସ୍ ଷ୍ଟୋଭ୍ ୩ ମ୍ୟାକ୍ସର ଚୀନ୍‌ରେ ପ୍ରି-ସେଲ୍ ଆରମ୍ଭ ହୋଇଛି। JD.comରେ ଏହାର ମୂଲ୍ୟ ୨,୭୦୪ ୟୁଆନ୍, ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୩୮,୫୦୦ ଟଙ୍କା ହେବ। ବର୍ତ୍ତମାନ ଏହି ସ୍ମାର୍ଟ ଗ୍ୟାସ୍ ଚୁଲା କେବଳ ଚୀନ୍ ବଜାର ପାଇଁ ଲଞ୍ଚ ହୋଇଛି। ଭାରତରେ ଏହା କେବେ ଲଞ୍ଚ ହେବ ଏବଂ ଏଠାରେ ଏହାର ମୂଲ୍ୟ କେତେ ରହିବ, ସେନେଇ ସାଓମି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

# ନୂଆ ଲୁକରେ ଆସିବ ଟାଟା ନେକ୍ସନ

ନୂଆଦିଲ୍ଲୀ, ୧୦।୯: ଟାଟା ମୋଟର୍ସ ନିଜର ଲୋକପ୍ରିୟ ଏସୟୁଭି ନେକ୍ସନର ନୂଆ ମଡେଲ୍ ଉପରେ କାମ କରୁଛି। ନୂଆ ନେକ୍ସନକୁ ୨୦୨୭ରେ ଭାରତୀୟ ବଜାରରେ ଲଞ୍ଚ କରାଯାଇପାରେ। ଏହି ନୂଆ ଏସୟୁଭି କୁ କମ୍ପାନୀ Project Garud ନାମ ଦେଇଛି। ଟେଷ୍ଟିଂ ସମୟରେ ନୂଆ ନେକ୍ସନକୁ ଅନେକଥର ରାସ୍ତାରେ ଦେଖିବାକୁ ମିଳିଛି। ନୂଆ ମଡେଲର ଲୁକ୍ ବର୍ତ୍ତମାନର ନେକ୍ସନ ଠାରୁ ବହୁତ ଅଲଗା ହୋଇପାରେ। ଏହାର ଡିଜାଇନ୍ ଅଧିକ ସିଧା ଓ ଚଉକା ରଖାଯାଇପାରେ। ଏହାଦ୍ୱାରା ଗାଡ଼ିଟି ରାସ୍ତାରେ ଅଧିକ ବଡ଼ ଏବଂ ପାୱାରଫୁଲ୍ ଦେଖାଯିବ। ଏହା ସହିତ ନୂଆ ନେକ୍ସନରେ Coupe-ଏସୟୁଭି ଭଳି ଷ୍ଟାଇଲ୍ ମଧ୍ୟ ଦେଖିବାକୁ ମିଳିପାରେ। ଅର୍ଥାତ୍ ଗାଡ଼ିର ଲୁକ୍ ମଜବୁତ ହେବା ସହିତ ସ୍ପୋର୍ଟି ମଧ୍ୟ ରହିବ।

ନୂଆ ନେକ୍ସନର A-pillar ଓ C-pillarରେ ମଧ୍ୟ ପରିବର୍ତ୍ତନ କରାଯାଇପାରେ। ଏହା ଫଳରେ ପଛ ସିଟ୍‌ରେ ବସୁଥିବା ଯାତ୍ରୀଙ୍କ ପାଇଁ ମୁଣ୍ଡ ପାଖରେ ଅଧିକ ସ୍ଥାନ ମିଳିପାରେ। ଏହା ସହିତ ଗାଡ଼ିଟି ରାସ୍ତାରେ ଏକ ବଡ଼ ଏସୟୁଭି ଭଳି ଦେଖାଯାଇପାରେ। କେବଳ ବାହାର ଲୁକ୍ ନୁହେଁ, ନୂଆ ନେକ୍ସନର ଇଣ୍ଟେରିୟରରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇପାରେ। ଏହାର ଇଣ୍ଟେରିୟର ଟାଟାର ନୂଆ Sierra ଏସୟୁଭିର ଡିଜାଇନ୍ ସହିତ ମିଶିଥିବା ଦେଖିବାକୁ ମିଳିପାରେ। ଡ୍ୟାସବୋର୍ଡରେ ଦୁଇଟି ୧୦.୨୫ ଇଞ୍ଚର ସ୍କ୍ରିନ୍ ଦିଆଯାଇପାରେ। ଗୋଟିଏ ସ୍କ୍ରିନ୍ ଡ୍ରାଇଭରଙ୍କ ସାମ୍ନାରେ ରହିବ। ଅନ୍ୟ ସ୍କ୍ରିନରେ ମ୍ୟୁଜିକ୍ ଓ ଅନ୍ୟାନ୍ୟ ଫିଚର୍ସ ବ୍ୟବହାର କରାଯାଇପାରିବ। ନୂଆ ନେକ୍ସନରେ ନୂଆ ଷ୍ଟିୟରିଂ ହ୍ୱିଲ୍ ମଧ୍ୟ ମିଳିପାରେ। ଏଥିରେ ଆଲୋକିତ Tata ଲୋଗୋ ଦିଆଯାଇପାରେ। ACର ଡିଜାଇନରେ ମଧ୍ୟ ପରିବର୍ତ୍ତନ ହୋଇପାରେ। ଗାଡ଼ି ଭିତରେ ଅଧିକ ଆରାମ ଓ ନୂଆ ଟେକ୍ନୋଲୋଜି ଦେବା ଉପରେ କମ୍ପାନୀ ଗୁରୁତ୍ୱ ଦେଇପାରେ। ନୂଆ ନେକ୍ସନର ଟପ୍ ମଡେଲରେ ଅନେକ ନୂଆ ଫିଚର୍ସ ମିଳିପାରେ। ଏଥିରେ ନୂଆ ADAS ସିଷ୍ଟମ୍ ମଧ୍ୟ ଦିଆଯାଇପାରେ।

ଏହି ଟେକ୍ନୋଲୋଜି ଗାଡ଼ି ଚଲାଇବା ସମୟରେ ଡ୍ରାଇଭରଙ୍କୁ ସହାୟତା କରିଥାଏ। ଏହା ବ୍ୟତୀତ ନୂଆ ଇନଫୋଟେନମେଣ୍ଟ ସ୍କ୍ରିନ୍ ଏବଂ ସହଜ ଅପରେଟିଂ ସିଷ୍ଟମ୍ ମିଳିପାରେ। ଟପ୍ ମଡେଲରେ Electronic Parking Brake ଏବଂ Auto Hold ଫିଚର୍ ମଧ୍ୟ ଦିଆଯାଇପାରେ। କିଛି ମହଙ୍ଗା ଭାରିଆଣ୍ଟରେ ତିନୋଟି ସ୍କ୍ରିନ୍ ସହିତ ଡ୍ୟାସବୋର୍ଡ ମିଳିବାର ସମ୍ଭାବନା ରହିଛି। ଯଦି ଏହା ହୁଏ, ତେବେ ନୂଆ ନେକ୍ସନ ନିଜ ସେଗମେଣ୍ଟର ଏକ ମର୍ଡନ ଏସୟୁଭି ହୋଇପାରେ। ଏବେ ଇଞ୍ଜିନ୍ ବିଷୟରେ କହିବାକୁ ଗଲେ, ଟାଟା ନୂଆ ନେକ୍ସନରେ ୧.୨ ଲିଟର ଟର୍ବୋ ପେଟ୍ରୋଲ୍ ଇଞ୍ଜିନ୍ ଜାରି ରଖିପାରେ। ଏହା ସହିତ Twin-Cylinder CNG ଅପ୍ସନ ମଧ୍ୟ ମିଳିପାରେ। ତେବେ ୧.୫ ଲିଟର ଡିଜେଲ୍ ଇଞ୍ଜିନ୍‌କୁ ବନ୍ଦ କରାଯାଇପାରେ। ତେବେ ନୂଆ ନେକ୍ସନର ଅଫିସିଆଲ୍ ଫିଚର୍ସ, ଇଞ୍ଜିନ୍ ଓ ଦାମ ସମ୍ପର୍କରେ କମ୍ପାନୀ ପକ୍ଷରୁ ଅଧିକାରିକ ସୂଚନା ଆସିବା ପରେ ହିଁ ସ୍ପଷ୍ଟ ହେବ।




# ମୋଦୀ ସରକାର ଦେବେ କ୍ରେଡିଟ୍ କାର୍ଡ

ନୂଆଦିଲ୍ଲୀ, ୧୦।୯ : ପିଏମ୍ ସ୍ୱନିଧି କ୍ରେଡିଟ୍ କାର୍ଡଃ କେନ୍ଦ୍ର ସରକାରଙ୍କର ଅନେକ ଯୋଜନା ରହିଛି ଯେଉଁଥିରେ ହିତାଧିକାରୀଙ୍କ ପାଇଁ ଋଣ କିମ୍ବା କ୍ରେଡିଟ୍ କାର୍ଡ ଜରିଆରେ ଟଙ୍କା ବ୍ୟବସ୍ଥା କରାଯାଏ। ଏହିପରି ଗୋଟିଏ ହେଉଛି ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା। ଏହି ଯୋଜନା ଅଧୀନରେ ହିତାଧିକାରୀଙ୍କୁ କେବଳ ଋଣ ମିଳେ ନାହିଁ ବରଂ କ୍ରେଡିଟ୍ କାର୍ଡ ମଧ୍ୟ ଦିଆଯାଏ। କରୋନା କାଳରେ ଆରମ୍ଭ ହୋଇଥିବା ପିଏମ୍ ସ୍ୱନିଧି ଯୋଜନା ଅଧୀନରେ ଷ୍ଟ୍ରିଟ୍ ଭେଣ୍ଡରମାନଙ୍କୁ ତିନୋଟି ଭିନ୍ନ ଭିନ୍ନ କିସ୍ତିରେ ଋଣ ଦିଆଯାଏ। ଏହି ତିନୋଟି କିସ୍ତି ୧୫,୦୦୦ ଟଙ୍କା, ୨୫,୦୦୦ ଟଙ୍କା ଏବଂ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ଏହା ବ୍ୟତୀତ, ଯୋଜନା ଅନ୍ତର୍ଗତ ସୁଧ ସବସିଡି, କ୍ରେଡିଟ୍ ଗ୍ୟାରେଣ୍ଟି ସହାୟତା ଏବଂ ଯୋଗ୍ୟ ବିକ୍ରେତାଙ୍କ ପାଇଁ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ-ଲିଙ୍କଡ୍ ରୁପେ କ୍ରେଡିଟ୍ କାର୍ଡ ମଧ୍ୟ ଦିଆଯାଏ।

ଷ୍ଟ୍ରିଟ୍ ଭେଣ୍ଡରମାନଙ୍କ ପାଇଁ ଦିଆଯାଉଥିବା କ୍ରେଡିଟ୍ କାର୍ଡରେ ସର୍ବାଧିକ ୩୦,୦୦୦ ପର୍ଯ୍ୟନ୍ତ କ୍ରେଡିଟ୍ ଲିମିଟ୍ ମିଳିପାରିବ। ତେବେ, ଆରମ୍ଭରେ କାର୍ଡର ଅପରେଟିଂ ଲିମିଟ୍ ୧୦,୦୦୦ ରଖାଯିବ। କାର୍ଡର ବ୍ୟବହାର ଏବଂ ପେମେଣ୍ଟ ରେକର୍ଡକୁ ଦେଖି ଏହି ଲିମିଟକୁ ଧୀରେ ଧୀରେ ବଢ଼ାଇ ୩୦,୦୦୦ ପର୍ଯ୍ୟନ୍ତ କରାଯାଇପାରିବ। ଏହି କାର୍ଡର ଗୋଟିଏ ବଡ଼ ସୁବିଧା ଇଣ୍ଟରେଷ୍ଟ-ଫ୍ରି କ୍ରେଡିଟ୍ ପିରିୟଡ୍ (ସୁଧ-ମୁକ୍ତ ଅବଧି)। କାର୍ଡ ଜାରି କରୁଥିବା ସଂସ୍ଥାର ପ୍ରଚଳିତ ନୀତି ଅନୁଯାୟୀ ଗ୍ରାହକଙ୍କୁ ୨୦ରୁ ୫୦ ଦିନ ପର୍ଯ୍ୟନ୍ତ ସୁଧ-ମୁକ୍ତ ଅବଧି ମିଳିପାରେ। ଏହି ସମୟ ମଧ୍ୟରେ ବାକି ଥିବା ରାଶି ପରିଶୋଧ କଲେ ସୁଧରୁ ରିହାତି ମିଳିପାରିବ। ଯୋଜନା ଅଧୀନରେ କ୍ରେଡିଟ୍ କାର୍ଡର ବୈଧତା ଜାରି ହେବା ତାରିଖରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ହେବ। ଅର୍ଥାତ୍ ଷ୍ଟ୍ରିଟ୍ ଭେଣ୍ଡରମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି କ୍ରେଡିଟ୍ ସୁବିଧାର ବ୍ୟବହାର କରିବାର ସୁଯୋଗ ମିଳିବ।



ଏହା ବ୍ୟତୀତ, କ୍ରେଡିଟ୍ କାର୍ଡକୁ ହିତାଧିକାରୀଙ୍କ ୟୁପିଆଇ ଆଡି ସହ ଲିଙ୍କ୍ କରାଯାଇପାରିବ। ଏହାଦ୍ୱାରା ଷ୍ଟ୍ରିଟ୍ ଭେଣ୍ଡରମାନେ ନିଜ କ୍ରେଡିଟ୍ କାର୍ଡର ଉପଲବ୍ଧ ଲିମିଟକୁ ୟୁପିଆଇ ଜରିଆରେ ପେମେଣ୍ଟ କରିବାରେ ବ୍ୟବହାର କରିପାରିବେ। ଏହି ଯୋଜନା ଜୁନ୍ ୨୦୨୦ରେ ଆରମ୍ଭ କରାଯାଇଥିଲା। ଏହାକୁ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗର ମିଳିତ ଉଦ୍ୟମରେ ଲାଗୁ କରାଯାଇଥିଲା। ଗତବର୍ଷ ସରକାର ପିଏମ୍ ସ୍ୱନିଧି ଯୋଜନାର ସମ୍ପ୍ରସାରଣକୁ ମଞ୍ଜୁରୀ ଦେଇଥିଲେ। ଏହା ଅଧୀନରେ ଋଣ ଦେବାର ଅବଧିକୁ ମାର୍ଚ୍ଚ ୨୦୩୦ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଯେକୌଣସି ବ୍ୟକ୍ତି ଯିଏ ରାସ୍ତା, ଫୁଟପାଥ୍, ଆଦିରେ ଅସ୍ଥାୟୀ ନିର୍ମାଣରୁ କିମ୍ବା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୁଲି ବୁଲି ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ, ଜିନିଷପତ୍ର, ଖାଦ୍ୟ ପଦାର୍ଥ କିମ୍ବା ଅନ୍ୟାନ୍ୟ ଜିନିଷ ବିକ୍ରି କରନ୍ତି। ଏମାନଙ୍କ ଦ୍ୱାରା ବିକ୍ରି ହେଉଥିବା ଜିନିଷରେ ପନିପରିବା, ଫଳ, ରେଡି-ଟୁ-ଇଟ୍ ଷ୍ଟ୍ରିଟ୍ ଫୁଡ୍ ଆଦି ସାମିଲ ଅଛି।

# ୧ ଲକ୍ଷ କର୍ମଚାରୀଙ୍କୁ ବାହାର କରିବ ଭୋଲ୍କସୱାଗନ୍

ନୂଆଦିଲ୍ଲୀ,୧୦।୯:ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଜର୍ମାନ କାର ନିର୍ମାତା କମ୍ପାନୀଭୋଲ୍କସୱାଗନ୍ (Volkswagen) ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ଦଶକର ଶେଷ ସୁଦ୍ଧା କମ୍ପାନୀ ପ୍ରାୟ ୧ ଲକ୍ଷ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରିଛି। ବିଶ୍ୱ ଅଟୋମୋବାଇଲ ଶିଳ୍ପ ଇତିହାସରେ ଏହାକୁ ସବୁଠାରୁ ବଡ଼ ଛଟେଇ ବୋଲି କୁହାଯାଉଛି।

କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆଉ ୫୦,୦୦୦ କର୍ମଚାରୀଙ୍କୁ କାଢ଼ିବା ପାଇଁ ଯୋଜନା କରାଯାଉଛି, ଯେତେବେଳେ କି ପୂର୍ବରୁ ୫୦,୦୦୦ କର୍ମଚାରୀଙ୍କୁ କମାଇବା ପାଇଁ ନିଷ୍ପତ୍ତି ନିଆସରିଥିଲା। ଏହିପରି ଭାବେ ମୋଟ ୧,୦୦,୦୦୦ କର୍ମଚାରୀଙ୍କ ଚାକିରି ପ୍ରଭାବିତ ହେବ, ଯାହା ଭୋଲ୍କସୱାଗନ୍‌ର ବିଶ୍ୱବ୍ୟାପୀ ମୋଟ କର୍ମଚାରୀଙ୍କ ପ୍ରାୟ ୧୫ ପ୍ରତିଶତ। ଏହି ନିଷ୍ପତ୍ତିର ପ୍ରଭାବ କମ୍ପାନୀର ଅନ୍ୟ ବ୍ରାଣ୍ଡ୍ ଯେପରିକି ଅଡି (Audi) ଏବଂ ପୋର୍ସେ (Porsche) ଉପରେ ମଧ୍ୟ ପଡ଼ିପାରେ।



ଏତେ ସଂଖ୍ୟାରେ ଛଟେଇର ମୁଖ୍ୟ କାରଣ ବାବଦରେ କହିବାକୁ ଗଲେ ଚୀନ୍ ଏବଂ ଇଲେକ୍ଟ୍ରିକ୍ କାର୍ (EV) ବଜାରର ଆହ୍ୱାନ ପ୍ରମୁଖ ବୋଲି କୁହାଯାଉଛି। ବାସ୍ତବରେ ଚୀନ୍ ବଜାରରେ ସ୍ଥାନୀୟ ଇଲେକ୍ଟ୍ରିକ୍ କାର୍ କମ୍ପାନୀଗୁଡ଼ିକଠାରୁ କଠୋର ପ୍ରତିଯୋଗିତାର ସାମ୍ନା କରିବାକୁ ପଡୁଛି। ସେହିପରି ଆମେରିକା ଦ୍ୱାରା ଲଗାଯାଇଥିବା ଶୁଳ୍କ ଏବଂ ବଦଳୁଥିବା ଆନ୍ତର୍ଜାତୀୟ ବଜାର ପରିସ୍ଥିତି ଅମଧ୍ୟ ଦାୟୀ ବୋଲି କୁହାଯାଉଛି। ଏହି ଛଟେଇ ସହ ଜର୍ମାନୀରେ ଥିବା କମ୍ପାନୀର ଚାରୋଟି ପ୍ଲାଣ୍ଟ (ହାନୋଭର, ଏମଡେନ, ଜ୍ୱିକାଉ ଏବଂ ନେକାରସୁଲମ)ର ଭବିଷ୍ୟତକୁ ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ଲାଣ୍ଟ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ଏହି ଛଟେଇ ସମ୍ପୂର୍ଣ୍ଣ ହେଲେ ଅଟୋମୋବାଇଲ ଜଗତର ପୂର୍ବ ସମସ୍ତ ରେକର୍ଡ ଭାଙ୍ଗିଦେବ। କାରଣ ୨୦୦୯ ମସିହାରେ 'ଜେନେରାଲ ମୋଟର୍ସ' ଦ୍ୱାରା କରାଯାଇଥିବା ୫୦,୦୦୦ କର୍ମଚାରୀଙ୍କ ଛଟେଇ ତୁଳନାରେ ଭୋଲ୍କସୱାଗନ୍‌ର ଏହି ସଂଖ୍ୟା ପ୍ରାୟ ଦୁଇଗୁଣା ଅଟେ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୦୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୮୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୫ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୬ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୫୬ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୮. ୯୬ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୬୫ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୬୫ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ।

### ଘଟଗାଁରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା

# ଅଳିଆଗଦାରେ ପୋତି ହୋଇଗଲାଣି ସହର



କେନ୍ଦୁଝର,୧୦।୯(ସଂଚାର ବ୍ୟୁରୋ): ଘଟଗାଁରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ପରିମଳ ବ୍ୟବସ୍ଥା। ସହର ଭିତରକୁ ପଶିବା ମାତ୍ରେ ଦେଖିବାକୁ ମିଳିଛି ଆବର୍ଜନାର ପାହାଡ଼। ହୋଟେଲ୍ ମାଲିକ ରାସ୍ତା କଡ଼ରେ ଖୋଲାରେ ପକାଉଥିବାରୁ ଏପରି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ଆଉ ସବୁ ଦେଖି ଜାଣି ଚୁପ୍ ବସିଛି ପ୍ରଶାସନ। କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ପୀଠ ଘଟଗାଁ। ପ୍ରତିଦିନ ଏଠାକୁ ଓଡ଼ିଶା ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତଙ୍କ ସୁଅ ଛୁଟେ। କିନ୍ତୁ ବିଡ଼ମ୍ବନା ଏପରି ଏକ ପ୍ରସିଦ୍ଧ ସ୍ଥାନର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। କେନ୍ଦୁଝର, ଆନନ୍ଦପୁର, ହରିଚନ୍ଦନପୁର ଓ ସ୍ୱାମପାଟଣା ଦେଇ ସହର ଭିତରକୁ ପଶିବା ମାତ୍ରେ ରାସ୍ତାର ଦୁଇପାଖରେ ଦେଖିବାକୁ ପାଇବେ କେବଳ ଆବର୍ଜନା ଆଉ ଆବର୍ଜନା। ପୁରା ସହର ଯେମିତି ଅଳିଆଗଦାରେ ପୋତିହୋଇଗଲାଣି। ଦୁର୍ଗନ୍ଧରେ ପାଟିପରୁଛି ନାକ। କେବଳ ପ୍ରବେଶ ପଥ ନୁହେଁ, ବସ୍‌ଷ୍ଟାଣ୍ଡ ଓ ହାଟ ପଡ଼ିଆ ଭଳି ଗହଳିପୂର୍ଣ୍ଣ ସ୍ଥାନର ଅବସ୍ଥା ମଧ୍ୟ ଅତି ଶୋଚନୀୟ। ସ୍ଥାନୀୟ କିଛି ଛୋଟବଡ଼ ହୋଟେଲ ମାଲିକ ଓ ବ୍ୟବସାୟୀ ବର୍ଜ୍ୟବସ୍ତୁ ଏବଂ ବାସି ଖାଦ୍ୟକୁ ଖୋଲାସ୍ଥାନରେ ପକାଉଛନ୍ତି। ଏପରି ଦୀର୍ଘଦିନ ଧରି ଚାଲି ଆସୁଥିଲେ ମଧ୍ୟ ସରକାରୀ ବାବୁ ମାନଙ୍କର କିଛି ନିଘା ନାହିଁ। ଏଭଳି ପରିବେଶ ଦେଖି କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ। ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତ ଉଭୟ ମିଳିତ ଭାବେ ଏହି ବର୍ଜ୍ୟବସ୍ତୁ ପକାଉଥିବା ବ୍ୟବସାୟୀଙ୍କୁ କଡ଼ା ତାଗିଦ୍ କରିବା ସହ ଜରିମାନା ବ୍ୟବସ୍ଥା କରିବା ଜରୁରୀ। ଏହାସହ ସହରଠାରୁ ଦୂରରେ ଏକ ସ୍ୱତନ୍ତ୍ର ଡମ୍ପିଂ ୟାର୍ଡ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

● ନରେଗା ଟଙ୍କା ଫେରସ୍ତ ଦାବିକୁ ନେଇ ବିବାଦ

## ଜିଆରଏସ୍‌ଙ୍କ ବିରୋଧରେ ଥାନାରେ ଅଭିଯୋଗ

ବୈପାରୀଗୁଡ଼ା,୧୦।୯ (ସଂଚାର ବ୍ୟୁରୋ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା ର ମଜୁରି ଟଙ୍କାକୁ ନେଇ ବୈପାରୀଗୁଡ଼ା ଅଞ୍ଚଳରେ ବିବାଦ ଦେଖାଦେଇଛି। ଏହି ଘଟଣାକୁ ନେଇ ଜଣେ ଡାଟା ଏଣ୍ଟ୍ରି ଅପରେଟର ଙ୍କ ବିରୋଧରେ ବୈପାରୀଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।ଅଭିଯୋଗରେ ଥିବା ସୂଚନା ଅନୁସାରେ, କୁର୍କୁଟି ଅଞ୍ଚଳର ପ୍ରଭା ବିଶୋଇଙ୍କ ପୁଅ ସୁଧୀର ବିଶୋଇ (୨୮) ଘଟଣା ସମ୍ପର୍କରେ ଥାନାରେ ଜଣାଇଛନ୍ତି। ଅଭିଯୋଗକାରୀଙ୍କ କହିବା ଅନୁସାରେ, ବୋଦାପୁଟ ଗ୍ରାମ ପଞ୍ଚାୟତର ସହାୟକ ଡାଟା ଏଣ୍ଟ୍ରି ଅପରେଟର ଶ୍ରୀମନ୍ତ ସାମଲ ତାଙ୍କ ଉପରେ ଗତ କିଛି ଦିନ ଧରି ଚାପ ପକାଉଥିଲେ। ନରେଗା କାମ ସମ୍ପର୍କିତ ଟଙ୍କା ତାଙ୍କ ପରିବାରର ବ୍ୟାଙ୍କ ଖାତାକୁ ଆସିଥିବା ଦାବି କରି ସେହି ଟଙ୍କା ଫେରସ୍ତ କରିବାକୁ କୁହାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ଆହୁରି ଦର୍ଶାଇଛନ୍ତି ଯେ, ସେ ଏ ସମ୍ପର୍କରେ ପଚାରିବାରୁ ତାଙ୍କ ସହିତ ଗାଳିଗୁଲଜ କରାଯାଇଥିବା ଏବଂ ଭୟଭୀତ କରିବା ଭଳି ଧମକଦିଆଯାଇଥିଲା। ଘଟଣା ପରେ ସେ ନିଜର ସୁରକ୍ଷା ଓ ନ୍ୟାୟ ପାଇଁ ବୈପାରୀଗୁଡ଼ା ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।ଅଭିଯୋଗ ଆଧାରରେ ବୈପାରୀଗୁଡ଼ା ଥାନାରେ କେସ୍ ନମ୍ବର ୨୬୫/୨୦୨୬ ରୁଜୁ ହୋଇଥିବା ଅଭିଯୋଗ ପତ୍ରରୁ ଜଣାପଡ଼ୁଛି। ଏଥିରେ ଭାରତୀୟ ଧାରା ୨୯୬ ଓ ୩୫୧(୩) ଲାଗୁ କରାଯାଇଥିବା ଉଲ୍ଲେଖ ରହିଛି। ତେବେ ନରେଗା ଯୋଜନାରେ ଟଙ୍କା ପ୍ରକୃତରେ କେଉଁ କାମ ପାଇଁ ମଞ୍ଜୁର ହୋଇଥିଲା, କେଉଁ ବ୍ୟାଙ୍କ ଖାତାକୁ ଟଙ୍କା ଯାଇଥିଲା ଏବଂ ଟଙ୍କା ଫେରସ୍ତ ପାଇଁ କାହିଁକି ଚାପ ଦିଆଯାଉଥିଲା। ଏସବୁ ତଦନ୍ତ ପରେ ସ୍ପଷ୍ଟ ହେବ। ଅଭିଯୋଗର ସତ୍ୟତା ଓ ଘଟଣାର ପ୍ରକୃତ କାରଣ ନେଇ ପୁଲିସ ତଦନ୍ତ ଜାରି ରହିଛି।ଏହି ଘଟଣା ନରେଗା ଯୋଜନାରେ ମଜୁରି ପ୍ରଦାନ, ବ୍ୟାଙ୍କ ଖାତାକୁ ଟଙ୍କା ପ୍ରେରଣ ଏବଂ ହିତାଧିକାରୀଙ୍କ ନିକଟରୁ ଟଙ୍କା ଫେରସ୍ତ ଦାବି ଭଳି ପ୍ରସଙ୍ଗକୁ ନେଇ ଅନେକ ପ୍ରଶ୍ନ ଉଠାଇଛି। ବାସ୍ତବରେ ମନରେଗା ର ସମସ୍ତ କାର୍ଯ୍ୟ ମେସିନ ଦ୍ୱାରା କୋରାଯାଇ ଶ୍ରମିକ ଙ୍କ ଖାତା କୁ ଟଙ୍କା ପଠାଇ ଜୋର ଜବରଦସ୍ତ ଟଙ୍କା ଉଠାଇବା ପାଇଁ ଶ୍ରମିକ ଙ୍କୁ ବାଧ୍ୟ କୋରାଯାଉଛି।

## 'ବେଟି ବଚାଓ ବେଟି ପଢ଼ାଓ' ସମନ୍ୱୟ ବୈଠକ ଅନୁଷ୍ଠିତ

ଭବାନୀପାଟଣା,୧୦।୯(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ପରିସଂଖ୍ୟାନ ସଭାଗୃହ, ଭବାନୀପାଟଣା ଠାରେ ବାଳିକାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସଶକ୍ତିକରଣ ସହିତ ବାଲ୍ୟ ବିବାହ ନିରୋଧ ଏବଂ ବାଳିକାଙ୍କ ପ୍ରତିଥିବା ସାମାଜିକ ଭେଦଭାବ ଦୂର କରିବା ଉଦ୍ଦେଶ୍ୟରେ "ବେଟି ବଚାଓ, ବେଟି ପଢ଼ାଓ" ଅଭିଯାନର ଏକ ସମନ୍ୱୟ



ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକାଙ୍କ ସୁରକ୍ଷା, ଶିକ୍ଷା ଓ ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଅଭିଭାବକ ମାନଙ୍କୁ ନିଜର କନ୍ୟାସନ୍ତାନଙ୍କୁ ସୁରକ୍ଷିତ ରଖିବା ଏବଂ କୌଣସି ଭେଦ ଭାବ ନ ରଖି ସ୍ୱାବଲମ୍ବୀ କରିବାକୁ ଆହ୍ୱାନ କରିଥିଲେ।ଏହି ଅବସରରେ ଉପନିର୍ଦ୍ଦେଶକ, ଜିଲ୍ଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍ ଶ୍ରୀକାନ୍ତ ଦଳେଇ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ଶିଶୁ ମଙ୍ଗଳ କମିଟି ସଦସ୍ୟ ବିଶ୍ୱନାଥ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୂକ୍ତିବୁନ ନିଶା, ନିୟତି ବାଳା ସୋରେନ ପ୍ରମୁଖ ଉପସ୍ଥିତ ରହି ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ ଏବଂ ବେଟି ବଚାଓ ବେଟି ପଢ଼ାଓ ର ଜିଲା ସ୍ତରୀୟ ଯୋଜନା ପ୍ରସ୍ତୁତି ଏବଂ ବିଭିନ ସରକାରୀ ବିଭାଗ ର ସମନ୍ୱୟ ରେ କାର୍ଯ୍ୟକାରିତା ଉପରେ ଶ୍ରୀଯୁକ୍ତ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ ଜିଲ୍ଲା ମହିଳା ହବ (ପିପିଟି)ମାଧ୍ୟମ ରେ ପ୍ରଦର୍ଶନ କରିଥିଲେ।ଏହି ଅବସର ରେ କଳାହାଣ୍ଡି ଜିଲ୍ଲା ର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ୱାନଷ୍ଟପ ସେଣ୍ଟର ର କର୍ମଚାରୀ ଓ ଶକ୍ତି ସଦନ ର କର୍ମଚାରୀ, ବେସରକାରୀ ଅନୁଷ୍ଠାନ ର ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠି ର ସଦସ୍ୟା, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ବିଭିନ୍ନ ଧାର୍ମିକ ପ୍ରତିନିଧି ସଦସ୍ୟ, ଜେଣ୍ଡର ସି ଆର ପି ଏବଂ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇଥିଲେ।

● "ଓଏସଏପି ୮ମ ବାଟାଲିୟନ ସଂଘ ନିର୍ବାଚନ ଫଳାଫଳ

## ନବନିର୍ବାଚିତଙ୍କ ଶପଥ ପାଠ କରାଇଲେ ସହ ଦୁର୍ଗପତି



ଛତ୍ରପୁର,୧୦।୯(ସଂଚାର ବ୍ୟୁରୋ): ଓଡ଼ିଶା ସଶସ୍ତ୍ର ପୁଲିସ ବାହିନୀ (ଓଏସଏପି) ୮ମ ବାଟାଲିୟନର ହାବିଲଦାର ଓ ସିପାହୀ ଶାଖା ସଂଘ ନିର୍ବାଚନରେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପରେ ନବନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିଛନ୍ତି। ହାବିଲଦାର ଯଶୋବନ୍ତ ସ୍ୱାଇଁ ପୁଣିଥରେ ସଭାପତି ଭାବେ ଦାୟିତ୍ୱ ନେଇଥିବାବେଳେ ଜୟଧର ସବର ଉପସଭାପତି, ସୁଶାନ୍ତ କୁମାର ସେଠୀ ସମ୍ପାଦକ ଏବଂ ଜଗନ୍ନାଥ ସେଠୀ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ରତିକାନ୍ତ ସାହୁ ଓ ଚିନ୍ମୟ ପାତ୍ର ଯୁଗ୍ମ ସମ୍ପାଦକ ଭାବେ ଦାୟିତ୍ୱ ପାଇଛନ୍ତି। ସେହିପରି ଶୁଭେନ୍ଦୁ କୁମାର ପଲାଇଙ୍କୁ ସି.ଇ.ସି. ଭାବେ ମନୋନୀତ କରାଯାଇଛି। ବିଶ୍ୱନାଥ ସେଠୀ, ଲକ୍ଷ୍ମଣ ସାହୁ, କେ. ହେମାନନ୍ଦ ରେଡ୍ଡୀ, ଆର. ସତ୍ୟମ୍ ରେଡ୍ଡୀ ଓ ଏସ. ଜଗନ୍ନାଥ ରେଡ୍ଡୀ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଗତ ଅଗଷ୍ଟ ୩୦ ତାରିଖରେ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ହୋଇଥିଲା। କୌଣସି ପଦ ପାଇଁ ଅନ୍ୟ ପ୍ରାର୍ଥୀ ନଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେପ୍ଟେମ୍ବର ୬ ତାରିଖରେ ନିର୍ବାଚନ ଫଳାଫଳ ଔପଚାରିକ ଭାବେ ପ୍ରକାଶ ପାଇଥିଲା। ଏହି ଅବସରରେ ଗତକାଲି ବାଟାଲିୟନ ପରିସରରେ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହୋଇଥିଲା। ଦୁର୍ଗପତି ସାରଦା ପ୍ରସାଦ ଦାସଙ୍କ ସହମତିକ୍ରମେ ସହଦୁର୍ଗପତି ପବିତ୍ର ମୋହନ ମୁଣ୍ଡା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।

## ପଦୋନ୍ନତି ପାଇଥିବା ଶିକ୍ଷକ ସଂଘର ଜିଲ୍ଲାପାଳ ଓ ଡିଇଓଙ୍କୁ ଧନ୍ୟବାଦ



ନବରଙ୍ଗପୁର,୧୦।୯ (ସଂଚାର ବ୍ୟୁରୋ): ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ନବରଙ୍ଗପୁର ଜିଲ୍ଲାରେ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ପ୍ରକ୍ରିୟା ଆଗେଇଥିବାରୁ ପଦୋନ୍ନତି ପାଇଥିବା ଶିକ୍ଷକମାନଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଯାଇଛି। ଆଜି ପଦୋନ୍ନତି ପାଇଥିବା ଶିକ୍ଷକ ସଂଘର ପ୍ରତିନିଧିମାନେ ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ସୂଚନା ଅନୁସାରେ, ଗତ ଅଗଷ୍ଟ ୧୭ ତାରିଖରେ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ସଂକ୍ରାନ୍ତୀୟ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଦୀର୍ଘଦିନ ଧରି ପଦୋନ୍ନତି ଅପେକ୍ଷାରେ ଥିବା ଶିକ୍ଷକମାନେ ଏହା ଦ୍ୱାରା ଉପକୃତ ହୋଇଛନ୍ତି। ତେବେ ପଦୋନ୍ନତି ପାଇଥିବା ଶିକ୍ଷକମାନେ ଖୁସି ପ୍ରକାଶ କରିବା ସହ ଏବେ ବି ପଦୋନ୍ନତିରୁ ବଞ୍ଚିତ ରହିଥିବା ଶିକ୍ଷକମାନଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ବଞ୍ଚିତ ଶିକ୍ଷକମାନଙ୍କ ସମସ୍ୟାକୁ ମଧ୍ୟ ଗୁରୁତ୍ୱ ଦେଇ ଆଗାମୀ ଦିନରେ ଆବଶ୍ୟକ ପଦକ୍ଷେପ ନିଆଯାଉ ବୋଲି ସଂଘ ପକ୍ଷରୁ ଅନୁରୋଧ କରାଯାଇଛି ସଂଘର ପ୍ରତିନିଧିମାନେ କହିଛନ୍ତି, "କିଛି ଶିକ୍ଷକ ପଦୋନ୍ନତି ପାଇ ଖୁସି ହୋଇଥିଲେ ମଧ୍ୟ, ଆମ ସହକର୍ମୀମାନଙ୍କ ମଧ୍ୟରୁ ଯେଉଁମାନେ ଏବେ ବି ପଦୋନ୍ନତି ପାଇନାହାନ୍ତି, ସେମାନଙ୍କ ଦୁଃଖ ଆମର ମଧ୍ୟ ଦୁଃଖ। ସେମାନଙ୍କ ପାଇଁ ମଧ୍ୟ ନ୍ୟାୟସଙ୍ଗତ ପଦକ୍ଷେପ ନିଆଯାଉ।" ଏହି ଅବସରରେ ଜିଲ୍ଲାପାଳ ଓ ଡିଇଓଙ୍କ ସହଯୋଗ ଏବଂ ପ୍ରଶାସନିକ ପଦକ୍ଷେପ ପାଇଁ ଶିକ୍ଷକ ସଂଘ ପକ୍ଷରୁ ଧନ୍ୟବାଦ ଜଣାଯାଇଛି।

## ରାସନ ଦୋକାନରୁ ଚୋରି: ୪ ଗିରଫ

### ଆକ୍ଟିଭା ସ୍କୁଟି, ୬ ହଜାର ଟଙ୍କା ଓ ରାସନ ସାମଗ୍ରୀ ଜବତ

ସତ୍ୟବାଦୀ,୧୦।୯ (ସଂଚାର ବ୍ୟୁରୋ): ସତ୍ୟବାଦୀ ଥାନା ଅଞ୍ଚଳରେ ରାସନ ଦୋକାନରୁ ଚୋରି ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରି ଗୁରୁବାର ସତ୍ୟବାଦୀ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁକାନ୍ତ ବେହେରା ଓରଫ ଗିରିଆ, ମୁନା ମିଶ୍ର, ଅଜୟ ଭୋଇ ଓରଫ ଅଜୁ ଏବଂ ବିକାଶ ଭୋଇ ଓରଫ ବିକୁ। ପୁଲିସ ସୂଚନା ଅନୁଯାୟୀ, ସେପ୍ଟେମ୍ବର ୪ ତାରିଖ ରାତି ପ୍ରାୟ ୩ଟା ସମୟରେ ବୀରରାମଚନ୍ଦ୍ରପୁର ଅଞ୍ଚଳର ଲିଙ୍ଗରାଜ ବେହେରାଙ୍କ ରାସନ ଦୋକାନରୁ ନଗଦ ୧୦ ହଜାର ଟଙ୍କା ସହ ରାସନ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରି ୪ ଅଭିଯୁକ୍ତଙ୍କୁ ଧରିଥିଲା। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଆକ୍ଟିଭା ସ୍କୁଟି, ନଗଦ ୬ ହଜାର ଟଙ୍କା ଏବଂ ଚୋରି ହୋଇଥିବା ରାସନ ସାମଗ୍ରୀ ଜବତ କରାଯାଇଛି। ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତ ମୁନା ମିଶ୍ରଙ୍କ ନାମରେ ପୂର୍ବରୁ ସତ୍ୟବାଦୀ ଥାନାରେ ୫ଟି ମାମଲା ରହିଛି। ମାମଲାର ତଦନ୍ତ ଏଏସ୍‌ଆଇ ଅମୂଲ୍ୟ କୁମାର ମଲ୍ଲିକ କରୁଛନ୍ତି।



## ଅସୁସ୍ଥ ସାମ୍ବାଦିକଙ୍କୁ ଭେଟିଲେ ପୂର୍ବତନ ବିଧାୟକ



ସତ୍ୟବାଦୀ,୧୦।୯(ସଂଚାର ବ୍ୟୁରୋ): ସାକ୍ଷୀଗୋପୀନାଥ ଦେବ ମନ୍ଦିରର ବରିଷ୍ଠ ସେବାୟତ ତଥା ସତ୍ୟବାଦୀର ବରିଷ୍ଠ ସାମ୍ବାଦିକ କିଶୋର ମହାପାତ୍ର ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ହାଇଟେକ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅସୁସ୍ଥତା ଖବର ପାଇ ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ ହସ୍ପିଟାଲରେ ପହଞ୍ଚି ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ଶ୍ରୀ ସାମନ୍ତରାୟ ଶ୍ରୀ ମହାପାତ୍ର ଚିକିତ୍ସିତ ହେଉଥିବା ବିଭାଗର ଡାକ୍ତର ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଚିକିତ୍ସା ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ତାଙ୍କୁ ଉତ୍ତମ ଚିକିତ୍ସା ସହ ଆବଶ୍ୟକ ସମସ୍ତ ସୁବିଧା ଯୋଗାଇଦେବାକୁ ସେ ଡାକ୍ତରୀ ଟିମ୍‌କୁ ଅନୁରୋଧ କରିଥିଲେ। ଶ୍ରୀ ମହାପାତ୍ରଙ୍କ ଶୀଘ୍ର ଆରୋଗ୍ୟ କାମନା କରି ପରିବାର, ସହକର୍ମୀ, ସେବାୟତ ଓ ଶୁଭେଚ୍ଛୁମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ୫୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ କୋର୍ଟ କ୍ଲର୍କ

ମାଲକାନଗିରି,୧୦।୯(ସଂଚାର ବ୍ୟୁରୋ): ମାଥିଲି କୋର୍ଟର ବେଞ୍ଚ କ୍ଲର୍କ ଅଚ୍ୟୁତ କୁମାର ପ୍ରଧାନ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ। ୨୦୨୧ ମସିହାର ଏକ ଜାମିନବିହୀନ ଗିରଫ ପରୱାନା ଚୋରି ମାମଲାକୁ ରଫାଦଫା କରିବା ପାଇଁ ଲାଞ୍ଚ ଦାବି କରିଥିବା ଅଭିଯୋଗ ପରେ ଜୟପୁର ଭିଜିଲାନ୍ସର ଏକ ଟିମ୍ ଯୋଜନାବଦ୍ଧ ଭାବେ ଚଢ଼ାଉ କରିଥିଲା। ଲାଞ୍ଚ ଟଙ୍କା ନେଉଥିବା ବେଳେ କ୍ଲର୍କଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିଲେ। ଏବଂ ଭିଜିଲାନ୍ସ ପକ୍ଷରୁ ତାଙ୍କ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ଜାରି ରହିଛି। ଚଢ଼ାଉ ସମୟରେ କେତେ ପରିମାଣର ସମ୍ପତ୍ତି କିମ୍ବା ଅନ୍ୟାନ୍ୟ ତଥ୍ୟ ମିଳିଛି, ତାହା ଭିଜିଲାନ୍ସ ତଦନ୍ତ ପରେ ସ୍ପଷ୍ଟ ହେବ।

## ୭.୮ ଲିଟର ଦେଶୀ ମଦ ଜବତ, ୨ ଅଭିଯୁକ୍ତ କୋର୍ଟ ଚାଲାଣ

ପାରାଦ୍ୱୀପ,୧୦।୯(ସଂଚାର ବ୍ୟୁରୋ): ପାରାଦ୍ୱୀପ ଅବକାରୀ ବିଭାଗ ପକ୍ଷରୁ ନୂଆବଜାର ଅଞ୍ଚଳରେ ଚଢ଼ାଉ କରାଯାଇ ଦୁଇ ଜଣଙ୍କଠାରୁ ମୋଟ ୭.୮ ଲିଟର ଦେଶୀ ମଦ ଜବତ କରାଯାଇଛି। ମନୋରଞ୍ଜନ ମାଇତିଙ୍କଠାରୁ ୪ ଲିଟର ଏବଂ ସୁବ୍ରତ ସ୍ୱାଇଁଙ୍କଠାରୁ ୩.୮ ଲିଟର ଦେଶୀ ମଦ ଜବତ ହୋଇଛି। ଅବକାରୀ ଅଧିକ୍ଷକ ଅନିତା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ ଙ୍କ ନେତୃତ୍ୱରେ ଅବକାରୀ ଉପ ନିରୀକ୍ଷକ ଧର୍ମପଦ ଦାସ, ଅବକାରୀ ସହ ଉପ ନିରୀକ୍ଷକ ଗୟାଧର ସେଠୀ ଏବଂ ଅବକାରୀ ସିପାହୀ ମନୋରଞ୍ଜନ ଦାସ, ଜୟଦେବ ପାତ୍ର ଓ ସନ୍ତୋଷୀ ସାହୁ ଚଢ଼ାଉରେ ସାମିଲ ଥିଲେ। ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପାଣ୍ଡ୍ରିପାଣିରେ ମଣ୍ଡଳ ସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ

ମାଲକାନଗିରି,୧୦।୯ (ସଂଚାର ବ୍ୟୁରୋ): ଆଜି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗାମୀ ଜନ୍ମଦିବସ ଅବସରରେ ପାଣ୍ଡ୍ରିପାଣି ମଣ୍ଡଳ ପକ୍ଷରୁ ମର୍କାପାଲି ଧାନ ମଣ୍ଡି ଠାରେ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମର ମଣ୍ଡଳ ସ୍ଥରୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଦୀ ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ପାଇଁ ଆରମ୍ଭ ଏହି ଦୀର୍ଘ ଯାତ୍ରାକୁ ଦଳ ପକ୍ଷରୁ ସଫଳ କରିବା ପାଇଁ ପ୍ରତ୍ୟେକ ବୁଥ ସ୍ତରରୁ ଲାଭାର୍ଥି ଯଥା ମାଗଣା ଗ୍ୟାସ, ଶୌଚାଳୟ ଓ ମାଗଣା ରାସନ, ଆୟୁଷ୍ମାନ ଯୋଜନା ପାଇଥିବା ଲାଭାର୍ଥି ଘରେ ଗୋଟିଏ ଗୋଟିଏ ପ୍ରଦୀପ ପ୍ରଜ୍ୟୁଳନ କରି ଏହା ର ଶୁଭାରମ୍ଭ କରିବା ସହ ଭାଜପା ଶାସନରେ ହୋଇଥିବା କାର୍ଯ୍ୟକୁ ନେଇ ଘରେ ଘରେ ସେବା ଓ ଜନ ସମ୍ପର୍କ ସୃଷ୍ଟି କରିବା କୁ ଶ୍ରୀ ମାଡକାମୀ ଆହ୍ୱାନ ଦେଇଥିଲେ। ସେହିପରି ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ମା ଓ ଶିଶୁ ପାଇଁ ହେଉଥିବା ଉତ୍ତମ ଯୋଜନା ଗୁଡ଼ିକ ଦ୍ୱାରା ଶିଶୁ ଓ ମାଆ ଙ୍କ ଶାରୀରିକ ଅଭିବୃଦ୍ଧି ଓ ଶିଶୁଙ୍କ ମାନସିକ ଅଭିବୃଦ୍ଧି ଏକ ଯୁଗାନ୍ତ କରି ପଦକ୍ଷେପ ହୋଇ ରହିଛି ସେ ବାବଦରେ ବର୍ଣନା କରିଥିଲେ। ଏଥି ସହ ସେ କାର୍ଯ୍ୟକର୍ତା ଙ୍କୁ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ର ସମାଧାନ ଓ ବିକାଶ ମୂଳକ କାର୍ଯ୍ୟ ରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମ ରେ ବିଧାୟକ ପ୍ରତିନିଧି ନିହାର ରାୟ, ପୂର୍ବତନ ଉପ ସଭାପତି ଯୋଗିୟା ୱାଙ୍ଗାଡ଼, ଏସଟି ମୋର୍ଚା ସଭାପତି ସୋମନାଥ ମାଢ଼ୀ, ଏସଟି ମୋର୍ଚା ମଣ୍ଡଳ ସଭାପତି ମୁଆଁ ମାଡକାମୀ, ମହାଦେବ ମାଡକାମୀ, ହଳଧର ୱାଙ୍ଗାଡ଼, ସନିଆ ମୁଦୁଲି, ତ୍ରିଲୋଚନ ପରିଛା, ଲଖଣ ଖରା ଉପସ୍ଥିତ ରହିଥିଲେ।

## ୧୧୩ କୋଟିର 'ସାଇନ୍ସ ଏକାଡେମୀ'ରେ ଗଛଲତାର ରାଜୁତି

### ୫ ବର୍ଷ ପରେ ବି ଖୋଲିଲାନି ବିଜ୍ଞାନର ଦ୍ୱାର, ଡିଏମ୍‌ଏଫ୍ ଅର୍ଥରେ ନିର୍ମିତ ପ୍ରକଳ୍ପ ଏବେ ଅବହେଳିତ




ଯାଜପୁର,୧୦।୯(ସଂଚାର ବ୍ୟୁରୋ): ଛାତ୍ରଛାତ୍ରୀଙ୍କ ମନରେ ବିଜ୍ଞାନ ପ୍ରତି ଆଗ୍ରହ ଜାଗ୍ରତ କରିବା, ମହାକାଶ ଓ ଆଧୁନିକ ବିଜ୍ଞାନର ଜୀବନ୍ତ ଅନୁଭୂତି ଦେବା ଏବଂ ପୂର୍ବ ଭାରତର ଏକ ପ୍ରମୁଖ ବିଜ୍ଞାନ କେନ୍ଦ୍ର ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ହେଲେ ଏବେ ସେହି ସ୍ୱପ୍ନର ପ୍ରକଳ୍ପକୁ ଗିଳି ଚାଲିଛି ଗଛଲତା। ପାଣିକୋଇଲି-ଷଠିପୁର ନିକଟରେ ନିର୍ମିତ ପ୍ରାୟ ୧୧୩.୦୫ କୋଟି ଟଙ୍କାର 'ସାଇନ୍ସ ଏକାଡେମୀ' ୫ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇନଥିବାରୁ ଡିଏମ୍‌ଏଫ୍ ଅର୍ଥର ବ୍ୟବହାରକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଅନୁଦାନରେ ଏହି ପ୍ରକଳ୍ପର ନିର୍ମାଣ ଆରମ୍ଭ ହୋଇଥିଲା। ନିର୍ମାଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ସଂସ୍ଥା ଏନ୍‌ବିସିସିକୁ ଦିଆଯାଇଥିଲା। ପ୍ରାୟ ୫ ଏକର ଜମିରେ ନିର୍ମିତ ଏହି ଏକାଡେମୀରେ ୫-ଡି ଥିଏଟର, ପ୍ଲାନେଟାରିୟମ, ପ୍ରଦର୍ଶନୀ ଗ୍ୟାଲେରୀ, ଏଆର୍ ଓ ଭିଆର୍ ଭଳି ଆଧୁନିକ ବ୍ୟବସ୍ଥା ରହିଥିବା କୁହାଯାଇଥିଲା। ମାତ୍ର ଲୋକଙ୍କ ଉପଯୋଗକୁ ଆସିବା ପୂର୍ବରୁ ଏହି ମହତ୍ତ୍ୱାକାଙ୍କ୍ଷୀ ପ୍ରକଳ୍ପ ଅବହେଳାର ଶିକାର ହୋଇଛି। ପ୍ରକଳ୍ପ ନିର୍ମାଣ ପରେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣକୁ ନେଇ ଦୀର୍ଘଦିନ ଧରି ଅନିଶ୍ଚିତତା ଲାଗିରହିଛି। ଏପରିକି ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟକାରୀ କମିଟିର ୨୦୨୪ ଡିସେମ୍ବର ୨୭ ବୈଠକରେ ଏହାର ପରିଚାଳନା ନେଇ ନିଷ୍ପତ୍ତି ହୋଇଥିବା ସତ୍ତ୍ୱେ ତାହାର ସଫଳ କାର୍ଯ୍ୟାନ୍ୱୟନ ହୋଇପାରିନଥିବା ଅଭିଯୋଗ ରହିଛି। ବୈଠକରେ ପ୍ରାରମ୍ଭିକ ୩ ମାସ ପାଇଁ ଏନ୍‌ବିସିସିକୁ ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଦେବା ଏବଂ ପରେ ଟେଣ୍ଡର ମାଧ୍ୟମରେ ସ୍ଥାୟୀ ସଂସ୍ଥା ଚୟନ କରିବା ନେଇ ପ୍ରସ୍ତାବ ରହିଥିଲା। ହେଲେ ନିଷ୍ପତ୍ତି ପରେ ମଧ୍ୟ ପ୍ରକଳ୍ପ ଚାଲୁ ନହେବା ଘଟଣା ପ୍ରଶାସନିକ ତତ୍ପରତା ଉପରେ ପ୍ରଶ୍ନ ଉଠାଇଛି। ଏହି ପ୍ରକଳ୍ପକୁ ନେଇ ଆଉ ଏକ ବଡ଼ ପ୍ରଶ୍ନ ହେଉଛି— ଡିଏମ୍‌ଏଫ୍‌ର ଏତେ ବଡ଼ ଅର୍ଥ ବ୍ୟୟ ପରେ ମଧ୍ୟ ଏହା ଲୋକଙ୍କ କାମରେ ଆସୁନାହିଁ କାହିଁକି? ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ ଡିଏମ୍‌ଏଫ୍ ପାଣ୍ଠିର ଅର୍ଥ ଅଣଖଣି ପ୍ରଭାବିତ ଅଞ୍ଚଳରେ ଏପରି ବଡ଼ ପ୍ରକଳ୍ପ ପାଇଁ କେଉଁ ନିୟମ ଓ ଅନୁମୋଦନ ଆଧାରରେ ବ୍ୟବହାର କରାଗଲା, ତାହା ସ୍ପଷ୍ଟ ହେବା ଆବଶ୍ୟକ ବୋଲି ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଶକ୍ତି କ୍ଲବ୍ ତାଲିମ ଶିବିର




ବାରିପଦା,୧୦।୯(ସଂଚାର ବ୍ୟୁରୋ): ଜିଲ୍ଲା ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ସେଣ୍ଟର ଫର୍ ଏନଭାଇରନମେଣ୍ଟାଲ ଷ୍ଟଡିଜ୍ ର ଯୁଗ୍ମ ଆନୁକୂଲ୍ୟରେ 'ଏନର୍ଜି କ୍ଲବ୍' ଦାୟିତ୍ୱରେ ଥିବା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଦୁଇଦିନିଆ ଜିଲ୍ଲାସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ବାରିପଦାସ୍ଥିତ ଏମ୍.ପି.କେ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଶକ୍ତି ସଂରକ୍ଷଣ, ବିଦ୍ୟୁତ୍ ଶକ୍ତିର ସୁବିନିଯୋଗ, ଅପଚୟ ରୋକିବା ଓ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଚେତନତା ସୃଷ୍ଟି ଉପରେ ତାଲିମରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଥମ ଦିବସରେ ବାଙ୍ଗିରିପୋଷି, କୁଳିଅଣା, ଶାମାଖୁଣ୍ଟା, ସାରସକଣା, ବାରିପଦା ଓ ଶୁଳିଆପଦା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଏନର୍ଜି କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିବାବେଳେ ଦ୍ୱିତୀୟ ଦିବସରେ ବଡ଼ସାହି, ବେତନଟୀ, ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ତାଲିମ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶକ୍ତି ସଂରକ୍ଷଣର ଆବଶ୍ୟକତା ଓ ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଓ ଗୌତମ କୁମାର ପାତ୍ର ଏବଂ ଜିଲ୍ଲା ସାଇନ୍ସ ସୁପରଭାଇଜର ଜ୍ଞାନରଞ୍ଜନ ଆଚାର୍ଯ୍ୟ ତାଲିମର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସହ ଦୈନନ୍ଦିନ ଜୀବନରେ ଶକ୍ତି ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

## ବିଜେଡି ଟିକେଟ୍ ପାଇଁ ଚର୍ଚ୍ଚାରେ ପ୍ରଦୀପ ମାଝୀ

ନବରଙ୍ଗପୁର ,ଉମରକୋଟ,୧୦।୯(ସଂଚାର ବ୍ୟୁରୋ): ଆଗାମୀ ନିର୍ବାଚନକୁ ନେଇ ଉମରକୋଟ ରାଜନୀତିରେ ଏବେଠାରୁ ଚର୍ଚ୍ଚା ଜୋର ଧରିଛି। ବିଶେଷକରି ବିଜେଡିରୁ ଉମରକୋଟ ବିଧାନସଭା ଆସନ ପାଇଁ କିଏ ପ୍ରାର୍ଥୀ ହେବେ, ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଚାଲିଛି। ଏହି ଚର୍ଚ୍ଚା ମଧ୍ୟରେ ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝୀଙ୍କ ନାମ ମଧ୍ୟ ସାମ୍ନାକୁ ଆସୁଛି। ତେବେ ପ୍ରଦୀପ ମାଝୀଙ୍କୁ ଉମରକୋଟରୁ ବିଜେଡିର ଆଧିକାରିକ ଏମ୍‌ଏଲ୍‌ଏ ପ୍ରାର୍ଥୀ କରାଯିବ ବୋଲି ଦଳ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ନିଶ୍ଚିତ ଘୋଷଣା ହୋଇନାହିଁ। ଅନ୍ୟପଟେ, ଉମରକୋଟ ଆସନରେ ବିଜେଡି ନିଜର ସଂଗଠନକୁ କିପରି ମଜବୁତ କରିବ ଏବଂ ଆଗାମୀ ନିର୍ବାଚନ ପାଇଁ କାହାକୁ ପ୍ରାର୍ଥୀ କରିବସେନେଇ ଦଳୀୟ ମହଲରେ ମାନସମନ୍ଥନ ଚାଲିଥିବା ଚର୍ଚ୍ଚା ହେଉଛି। ତେବେ ପ୍ରଦୀପ ମାଝୀଙ୍କୁ ଉମରକୋଟରୁ ବିଜେଡି ଟିକେଟ୍ ମିଳିବ କି ନାହିଁ, ତାହା ଦଳର ଆଧିକାରିକ ଘୋଷଣା ପରେ ହିଁ ସ୍ପଷ୍ଟ ହେବ।

## ଜୟ ହିନ୍ଦ୍ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବସ୍ତ୍ର ବିତରଣ



ଉମରକୋଟ,୧୦।୯(ସଂଚାର ବ୍ୟୁରୋ): ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇକୁ ଆଖି ଆଗରେ ରଖି ଜୟ ହିନ୍ଦ୍ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷ ରୁ ବଡ଼ବାସିନୀ ଆଦିବାସୀ ଗ୍ରାମରେ ଗରିବ, ଦରିଦ୍ର ଓ ଅସହାୟ ଆଦିବାସୀ ପରିବାରଙ୍କ ମଧ୍ୟରେ ବସ୍ତ୍ର ବିତରଣ କରା ଯାଇଥିଲା। ଶତାଧିକ ଗରିବ ଆଦିବାସୀ ନର-ନାରୀ ଓ ଶିଶୁଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ମୁହଁରେ ଖୁସିର ଲହରୀ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ମନମଥନାଥ ରାୟ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେନଗୁପ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କାର୍ଯ୍ୟକର୍ତ୍ତା ରମେଶ ବିଶ୍ୱାସ, ଗଣପତି ରାୟ, ରମେଶ ରାୟ, ରମାକାନ୍ତ ବାଇନ, ନିମାଇ ବିଶ୍ୱାସ, ଅମଳଚନ୍ଦ୍ର ହାଲଦାର ଏବଂ ନନୀଗୋପାଳ ରାଣା ପ୍ରମୁଖ ଉପସ୍ଥିତ ରହି ନିଜ ହାତରେ ବସ୍ତ୍ର ବିତରଣ କରି ଥିଲେ। ଏହାଛଡ଼ା ଗ୍ରାମର ୱାର୍ଡ ମେମ୍ବର ଶ୍ରୀ ଅଶୋକ ସେଠୀଙ୍କ ସମେତ ଗ୍ରାମର ଅନେକ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ସଂଘର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ବଡ଼ବାସିନୀ ଗ୍ରାମବାସୀଙ୍କ ପକ୍ଷରୁ ଜୟ ହିନ୍ଦ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବହୁତ ବହୁତ ଧନ୍ୟବାଦ ଜଣାଯାଇଥିଲା ।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କୃତୀ ଖେଳାଳି ଚୟନ ପ୍ରକ୍ରିୟା



ସୁନ୍ଦରଗଡ଼,୧୦।୯(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଭବାନୀ ଭବନ ସ୍ପୋର୍ଟ୍ସ କଂପ୍ଲେକ୍ସ ଠାରେ ୭୦ ତମ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ କୃତି ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ୧୪ ବର୍ଷ ରୁ କମ ଏବଂ ୧୭ ବର୍ଷ ରୁ କମ ବାଳକ ବାଳିକା ମାନେ ଚୟନ ପ୍ରକ୍ରିୟାରେ ଭାଗ ନେଇଥିଲେ। ଏହି ଚୟନ ପ୍ରକ୍ରିୟାରେ ସିପକଟାକ୍ରୋ, ମୁଷ୍ଟିଯୁଦ୍ଧ, ତୀରନ୍ଦାଜ, ଟେବୁଲ ଟେନିସ, ବ୍ୟାଡ଼ମିଣ୍ଟନ ଓ ସାଇକେଲିଙ୍ଗ ଖେଳ ଚୟନ ପ୍ରକ୍ରିୟା ହୋଇଥିଲା। ବିଭିନ୍ନ ଖେଳରେ ପ୍ରାୟ ୩୦୦ ରୁ ଅଧିକ ଖେଳାଳି ଯୋଗଦାନ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଯୋଗଦାନ କରି ଦ୍ୱୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଅଜୟ ପ୍ରଧାନ ଓ ଟାଙ୍ଗରପାଲି ବ୍ଲକ ଶିକ୍ଷା ଅଧିକାରୀ ସିନି ବାଡା ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସିପକଟାକ୍ରୋ ଜାତୀୟ ରେଫରୀ କିରଣ ଶିଳା ବାର୍ଲା, ରାଜ୍ୟସ୍ତରୀୟ ରେଫରୀ ବିଜୟ ଲକ୍ଷ୍ମୀ ନାଏକ, ହୁତାସନ ଦଣ୍ଡସେନା, କ୍ରୀଡ଼ା ଶିକ୍ଷକ ବିନତା ପଟେଲ, ଶିଳା ପଟେଲ, କାଦମ୍ବିନୀ ପଟେଲ, ରଜନୀକାନ୍ତ ପଟେଲ, ଅନୁପ ମହାପାତ୍ର, ହେମସାଗର ପଟେଲ, ମୁଷ୍ଟିଯୁଦ୍ଧ କୋଚ ରୂପକ କୁମାର ପ୍ରସାଦ ଓ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମାନେ ଖେଳ ପରିଚାଳନା କରିଥିଲେ।

SANCHAR
ସଂଚାର
ଶୁକ୍ରବାର ୧୧ ସେପ୍ଟେମ୍ବର ୨୦୨୬



# ସ୍ୱାସ୍ଥ୍ୟ

## ଦହି ଓ ବାସି ରୁଟି ସ୍ୱାସ୍ଥ୍ୟ ପାଇଁ ହିତକର



ଅଧିକାଂଶ ଭାରତୀୟ ଘରେ, ଗରମ ଏବଂ ତାଜା ରୋଟି ଖାଇବା ଏକ ସାଧାରଣ କଥା। ହେଲେ ବଳକା ଥିବା ରୋଟିକୁ ପ୍ରାୟତଃ ଫୋପଡା ଯାଏ କାରଣ ଏହାକୁ ଖାଇବା ପାଇଁ ଅନୁପଯୁକ୍ତ ବୋଲି ବିବେଚନା କରାଯାଏ, କିନ୍ତୁ ଏହା କ'ଣ ପ୍ରକୃତରେ ସତ୍ୟ, ଏବଂ ଯେତେବେଳେ ଆପଣ ବଳକା ଥିବା ରୋଟି ଖାଆନ୍ତି ସେତେବେଳେ କ'ଣ ହୁଏ ? କୁହାଯାଏ ଯେ ଯେକୌଣସି ରନ୍ଧା ଖାଦ୍ୟ ତିନି ଘଣ୍ଟା ମଧ୍ୟରେ ଖାଇବା ଉଚିତ କାରଣ ଏହା ଭଲ ହଜମ ଏବଂ ପୁଷ୍ଟିକର ପଦାର୍ଥର ଶୋଷଣରେ ସାହାଯ୍ୟ କରେ। ହେଲେ ବର୍ଷ ବର୍ଷ ଧରି, ଏହି କାହାଣୀରେ ପରିବର୍ତ୍ତନ ଆସିଛି କାରଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ଫର୍ମେଣ୍ଟେଡ୍ ଖାଦ୍ୟ ଖାଇବା ମେଟାବୋଲିକ୍ ହାରକୁ ଉନ୍ନତ କରିବାରେ ସାହାଯ୍ୟ କରେ ଏବଂ ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଯାହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଅତ୍ୟାବଶ୍ୟକ। ଆସନ୍ତୁ ଜାଣିବା ବାସି ରୋଟି ଏବଂ ଦହିର ଏହି ଅନନ୍ୟ ମିଶ୍ରଣ ବିଷୟରେ କ୍ଷୀର ଏବଂ କ୍ଷୀରରେ ପ୍ରସ୍ତୁତ ଉତ୍ପାଦଗୁଡ଼ିକ ପୁଷ୍ଟିକର ପଦାର୍ଥରେ ଭରପୂର । ଯାହା ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ। ସେଥି ମଧ୍ୟରୁ ଗୋଟିଏ ହେଉଛି ଦହି । ଦହି ଏକ ଶକ୍ତିଶାଳୀ ପ୍ରୋବାୟୋଟିକ୍, ଯାହା ପେଟର ଭଲ ଜୀବାଣୁକୁ ପ୍ରୋତ୍ସାହିତ କରିବା ପାଇଁ ଲାଭଦାୟକ। ଏହା ପ୍ରୋଟିନ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଭିଟାମିନ୍ ବି୨, ୬, ୧୨ ଏବଂ ରାଇବୋଫ୍ଲାଭିନ୍ ସମେତ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥର ଏକ ମହାନ ଉତ୍ସ। ଏହା ଦହି ସେବନକୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ କରିଥାଏ। ଲୋକମାନେ ଦହି ସାଲାଡ, ଲସି, ସ୍ମୁଦି, ଦହି-ଚିନି ଏବଂ ଅନ୍ୟାନ୍ୟ ଅନେକ ପ୍ରକାରରେ ଦହି ସେବନ କରନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଖାଦ୍ୟ ସମୟରେ ରୋଟି ସହିତ ଦହି ଖାଇବା କେବଳ ଅନେକ ଲାଭ ପ୍ରଦାନ କରେ ନାହିଁ ବରଂ ଅନେକ ଗମ୍ଭୀର ରୋଗକୁ ରୋକିବାରେ ମଧ୍ୟ ସାହାଯ୍ୟ କରେ ? ଦହି ଏବଂ ରୁଟି ଖାଇବାର ଲାଭ ବିଷୟରେ ଆସନ୍ତୁ ଜାଣିବା ।

**ପାଚନ କ୍ରିୟାକୁ ଉନ୍ନତ କରେଃ** ରୁଟି ସହିତ ଦହି ଖାଇବା ଦ୍ୱାରା ଖାଦ୍ୟ ସହଜରେ ହଜମ ହେବାରେ ସାହାଯ୍ୟ କରେ ଏବଂ ପୁଷ୍ଟିକର ଅବଶୋଷଣକୁ ଉନ୍ନତ କରେ। ଏହା ଆପଣଙ୍କ ପାଚନ ସ୍ୱାସ୍ଥ୍ୟକୁ ଉନ୍ନତ କରେ।

**ପେଟ ସମସ୍ୟା ଦୂର କରେଃ** ଦହିକୁ ସର୍ବୋତ୍ତମ ପ୍ରୋବାୟୋଟିକ୍ସ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, ଯେତେବେଳେ ରୋଟି ଫାଇବରରେ ଭରପୂର। ଏହି ମିଶ୍ରଣ ଅନ୍ତନଳୀରେ ଭଲ ବ୍ୟାକ୍ଟେରିଆ ବୃଦ୍ଧି କରେ, ଯାହା ଭଲ ହଜମରେ ସାହାଯ୍ୟ କରେ। ଏହା ବଦହଜମୀ, କୋଷ୍ଠକାଠିନ୍ୟ, ଗ୍ୟାସ୍, ପେଟ ଫୁଲିବା ଏବଂ ଅନ୍ତନଳୀ ପ୍ରଦାହ ଭଳି ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ।

**ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେଃ** ପୁଷ୍ଟିସାରରେ ଭରପୂର, ଏହି ମିଶ୍ରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ସାହାଯ୍ୟ କରେ। ଏହା ଶରୀରର ଥଣ୍ଡା, ଜ୍ୱର, ଋତୁକାଳୀନ କିମ୍ବା ଭାଇରାଲ୍ ସଂକ୍ରମଣ ସହିତ ଲଢ଼ିବାର କ୍ଷମତା ବୃଦ୍ଧି କରେ। ଏହା ଶରୀରର ଶକ୍ତିକୁ ମଧ୍ୟ ମଜବୁତ କରେ।

**ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେଃ** ଦହି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ରୋଟି ସହିତ ଦହି ଖାଇବା ଚାପ ଏବଂ ଚିନ୍ତାକୁ କମ କରିବାରେ ସାହାଯ୍ୟ କରେ, ଆପଣଙ୍କୁ ଶାନ୍ତ ଏବଂ ଖୁସି ଅନୁଭବ କରାଏ।

**ରକ୍ତଚାପକୁ ନିୟନ୍ତ୍ରଣ କରେଃ** ପ୍ରତିଦିନ ରୋଟି ସହିତ ଦହି ଖାଇବା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହା ହୃଦସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ।

**ହାଡ଼କୁ ମଜବୁତ କରେଃ** ଏହାର ଉଚ୍ଚ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ହେତୁ, ଦହି ହାଡ଼କୁ ମଜବୁତ କରିବାରେ ବହୁତ ସହାୟକ। ଏହା ଆପଣଙ୍କ ଦାନ୍ତକୁ ମଧ୍ୟ ମଜବୁତ କରେ ଏବଂ ହାଡ଼ ଭାଙ୍ଗିବା ଏବଂ ଗଣ୍ଠି ଯନ୍ତ୍ରଣାର ଆଶଙ୍କା କମ କରେ।

**ଏହା ମଧ୍ୟ ଧ୍ୟାନ ଦିଅନ୍ତୁଃ** ଡାଏଟିସିଆନଙ୍କ ଅନୁସାରେ, ଯଦି ଆପଣ ଦହି ଏବଂ ରୋଟିର ସ୍ୱାସ୍ଥ୍ୟ ଲାଭ ଉପଭୋଗ କରିବାକୁ ଚାହାଁନ୍ତି, ତେବେ ଅପରାହ୍ନରେ ସେଗୁଡ଼ିକୁ ଖାଇବା ଭଲ। ଆପଣ ମଧ୍ୟାହ୍ନ ଭୋଜନ ସହିତ ଦହି ଖାଇପାରିବେ। ହେଲେ, ରାତ୍ରୀ ଭୋଜନରେ ଦହି ଖାଇବାରୁ ଦୂରେଇ ରୁହନ୍ତୁ, କାରଣ ଏହା ଲାଭ ଅପେକ୍ଷା ଅଧିକ କ୍ଷତି କରିପାରେ।



## ଅଣ୍ଡା ପରିବର୍ତ୍ତେ ଖାଆନ୍ତୁ ସବୁଜ ପନିପରିବା

ପ୍ରୋଟିନଯୁକ୍ତ ଖାଦ୍ୟ ଆମ ସୁସ୍ଥ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯାହା ମାଂସପେଶୀକୁ ଗଠନ କରିବାରେ ସାହାଯ୍ୟ କରିଥାଏ। ସେତିକି ନୁହେଁ ପୋଷକଯୁକ୍ତ ଖାଦ୍ୟ ଆମକୁ ଏନର୍ଜି ଦେଇଥାଏ। ତେଣୁ ପ୍ରୋଟିନଯୁକ୍ତ ଖାଦ୍ୟ ନିଜ ଡାଏଟ ଲିଷ୍ଟରେ ସାମିଲ କରିବା ଉଚିତ୍। ଅଣ୍ଡାକୁ ପ୍ରୋଟିନର ଏକ ମୁଖ୍ୟ ଉତ୍ସ ଭାବେ ବିବେଚନା କରାଯାଏ। ୧ ଅଣ୍ଡା ଆମ ଶରୀରକୁ ପ୍ରାୟ ୬ ଗ୍ରାମ ପ୍ରୋଟିନ ଦେଇଥାଏ। ତେଣୁ ଅଧିକାଂଶ ସମୟରେ ନିରାମିଷ ଖାଦ୍ୟକୁ ପ୍ରୋଟିନର ଉତ୍ସ ବୋଲି ଅଣଦେଖା କରାଯାଏ। କିନ୍ତୁ ଏମିତି କିଛି ସବୁଜ ପନିପରିବା ରହିଛି ଯାହା ଅଣ୍ଡା ଅପେକ୍ଷା ଆମକୁ ଅଧିକ ପ୍ରୋଟିନ୍ ଯୋଗାଇବାରେ ଏକ ଭୂମିକା ନିର୍ବାହ କରିଥାଏ। ଅନେକ ସମୟରେ ନିରାମିଷ ଲୋକମାନେ ମଧ୍ୟ ଏହାକୁ ନେଇ ଚିନ୍ତାରେ ଥାଆନ୍ତି। ଆଜି ଆମେ ଆପଣଙ୍କୁ ଏକ ସେହି କିଛି ପନିପରିବା ସମ୍ପର୍କରେ ଜଣାଇବୁ। ଆମେ ଆଜି ଯେଉଁ ପନିପରିବା ସମ୍ପର୍କରେ କହିବାକୁ ଯାଉଛୁ ସେହି ପନିପରିବା ମାକ୍ରୋନ୍ୟୁଟ୍ରିଏଣ୍ଟରେ ଭରପୂର। ଆପଣ ଦୈନନ୍ଦିନ ଡାଏଟରେ ଏହାକୁ ସାମିଲ କରିବା ଦ୍ୱାରା ଆପଣଙ୍କର ପ୍ରୋଟିନରେ ଉନ୍ନତି ଆଣିବ। ଯାହା ଆପଣଙ୍କ ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟାକୁ ଦୂର କରିବ। ଆସନ୍ତୁ ସେହି ୫ଟି ସବୁଜ ପନିପରିବା ସମ୍ପର୍କରେ ଜାଣିବା।

**ପାଳଙ୍ଗଃ** ପାଳଙ୍ଗ ହେଉଛି ନ୍ୟୁଟ୍ରିଏନ୍ସର ପାୱାରହାଉସ ବୋଲି କୁହାଯାଏ। ଯାହାର ଉପକାରିତା ସମ୍ପର୍କରେ ଖୁବ୍ କମ୍ ଲୋକଙ୍କୁ ଜଣା। ଗୋଟିଏ କପ୍ ରନ୍ଧା ପାଳଙ୍ଗରେ ପ୍ରାୟ ୫.୪ ଗ୍ରାମ୍ ପ୍ରୋଟିନ୍ ଥାଏ। ରନ୍ଧା ପାଳଙ୍ଗରେ ପ୍ରୋଟିନ୍ କମ୍ ମିଳିଥାଏ। ତେଣୁ ଆପଣ ଏହାକୁ ଆପଣଙ୍କ ଖାଇବା ଲିଷ୍ଟରେ ସାମିଲ କରିପାରିବେ।

**ଡ୍ରମଷ୍ଟିକ୍ଃ** ଡ୍ରମଷ୍ଟିକକୁ ସଜନା ଛୁଇଁ ଭାବେ ବେଶ୍ ଜଣାଶୁଣା। ସଜନା ଛୁଇଁ ଯେତିକି ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ସେହିପରି ଏହାର ପତ୍ର ମଧ୍ୟ ଫଳପ୍ରଦ ହୋଇଥାଏ। ଏହାର ପତ୍ରରେ ପ୍ରାୟ ୨ ଗ୍ରାମର ପ୍ରୋଟିନ୍ ଥାଏ। ଯାହାକୁ ସର୍ବୋତ୍ତମ ପ୍ରୋଟିନର ଉତ୍ସ ମଧ୍ୟରୁ ଗୋଟିଏ ବୋଲି କୁହାଯାଏ।

**ବ୍ରୋକୋଲିଃ** ବ୍ରୋକୋଲିରେ ଫାଇବର ଏବଂ ଭିଟାମିନ୍ ପ୍ରଚୁର ପରିମାଣର ଥାଏ। ୧୦୦ ଗ୍ରାମ ବ୍ରୋକୋଲିରେ ପ୍ରାୟ ୨.୮ ଗ୍ରାମ ପ୍ରୋଟିନ ଥାଏ। ଏଥିସହ ରନ୍ଧା ବ୍ରୋକୋଲିରେ ପ୍ରାୟ ୫.୭ ଗ୍ରାମ ପ୍ରୋଟିନ ଥାଏ। ଯାହାକୁ ଅଣ୍ଡା ସହିତ ସମାନ ବୋଲି ବିବେଚନା କରାଯାଏ। ଏତିକି ନୁହେଁ ବ୍ରୋକୋଲିରେ ଆଣ୍ଟିଅକ୍ସିଡାଣ୍ଟ, ଫୋଲେଟ୍ ଏବଂ ପୋଟାସିୟମରେ ମଧ୍ୟ ଭରପୁର।

**ଛତୁଃ** ଧଳା ବଟମ୍ ଛତୁରେ ପ୍ରୋଟିନ ଭରପୁର ମାତ୍ରାରେ ଥାଏ। କଞ୍ଚା ଛତୁରେ ପ୍ରତି ୧୦୦ ଗ୍ରାମରେ ୩.୧ ଗ୍ରାମରପ୍ରୋଟିନ ଥାଏ। କିନ୍ତୁ ରନ୍ଧା ଛତୁରେ ପ୍ରାୟ ୫.୭ ଗ୍ରାମର ପ୍ରୋଟିନ୍ ମିଳିଥାଏ।

**ମଟରଃ** ମଟର ମଧ୍ୟ ପ୍ରୋଟିନ ସର୍ବୋତ୍ତମ ଉତ୍ସ ବୋଲି ପ୍ରମାଣିତ ହୋଇଆସୁଛି। ଯେଉଁଥିରେ ଅଣ୍ଡା ଅପେକ୍ଷା ଯଥେଷ୍ଟ ପରିମାଣର ପ୍ରୋଟିନ୍ ଏଥିରୁ ମିଳିଥାଏ। ତେଣୁ ଅଣ୍ଡା ପରିବର୍ତ୍ତେ ଏହି ସବୁ ସବୁଜ ପନିପରିବା ଆପଣଙ୍କ ଡାଏଟ୍ ପ୍ଲାନରେ ସାମିଲ କରିବା ଦ୍ୱାରା ଆପଣଙ୍କୁ ଆବଶ୍ୟକୀୟ ପ୍ରୋଟିନ ମିଳିବ। ଯାହା ଆପଣଙ୍କ ସୁସ୍ଥ ଶରୀର ପାଇଁ ଖୁବ୍ ପ୍ରଭାବଶାଳୀ ହେବ।

## ଗଣ୍ଠି ଯନ୍ତ୍ରଣାରୁ କିପରି ଉପଶମ ପାଇବେ

### ଶୀତଦିନେ ତାପମାତ୍ରା କମ୍ ଥିବାରୁ ଜଏଣ୍ଟ ପେନ୍ ସମସ୍ୟା ଦେଖାଦିଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇଁ କ'ଣ କରିବ ?

- ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତି ପାଇଁ ଶୀତଦିନେ ବିଭିନ୍ନ ଉପାୟ କରିପାରିବେ। ଖାଦ୍ୟପେୟରେ ସାବଧାନତା ସହିତ ଏକ୍ସରସାଇଜ୍ ଓ କିଛି ଘରୋଇ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିପାରିବେ।
- ଜଏଣ୍ଟ ପେନ୍ ହେଉଥିବା ସମୟରେ ଉଷୁମ ସେକ ଦିଅନ୍ତୁ। ପାଣି ପଟି କିମ୍ବା ହଟ୍ ୱାଟର ବ୍ୟାଗ୍‌ରେ ସେକ ଦିଅନ୍ତୁ।
- ଦରଜ ହେଉଥିବା ସ୍ଥାନରେ ତେଲ ଲଗାଇ ପ୍ରତିଦିନ ମାଲିସ କରନ୍ତୁ।
- ପ୍ରତିଦିନ ସକାଳେ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଯୋଗ, ବ୍ୟାୟାମ କରିବା ସହିତ କିଛି ସମୟ ଚାଲନ୍ତୁ।
- ସକାଳୁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସବୁଦିନ ଖରାରେ ବସନ୍ତୁ। କାରଣ ସକାଳ ଖରାରେ ଭିଟାମିନ୍ ଡି ରହିଛି ଯାହା ହାଡ଼ ମଜଭୁତ କରିବାରେ ସହାୟକ ହୋଇଥାଏ।
- ଓମେଗା-୩ ଓ ଭିଟାମିନ୍ ସି ଥିବା ଖାଦ୍ୟ ଖାଆନ୍ତୁ। ଦିନକୁ ୭ ରୁ ୮ ଗ୍ଲାସ ପାଣି ପିଅନ୍ତୁ। ହଳଦୀ, ଅଦା, ରସୁଣ, ଡାଳଚିନି ଓ ଗୋଲମରିଚ ଭଳି
- ବିଭିନ୍ନ ଆଣ୍ଟିଇନ୍‌ଫ୍ଲାମେଟୋରି ଖାଦ୍ୟ ଖାଆନ୍ତୁ।
- ବାସି ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଭାରି ଜିନିଷ ଉଠାନ୍ତୁ ନାହିଁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଖାଆନ୍ତୁ ନାହିଁ।
- ବହୁତ ଲମ୍ବା ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ରାତିରେ ଠିକ୍ ସମୟ ଭରପୂର ନିଦରେ ଶୁଅନ୍ତୁ।

ଏସବୁ କରିବା ପରେ ଯଦି ଦରଜ କମ୍ ହେଉ ନ ଥିବ ତାହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



## ପିଲାମାନଙ୍କ ଖାଦ୍ୟାଭ୍ୟାସରୁ କେମିତି ଜାଣିବେ ମାନସିକତା

ଖାଇବାକୁ ନେଇ ପିଲାମାନେ ଅନେକ ସମୟରେ ବହୁ ସମସ୍ୟା ସୃଷ୍ଟି କରନ୍ତି। ଏମିତିକି ତିଆରି ହୋଇଥିବା ଖାଦ୍ୟ ବଦଳରେ ଅନ୍ୟ ଖାଦ୍ୟ ବରାଦ କରନ୍ତି । ବେଳେବେଳେ ବରାଦ କରିବା ପରେ ବି କେତେକ ଖାଆନ୍ତି ନାହିଁ । ପ୍ରଥମ କଥା ହେଉଛି ପିଲାମାନେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ସେମାନଙ୍କ ମାନସିକ ବିକାଶର ଏକ ଲକ୍ଷଣ। ତେଣୁ ପିଲାଙ୍କର ଏପରି ବ୍ୟବହାରକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତୁ। ପିଲାଙ୍କ ମାନସିକତାକୁ ବୁଝି ଖାଇବାକୁ ଦିଅନ୍ତୁ। ଯଦି ସେମାନେ ଖାଦ୍ୟ ଖାଇବାରେ ଆଗ୍ରହ ଦେଖାଉ ନାହାନ୍ତି ତେବେ ଅନ୍ୟ କିଛି ଖାଦ୍ୟର ବିକଳ୍ପ ଦିଅନ୍ତୁ। କିନ୍ତୁ ରାଗନ୍ତୁ ନାହିଁ।ପୂର୍ବରୁ ପସନ୍ଦ ଥିବା ଖାଦ୍ୟ ହୁଏତ ଏବେ ପିଲାଙ୍କୁ ଭଲ ଲାଗି ନ ପାରେ। ତେଣୁ କୌଣସି ଖାଦ୍ୟ ପାଇଁ ବାଧ୍ୟ କରନ୍ତୁ ନାହିଁ। ଖାଇବା ପାଇଁ ମନା କରୁଥିଲେ ପିଲାଙ୍କୁ ବୁଝାଇ ପୁଣିଥରେ ସେହି ଖାଦ୍ୟ ଦିଅନ୍ତୁ। ବେଳେବେଳେ ପିଲାମାନେ ମାତାପିତାଙ୍କ ଭଳି ଖାଇବାକୁ ପସନ୍ଦ କରନ୍ତି। ତେଣୁ କେବେ କେବେ ଏକାଠି ସମସ୍ତେ ଖାଆନ୍ତୁ। ପିଲାଙ୍କୁ ଖାଦ୍ୟ ଦେବାରେ ସମସ୍ୟା ହେଉଛି ବୋଲି ଜଣାନ୍ତୁ ନାହିଁ। ଖାଇବାକୁ ଦେବା ସମୟରେ ପିଲା ଯଦି ଚାହୁଁଛି ତେବେ ସୁବିଧା ଅନୁସାରେ ଖେଳିବାକୁ ଦିଅନ୍ତୁ।





## ଲିଭର୍ ପାଇଁ ବିପଦ ଆଇସକ୍ରିମ୍-ଚୁଇଙ୍ଗ୍ ଗମ୍

ଆଇସକ୍ରିମ, ଡାଏଟ୍ ସୋଡ଼ା, ଚୁଇଙ୍ଗମ୍ କାହାକୁ ବା ପସନ୍ଦ ନୁହେଁ। ପିଲାଠୁ ବୟସ୍କଙ୍କ ସଭିଁଙ୍କ ପସନ୍ଦ। ଅନେକ ସମୟରେ ଲୋକେ ଏହାକୁ ଖାଇବାକୁ ପସନ୍ଦ କରନ୍ତି। ଥାଏ କୌଣସି ସମୟସୀମା। ଲଞ୍ଚ, ଡିନର ବା କୌଣସି ପାର୍ଟି ସମୟ। ଲୋକପ୍ରିୟ ଫୁଡ୍ ଖାଇବାକୁ କାହାକୁ ବା ଭଲ ନଲାଗେ। ବଜାରରେ ହେଉ କିମ୍ବା ମଲରେ, ଏହି ଜିନିଷଗୁଡ଼ିକ ସହଜରେ ଉପଲବ୍ଧ। ହେଲେ ଆପଣ ବି ଏହି ଖାଦ୍ୟର ସୌକିନ କି ତେବେ ହୋଇଯାଆନ୍ତୁ ସାବଧାନ। ଏହି ସବୁ ଖାଦ୍ୟ ସଢାଉଛି ଆପଣଙ୍କ ଲିଭର।

ନୂତନ ଅଧ୍ୟୟନ ଅନୁଯାୟୀ, ଏହି ସବୁ ଖାଦ୍ୟ ଏବେ ମୃତ୍ୟୁର ବାହାକ ସାଜିଛି। ଖାସ୍ କରି ସୁଗାର ଫ୍ରି ଫୁଡ୍। କାରଣ ସେଥିରେ ରହୁଥିବା ସୋର୍ବିଟଲ୍। ଯାହାକି ସୁଗାର ମୁକ୍ତ ପାଇଁ ବ୍ୟବହାର କରାଯାଏ। ଏବେ ତାହା ଫ୍ୟାଟି ଲିଭର ରୋଗର ଆଶଙ୍କା ବୃଦ୍ଧି କରିଛି। ଯକୃତ ପାଇଁ କ୍ଷତିକାରକ। ଅଧ୍ୟୟନରେ ହୋଇଥିବା ଖୁଲାସା ଜିନିଷଗୁଡ଼ିକ ବ୍ୟବହାର କରୁଥିବା ଲୋକଙ୍କ ମନରେ ଉଠାଇଛି ପ୍ରଶ୍ନ। ପ୍ରକାଶିତ ତଥ୍ୟ ଅନୁଯାୟୀ, ସୁଗାର ଫ୍ରି ବା ଡାଏଟ୍ ପ୍ରଡକ୍ଟରେ ବି ରହିଛି ସୋର୍ବିଟଲ୍। ଏଥିରେ ରହୁଥିବା ଛୋଟିଆ ଅଂଶ ଏହି ମିଠାକୁ ସଠିକ୍ ଭାବରେ ଭାଙ୍ଗିପାରେ ନାହିଁ। ଯାହା ପରେ ଯକୃତରେ ପହଞ୍ଚିଥାଏ। ଚର୍ବି ଜମା ହେବାର ପ୍ରକ୍ରିୟାକୁ ବୃଦ୍ଧି କରିଥାଏ। ଯକୃତର କାର୍ଯ୍ୟକୁ ପ୍ରଭାବିତ କରିଥାଏ। ବିଶେଷଜ୍ଞମାନେ କୁହନ୍ତି ଯେ ଏହି ମିଠାକାରୀଗୁଡ଼ିକ ଦୀର୍ଘ ସମୟ ଧରି ସେବନ କଲେ ସିଧାସଳଖ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗର ବିପଦ ବୃଦ୍ଧି କରେ। ଗବେଷଣାରୁ ଜଣାପଡିଛି ଯେ ପ୍ରତିଦିନ ପ୍ରାୟ ଗୋଟିଏ କ୍ୟାନ୍ ଡାଏଟ୍ ସୋଡ଼ା କିମ୍ବା ଚିନି-ମିଠା ପାନୀୟ ପିଇବା ଦ୍ୱାରା ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗର ବିପଦ ବଢ଼ିଯାଏ। ଏହି ବିପଦ ଡାଏଟ୍ ସୋଡ଼ା ଅପେକ୍ଷା ପ୍ରାୟ ୬୦% ଓ ଚିନି-ମିଠା ପାନୀୟ ଅପେକ୍ଷା ୫୦% ଅଧିକ। ତେଣୁ, ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ପାଣି କିମ୍ବା ମିଠା ନ ଥିବା ତରଳ ପଦାର୍ଥ ପିଇବା ସୁରକ୍ଷିତ ଓ ସ୍ୱାସ୍ଥ୍ୟକର।



ଅଙ୍ଗନବାଡ଼ି କର୍ମୀ ନାହାନ୍ତି

# ପିଲାଙ୍କ ଭବିଷ୍ୟତ ଅନ୍ଧାର: ପ୍ରଶାସନ ନିରବ



ବାଲିକୁଦା,୧୦।୯ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅଧୀନ ବାଖରାବାଦ (କ) ଅଙ୍ଗନବାଡ଼ି କେନ୍ଦ୍ରରେ ଦୀର୍ଘ ଦେଢ଼ ବର୍ଷ ଧରି ଖାଲି ପଡ଼ିଛି ଅଙ୍ଗନବାଡ଼ି କର୍ମୀ ପଦବୀ। ଫଳରେ କେନ୍ଦ୍ରରେ ଅଧ୍ୟୟନ କରୁଥିବା କୋମଳମତି ପିଲାମାନେ ପାଠପଢ଼ା ସହ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ହେଲେ ବାଲିକୁଦା ସିଡିପିଓଙ୍କ ଏଥିପ୍ରତି ନିଘା ନାହିଁ ବୋଲି ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ମୁତାବକ, ସିଡିପିଓ କେ. ଅନିତାଙ୍କୁ ଗ୍ରାମବାସୀ ବାରମ୍ବାର ଏ ସଂକ୍ରାନ୍ତରେ ଅବଗତ କରାଇଥିଲେ ମଧ୍ୟ ସେ ଉକ୍ତ କେନ୍ଦ୍ରରେ ଅଙ୍ଗନବାଡ଼ି କର୍ମୀ ପଦବୀ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ଗାଇଁକୁଳ, ପୋଦଦୁଆଁ, ମୁରୁଣ୍ଡିଆ, କେନାମାଣି ଓ ଅଲିକଣା ଆଦି ୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଗତ ତିନିମାସ ତଳେ ଅଙ୍ଗନବାଡ଼ି କର୍ମୀମାନେ ନିଯୁକ୍ତି ପାଇ ସାରିଛନ୍ତି। ସେତେବେଳେ ସିଡିପିଓ କେ. ଅନିତାଙ୍କ ପୌରୋହିତ୍ୟରେ ଗଠିତ ଟିମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିତମ ନାୟକ, ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ବର ମଲିକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସକ ମଧୁସ୍ମିତା ଦାସ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରମାଣପତ୍ର ଯାଞ୍ଚ କରିଥିଲେ; କିନ୍ତୁ ସେହି ସମୟରେ ବାଖରାବାଦ (କ) କେନ୍ଦ୍ରରେ ଖାଲିଥିବା କର୍ମୀ ପଦବୀ ପୂରଣ ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଏପରିକି ଉକ୍ତ କେନ୍ଦ୍ରରେ କର୍ମୀ ପଦବୀ ଖାଲି ପଡ଼ିଥିବା ନେଇ ନୋଟିସ ମଧ୍ୟ କରାଯାଇ ନାହିଁ। ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାମାନଙ୍କୁ ଏକତ୍ର ବସାଇ କିଛି ସମୟ ଜଗିବା ସହାୟିକା ଘରକୁ ପଠାଇ ଦେଉଛନ୍ତି। ଫଳରେ ଅଭିଭାବକମାନେ ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ପିଲାମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରକୁ ପଠାଉଛନ୍ତି ତାହା ସାଧିତ ହୋଇପାରୁନି। ଗତ ଦେଢ଼ ବର୍ଷ ତଳେ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଶିକ୍ଷକ ଚାକିରି ପାଇ କର୍ମୀ ପଦବୀ ଛାଡ଼ିଥିଲେ। ସେବେଠାରୁ ଏହି କେନ୍ଦ୍ରରେ ନୂତନ କର୍ମୀଙ୍କୁ ନିଯୁକ୍ତି ଦିଆଯାଇ ନାହିଁ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗତ ମାସରେ ଏନେଇ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧିକାରୀ କେ. ଅନିତାଙ୍କୁ ଯୋଗାଯୋଗ କରିବାରେ ଉକ୍ତ କେନ୍ଦ୍ରରେ ଅଙ୍ଗନବାଡ଼ି କର୍ମୀ ନଥିବା ତଥା ଅଚଳାବସ୍ଥାକୁ ସ୍ୱୀକାର କରିଥିଲେ। ତେବେ ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ଅବଗତ କରାଯିବ ଏବଂ ଖୁବ୍ ଶୀଘ୍ର କର୍ମୀ ପଦବୀ ପୂରଣ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଥିଲେ। ହେଲେ ଏଯାଏଁ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଅଙ୍ଗନବାଡ଼ି କର୍ମୀ ପଦବୀ ଖାଲି ପଡ଼ିଥିବାରୁ କେନ୍ଦ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ତେବେ ଏ ନେଇ ସିଡିପିଓ ଙ୍କ ସହ ଯୋଗାଯୋଗ କରିବାରୁ କର୍ମୀ ନିଯୁକ୍ତି ପାଇଁ ତାଙ୍କ ପ୍ରଚେଷ୍ଟା ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।

## ଅଜଣା ଯୁବକର ମୃତ ଦେହ ଉଦ୍ଧାର ହତ୍ୟା ନା ଆତ୍ମହତ୍ୟା ସନ୍ଦେହ

ବୈଶିଙ୍ଗା,୧୦।୯ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ଗଗରଡ଼ିଆ ଉପକଣ୍ଠ ଧଡ଼ାସାହି ଜଙ୍ଗଲରୁ ଗତ ୪ ତାରିଖ ରାତିରେ ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାକୁ ନେଇ ରହସ୍ୟ ଘନୀଭୂତ ହେଉଥିବା ବେଳେ ଆଜି ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳିପାରିଛି। ମୃତକ ହେଉଛନ୍ତି ଏହି ଥାନା ଅର୍ନ୍ତଗତ ଯୁଗଳ ପଞ୍ଚାୟତର କଣ୍ଢେଆ ଶାସନ ଗ୍ରାମର କାଳୁ ଦେହୁରୀଙ୍କ ୩୮ ବର୍ଷୀୟ ପୁଅ ଚନ୍ଦନ। ପେଶାରେ ସେ ରାଜମିସ୍ତ୍ରୀ। ତେବେ ଚନ୍ଦନଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହେଲା, ତାଙ୍କ ମୃତଦେହ ଧଡ଼ାସାହି ଜଙ୍ଗଲ ଭିତରକୁ କେମିତି ଗଲା ସେ ବାବଦରେ କୌଣସି ସୂଚନା ପୋଲିସକୁ ଏଯାଏ ମିଳି ପାରିନାହିଁ। ଗୁରୁବାର ସନ୍ଧ୍ୟାରେ ଧଡ଼ାସାହି ଜଙ୍ଗଲକୁ କାଠ ଓ ପତ୍ର ସଂଗ୍ରହ ପାଇଁ ଯାଇଥିବା କିଛି ସ୍ଥାନୀୟ ଲୋକ ଜଙ୍ଗଲ ଭିତରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବୈଶିଙ୍ଗା ପୋଲିସ ଗତ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତକଙ୍କ ପରିଚୟ ମିଳିବା ପରେ ଏବେ ମୃତ୍ୟୁର କାରଣ ପୋଲିସ ଖୋଜୁଛି। ତେବେ ଅସମର୍ଥିତ ସୂତ୍ରରୁ ପ୍ରକାଶ, ଗ୍ରାମର କିଛି ଲୋକଙ୍କ କହିବାନୁଯାୟୀ ଚନ୍ଦନ ଙ୍କ ସ୍ତ୍ରୀ ସହିତ ଅନ୍ୟ ଜଣେ ପୁରୁଷ ର ସମ୍ପର୍କ ଥାଇପାରେ, ଏହି କାରଣରୁ ତାଙ୍କୁ ରାସ୍ତାରୁ ହଟାଇବାକୁ ଏଭଳି ଷଡଯନ୍ତ୍ର କରାଯାଇ ଥାଇ ପାରେ।

## ମହାବଳୀ ଯାତ୍ରା ପାଳନ ନେଇ ପ୍ରସ୍ତୁତି ବୈଠକ



ସୁବର୍ଣ୍ଣପୁର,୧୦।୯ (ସଂଚାର ବ୍ୟୁରୋ): ସୋନପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଡ. ସୋମ୍ୟା ରୂପା ରଥଙ୍କ ଅଧ୍ୟକ୍ଷତାରେ ମହାବଳୀ ଯାତ୍ରା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଷ୍ଟଚଣ୍ଡୀ ପୂଜକ ଓ ସେବାୟତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଚଳିତ ବର୍ଷ ଅକ୍ଟୋବର ମାସର ପ୍ରଥମ ସପ୍ତାହରୁ ନବରାତ୍ରି ଓ ଦଶହରା ପର୍ବର ସମାପ୍ତି ପର୍ଯ୍ୟନ୍ତ ମହାବଳୀ ଯାତ୍ରା ପାଳନ କରାଯିବ। ଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ସୁଚାରୁରୂପେ ପାଳନ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ପରସ୍ପର ସମନ୍ୱୟ ରଖି ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଡ. ରଥ ଅନୁରୋଧ କରିଥିଲେ। ଯାତ୍ରା ସମୟରେ ଆଇନଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଅଧିକ ସଂଖ୍ୟକ ପୁଲିସ ଅଧିକାରୀ ଓ କର୍ମଚାରୀ ମୁତୟନ କରାଯିବା ସହ ମଣ୍ଡପ ନିକଟରେ ମଧ୍ୟ ପର୍ଯ୍ୟାପ୍ତ ପୁଲିସ ବ୍ୟବସ୍ଥା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ବୈଠକରେ ସଂସ୍କୃତି ଅଧିକାରୀଙ୍କୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପାଇଁ ଦୁଇଟି ଟ୍ରୁପ୍ ଦେବା ପାଇଁ କୁହାଯାଇଥିଲା। ସେହିପରି ପୌରପରିଷଦକୁ ଯାତ୍ରା ସମୟରେ ଆବଶ୍ୟକ ସଫେଇ ଓ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଏବଂ ରାସ୍ତା ଓ କୋଠାବାଡ଼ି ବିଭାଗକୁ ଆବଶ୍ୟକ ବ୍ୟାରିକେଡିଂ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ମହାବଳୀ ଯାତ୍ରାକୁ ସୁନ୍ଦର, ଶୃଙ୍ଖଳିତ ଓ ସ୍ମରଣୀୟ ଭାବେ ପାଳନ କରିବା ପାଇଁ ସମସ୍ତ ସେବାୟତ ଓ ସମ୍ପୃକ୍ତ ବିଭାଗ ଆଗେଇ ଆସି ପୂର୍ଣ୍ଣ ସହଯୋଗ କରିବାକୁ ଡ. ରଥ ଆହ୍ୱାନ କରିଥିଲେ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୨୪୭ ଜଣଙ୍କ ପଞ୍ଜୀକରଣ

## ଭିନ୍ନକ୍ଷମଙ୍କୁ ପ୍ରଦାନ କରାଗଲା ସହାୟକ ଉପକରଣ



ଫୁଲବାଣୀ,୧୦।୯ (ସଂଚାର ବ୍ୟୁରୋ): ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ଯୋଜନାର ସୁବିଧା ଯୋଗାଇଦେବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ବାଲିଗୁଡ଼ାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଞ୍ଚଳର ବହୁ ସଂଖ୍ୟକ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇ ସରକାରୀ ସୁବିଧା ପାଇଁ ମୋଟ ୨୪୭ ଜଣଙ୍କ ପଞ୍ଜିକରଣ ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସହାୟକ ଉପକରଣ ମଧ୍ୟରେ ୧ଟି ଟ୍ରାଇସାଇକେଲ, ୧ଟି କୁନି କ୍ରାଚେ, ୧ଟି ଚକିଆ ଚେୟାର ଓ ୧ଟି ସହାୟକ କ୍ରାଚେ ପ୍ରଦାନ କରାଯାଇଥିଲା। ଏହି ଉପକରଣ ମିଳିବା ଫଳରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଚଳପ୍ରଚଳ ଓ ଦୈନନ୍ଦିନ ଜୀବନ ଅଧିକ ସହଜ ହେବ ବୋଲି ଆଶା ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ଉପ-ଜିଲ୍ଲାପାଳ ଶ୍ରୀମତୀ ପ୍ରଣିତା ଦାସ, ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ମଲିକ ଉପସ୍ଥିତ ରହି ଶିବିରର କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଏଥିସହ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍ଏସ୍ଓ), ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ (ଏସ୍ଏସ୍ଏସ୍ଓ) ଏବଂ ବାଲିଗୁଡ଼ା ଉପଖଣ୍ଡ ହସ୍ପିଟାଲର ଚିକିତ୍ସା କର୍ମଚାରୀ ମାନେ ଶିବିରରେ ଯୋଗଦେଇଥିଲେ। ଶିବିରରେ ଭିନ୍ନକ୍ଷମ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ପଞ୍ଜିକରଣ ଓ ସେମାନଙ୍କ ଆବଶ୍ୟକତା ଅନୁଧ୍ୟାନ କରାଯାଇଥିଲା।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର



ସୁବର୍ଣ୍ଣପୁର,୧୦।୯ (ସଂଚାର ବ୍ୟୁରୋ): ସେକ୍ଷନପୁର ବ୍ଲକ ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଆୟୋଜିତ। ସେକ୍ଷନପୁର ବ୍ଲକ ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ସରକାରୀ ବାଳିକା ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି କ୍ଷପୂର୍ବାହ୍ନ ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଙ୍କ ଆବାହକତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଯେକ୍ଷଗଦାନ କରି ଏହି ପଦକ୍ଷେପ ର ଉଦ୍ଦେଶ୍ୟ ସମ୍ପର୍କ ରେ ସୂଚନା ପ୍ରଦାନ କରିଥିଲେ।୨୦୪୭ ମସିହା ରେ ଭାରତ ଶକ୍ତି ଝୁଡି ସମ୍ଭାବନା ଓ ଆହ୍ୱାନ ଶୀର୍ଷକ ଆଲୋଚନା ଚକ୍ର ରେ ବ୍ଲକ ର ବିଭିନ୍ନ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ରୁ ୩୬ ଜଣ ଛାତ୍ର ଛାତ୍ରୀ ନିଜର ବିଶ୍ଳେଷଣ ଉପସ୍ଥାପନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ରଜତ ବଡମାଳୀ ଓ ସୁଜିତ କୁମାର ମିଶ୍ର ବିଚାରକ ଭାବରେ ଯେକ୍ଷଗ ଦେଇ ମୂଲ୍ୟାୟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ଦାଶ, ବଡଝିଙ୍କି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ଙ୍କ ସମେତ ସାଧନ କେନ୍ଦ୍ର ସଂଯୋଜକ ମାନେ ଉପସ୍ଥିତ ରହି ଏହାକୁ ସଂପାଦନ କରିଥିଲେ।

## ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷାଙ୍କ ଜିଲ୍ଲା ଗସ୍ତ



ବାରିପଦା,୧୦।୯ (ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍ସିପିସିଆର)ର ଅଧ୍ୟକ୍ଷା ବବିତା ପାତ୍ର ଏବଂ ଆୟୋଗର ସଦସ୍ୟ କସ୍ତୁରୀ ମିଶ୍ର ଶିଶୁ ଅଧିକାର ସୁରକ୍ଷା ଓ ବିଭିନ୍ନ ଶିଶୁକଲ୍ୟାଣମୂଳକ ବ୍ୟବସ୍ଥାର ସ୍ଥିତି ସମୀକ୍ଷା ନିମନ୍ତେ ୦୯.୦୯.୨୦୨୬ ରୁ ୧୨.୦୯.୨୦୨୬ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷା, ପୋଷଣ, ଶିକ୍ଷା, ସ୍ୱାସ୍ଥ୍ୟ, ନିର୍ଯ୍ୟାତନା ଓ ଶୋଷଣରୁ ମୁକ୍ତି, ଉପଯୁକ୍ତ ଯତ୍ନ ଓ ପୁନର୍ବାସ ସହିତ ଶିଶୁ ଅଧିକାରର ସୁରକ୍ଷାକୁ ସୁନିଶ୍ଚିତ କରିବା । ଆଜି ପୂର୍ବାହ୍ନରେ ଶୁକୁଳି ଆଇ ସି ଡି ଏସ ଅଧିନସ୍ଥ ଖିଚିଂ ଅଙ୍ଗନବାଡି ପରିଦର୍ଶନ କରିଥିଲେ । ପରେ ପରେ ରରୁଆଁ ସ୍ଥିତ ମା' ବାସୁଳୀ ଟିଏଚଆର (ଟେକ୍ ହୋମ ରାସନ ) ଛତୁଆ ୟୁନିଟ୍ ପରିଦର୍ଶନ କରିଥିଲେ ଏହାପରେ ରାଇରଙ୍ଗପୁରସ୍ଥିତ ୱାନ୍ ଷ୍ଟପ୍ ସେଣ୍ଟର, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଶିଶୁରୋଗ ଚିକିତ୍ସା ୱାର୍ଡ, ପ୍ରସୂତି ୱାର୍ଡ ଏବଂ ଶିଶୁ ଅନୁକୂଳ ପୁଲିସ ଥାନା ପରିଦର୍ଶନ କରି ସେଠାକାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଅପରାହ୍ନରେ ବିଜାତଳା ବ୍ଲକର ବଡାମତଳିଆ ଏସଏସଡି ଏବଂ ବିଶୋଇ ଠାରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିଭିଭି) ଓ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲ ପରିଦର୍ଶନ କରିଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ଅଧ୍ୟକ୍ଷା ମୁଖ୍ୟତଃ ଶିଶୁମାନଙ୍କ ସୁରକ୍ଷା ଓ ନିରାପତ୍ତା, ହଷ୍ଟେଲ ଓ ଅନ୍ୟାନ୍ୟ ଶିଶୁ ଆଶ୍ରୟସ୍ଥଳୀରେ ଶିଶୁମାନଙ୍କ ନିରାପଦ ପରିବେଶ, ଯତ୍ନ ଓ ତଦାରଖ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିଥିଲେ।

## ହାତୀ ଶାବକର ମୃତ ଦେହ ଉଦ୍ଧାର



ବାରିପଦା,୧୦।୯ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଦୁଧିଆଣୀ ବନାଞ୍ଚଳ ର ହାତୀମୁଣ୍ଡି କାଜୁ ଜଙ୍ଗଲରୁ ଏକ ହାତୀ ଶାବକ ର ମୃତ ଦେହକୁ ଉଦ୍ଧାର କରାଯାଇଅଛି। ମୃତ ହାତୀ ଶାବକ ର ଟି ପାଖା ପାଖି ସତର ଅଠର ଦିନର ହେବ ବୋଲି ଅନୁମାନ କରାଯାଉଅଛି। ଏହି ହାତୀ ଶାବକ ଟି ଏକ ହାତୀପଲ ସହିତ ଶିମିଳିପାଳ ଜଙ୍ଗଲରୁ ବାହାରକୁ ଚାଲିଆସିଥିଲା। ପରେ ପୋଖରୀଆ ଜଙ୍ଗଲରେ ହାତୀ ଶାବକ ର ଜନ୍ମ ହୋଇଥିଲା। ତେବେ ହାତୀ ଶାବକ ର ମୃତ୍ୟୁ ର କାରଣ ଅସ୍ପଷ୍ଟ ଥିବା ବେଳେ ବନବିଭାଗ ର କର୍ମଚାରୀ ଙ୍କ ସମେତ ଡାକ୍ତରୀ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

## ଅବକାରୀ ଚଢ଼ାଉରେ ବିପୁଳ ମଦ ଜବତ, ମହିଳା ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼,୧୦।୯ (ସଂଚାର ବ୍ୟୁରୋ): ବେଆଇନ ମଦ ବେପାର ବିରୋଧରେ ଆକ୍ସନ୍ ମୋଡ୍‌ରେ ଭଷ୍ମା ପୋଲିସ। ଦର୍ଲିପାଲିରେ ବେଆଇନ ମଦ ବେପାରୀ ଚିନ୍ତାମଣି ଅର୍ଗଲଙ୍କ ଘର ଓ ସାହାଜ ବାହାଲ-କୁର୍ଲା ରୋଡ୍‌ସ୍ଥିତ ଢାବାରେ ଚଢ଼ାଉ। ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ ସହ ରଞ୍ଜୁ ଅର୍ଗଲ ନାମକ ଜଣେ ମହିଳା ଅଭିଯୁକ୍ତ ଗିରଫ। ବେଆଇନ ମଦ କାରବାର ଉପରେ ଭଷ୍ମା ପୋଲିସର କଡ଼ା ପ୍ରହାର। ଦର୍ଲିପାଲି ଅଞ୍ଚଳର ବେଆଇନ ମଦ ବେପାରୀ ଚିନ୍ତାମଣି ଅର୍ଗଲଙ୍କ ଘରେ ପୋଲିସ କରିଛି ଅବକାରୀ ଚଢ଼ାଉ। ଚଢ଼ାଉ ବେଳେ ଘରୁ ୨୦ ଲିଟର ଓଏସ ପାଉଚ୍ ଜବତ କରିଛି ପୋଲିସ। ସେହିପରି ସାହାଜ ବାହାଲ ଓ କୁର୍ଲା ରୋଡ୍‌ରେ ଥିବା ଚିନ୍ତାମଣି ଅର୍ଗଲଙ୍କ ଢାବାରେ ମଧ୍ୟ ହୋଇଥିଲା ଚଢ଼ାଉ। ଢାବାରୁ ୮ ଲିଟର ଦେଶୀ ମଦ ଓ ୪ ବୋତଲ ବିଦେଶୀ ମଦ ଜବତ କରାଯାଇଛି।

## ଘରବାରୀ ଜାଗାରୁ ସରକାରୀ ଜାଗା ଦେଇ ମୁଖ୍ୟ ରାସ୍ତାକୁ ଯାତାୟାତ ରାସ୍ତାରେ ସଭାଗୃହକୁ ବିରୁଦ୍ଧ

ବାଲିଆପାଳ,୧୦।୯ (ସଂଚାର ବ୍ୟୁରୋ): ଘରବାରି ଜାଗାରୁ ମୁଖ୍ୟ ରାସ୍ତା କୁ ସରକାରୀ ପୋଖରୀ ଆଡି ଜାଗା ରହିଅଛି ପୋଖରୀ ଆଡି ପାଖ ଦେଇ ସରକାରୀ ରାସ୍ତା ରହିଅଛି ଉକ୍ତ ସରକାରୀ ଜାଗା ଦେଇ ଯାତାୟାତ



କରୁ ଛନ୍ତିଉକ୍ତ ଜାଗା ଉପରେ ଗ୍ରାମର ଗ୍ରାମବାସୀ ମାନେ ସଭା ଗୃହ କରିବାର ସ୍ଥିର କରିଛନ୍ତି ଜାଗର ପଶ୍ଚିମ ପାର୍ଶ୍ୱକୁ ବଡ ସିମୁଳିଆ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ରହିଅଛି ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ପ୍ରକାର ରୋଗୀ ଅସି ଚିକିତ୍ସା ହେଉଛନ୍ତି ସେହି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଲଗାୟତ କରି ଆଗ ଜାଗା ଜିବା ଆସିବ ରାସ୍ତାକୁ ଅବରୋଧ କରି ଉକ୍ତ ସଭାଗୃହ ନିର୍ମାଣ କରିବାର ଯୋଜନା କରି ଫଳକ ମାରି ଅଛନ୍ତି ଉପ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଲଗାଇ ତଥା ଜିବା ଆସିବା ଜାଗା ଛାଡି ଅନ୍ୟତ୍ର ଯେକି ମନ୍ଦିର ନିକଟସ୍ଥ ଉତ୍ତର ପଶ୍ଚିମ ପାଖକୁ ସରକାରୀ ଜାଗା ଅଛି ସେହି ମନ୍ଦିର ପାଖ ଜାଗା ରେ ଗୃହ ନିର୍ମାଣ ହେବ ବୋଲି ପ୍ରଥମେ ଗ୍ରାମବାସୀ ମାନେ ସିଦ୍ଧାନ୍ତ କରିଥିଲେ ମାତ୍ର କେତେ ଜଣ ଲୋକ ଏହାକୁ ପରିବର୍ତ୍ତନ କରି ଆମ୍ଭର ଯାତାୟାତ ଜାଗାକୁ ଅବରୋଧ କରି ଉକ୍ତ ଗୃହ ନିର୍ମାଣ କରିଛନ୍ତି ମନ୍ଦିର ପାଖକୁ ଗୃହ ନିର୍ମାଣ ହେଉ ଏବଂ ଯାତାୟାତ ନିମନ୍ତେ ସରକାରଙ୍କ ନିୟମ ଅନୁସାରେ ରାସ୍ତା ପ୍ରଦାନ କରାଯାଉ ବୋଲି ରବୀନ୍ଦ୍ର ନାଥ ଭୂୟାଁ, ଦିଲୀପ କୁମାର ସାହୁ ତହସିଲଦାର ବାଲିଆପାଳ, ଗୋଷ୍ଠୀଉନୟନ ଅଧିକାରୀ ବାଲିଆପାଳ, ମଧୁପୁରା ଗ୍ରାମପଞ୍ଚାୟତ ସରପଞ୍ଚ, ଜିଲ୍ଲାପାଳ ବାଲେଶ୍ୱର ଙ୍କୁ ଲିଖିତ ଦରଖାସ୍ତ ଦେଇଛି ଏହାର ବିହିତ ପଦେକ୍ଷପ ନେବା ପାଇଁ ଦାବି କରିଛନ୍ତି।

## ହାଇଟେକ୍ ସର୍ଭେ ଅଧୀନରେ ତହସିଲରେ ଫର୍ମ-୧୪ ଶୁଣାଣି



ସୁବର୍ଣ୍ଣପୁର,୧୦।୯ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ତରଭା ତହସିଲରେ ହାଇଟେକ୍ ସର୍ଭେ ଅଧୀନରେ ଫର୍ମ-୧୪ ସମ୍ପର୍କିତ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୋନପୁର ଉପଜିଲ୍ଲାପାଳ ଡ ସୋମ୍ୟରୂପା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣିରେ ୫ଟି ଗ୍ରାମ ସମ୍ପର୍କିତ ମୋଟ ୬୦ଟି ମାମଲାର ଶୁଣାଣି କରାଯାଇଥିଲା। ଶୁଣାଣି କାର୍ଯ୍ୟକ୍ରମରେ ସହକାରୀ କଲେକ୍ଟର ଶ୍ରୀ ଅଜିତ କୁମାର ତ୍ରିପାଠୀ ଏବଂ ତରଭା ତହସିଲଦାର ଶ୍ୱେତାଲିନା ମହାନା ଉପସ୍ଥିତ ଥିଲେ। ଏଥିସହ ହାଇଟେକ୍ ସର୍ଭେ ଅମିନ ଶ୍ରୀ ଅଶ୍ୱିନୀ ପୂଜାରୀ ଓ ଶ୍ରୀ ଗୋପାଳ କର ଉପସ୍ଥିତ ରହି ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ। ହାଇଟେକ୍ ସର୍ଭେ ଅଧୀନରେ ବାଘିଆ, ଖୁଣ୍ଟବନ୍ଧ, ଶିବତୁଳା, ପାଣିମୁରା ଓ ଫକୀରମୁଣ୍ଡା ଗ୍ରାମର ମାମଲାଗୁଡ଼ିକର ଶୁଣାଣି କରାଯାଇଥିଲା। ଶୁଣାଣି ସମୟରେ ସମ୍ପୃକ୍ତ ମାମଲାଗୁଡ଼ିକର ତଥ୍ୟ ଓ ପକ୍ଷଭୁକ୍ତ ବ୍ୟକ୍ତିମାନଙ୍କ ମତାମତ ଉପରେ ବିଚାର କରାଯାଇଥିଲା।

## ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦାଙ୍କୁ ଭେଟି ଦାବିପତ୍ର ପ୍ରଦାନ



ବୈଶିଙ୍ଗା,୧୦।୯ (ସଂଚାର ବ୍ୟୁରୋ): ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ପୂର୍ବତନ ମୟୂରଭଞ୍ଜ ସାଂସଦ ରାମଚନ୍ଦ୍ର ହାଁସଦାଙ୍କୁ ଭଗବାନପୁର ରେଳ ଲାଇନ୍ ଠାରେ ଗଳାପୋଲ ନିର୍ମାଣ ଓ କରୋନା ମହାମାରୀ ଠାରୁ ବନ୍ଦଥିବା ବାରିପଦା ମେମୁ ଟ୍ରେନକୁ ୯.୩୦ ମିନିଟ୍ ସମୟରେ ବାଲେଶ୍ୱରକୁ ସମ୍ପ୍ରସାରଣ ନିମନ୍ତେ ଦାବିପତ୍ର ବୈସିଙ୍ଗା ଠାରେ ପ୍ରଦାନ କରାଯାଇଛି। ବିକାଶ ପରିଷଦ ପକ୍ଷରୁ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ସମ୍ପାଦକ କୁଳ ମହାନ୍ତ, ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ, ଚକ୍ରଧର ମହାନ୍ତି, ଗୌରହରି ପଣ୍ଡା, ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟ, ସମାଜସେବୀ ଶିବାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦାଙ୍କୁ ଏହାର ସମାଧାନ ପାଇଁ ଦାବି ଦେଇଥିଲେ ରାମଚନ୍ଦ୍ର ହାଁସଦା ମଧ୍ୟ ଏହାକୁ ଗୁରୁତ୍ତର ବିଚାରକୁ ନେଇ ଆସନ୍ତାକାଲି କଲିକତାକୁ ଗ୍ରସ୍ତ କରି ଦକ୍ଷିଣପୂର୍ବ ରେଳପଥର ମହାପ୍ରବନ୍ଧକ ( ଜିଏମ୍)ଙ୍କୁ ଭେଟି ଏହାର ସମାଧାନ ପାଇଁ ଦାବି ଜଣାଇବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ବିକାଶ ପରିଷଦ ପକ୍ଷରୁ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ଅଜସ୍ର ଅଭିନନ୍ଦନ ସହ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା।

## ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ



ସୁବର୍ଣ୍ଣପୁର,୧୦।୯ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୀରମହାରାଜପୁର ବିଧାୟକ ତଥା ଜିଲ୍ଲା ଯୋଜନା ପର୍ଯ୍ୟବେକ୍ଷଣ କମିଟି ର ଅଧକ୍ଷ ଇଂ ରଘୁନାଥ ଜଗଦଲା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ମାନନୀୟ ବିଧାୟକ ସମସ୍ତ ଅଧିକାରୀ ମାନଙ୍କୁ କହିଥିଲେ ଯେ ଜିଲ୍ଲାର ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ ନିହାତି ଜରୁରୀ। ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ବିଧାୟକ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ସାମୂହିକ ଭାବେ ଜିଲ୍ଲା ଓ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ଭୁବନେଶ୍ୱରସ୍ଥିତ ବିଭାଗକୁ ପ୍ରସ୍ତାବ ପଠାଇବା ପୂର୍ବରୁ ଏ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଲ୍ଲାରେ ପ୍ରାୟ ୯୪ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଥିଲା। ଅତ୍ୟନ୍ତ ଗୁରୁତର ରୋଗରେ ପୀଡ଼ିତ, ଦିବ୍ୟାଙ୍ଗ ଓ ବିଧବା ମହିଳାଙ୍କୁ ଲକ୍ଷ୍ୟ କରି ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଥିବା ଅପେକ୍ଷା ତାଲିକା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବିଭିନ୍ନ ଗ୍ରାମରେ ଆବଶ୍ୟକ ସାମୁଦାୟିକ କେନ୍ଦ୍ର, ପ୍ରଶିକ୍ଷଣ କେନ୍ଦ୍ର ଓ ପାନୀୟଜଳ ସୁବିଧା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ଅସମ୍ପୂର୍ଣ୍ଣ ୨୦୩ଟି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ଶେଷ କରିବା ପାଇଁ ଆବଶ୍ୟକ ପାଣ୍ଠି ଓ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଛାତ୍ର ଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା, ଯଶୋଦା ଯୋଜନା ଏବଂ ଉତ୍କଳ ବାଳାଶ୍ରମରେ ଥିବା ଶିଶୁମାନଙ୍କ ଶିକ୍ଷା ଓ ନିଯୁକ୍ତି ସମ୍ପର୍କରେ ମଧ୍ୟ ତଥ୍ୟ ଦିଆଯାଇଥିଲା।

## ସନ୍ଦିଗ୍ଧ ବନ୍ୟଜନ୍ତୁ ଶିକାରୀ ଗିରଫ ଓ ବନ୍ଧୁକ, ଶିକାର ସରଞ୍ଜାମ ଜବତ

ନୀଳଗିରି,୧୦।୯(ସଂଚାର ବ୍ୟୁରୋ): ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଜି କୁଲଡିହା ବନ ବିଭାଗ ଅଧିକାରୀ ସଦଳ ବଳେ କପ୍ତିପଦା ରେଞ୍ଜର କର୍ମଚାରୀଙ୍କ ସହଯୋଗ ରେ କପ୍ତିପଦା ଥାନା ରଘୁନାଥପୁର (ବସୁଧରା) ଗ୍ରାମରେ ଏକ ଘର ଚଢାଉ କରାଯାଇଥିଲା। ଘର ତଲାସୀ ସମୟରେ ଘର ପରିସରରୁ ବେଆଇନ ଶିକାର ପାଇଁ ବ୍ୟବହୃତ ହେଉଥିବା ଗୋଟିଏ ଦେଶୀ ବନ୍ଧୁକ, ୫ ବିଡ଼ା ଜିଆଇ ଫାସ, ୫ ବିଡ଼ା ଲାଇଲନ ଫାସ, ୧ ଗୋଟି ଧନୁ ଦୁଇଟି ତୀର ଦୁଇଟି ଭଙ୍ଗା ଟ୍ରାପ୍ କ୍ୟାମେରା, ଦୃଶ୍ୟମାନ ହେଉ ନଥିବା ଦୁଇଟି କ୍ରମିକ ନମ୍ବର ଜବତ କରାଯାଇଥିଲା। ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲା କ୍ପ୍ତିପଦା ଥାନା ମାଙ୍କଡପଡା ସ୍ଥିତ ରଘୁନାଥପୁର (ବସୁଧରା) ଗ୍ରାମର ଧନାଇ ମୁର୍ମୁ ଙ୍କ ପୁଅ ମସାଙ୍ଗ ମୁର୍ମୁ(୩୯) ବୋଲି ଜଣା ପଡ଼ିଛି। ତାଙ୍କୁ କୁଲଡିହା ବନବିଭାଗ କାର୍ଯ୍ୟାଳୟ କୁ ଅଣାଯିବା ପରେ ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨ ର ପ୍ରାସଙ୍ଗିକ ଧାରା ଅନୁଯାୟୀ ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କୁଲଡିହା ବନ୍ୟପ୍ରାଣୀ ରେଞ୍ଜରେ ଓ୍ୱାର ମାମଲା ନଂ ୦୯କେ / ୨୦୨୬-୨୭ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ମାନ୍ୟବର ଉପ-ଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଙ୍କ ନିକଟକୁ ପଠାଯାଇଛି।ତେବେ ବେଲ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଦିଆଯାଇଥିବା ସୂଚନା ମିଳିଛି।

## ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ବୈଶିଙ୍ଗା,୧୦।୯ (ସଂଚାର ବ୍ୟୁରୋ): ପାଟଳିପୁରା ଗ୍ରାମ ପଞ୍ଚାୟତ ରେ ଥିବା କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ ଙ୍କର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ବାରିକ ଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦାୟୀ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ ଯୋଗଦେଇ ବିଦ୍ୟାଳୟରେ ବିତି ଯାଇଥିବା ପ୍ରତିଟି ମୁହୂର୍ତ୍ତ ଥିଲା ତାଙ୍କ ପାଇଁ ପ୍ରେରଣା ଦାୟୀ ଅବିସ୍ମରଣୀୟ ଅମୂଲ୍ୟ ଉପହାର ବୋଲି ମତବ୍ୟକ୍ତ କରିଥିଲେ କ୍ଷକ୍ଷ ମୁଖ୍ୟ ବକ୍ତା ଭାବରେ ରାଜ୍ୟ ଜୁନିଅର ରେଡକ୍ରସର ସିନିୟର ରିସୋର୍ସ ପର୍ସନ ତଥା ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ଡକ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରି ବିଦାୟୀ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତ ବ୍ୟକ୍ତ କରିଥିଲେ। ସେ ପୁଣି କହିଲେ ଯେ ଛାତ୍ରଛାତ୍ରୀମାନେ ଥିଲେ ତାଙ୍କର ଦେବତା, କର୍ମ ଥିଲା ତାଙ୍କର ଉପାସନା, ସେବା ଥିଲା ଆରାଧନା। ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ବାରିକ ସଭାପତି ବକ୍ତବ୍ୟ ପ୍ରଦାନ କରି ବିଦାୟୀ ଶିକ୍ଷକ ଶିଶିର କୁମାର ନାୟକ ପଦୋନ୍ନତି ପାଇ ବିଦ୍ୟାଳୟର ଗୌରବ ବୃଦ୍ଧି କରି ଥିବାରୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି, କଞ୍ଚନମାଳା ଜେନା, ରିତାରାଣୀ ଦାସ, ମଧୁସ୍ମିତା ପ୍ରଧାନ, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ, ଶିକ୍ଷକ ଲାଲ ମୋହନ ହାଁସଦା, ସେବକ ଦୁର୍ଯ୍ୟୋଧନ ମହାନ୍ତ ପ୍ରମୁଖ ବିଦାୟୀ ଶିକ୍ଷକଙ୍କର ବ୍ୟକ୍ତିତର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

## ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲରେ ଚାରା ରୋପଣ



ବେତନଟୀ,୧୦।୯ (ସଂଚାର ବ୍ୟୁରୋ): ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀଙ୍କ ମନରେ ବୃକ୍ଷରୋପଣ ପ୍ରତି ଆଗ୍ରହ ଓ ଏହାର ଉପକାରିତା ସମ୍ବନ୍ଧରେ ସଚେତନତା ସୃଷ୍ଟିର ଉଦ୍ଦେଶ୍ୟ ରଖି ବେତନଟୀ ରୋଟାରୀ କ୍ଲବର ଚାରା ରୋପଣ କାର୍ଯ୍ୟକ୍ରମର ଯୋଜନାରେ କାର୍ଯ୍ୟକୁ ଆଗେଇ ନେଉଛି। ବିଭିନ୍ନ ସ୍ଥାନରେ ଚାରା ରୋପଣ କରୁଥିବା ବେଳେ ଆଜି ବେତନଟୀ ରୋଟାରୀ କ୍ଲବର ସଭାପତି ରୋଟାରୀଆନ ଶ୍ୟାମପ୍ରସାଦ ମଢୁଆଳ ଓ ସଂପାଦକ ରୋଟାରୀଆନ ସଞ୍ଜୟ କୁମାର ଭୂୟାଁଙ୍କ ଉପସ୍ଥିତିରେ ସ୍ଥାନୀୟ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଜୟଶ୍ରୀ ଉପାଧ୍ୟାୟଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୌତମ ବେହେରା ବୃକ୍ଷରୋପଣର ଉପକାରିତା ଓ ଆବଶ୍ୟକତା ସମ୍ବନ୍ଧରେ ପିଲାମାନଙ୍କ ସମ୍ମୁଖରେ ବକ୍ତବ୍ୟ ରଖିଥିଲେ। ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ରୋଟାରୀଆନ ସଂଯୁକ୍ତା ଜୀ, ରୋଟାରୀଆନ୍ ସୁନୀଲ କୁମାର ଖଣ୍ଡେଲୱାଲ, କୁନା ମହାନ୍ତ, ବିଦ୍ୟାଳୟର ଶିକ୍ଷୟିତ୍ରୀ ବୈଜୟନ୍ତୀ ଜେନା, ମୀତା ପରିଡ଼ା, ଅନୁପମା ପଣ୍ଡା, ଶିକ୍ଷକ ଗିରିଧାରୀ ଦଳେଇ, ସଞ୍ଜୟ ମଢୁଆଳ, ସଞ୍ଜିବ ମାଥୁର, ସତ୍ୟବ୍ରତ ବାସୁରୀ, ଜ୍ୟୋତି ଶଙ୍କର ପ୍ରମୁଖ ସହଯୋଗ କରିଥିଲେ। ରୋଟାରୀ କ୍ଲବ ତରଫରୁ ବିଦ୍ୟାଳୟକୁ ଦାରୁବ୍ରହ୍ମଙ୍କ ଏକ ସୁନ୍ଦର ଫୋଟ ଚିତ୍ର ପ୍ରଦାନ ସହ ଛାତ୍ରଛାତ୍ରୀମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଇ ଉତ୍ସାହିତ କରାଯାଇଥିଲା। ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମଟିକୁ କ୍ଲବର ଉପସଭାପତି ରୋଟାରୀଆନ ରବିନ୍ଦ୍ରନାଥ ମିଶ୍ର ପରିଚାଳନା କରିବା ସହ ଧନ୍ୟବାଦ ମଧ୍ୟ ଅର୍ପଣ କରିଥିଲେ।